# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୩୦/୨୦୨୨ (୧୪ ପୃଷ୍ଠା) Bhubaneswar, Tuesday, August 30/2022 Page 14 ₹ 7.00 | ★★★★

୪୮ଶ ଭାଗ ୨୭୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 275 ମୂଲ୍ୟ ₹୭/-


**ଦୀପାବଳିରୁ ୫ଜି ସେବା ଆରମ୍ଭ**

ପୃଷ୍ଠା-୧୦

**ଆଜିର ସମ୍ପାଦକୀୟ**

ପ୍ରବାସୀ ହଟହଟା






# ଆତ୍ମହତ୍ୟା: ଦିନମଜୁରିଆ ଆଗରେ

- ୨୦୨୧ରେ ଦେଶରେ ୭.୨% ଆତ୍ମହତ୍ୟା ବଢ଼ିଛି
- ୧୯୬୭ ପରଠାରୁ ଆତ୍ମହତ୍ୟା ହାର ସର୍ବାଧିକ
- ପାରିବାରିକ ସମସ୍ୟାଜନିତ ଘଟଣାରେ ଓଡ଼ିଶା ଶୀର୍ଷରେ

ନୂଆଦିଲ୍ଲୀ, ୨୯।୮

ଗତ କିଛି ବର୍ଷ ଭଳି ୨୦୨୧ରେ ଦେଶରେ ଆତ୍ମହତ୍ୟା ବୃଦ୍ଧିପାଇଛି। ପାରିବାରିକ ସମସ୍ୟା, ଅସୁସ୍ଥତା ଦୁଇଟି ପ୍ରମୁଖ କାରଣ ହୋଇଥିବାବେଳେ ବୃତ୍ତି ଓ ପେସାଗତ ସମସ୍ୟା ଜନିତ ଆତ୍ମହତ୍ୟା ଚିନ୍ତାଜନକ ରହିଛି। କାରଣ ମହାମାରୀ କରୋନା ଯୋଗୁ ଆର୍ଥିକ ସ୍ଥିତ ଦୋହଲିଯିବା ଏବଂ ନିଯୁକ୍ତ କ୍ଷେତ୍ର ସଙ୍କୁଚିତ ହେବା ଯୋଗୁ ବଞ୍ଚିବାର ମୋହ ତୁଟାଇ ଦେଇଛନ୍ତି ଅନେକ ଦିନମଜୁରିଆ, ଚାଷୀ, ଆତ୍ମନିଯୁକ୍ତିଧାରୀ, ବେତନଭୋଗୀ, ବେକାର ଯୁବତୀଯୁବକ।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟ ଅନୁଯାୟୀ, ଦେଶରେ ୨୦୨୦ ତୁଳନାରେ ୨୦୨୧ରେ ୭.୨ ପ୍ରତିଶତ ଆତ୍ମହତ୍ୟା ମାମଲା ବୃଦ୍ଧି ☞ପୃଷ୍ଠା–୪

## ମହିଳା, ଶିଶୁ ବିରୋଧୀ ଅପରାଧ ୧୫% ବୃଦ୍ଧି

ନୂଆଦିଲ୍ଲୀ, ୨୯।୮: ଦେଶବ୍ୟାପୀ ମହିଳା ଓ ଶିଶୁ ବିରୋଧୀ ହିଂସା, ଅପରାଧ ବୃଦ୍ଧି ଚିନ୍ତାଜନକ ରହିଛି। ଅଧିକାଂଶ ମହିଳା ବିଶେଷକରି ଘରୋଇ ହିଂସାର ଶିକାର ହେଉଥିବାବେଳେ ଅସଦାଚରଣ, ଅପହରଣ ସଂଖ୍ୟା ମଧ ବଢ଼ିଚାଲିଛି। ମହିଳା ବିରୋଧୀ ଅପରାଧ ମାମଲା ୨୦୨୦ ତୁଳନାରେ ୨୦୨୧ରେ ୧୫.୨% ବଢ଼ିଛି। ୨୦୨୧ରେ ପ୍ରତି ଲକ୍ଷେ ମହିଳାଙ୍କ ମଧରୁ ୬୪.୫% ଅପରାଧର ଶିକାର ହୋଇଥିବାବେଳେ ୨୦୨୦ରେ ଏହି ହାର ୫୬.୫% ଥିଲା ବୋଲି ଜାତୀୟ ଅପରାଧ ରେକର୍ଡସ୍ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟରେ ପ୍ରକାଶ ପାଇଛି। ସେହିପରି ୨୦୨୧ରେ ଶିଶୁ ବିରୋଧୀ ଅପରାଧ ☞ପୃଷ୍ଠା–୪


**ADMISSION 2022-23**

**KHALLIKOTE UNITARY UNIVERSITY BERHAMPUR**

ACCREDITED "A" GRADE BY NAAC, www.kuu.ac.in

Online applications are invited for Admission into the following collaborative Self-Financing Courses for the Session 2022-23.

| COURSE | YEARS | FEES/YEAR | ELIGIBILITY |
|---|---|---|---|
| **M.Sc. ETC (Int.)** (5 years integrated Course) | 5 Years | Rs.25,000/- (For 3 years) Rs.35,000/- (For last 2 years) | +2 Science or Eqv. with Math (40% in Aggregate) |
| **BBA** (Bachelor in Business Admn.) | 3 Years | Rs.15,000/- | +2 Any Stream or Eqv. with (40% in Aggregate) |
| **MFA** (M.Com. Financial Analysis) | 2 Years | Rs.25,000/- | +3 Any Stream or Eqv. with 50% in Aggregate (45% Aggregate for B.Com., SC & ST) |

Last date to apply Online for BBA & M.Sc. ETC (Int.) - 07.09.2022. Sd./- Registrar

For Details: 8908650779, 9040544144, 9337241280, 7381688272


## ଦେଢ଼ ଲକ୍ଷରେ ବହୁରୂପୀ ଏଣ୍ଡୁଅ ଡିଲ୍

- ରାଜଧାନୀରେ ରାକେଟ୍ ସକ୍ରିୟ
- ଅଜା, ନାତିଙ୍କୁ ଗିରଫ କଲା ବନ ବିଭାଗ



ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

ରାଜ୍ୟରେ ବଜ୍ରକାପ୍ତା ଭଳି ବହୁରୂପୀ ଏଣ୍ଡୁଅର ମଧ ଚୋରା ଚାଲାଣ ହେଉଛି। ରାଜଧାନୀ ଭୁବନେଶ୍ୱରରେ ଏହି ରାକେଟ ସକ୍ରିୟ ଥିବାବେଳେ ଲକ୍ଷ ଲକ୍ଷ ଟଙ୍କାରେ କାରବାର ହେଉଥିବା ଜଣାପଡ଼ିଛି। ସୋମବାର ସତ୍‌ସଙ୍ଗ ବିହାର ନିକଟ ଶ୍ୟାମାପ୍ରସାଦ ପାର୍କରେ ଚଢ଼ାଉ କରି ବନ ବିଭାଗ ସମ୍ପୃକ୍ତ ଅଜା ଓ ନାତିଙ୍କୁ ଗିରଫ କରିଛି। ସେମାନେ ହେଲେ ଜଗତ୍‌ସିଂହପୁରର ରଶ୍ମି ରଞ୍ଜନ ଦାସ(୧୯) ଓ ଅଜା କ୍ଷୀରୋଦ ମହାନ୍ତି(୭୩)। ☞ପୃଷ୍ଠା–୪










ଧରିତ୍ରୀ
DHARITRI
ମଙ୍ଗଳବାର, ୩୦ ଅଗଷ୍ଟ, ୨୦୨୨

କାନାଡ଼ା ଉପ ପ୍ରଧାନମନ୍ତ୍ରୀ କ୍ରିଷ୍ଟିଆ ଫ୍ରିଲାଣ୍ଡଙ୍କୁ ଜଣେ ବ୍ୟକ୍ତି ଦୁର୍ବ୍ୟବହାର କରିଥିବା ଘଟଣା ସାମ୍ନାକୁ ଆସିଛି। ଗତ ଶୁକ୍ରବାର ଆଲର୍ବଟାର ସିଟି ହଲ ବିଲ୍ଡିଂ ଶିଡ଼ି ଚଢୁଥିବା ସମୟରେ ଜଣେ ବ୍ୟକ୍ତି କ୍ରିଷ୍ଟିଆଙ୍କୁ ଧମକାଇବା ସହ ତାଙ୍କୁ ଗାଳି କରିଥିଲେ। ଅଫିସିଆଲ କାମରେ ଆଲର୍ବଟା ଯାଇଥିଲେ। ଘଟଣା ସମ୍ବନ୍ଧୀୟ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାପରେ ଟ୍ୱିଟର ଜରିଆରେ କ୍ରିଷ୍ଟିଆ ନିଜ ପ୍ରତିକ୍ରିୟା ରଖିଥିଲେ। କୌଣସି ବ୍ୟକ୍ତିଙ୍କୁ ଧମକାଇବା ଅନୁଚିତ୍ ବୋଲି କ୍ରିଷ୍ଟିଆ କହିଥିଲେ।





## ସଂକ୍ଷେପରେ

### ହିଜାବ ବିବାଦ: କର୍ଣ୍ଣାଟକ ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ,୨୯।୮ : କର୍ଣ୍ଣାଟକର କେତେକ ଶିକ୍ଷାନୁଷ୍ଠାନରେ ଛାତ୍ରୀମାନେ ହିଜାବ ପିନ୍ଧିବାକୁ ନେଇ ଦେଖାଦେଇଥିବା ବିବାଦକୁ ସୁପ୍ରିମକୋର୍ଟ ଶୁଣାଣି ପାଇଁ ଗ୍ରହଣ କରିବା ସହ ସୋମବାର ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଶ୍ରେଣୀଗୃହରେ ହିଜାବ ପରିଧାନକୁ ରାଜ୍ୟ ସରକାର ତାଙ୍କ ନିର୍ଦ୍ଦେଶନାମାରେ ନିଷେଧ କରିଥିବାବେଳେ କର୍ଣ୍ଣାଟକ ହାଇକୋର୍ଟ ଏହାକୁ କାଏମ ରଖିଥିଲେ। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ଉପରେ ସ୍ଥଗିତାଦେଶ ଜାରି ନିମନ୍ତେ ହୋଇଥିବା ଆବେଦନର ଶୁଣାଣି କରି ଜଷ୍ଟିସ ହେମନ୍ତ ଗୁପ୍ତାଙ୍କ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ନୋଟିସ ଗ୍ରହଣ କରିବା ସହ କାଉଣ୍ଟର ଦାଖଲ କରିବାକୁ ମନା କରିଦେଇଛନ୍ତି।

### ସଂଖ୍ୟାଲଘୁ ଚିହ୍ନଟ ଲାଗି ସମୟ ମାଗିଲା କେନ୍ଦ୍ର

ନୂଆଦିଲ୍ଲୀ,୨୯।୮ (ପି.ଟି.): ରାଜ୍ୟସ୍ତରରେ ଧର୍ମୀୟ ସଂଖ୍ୟାଲଘୁମାନଙ୍କୁ ଚିହ୍ନଟ ନିମନ୍ତେ କେନ୍ଦ୍ର ସରକାର ସୋମବାର ସୁପ୍ରିମକୋର୍ଟରେ ଅଧିକ ସମୟ ମାଗିଛନ୍ତି। ଏଥିପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହ ଆଲୋଚନାର ଆବଶ୍ୟକତା ରହିଥିବା ସରକାର ଦର୍ଶାଇଛନ୍ତି। ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟ ଦାଏର କରିଥିବା ପିଟିଶନ ଉପରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଷ୍ଟାଟସ୍ ରିପୋର୍ଟ ଦାଖଲ କରାଯାଇଛି। ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ ଏବଂ ଜମ୍ମୁ-କଶ୍ମୀରରୁ ଏପର୍ଯ୍ୟନ୍ତ ମନ୍ତବ୍ୟ/ମତାମତ ମିଳି ନ ଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ସେହିପରି ହରିୟାଣା, ହିମାଚଳପ୍ରଦେଶ ଓ ଉତ୍ତରପ୍ରଦେଶର ମତାମତକୁ ଅପେକ୍ଷା କରାଯାଇଛି। ଉପରୋକ୍ତ ରାଜ୍ୟଗୁଡ଼ିକ ସହ ବୈଠକ କରି ମତାମତ ସଂଗ୍ରହ ନିମନ୍ତେ ମନ୍ତ୍ରଣାଳୟ ପ୍ରସ୍ତାବ ଦେଇଥିବା ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇ ଦିଆଯାଇଛି।

### ଭୂସ୍ଖଳନରେ ପରିବାରର ୫ ମୃତ

ଇଡୁକି,୨୯।୮: କେରଳର ଇଡୁକି ଜିଲା ଅନ୍ତର୍ଗତ କୁଡାୟାଥୁରରେ ରବିବାର ରାତିରେ ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ଘଟି ଗୋଟିଏ ପରିବାରର ୫ ସଦସ୍ୟଙ୍କ ମୃତ୍ୟୁ ହୋଇଛି। ରାତି ୩ଟା ବେଳେ ଏହି ବିପର୍ଯ୍ୟୟ ଘଟିଥିଲା। ବଡ଼ ପଥର ଖଣ୍ଡ ଖସିବାରୁ କାଲିୟେକାଲ କଲୋନିରେ ରହୁଥିବା ଉକ୍ତ ପରିବାରର ଘର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ମୃତକଙ୍କ ମଧ୍ୟରେ ୪ ବର୍ଷର ଶିଶୁ ରହିଛି। ମୃତକମାନେ ହେଲେ ସୋମାନ, ତାଙ୍କ ସ୍ତ୍ରୀ ଶିଜି, ମାଆ ଧାଙ୍କାମ୍ମା, ଝିଅ ସୀମା ଓ ନାତି ଦେବାନନ୍ଦ।

### ନାବାଳିକାଙ୍କୁ ଗଣବଳାତ୍କାର: ୩ ନାବାଳକ ଗିରଫ

ପାଟନା,୨୯।୮: ବିହାରର ମୁଜାଫରପୁର ଜିଲା ଅନ୍ତର୍ଗତ ମନିୟାରୀ ଥାନା ଅଞ୍ଚଳରେ ଜଣେ ୧୩ ବର୍ଷୀୟାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ୩ ଜଣ ନାବାଳକ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଶନିବାର ସନ୍ଧ୍ୟାରେ ନାବାଳିକା ଜଣକ ଶୌଚ ପାଇଁ ପଡ଼ିଆକୁ ଯାଇଥିବାବେଳେ ଗଣବଳାତ୍କାରର ଶିକାର ହୋଇ ସଂଜ୍ଞାହୀନ ହୋଇପଡ଼ିଥିଲେ। ପୀଡ଼ିତାଙ୍କ ମାଆଙ୍କ ଅଭିଯୋଗକ୍ରମେ ପୋଲିସ ଗଣବଳାତ୍କାର ଏବଂ ପୋକ୍ସୋ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି।



## ଦିବିତା ମିସ୍ ଡିଭା ୟୁନିଭର୍ସ

ଚଳିତବର୍ଷର ମିସ୍ ଡିଭା ୟୁନିଭର୍ସ ପ୍ରତିଯୋଗିତାରେ କର୍ଣ୍ଣାଟକର ୨୩ ବର୍ଷୀୟା ଦିବିତା ରାୟ ବିଜୟିନୀ ହୋଇଛନ୍ତି। ମୁମ୍ବାଇର ଫେମସ୍ ଷ୍ଟୁଡିଓରେ ଅନୁଷ୍ଠିତ ୧୦ମ ଡିଭା ୟୁନିଭର୍ସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଗତବର୍ଷର ମିସ୍ ୟୁନିଭର୍ସ ହରନାଜ କୌର ସାନ୍ଧୁ। ଦିବିତାଙ୍କୁ ହରନାଜ ବିଜୟ ମୁକୁଟ ପିନ୍ଧାଇଥିଲେ। କର୍ଣ୍ଣାଟକରେ ଜନ୍ମଗ୍ରହଣ କରିଥିବା ଦିବିତା ଜଣେ ସିଭିଲ୍ ଇଞ୍ଜିନିୟର। ମଡେଲିଂ ବ୍ୟତୀତ ଚିତ୍ରାଙ୍କନ, ବାସ୍କେଟବଲ, ବ୍ୟାଡମିଣ୍ଟନ ଆଦି ଖେଳରେ ତାଙ୍କ ରୁଚି ରହିଛି। ସେ ଏହି ଟାଇଟଲ ହାସଲ କରିବା ପରେ ବେଶ୍ ଉତ୍ସାହିତ ଥିବା କହିଛନ୍ତି। ଦିବିତା ଆଗାମୀ ଦିନରେ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେବା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ପରିବର୍ତ୍ତନଙ୍କୁ ଭୟ ନ କରି ଜୀବନକୁ ପୂର୍ଣ୍ଣ ଉପଭୋଗ କରିବା ଉଚିତ୍ ବୋଲି ସେ କହିଛନ୍ତି।

## ଘର ସାମ୍ନାରେ ଅମିତାଭଙ୍କ ମୂର୍ତ୍ତି

ଆମେରିକାର ନ୍ୟୁଜର୍ସିରେ ଭାରତୀୟ ବଂଶୋଦ୍ଭବ ଆମେରିକୀୟ ଗୋପୀ ସେଠ୍ ନିଜ ଘର ସାମ୍ନାରେ ବଲିଉଡ୍ ଖ୍ୟାତନାମା ଅଭିନେତା ଅମିତାଭ ବଚ୍ଚନଙ୍କ ମୂର୍ତ୍ତି ସ୍ଥାପନ କରିଛନ୍ତି। ମୂର୍ତ୍ତିର ଫଟୋ ଗୋପୀ ଟ୍ୱିଟରରେ ଶେୟାର କରିଛନ୍ତି। ଗୋପୀ ଓ ତାଙ୍କ ସ୍ତ୍ରୀଙ୍କ ପାଇଁ ଅମିତାଭ କୌଣସି ଭଗବାନଙ୍କଠାରୁ କମ୍ ନୁହନ୍ତି ବୋଲି ସେ କହିଛନ୍ତି। ବିଗ୍ ବି ତାଙ୍କ ପାଇଁ ପ୍ରେରଣା। ମୂର୍ତ୍ତି ବାବଦରେ ଅମିତାଭ ଅବଗତ ଥିବାବେଳେ ସେ ଏପରି କରିବାକୁ ଗୋପୀଙ୍କୁ ମନା କରିଥିଲେ। ଗୋପୀ ୩୦ ବର୍ଷ ଧରି ବିଗ୍ ବି ଏକ୍ସଟେଣ୍ଡେଡ୍ ଫ୍ୟାମିଲି ନାମରେ ଏକ ୱେବ୍‌ସାଇଟ୍‌ର ପରିଚାଳନା କରୁଛନ୍ତି। ମୂର୍ତ୍ତିରେ ଅମିତାଭ 'କୌନ ବନେଗା କରୋଡ଼ପତି' ଷ୍ଟାଇଲରେ ଏକ ଚେୟାରରେ ବସିଥିବାର ଦେଖିବାକୁ ମିଳିଛି। ମୂର୍ତ୍ତିରେ ମୋଟ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏହାକୁ ରାଜସ୍ଥାନରେ ତିଆରି କରାଯାଇଛି। ନିର୍ମାଣ କାର୍ଯ୍ୟ ସରିବା ପରେ ମୂର୍ତ୍ତିକୁ ଆମେରିକା ପଠାଯାଇଥିଲା।



# ଶୋଇଥିବାବେଳେ ଛାତ୍ରୀଙ୍କୁ ଜାଳିଦେଲେ

## ପ୍ରେମରେ ବିଫଳ ହେବାରୁ ବର୍ବର କାଣ୍ଡ

- ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ
- ଝାଡ଼ଖଣ୍ଡରେ ଉତ୍ତେଜନା, ୧୪୪ ଧାରା ଜାରି


ଶାହାରୁଖ ହୁସେନ୍

ରାଞ୍ଚି, ୨୯।୮

ଏକତରଫା ପ୍ରେମ ଓ ଏଥିରେ ବିଫଳତା ଝାଡ଼ଖଣ୍ଡର ଜଣେ ଯୁକ୍ତ ୨ ଛାତ୍ରୀଙ୍କ ଜୀବନ ନେଇଛି। ବାରମ୍ବାର ପ୍ରେମ ନିବେଦନରେ ବିଫଳ ହେବା ଯୋଗୁ ଅଭିଯୁକ୍ତ ଶାହାରୁଖ ହୁସେନ୍ ୧୯ ବର୍ଷୀୟା ଅଙ୍କିତାଙ୍କୁ ପେଟ୍ରୋଲ ଢାଳି ଜାଳିଦେଇଛନ୍ତି। ସପ୍ତାହେ ଧରି ମୃତ୍ୟୁ ସହ ସଂଘର୍ଷ କରି ଶେଷରେ ହାରି ଯାଇଛନ୍ତି ଯୁକ୍ତ ୨ ଛାତ୍ରୀ ଅଙ୍କିତା ସିଂ। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ଏହାକୁ ନେଇ ଝାଡ଼ଖଣ୍ଡର ଡୁମ୍‌କାରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ଦୋଷୀଙ୍କୁ ଫାଶୀ ଦାବିରେ ବହୁସଂଖ୍ୟାରେ ଲୋକ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସ୍ଥିତି ନିୟନ୍ତ୍ରଣ ପାଇଁ ସ୍ଥାନୀୟ ପ୍ରଶାସନ ସେଠାରେ ୧୪୪ ଧାରା ଲାଗୁ କରିଛି। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଘଟଣାକୁ ନିନ୍ଦା କରିବା ସହ ପୀଡ଼ିତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଘୋଷଣା କରିଛନ୍ତି।

ଅଙ୍କିତାଙ୍କ ବାପା ସଞ୍ଜୀବ ସିଂଙ୍କ କହିବା ଅନୁସାରେ, ଶାହାରୁଖ କିଛି ଦିନ ହେଲା ଝିଅକୁ ହଇରାଣ କରୁଥିଲେ। ରାସ୍ତାରେ ଅଟକାଇ ବାରମ୍ବାର ପ୍ରେମ ନିବେଦନ କରୁଥିଲେ। ୧୦-୧୨ ଦିନ ପୂର୍ବରୁ ଅଙ୍କିତାଙ୍କ ସାଙ୍ଗଙ୍କଠାରୁ ଶାହାରୁଖ ନମ୍ବର ନେଇ ଲଗାତର ଫୋନ୍ କରୁଥିଲେ। ଏ ସବୁ କଥା ଅଙ୍କିତା ତାଙ୍କ ବାପାଙ୍କୁ ଜଣାଇଥିଲେ। ପ୍ରଥମେ ସଞ୍ଜୀବ ଓ ପରିବାର ଏହାକୁ ଅଣଦେଖା କରିଦେଇଥିଲେ। ଗତ ୨୨ ତାରିଖରେ ଶାହାରୁଖ ଅଙ୍କିତାଙ୍କୁ ଫୋନ୍ କରି ସେ ତାଙ୍କୁ ମିଳିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ କଥା ମଧ୍ୟ ଅଙ୍କିତା ଘରେ ଜଣାଇଥିଲେ। ପରଦିନ ଏ ବାବଦରେ ଶାହାରୁଖଙ୍କ ଘର ଲୋକଙ୍କ ସହ କଥା ହେବେ ବୋଲି ସଞ୍ଜୟ କହିଥିଲେ। ହେଲେ ଅଗଷ୍ଟ ୨୩ ତାରିଖ ଭୋରରୁ ଶାହାରୁଖ ପେଟ୍ରୋଲ ନେଇ ଅଙ୍କିତାଙ୍କ ଘର ନିକଟକୁ ଆସିଥିଲେ। ଝରକା ପାଖରେ ଶୋଇଥିବା ଅଙ୍କିତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ଏଥିରେ ଯୁବତୀଙ୍କ ଶରୀରର ପ୍ରାୟ ୯୦% ଜଳିଯାଇଥିଲା। ତାଙ୍କୁ ପ୍ରଥମେ ଫୁଲୋ ଝାନୋ ମେଡିକାଲ ଏବଂ ପରେ ରାଞ୍ଚିର ଆର୍‌ଆଇଏମ୍‌ଏସ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରବିବାର ତାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ୍ୟୁ ପୂର୍ବରୁ ମାଜିଷ୍ଟ୍ରେଟଙ୍କ ନିକଟରେ ଅଙ୍କିତା ତାଙ୍କ ବୟାନ ରେକର୍ଡ କରାଇଥିଲେ। ଏଥିରେ ସେ ସମସ୍ତ ଘଟଣା ଜଣାଇଥିଲେ। ପୋଲିସ ୨୩ ତାରିଖରେ ହିଁ ଶାହାରୁଖଙ୍କୁ ଗିରଫ କରିଛି। ସୋମବାର ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଘଟଣା ସାମ୍ନାକୁ ଆସିବା ପରେ ଏହାକୁ ନେଇ ଡୁମ୍‌କାରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ କର୍ମୀମାନେ ସହରର ବିଭିନ୍ନ ସ୍ଥାନରେ ଆନ୍ଦୋଳନକୁ ଓହ୍ଲାଇବା ସହ ଅଙ୍କିତାଙ୍କୁ ନ୍ୟାୟ ଦାବିରେ ଏସ୍‌ଡିପିଓ ବିଜୟ କୁମାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଡୁମ୍‌କା ଏସ୍‌ପି ଅମ୍ବର ଲକ୍‌ଡା କହିଛନ୍ତି, ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଦ୍ରୁତ ବିଚାର ପାଇଁ ଫାଷ୍ଟଟ୍ରାକ୍ କୋର୍ଟରେ ଆବେଦନ କରାଯିବ। ଲୋକ ଶାନ୍ତିଶୃଙ୍ଖଳା ରକ୍ଷାରେ ସହଯୋଗ କରନ୍ତୁ। ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଝାଡ଼ଖଣ୍ଡ ଅର୍ଥମନ୍ତ୍ରୀ ବନ୍ନା ଗୁପ୍ତା କହିଛନ୍ତି।



ଅଙ୍କିତା ସିଂଙ୍କୁ ନ୍ୟାୟ ଦାବିରେ ରାଞ୍ଚିରେ ଲୋକେ ବିକ୍ଷୋଭ କରୁଛନ୍ତି।

### ସୋରେନ୍ ସରକାରଙ୍କୁ ସମାଲୋଚନା


ରଘୁବର ଦାସ

ରାଞ୍ଚି, ୨୯।୮

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ବିଧାନସଭା ସଦସ୍ୟତା ରଦ୍ଦ ହୋଇପାରେ ବୋଲି ଚର୍ଚ୍ଚା ଜାରିଥିବାବେଳେ ନାବାଳିକାଙ୍କୁ ପେଟ୍ରୋଲ ଢାଳି ହତ୍ୟା ଘଟଣାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ବିରୋଧୀ ଭାଜପା ସୋରେନ୍‌ଙ୍କ ସରକାରକୁ ସମାଲୋଚନା କରିଛି। ରାଜ୍ୟରେ ହେମନ୍ତଙ୍କ ସରକାର ଗଠନ ପରଠାରୁ ମହିଳାଙ୍କ ସୁରକ୍ଷାକୁ ଅଣଦେଖା କରାଯାଉଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ରଘୁବର ଦାସ କହିଛନ୍ତି। ଦୁଇଟି ସମ୍ପ୍ରଦାୟ ଏହି ଘଟଣାରେ ଜଡ଼ିତ ଥିବାରୁ ସେ ଏହାକୁ 'ଲଭ୍-ଜିହାଦ୍' ଅଭିହିତ କରିଛନ୍ତି। ହେମନ୍ତ ତୁଷ୍ଟୀକରଣ ରାଜନୀତିରେ ମାତିଥିବା ସେ ଅଭିଯୋଗ କରିଛନ୍ତି। ରାଜ୍ୟରେ ଏପରି ହଜାର ହଜାର ଘଟଣା ଘଟୁଛି। ବାଂଲାଦେଶରୁ ଅନେକ ଲୋକ ଆସି ଏଠାକାର ନିରୀହ ଆଦିବାସୀଙ୍କୁ ଫସାଇ ବିବାହ କରିବା ସହ ସେମାନଙ୍କ ଜମି ହଡ଼ପ କରୁଥିଲେ ହେଁ ରାଜ୍ୟ ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବା ସେ କହିଛନ୍ତି।

## ନୋଏଡ଼ାର ୧୦୦ ବେଆଇନ ବିଲ୍ଡିଂ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୨୯।୮

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସୁପରଟେକ୍ କମ୍ପାନୀର ବେଆଇନ ନିର୍ମିତ ଟୁଇନ୍ ଟାୱାର ରବିବାର ମାଟିରେ ମିଶିବା ପରେ ଏବେ ନୋଏଡ଼ା କର୍ତ୍ତୃପକ୍ଷ ଉକ୍ତ ଅଞ୍ଚଳରେ ବେଆଇନ ଭାବେ ଗଢ଼ିଉଠିଥିବା ଶତାଧିକ ବିଲ୍ଡିଂ ଉପରେ ନଜର ପକାଇଛନ୍ତି। ସେଥିରୁ ଅଧିକାଂଶ ବିଲ୍ଡିଂକୁ ୨୦୦୯ରୁ ୨୦୧୪ ମଧ୍ୟରେ ଅନୁମୋଦନ ମିଳିଥିଲା। ଉକ୍ତ ବେଆଇନ ବିଲ୍ଡିଂଗୁଡ଼ିକୁ ଟୁଇନ୍ ଟାୱାର ଦଶା ଭୋଗିବାକୁ ପଡ଼ିପାରେ ବୋଲି କୁହାଯାଉଛି। କେବଳ ନୋଏଡ଼ା ନୁହେଁ, ମୁମ୍ବାଇ ଓ ଅନ୍ୟ ସହରରେ ରହିଥିବା ବେଆଇନ ବିଲ୍ଡିଂଗୁଡ଼ିକର ଅଡିଟ୍ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବି ହେଉଛି। ଫ୍ଲାଟ୍ ମାଲିକମାନଙ୍କ ସ୍ୱାର୍ଥର ସୁରକ୍ଷା ଲାଗି ମୁମ୍ବାଇରେ ରହିଥିବା ଉଚ୍ଚ ଅଟ୍ଟାଳିକାଗୁଡ଼ିକର ସ୍ୱତନ୍ତ୍ର ଅଡିଟ୍ କରାଯିବାଭୁ ଭାଜପା ନେତା କିରୀଟ ସୋମୈୟା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନିକଟରେ ଦାବି କରିଛନ୍ତି।



## ଚୋରି ଶିଶୁ ଭାଜପା ନେତାଙ୍କ ଘରୁ ଉଦ୍ଧାର


ଉଦ୍ଧାର ଶିଶୁକୁ ପୋଲିସ ମା'ଙ୍କୁ ହସ୍ତାନ୍ତର କରୁଛି।

ଲକ୍ଷ୍ନୌ,୨୯।୮:ମଥୁରା ରେଳଷ୍ଟେଶନରୁ ଗତ ସପ୍ତାହରେ ଜଣେ ୭ ମାସର ଶିଶୁ ଚୋରି ହୋଇଥିଲା। ଚୋରି ସମୟର ଦୃଶ୍ୟ ଷ୍ଟେଶନରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ପୋଲିସ ଖୋଜାଖୋଜି ପରେ୧୦୦ କିଲୋମିଟର ଦୂର ଫିରୋଜାବାଦର ଭାଜପା କର୍ପୋରେଟରଙ୍କ ଘରୁ ଉକ୍ତ ଶିଶୁକୁ ଉଦ୍ଧାର କରିଛି। ଶିଶୁ ଚୋରି କରି ବିକ୍ରି କରିବାରେ ଏକ ର୍ୟାକେଟ ସମ୍ପୃକ୍ତ ଥିବା ପୋଲିସ କହିଛି। ଭାଜପା କର୍ପୋରେଟର ବିନିତା ଅଗ୍ରୱାଲ ଓ ତାଙ୍କ ସ୍ୱାମୀ ଉକ୍ତ ଶିଶୁପୁତ୍ରକୁ ଦୁଇଜଣ ଡାକ୍ତରଙ୍କଠାରୁ ୧.୮ ଲକ୍ଷ ଟଙ୍କାରେ କିଣିଥିବା କହିଛନ୍ତି। ଉକ୍ତ ଡାକ୍ତର ଶିଶୁ ଚୋରି ର୍ୟାକେଟରେ ସମ୍ପୃକ୍ତ ଥିବା କୁହାଯାଉଛି। ଚୋରି ସମୟରେ ସିସିଟିଭି କ୍ୟାମେରାରେ ଧରାପଡ଼ିଥିବା ବ୍ୟକ୍ତି ସମେତ ୮ ଜଣଙ୍କୁ ଗିରଫ କରି ପୋଲିସ ପଚରାଉଚରା କରୁଛି।

### ବାଟରେ ଅଚଳ ବ୍ରିଟେନ୍ ଯୁଦ୍ଧ ଜାହାଜ

ଲଣ୍ଡନ, ୨୯।୮

ବ୍ରିଟେନ୍‌ର ସବୁଠାରୁ ବଡ଼ ଯୁଦ୍ଧବିମାନ ବାହକ ଜାହାଜ 'ଏଚ୍‌ଏମ୍‌ଏସ୍ ପ୍ରିନ୍ସ ଅଫ୍ ୱେଲ୍ସ' ଆମେରିକା ଯିବା ପାଇଁ ପୋର୍ଟସ୍‌ମାଉଥ୍ ନୌସେନା ଘାଟିରୁ ଶନିବାର ବାହାରିବା ପରେ ଇଂଲଣ୍ଡର ଦକ୍ଷିଣ ଉପକୂଳରେ ଖରାପ ହୋଇଯାଇଛି। କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହି ଜାହାଜ ଆଗକୁ ବଢ଼ିପାରି ନ ଥିବା କୁହାଯାଉଛି। ୩ ବିଲିୟନ ପାଉଣ୍ଡ ମୂଲ୍ୟର ଏହି ଜାହାଜ ଗତବର୍ଷ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥିଲା। ବାଟରେ ଅଚଳ ହେବା ପରେ ଏହା ଆଇସ୍‌ଲେ ଅଫ୍ ୱେଟ୍‌ର ଦକ୍ଷିଣପୂର୍ବ ସମୁଦ୍ରତଟରେ ରହିଛି। ୬୫ ହଜାର ଟନ୍ ଓଜନର ଏହି ଜାହାଜ ଖରାପ ହେବା ପଛରେ କାରଣ ଯାଞ୍ଚ କରାଯାଉଛି।



## ଚନ୍ଦ୍ରକୁ ରକେଟ୍ ଉତ୍କ୍ଷେପଣ ସ୍ଥଗିତ

ୱାଶିଂଟନ୍, ୨୯।୮

ଆମେରିକାର ସ୍ପେସ୍ ଏଜେନ୍ସି ନାସା ସୋମବାର ଚନ୍ଦ୍ରକୁ ସବୁଠୁ ଶକ୍ତିଶାଳୀ ରକେଟ୍ ଉତ୍କ୍ଷେପଣ ନିମନ୍ତେ ହୋଇଥିବା ଯୋଜନାକୁ ସ୍ଥଗିତ ରଖିଛି। ଦୁଇ ପର୍ଯ୍ୟାୟର ସ୍ପେସ୍ ଲଞ୍ଚ ସିଷ୍ଟମ୍ (ଏସ୍‌ଏଲ୍‌ଏସ୍) ଇଞ୍ଜିନ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଯିବାରୁ ଏହି କାର୍ଯ୍ୟକ୍ରମ ଅଟକା ଯାଇଥିବା ନାସା ପକ୍ଷରୁ କୁହାଯାଇଛି। ଆସନ୍ତା ୨ ତାରିଖରେ ଏହାର ପୁନଃ ଉତ୍କ୍ଷେପଣ ପ୍ରସ୍ତୁତି କରାଯିବ। ନାସା ଚନ୍ଦ୍ରକୁ ପଠାଇବାକୁ ଥିବା ଏହି ରକେଟ୍ ସବୁଠୁ ଶକ୍ତିଶାଳୀ। ଏହା ନାସାର ଆର୍ଟେମିସ୍ ମିଶନର ଏକ ଅଂଶ। ଆପୋଲୋ ମିଶନର ୫୦ ବର୍ଷ ପରେ ପୁଣି ଥରେ ମନୁଷ୍ୟକୁ ଚନ୍ଦ୍ରକୁ ପଠାଇବା ପାଇଁ ପ୍ରସ୍ତୁତି ଚାଲିଛି। ଏହି ରକେଟ୍ ସ୍ଥାନୀୟ ସମୟ ସକାଳ ପ୍ରାୟ ସାଢ଼େ ୮ଟାରେ ଆମେରିକାର ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ମହାକାଶକୁ ଉତ୍କ୍ଷେପଣ କରାଯିବାର ଥିଲା। ପ୍ରାୟ ୧୦୦ ମିଟର ଲମ୍ବର ଏସ୍‌ଏଲ୍‌ଏସ୍ ପୃଥିବୀଠାରୁ ବହୁ ଦୂରରେ ଓରିଅନ୍ ନାମକ ଏକ ଟେଷ୍ଟ-କ୍ୟାପସୁଲ୍ ଲଞ୍ଚ କରିବ। ପ୍ରାୟ ୬ ସପ୍ତାହ ଏହା ଚନ୍ଦ୍ର ଚାରିପଟେ ଘୂରିବା ପରେ ପୃଥିବୀକୁ ଫେରିବ। ଏହି ରକେଟର ପ୍ରଥମ ମିଶନ ମାନବରହିତ ହେବ। ଅର୍ଥାତ ଉକ୍ତ କ୍ୟାପ୍‌ସୁଲରେ କୌଣସି ମହାକାଶଚାରୀ ରହିବେ ନାହିଁ। ଏହି ମିଶନ ସଫଳ ହେଲେ ଭବିଷ୍ୟତରେ ମହାକାଶଚାରୀ ମାନେ ଚନ୍ଦ୍ରପୃଷ୍ଠକୁ ଯାଇପାରିବେ।



## ଚିତାବାଘ ଧରିବାକୁ ନାକେଦମ୍

ବେଲାଗାଭି,୨୯।୮

- ୨୫ ଦିନ ହେଲା ଚାଲିଛି ଅପରେଶନ
- ଦିନକୁ ୩ ଲକ୍ଷ ଖର୍ଚ୍ଚ କରୁଛି କର୍ଣ୍ଣାଟକ
- ହନିଟ୍ରାପ୍ କୌଶଳ ଆପଣାଇଲେ କର୍ତ୍ତୃପକ୍ଷ

କର୍ଣ୍ଣାଟକର ବେଲାଗାଭି ସହର ମଧ୍ୟରେ ପଶିଥିବା ଏକ ଚିତାବାଘକୁ ଧରିବା ଲାଗି ସରକାରଙ୍କ ସମସ୍ତ ଉଦ୍ୟମ ଫେଲ୍ ମାରିବାରେ ଲାଗିଛି। ଏହି ମେଗା ଅପରେଶନକୁ ୨୫ ଦିନ ବିତିଲାଣି। ଏଥିରେ ଦୁଇଟି ହାତୀ, ଜେସିବି, ସ୍ୱତନ୍ତ୍ର ଡ୍ରୋନ୍ ଟିମ୍, ଶାର୍ପଶୁଟର, ଆନେସ୍ଥେଟିକ୍ ଏକ୍ସପର୍ଟଙ୍କ ସମେତ ୩୫୦ରୁ ଊର୍ଦ୍ଧ୍ୱ ପୋଲିସ ଓ ବନ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏହି ଅପରେଶନରେ ଦିନକୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଲଗାଯାଇଥିବା ସିସିଟିଭି ଫୁଟେଜ୍‌ରୁ ଚିତାର ଗତିବିଧି ଜଣାପଡୁଥିଲେ ମଧ୍ୟ ସେ ଖସି ପଳାଇଯାଇ କୁଆଡେ ଅଦୃଶ୍ୟ ହୋଇଯାଉଛି। ଚିତାବାଘ ଧରିବା ଲାଗି ସବୁ ଉଦ୍ୟମ ଫେଲ୍ ମାରିବା ପରେ ଏବେ କର୍ତ୍ତୃପକ୍ଷ ହନିଟ୍ରାପ୍ କୌଶଳ ଆପଣାଇଛନ୍ତି।

ଅପରେଶନରେ ନିଯୁକ୍ତ କର୍ମଚାରୀଙ୍କ ସୂତ୍ରରୁ ଜଣାପଡ଼ିଛି ଯେ, ବାଘ ଧରିବା ଲାଗି ଲଗାଯାଇଥିବା ପଞ୍ଜୁରୀ ଚାରିପଟେ ମାଈ ବାଘ ମୂତ୍ର ସିଞ୍ଚନ କରାଯିବ। ଏଥିରେ ଆକୃଷ୍ଟ ହୋଇ ଚିତାଟି ପଞ୍ଜୁରିକୁ ଆସିପାରେ ବୋଲି ବିଶ୍ୱାସ କରାଯାଉଛି। ସହର ମଧ୍ୟଭାଗରେ ଥିବା ୨୫୦ ଏକର ବିଶିଷ୍ଟ ଗଲ୍ଫ କ୍ଲବ୍ ଉପରେ ଡ୍ରୋନ୍ ଚକ୍କର ମାରୁଛି। ଏହି ଅଞ୍ଚଳ ଘଞ୍ଚ ଜଙ୍ଗଲ ହୋଇଥିବାରୁ ଚିତାଟି ସହଜରେ ଲୁଚିଯାଇପାରୁଛି। ଇତିମଧ୍ୟରେ କେତେକ ଗଛ କାଟିଦିଆଗଲାଣି। ସତର୍କତା ପଦକ୍ଷେପ ସ୍ୱରୂପ ସହରରେ ଥିବା ୨୧ଟି ସ୍କୁଲ୍ ଓ କଲେଜକୁ ୨୫ ଦିନ ହେଲା ବନ୍ଦ ରଖାଯାଇଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୦,୬୧,୨୯,୬୯୭ | ୬୪,୮୮,୮୦୮ | ୫୮,୧୬,୫୧,୫୦୬ |
| ଭାରତ | ୪,୪୪,୧୫,୭୨୩ | ୫,୨୭,୭୯୯ | ୪,୩୮,୦୨,୯୯୩ |
| ଓଡ଼ିଶା | ୧୩,୨୭,୧୫୦ | ୯୧୭୪(+୫୩) | ୧୩,୧୫,୯୨୯ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




ଜାତୀୟ କ୍ରୀଡ଼ା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଲୋକସେବା ଭବନର କନ୍‌ଭେନ୍‌ଶନ ହଲ୍‌ରେ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତିଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ କରୁଛନ୍ତି। (ରିପୋର୍ଟ: ଖେଳ ପୃଷ୍ଠା)

# ଗଢ଼ାହେବ ୩ ୟୁନିଟ୍ ଷ୍ଟ୍ରାଇକିଂ ଫାୟାର ଫୋର୍ସ

- ବିପର୍ଯ୍ୟୟ ବେଳେ ତ୍ୱରିତ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହେବେ
- ୧୪୪ ପଦବୀ ସୃଷ୍ଟି ହେବ

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବାହିନୀକୁ ଅଧିକ ଦକ୍ଷ ଓ କ୍ରିୟାଶୀଳ କରିବା ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱାରୋପ କରିଛନ୍ତି। ବିଭିନ୍ନ ବିପର୍ଯ୍ୟୟ ବିଶେଷକରି ଅଗ୍ନି ଦୁର୍ଘଟଣା ସମୟରେ ଲୋକଙ୍କ ଉଦ୍ଧାର କାର୍ଯ୍ୟ ଯେପରି ତ୍ୱରାନ୍ୱିତ କରାଯାଇପାରିବ,ତାହାକୁ ଦୃଷ୍ଟିରେ ରଖି ୧୪୪ ସଦସ୍ୟବିଶିଷ୍ଟ ଏକ ଷ୍ଟ୍ରାଇକିଂ ଫାୟାର ଫୋର୍ସ ଗଠନ କରାଯିବ। ଏ ସମ୍ପର୍କରେ ଆଗତ ପ୍ରସ୍ତାବକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ମିଳିଛି।

ନିଷ୍ପତ୍ତି ଅନୁଯାୟୀ ରାଜ୍ୟର କଟକ, ସମ୍ବଲପୁର ଓ ବ୍ରହ୍ମପୁରରେ ଥିବା ୩ଟି ଜୋନ୍‌ରେ ଏହି ଷ୍ଟ୍ରାଇକିଂ ଫାୟାର ଫୋର୍ସର ୩ଟି ରେଞ୍ଜ୍ ହେଡ୍‌କ୍ୱାର୍ଟର୍ସ ରହିବ। ପ୍ରତ୍ୟେକ ରେଞ୍ଜ ହେଡ୍‌କ୍ୱାର୍ଟର୍ସ ପାଇଁ ୪୮ଟି ପଦବୀ ସୃଷ୍ଟି କରାଯିବ। ଏହିପରି ମୋଟ ୧୪୪ ପଦବୀ ସୃଷ୍ଟି ହେବ। ଏଥିରେ ଆସିଷ୍ଟାଣ୍ଟ ଫାୟାର ଅଫିସର, ଷ୍ଟେଶନ ଅଫିସର, ଆସିଷ୍ଟାଣ୍ଟ ଷ୍ଟେଶନ ଅଫିସର, ହାବିଲଦାର ମେଜର, ଡ୍ରାଇଭର ହାବିଲଦାର, ହାବିଲଦାର ମେକାନିକ୍, ଲିଡିଂ ଫାୟାରମ୍ୟାନ, ଫାୟାରମ୍ୟାନ ଡ୍ରାଇଭର ଓ ଫାୟାରମ୍ୟାନ ଆଦି ପଦବୀ ରହିବ। ସମସ୍ତ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ମନୁଷ୍ୟକୃତ ବିପର୍ଯ୍ୟୟ ବା ଦୁର୍ଘଟଣା ସମୟରେ ଓଡ଼ିଶା ଅଗ୍ନିଶମ ସେବା ଫାଷ୍ଟ ରେସ୍‌ପଣ୍ଡର ଭାବେ କାର୍ଯ୍ୟକରି ଜନସାଧାରଣଙ୍କୁ ଠିକ୍ ସମୟରେ ସେବା ଯୋଗାଇ ଦେଉଛି। ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ମଧ୍ୟ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏପରି କି ରାଜ୍ୟ ବାହାରେ ମଧ୍ୟ ବିଭିନ୍ନ ବିପର୍ଯ୍ୟୟ ସମୟରେ ଅଗ୍ନିଶମ ବାହିନୀ ପକ୍ଷରୁ ଉଲ୍ଲେଖନୀୟ ସେବା ଯୋଗାଇ ଦିଆଯାଉଛି। ଏହାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବାହିନୀକୁ ତୁରନ୍ତ କୌଣସି ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଆବଶ୍ୟକ ଆଧୁନିକ ଦକ୍ଷତା ଥିବା ଏକ ସ୍ୱତନ୍ତ୍ର ଫୋର୍ସର ଆବଶ୍ୟକତା ରହିଛି ବୋଲି ଉପସ୍ଥାପନାରେ କୁହାଯାଇଥିଲା। ଏହି ବାହିନୀକୁ ସମସ୍ତ ପ୍ରକାର ଆଧୁନିକ ଯନ୍ତ୍ର ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେଇ ଏକ ଦକ୍ଷ କୌଶଳସମ୍ପନ୍ନ ଷ୍ଟ୍ରାଇକିଂ ଫାୟାର ଫୋର୍ସ ଭାବେ ବିକଶିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି ) ଭି.କେ. ପାଣ୍ଡିଆନ ସଞ୍ଚାଳନ କରିଥିଲେ। ଅଗ୍ନିଶମ ବିଭାଗ ଡିଜି ସନ୍ତୋଷ ଉପାଧ୍ୟାୟ ପ୍ରସ୍ତାବ ଉପସ୍ଥାପନା କରିଥିଲେ।

ଏହି ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସଞ୍ଜୀବ ଚୋପ୍ରା ଓ ଅତିରିକ୍ତ ଡିଜି ସୌମ୍ୟା ମିଶ୍ର ପ୍ରମୁଖ ଭାଗ ନେଇଥିଲେ।

# ରାଜଧାନୀରେ ୧୭୫ ବେଆଇନ ଆପାର୍ଟମେଣ୍ଟ

## ନୋଏଡ଼ାରେ ଭାଙ୍ଗିଲା, ଭୁବନେଶ୍ୱରରେ କେବେ

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ଉତ୍ତର ପ୍ରଦେଶର ନୋଏଡ଼ାରେ ନିର୍ମାଣ ହୋଇଥିବା ୧୦୦ ମିଟର ଉଚ୍ଚତାର ଦୁଇଟି ବେଆଇନ ଅଟ୍ଟାଳିକାକୁ ରବିବାର ବିସ୍ଫୋରଣରେ ଉଡ଼ାଇ ଦିଆଯାଇଛି। କୋଷ୍ଟାଲ ରେଗୁଲେଶନ ଜୋନ୍ ସର୍ତ୍ତକୁ ଉଲ୍ଲଂଘନ କରିଥିବାରୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ସେହି ବହୁତଳ ଆପାର୍ଟମେଣ୍ଟକୁ ଧରାଶାୟୀ କରାଯାଇଛି। ଅନ୍ୟପକ୍ଷରେ ରାଜଧାନୀ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ବହୁମାତ୍ରାରେ ବେଆଇନ ନିର୍ମାଣ ଗଢ଼ିଉଠିଛି। ଏପରି କି ଦୀର୍ଘବର୍ଷ ହେଲା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଏବଂ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କର୍ତ୍ତୃପକ୍ଷଙ୍କ ପକ୍ଷରୁ ଧ୍ୱଂସ ଆଦେଶ ଦିଆଯାଇଥିବା ୧୭୫ଟି ବେଆଇନ ଅଟ୍ଟାଳିକା କେବେ ଭଙ୍ଗାଯିବ ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଉଭୟ ସଂସ୍ଥା କେବଳ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ (ଓଡିଏ) ସଂଶୋଧନ ଆଇନ-୨୦୧୫ର ସେକ୍ସନ ୯୨(୨) ଅନୁଯାୟୀ ମାମଲା ରୁଜୁକରି ବସିଯାଉଛନ୍ତି।

ନଗର ଉନ୍ନୟନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବିଲ୍ଡିଂ ରେଗୁଲେଶନକୁ ଉଲ୍ଲଂଘନ କରିଥିବା ଭୁବନେଶ୍ୱରରେ ପ୍ରାୟ ୬ ହଜାର ନିର୍ମାଣ ରହିଛି। ବିଡିଏ ପକ୍ଷରୁ ମୋଟ୍ ୧,୬୪୩ ଆପାର୍ଟମେଣ୍ଟକୁ ଅନୁମୋଦନ କରାଯାଇଛି। ସେଥିରୁ ୪୮୭ ବେଆଇନ ନିର୍ମାଣ ହୋଇଛି। ଉକ୍ତ ବେଆଇନ ଆପାର୍ଟମେଣ୍ଟରୁ ୧୭୫ଟିକୁ ଭାଙ୍ଗିବାକୁ ବିଡିଏ ଓ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ବିଡିଏ କିମ୍ବା ବିଏମ୍‌ସି ପକ୍ଷରୁ ଏ ନେଇ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଫଳରେ ଦିନକୁ ଦିନ ସହରରେ ବେଆଇନ ନିର୍ମାଣ ବଢ଼ିଚାଲିଛି, ଯାହା ସହରବାସୀଙ୍କ ପାଇଁ ବିପଦର କାରଣ ହୋଇଛି। ଯେଉଁଗୁଡିକ ଭାଙ୍ଗିବାକୁ ବିଡିଏ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ସେଥିରୁ ଅଧିକାଂଶ ଆପାର୍ଟମେଣ୍ଟର ମାଲିକ ହାଇକୋର୍ଟରୁ ସ୍ଥଗିତାଦେଶ ଆଣି ସରକାରଙ୍କୁ ଏକପ୍ରକାର ଚାଲେଞ୍ଜ କରୁଛନ୍ତି। ମାତ୍ର ସେହି ସ୍ଥଗିତାଦେଶ ଉଚ୍ଛେଦ ଦିଗରେ ବିଡିଏ କିମ୍ବା ବିଏମ୍‌ସି ପକ୍ଷରୁ ସେଭଳି ପଦକ୍ଷେପ ନିଆଯାଉ ନ ଥିବାରୁ ଦୀର୍ଘବର୍ଷ ହେଲା ବେଆଇନ ନିର୍ମାଣକୁ ଧ୍ୱଂସ ଲାଗି ନିର୍ଦ୍ଦେଶ ରହିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ।

ଅନ୍ୟପକ୍ଷରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଥରକୁଥର ସର୍ବକ୍ଷମା ଯୋଜନା କରାଯାଇ ଅନେକ ବେଆଇନ ନିର୍ମାଣରୁ କିଛି ଜରିମାନା ନେଇ ଆଇନସିଦ୍ଧ କରାଯାଉଛି। ଏଥିଯୋଗୁ ବେଆଇନ ନିର୍ମାଣ କରୁଥିବା ପ୍ରମୋଟରମାନେ ଆଖିବୁଜି ସରକାରୀ ବିଲ୍ଡିଂ ରେଗୁଲେଶନକୁ ଖୋଲାଖୋଲି ଉଲ୍ଲଂଘନ କରି ନିଜର ବ୍ୟବସାୟ ଜାରି ରଖିଛନ୍ତି। ବିଡିଏ ସଚିବ କବିନ୍ଦ୍ର କୁମାର ସାହୁ ଗଣମାଧ୍ୟମକୁ କହିଛନ୍ତି ଯେ, ଓଡିଏ ଆଇନ ଅନୁଯାୟୀ ବେଆଇନ ନିର୍ମାଣକୁ ନଷ୍ଟ କରିବାକୁ ବିଏମ୍‌ସି ପଦକ୍ଷେପ ନେଇପାରିବ। ଏ ନେଇ ବିଏମ୍‌ସିକୁ ୩ ବର୍ଷ ପୂର୍ବରୁ ଏକ ତାଲିକା ପ୍ରଦାନ କରାଯାଇଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ କହିଛନ୍ତି, ବେଆଇନ ନିର୍ମାଣ ସମ୍ପର୍କରେ ସର୍ଭେ କରାଯାଉଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଓଡିଶା ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି (ଓରେରା) ପୂର୍ବତନ ଏନ୍‌ଫୋର୍ସମେଣ୍ଟ ଅଫିସର ସୁରଥ ଜେନା କହିଛନ୍ତି ଯେ, ବେଆଇନ ନିର୍ମାଣ ଉପରେ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବାରୁ ଦିନକୁ ଦିନ ଏହା ବଢ଼ିଯାଉଛି। ସରକାର ଏ ଦିଗରେ କଠୋର ହେଲେ ଏହାକୁ ରୋକାଯାଇ ପାରିବ। ରେରା କାର୍ଯ୍ୟକାରୀ ହେବା ପରେ ବେଆଇନ ନିର୍ମାଣ ଉପରେ କିଛିମାତ୍ରାରେ ଅଙ୍କୁଶ ଲାଗିଛି। ଓରେରାର ବିନା ଅନୁମତିରେ କୌଣସି ପ୍ରମୋଟର ଆପାର୍ଟମେଣ୍ଟ ପାଇଁ ବିଜ୍ଞାପନ ଦେଇପାରିବେ ନାହିଁ ବୋଲି ସେ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, ଗ୍ରାହକମାନଙ୍କୁ ବିଲ୍‌ଡରମାନଙ୍କ ଶୋଷଣରୁ ରକ୍ଷା କରିବାକୁ କେନ୍ଦ୍ର ସରକାର ୨୦୧୬ରେ ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି (ରେରା) ଆଇନ ଆଣିବା ପରେ ରାଜ୍ୟ ସରକାର ୨୦୧୭ରେ ଏହାକୁ ଓଡ଼ିଶାରେ କାର୍ଯ୍ୟକାରୀ କରିଛନ୍ତି। ଏହି ଆଇନ ଆସିବା ପରେ ବହୁତଳ ଅଟ୍ଟାଳିକା ନିର୍ମାଣ କରିବା ପୂର୍ବରୁ ଓରେରାଠାରୁ ଅନୁମତି ନେବା ବାଧ୍ୟତାମୂଳକ କରାଯାଇଛି।

# ଆଜି ୨୭୬ ଅଧ୍ୟାପକଙ୍କୁ ମିଳିବ ନିଯୁକ୍ତିପତ୍ର

ଭୁବନେଶ୍ୱର, ୨୯।୮(ବ୍ୟୁରୋ)

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ଅଣଅନୁଦାନପ୍ରାପ୍ତ ଡିଗ୍ରୀ କଲେଜଗୁଡ଼ିକରେ ୨୭୬ଜଣ ନୂଆ ଅଧ୍ୟାପକ ନିଯୁକ୍ତ ହେବେ। ରାଜନୀତି ବିଜ୍ଞାନ ଓ ଇଂଲିଶ ବିଷୟ ପାଇଁ ଏହି ଅଧ୍ୟାପକଙ୍କୁ ଚୟନ କରାଯାଇଛି। ନବନିଯୁକ୍ତ ଅଧ୍ୟାପକଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ମଙ୍ଗଳବାର ଅପରାହ୍ନ ସାଢ଼େ ୫ଟାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଏହି ଅବସରରେ ସେମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଉପସ୍ଥିତ ରହି ନବନିଯୁକ୍ତ ଅଧ୍ୟାପକଙ୍କୁ ଦିଗ୍‌ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି।

# ମାଲକାନଗିରିରେ ଓଟିଇଟି ଉତ୍ତର ପତ୍ର ଲିକ୍




ଓଟିଇଟି ସେଟ୍-ଏ'ର ପ୍ରଶ୍ନପତ୍ର(ବାମ), ପରୀକ୍ଷା ପୂର୍ବରୁ ଭାଇରାଲ ହୋଇଥିବା ଉତ୍ତର ପତ୍ର।

## ୫ ହଜାର ଟଙ୍କାରେ ଉତ୍ତର ହାତେଇଥିବା ଚର୍ଚ୍ଚା

ମାଲକାନଗିରି, ୨୯।୮(ଡି.ଏନ୍.ଏ./ସ୍ୱ.ପ୍ର.)

ଓଡ଼ିଶା ଟିଚର୍ ଏଲିଜିବିଲିଟି ଟେଷ୍ଟ(ଓଟିଇଟି) ସୋମବାର ଅନୁଷ୍ଠିତ ହୋଇଯାଇଛି। ତେବେ ମାଲକାନଗିରି ଜିଲାରେ ପ୍ରଥମ ସିଟିଂ ପରୀକ୍ଷା ଆରମ୍ଭ ପୂର୍ବରୁ ହିଁ ଉତ୍ତର ପତ୍ର ଲିକ୍ ହୋଇଛି। ଭାଇରାଲ ହୋଇଥିବା ଉତ୍ତର ପେପର ସେଟ୍-ଏ ର ବୋଲି କୁହାଯାଉଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା କେତେଜଣ ଅସାଧୁ ପରୀକ୍ଷାର୍ଥୀ ଉତ୍ତର ପତ୍ର ୫ ହଜାର ଟଙ୍କା ଦେଇ ହାତେଇଥିବା ଜିଲାରେ ଚର୍ଚ୍ଚା ହେଉଛି। ତେଣୁ ପରୀକ୍ଷାକୁ ବାତିଲ କରାଯାଇ ପୁନର୍ବାର କରାଯିବା ପାଇଁ ବୁଦ୍ଧିଜୀବୀ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଓଟିଇଟି ପରୀକ୍ଷା ନିମନ୍ତେ ୨୭ରେ ପ୍ରଶ୍ନପତ୍ର ଆସି ମାଲକାନଗିରି ଜିଲାରେ ପହଞ୍ଚିଥିଲା। ମାଲକାନଗିରି ସଦରସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟରେ ରହିଥିବା ଷ୍ଟ୍ରଙ୍ଗରୁମ୍‌ରେ ତାହାକୁ ରଖାଯାଇଥିଲା। ଏହି ଷ୍ଟ୍ରଙ୍ଗରୁମ୍‌କୁ ପୋଲିସ ଅଧିକାରୀ ଏବଂ କେତେଜଣ ପ୍ରଶାସନିକ ଅଧିକାରୀ ଜଗି ରହିଥିଲେ। ସୋମବାର ସକାଳ ସାଢ଼େ ୬ଟାରେ ପ୍ରଶ୍ନପତ୍ର ଜିଲାର ୩ ପରୀକ୍ଷା କେନ୍ଦ୍ରକୁ ଯାଇଥିଲା।

ଉତ୍ତର ପତ୍ର ଲିକ୍ ଏବଂ ୫ ହଜାର ଟଙ୍କା ନେଇ ତାହାକୁ ଲିକ୍ କରାଯିବା ଚର୍ଚ୍ଚାକୁ ନେଇ ମାଲକାନଗିରି ଡିଇଓ ମାନସ କୁମାର ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ଉତ୍ତର ପତ୍ର ଲିକ୍ କିମ୍ବା ଟଙ୍କା ନେଇ ଉତ୍ତର ପତ୍ର ଲିକ୍ କରାଯାଇଥିବା ବିଷୟରେ କୌଣସି ଅଭିଯୋଗ ପହଞ୍ଚିନି। ତଦନ୍ତ କରାଯିବା ପରେ ଲିକ୍ ଘଟଣା ସତ୍ୟ ପ୍ରମାଣିତ ହେଲେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହ ପୁନର୍ବାର ପରୀକ୍ଷା ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରାଯିବ ବୋଲି ଜେନା କହିଛନ୍ତି। ତେବେ କଡ଼ା ସୁରକ୍ଷା ବ୍ୟବସ୍ଥାରେ ପ୍ରଶ୍ନପତ୍ର ଲିକ୍ କିପରି ହେଲା ଏବଂ ଏହାର ଉତ୍ତର ପତ୍ର ପରୀକ୍ଷାର୍ଥୀଙ୍କ ନିକଟରେ କେଉଁମାନେ ପହଞ୍ଚାଇଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। ପରିଶ୍ରମ କରି ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀଙ୍କୁ ଏହା ମାନସିକ ସ୍ତରରେ ଆଘାତ ଦେଇଛି। ତେଣୁ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅନେକ ପରୀକ୍ଷାର୍ଥୀ ଦାବି କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ମିଳିବ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ

ଭୁବନେଶ୍ୱର,୨୯।୮(ବ୍ୟୁରୋ)



ସଫଳ ଓ ଉଲ୍ଲେଖନୀୟ ନେତୃତ୍ୱ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ମିଳିବ। ଆସନ୍ତା ୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ କ୍ୟାପିଟାଲ୍ ଫାଉଣ୍ଡେଶନ ପକ୍ଷରୁ ଏହି ଆୱାର୍ଡରେ ସମ୍ମାନିତ କରାଯିବ। ସୁପ୍ରିମ କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଏନ୍.ଭି. ରମନ୍ନା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନିତ କରିବେ। ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟର ଅଡିଟୋରିୟମରେ ସେପ୍ଟେମ୍ବର ୪, ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ନବୀନଙ୍କ ନେତୃତ୍ୱରେ ଓଡ଼ିଶାର ରୂପାନ୍ତରଣ ଯାତ୍ରା ଜାରି ରହିଛି।

ଗତ ଦୁଇ ଦଶନ୍ଧିରେ ଓଡ଼ିଶା ସବୁକ୍ଷେତ୍ରରେ ଦ୍ରୁତ ବିକାଶ କରିଛି। ନବୀନଙ୍କ ସରଳତା, ଦରଦୀ ହୃଦୟ, ନିର୍ମଳ ଭାବମୂର୍ତ୍ତି ଲୋକଙ୍କ ହୃଦୟ ଜିତିପାରିଛି। ୧୯୮୭ରେ ପ୍ରତିଷ୍ଠିତ କ୍ୟାପିଟାଲ ଫାଉଣ୍ଡେଶନରେ ସାଂସଦ, ସାମାଜିକ କର୍ମୀ, ବିଚାରପତି, ରାଜଦୂତ, ସାମ୍ବାଦିକ, ସ୍କଲାର ଓ ପ୍ରଫେସନାଲମାନେ ମିଳିତ ଭାବେ ନିଜର ଭାବ ବିନିମୟ କରିଥାଆନ୍ତି। ପୂର୍ବରୁ କ୍ୟାପିଟାଲ ଫାଉଣ୍ଡେଶନ ଦ୍ୱାରା ପୂର୍ବତନ ପ୍ରଧାନମନ୍ତ୍ରୀ ଆଇ.କେ. ଗୁଜରାଲ, ବରିଷ୍ଠ ଆଡ୍‌ଭୋକେଟ ରାମ ଜେଠମାଲାନୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ମୁରଲୀ ମନୋହର ଯୋଶୀ, ପୂର୍ବତନ ଲୋକ ସଭା ବାଚସ୍ପତି ସୋମନାଥ ଚାଟାର୍ଜୀ, ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଏନ୍.ଭି. ରମନ୍ନା ପ୍ରମୁଖ ପୁରସ୍କୃତ ହୋଇଛନ୍ତି।

# ହସ୍ତକ୍ଷେପ କରିବାକୁ ମନାକଲେ ହାଇକୋର୍ଟ

## ବିକୃତ ଗଣେଶ ମୂର୍ତ୍ତି ନିର୍ମାଣ ମାମଲା

କଟକ ଅଫିସ,୨୯।୮: ବିକୃତ ଗଣେଶ ମୂର୍ତ୍ତି ନିର୍ମାଣ ପ୍ରସଙ୍ଗକୁ ନେଇ ଆଗତ ମାମଲାରେ ହସ୍ତକ୍ଷେପ କରିବାକୁ ସୋମବାର ହାଇକୋର୍ଟ ମନା କରିଦେଇଛନ୍ତି। ଏଥିସହ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଏବଂ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଗଣେଶ ପୂଜା ଶାନ୍ତିଶୃଙ୍ଖଳାରେ ପରିଚାଳନା ପାଇଁ ପୋଲିସକୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

କଟକ ସହରସ୍ଥ କୁମ୍ଭାରସାହିର ମୃଣ୍ମୟୀ ଶିଳ୍ପୀ ନାରାୟଣ ମୁଦୁଲିଙ୍କ ପକ୍ଷରୁ ହାଇକୋର୍ଟରେ ଶୁକ୍ରବାର ଏନେଇ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। କରୋନା ମହାମାରୀ ଯୋଗୁ ଗତ ୨ବର୍ଷ ଧରି କାରିଗରମାନଙ୍କ ଜୀବିକା ପ୍ରଭାବିତ ହୋଇଥିଲା। ଚଳିତବର୍ଷ ଜାକଜମକରେ ଗଣେଶ ପୂଜା ପାଳନ ହେବାକୁ ଥିବାରୁ ମୂର୍ତ୍ତି କାରିଗରମାନେ ଲୋକଙ୍କ ଚାହିଦା ଓ ଅର୍ଡର ଅନୁସାରେ ମୂର୍ତ୍ତି ନିର୍ମାଣରେ ଲାଗିପଡ଼ିଥିଲେ। ହେଲେ ବିକୃତ ମୂର୍ତ୍ତି ନିର୍ମାଣ କରାଗଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପକ୍ଷରୁ ତାଗିଦା କରାଯିବା ସହ ଧମକଚମକ ଦିଆଯାଇଥିବା ନେଇ ଆବେଦନରେ ଦର୍ଶାଯାଇଥିଲା। ଏଥିସହ ମଣ୍ଡପରେ ରୁଦ୍ରଗଣେଶଙ୍କ ମୂର୍ତ୍ତି ପୂଜା ନିମନ୍ତେ ଅନୁମତି ଦେବାକୁ ହାଇକୋର୍ଟଙ୍କୁ ଆବେଦନକାରୀଙ୍କ ପକ୍ଷରୁ ନିବେଦନ କରାଯାଇଥିଲା। ଅପରପକ୍ଷରେ କୌଣସି ଧମକଚମକ ଦିଆଯାଇନାହିଁ, କେବଳ ବିକୃତ ମୂର୍ତ୍ତି ତିଆରିକୁ ବାରଣ କରାଯାଇଛି ବୋଲି କମିଶନରେଟ ପୋଲିସ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଗଣେଶ ପୂଜା ପାଇଁ ଥିବା ସ୍ୱଳ୍ପ ସମୟ ଅବଧି ମଧ୍ୟରେ ମୂର୍ତ୍ତି ବିକୃତ କି ନୁହେଁ ନିଶ୍ଚିତ କରିବା ସମ୍ଭବ ନୁହେଁ ବୋଲି ମତ ଦେଇ ଅଦାଲତ ହସ୍ତକ୍ଷେପ ଲାଗି ମନା କରିଦେଇଥିଲେ। ଏଥିସହ ବିକୃତ ଗଣେଶ ମୂର୍ତ୍ତିକୁ ନେଇ ଲୋକଙ୍କ ଅସନ୍ତୋଷ ରହୁଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ନିମନ୍ତେ ପୋଲିସକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଶିଷ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।


ଡେଙ୍ଗୁ ରୋଗର ପ୍ରତିରୋଧ ସମ୍ଭବ

ଡେଙ୍ଗୁ ରୋଗର ନିରାକରଣ ପାଇଁ କିଛି ଜାଣିବା କଥା

DSPL - 152



ଡେଙ୍ଗୁ ମଶା ଅଣ୍ଡା ଦେବା ସ୍ଥାନ



କରନ୍ତୁ :

- ପାଣି ଟାଙ୍କି/କୁଣ୍ଡ,ଏବଂ ପାଣି ରହୁଥିବା ପାତ୍ରକୁ ଭଲଭାବରେ ଢାଙ୍କୁଣୀ ଘୋଡାଇ ରଖନ୍ତୁ।
- ଅଦରକାରୀ ବସ୍ତୁ ଯଥା ଟାୟାର,ମାଟି ପାତ୍ର, ପଇଡ ଖୋଳପା ଆଦି ସମସ୍ତ ଆବର୍ଜନାକୁ ନଷ୍ଟ କରିଦିଅନ୍ତୁ।
- ପ୍ରତି ସପ୍ତାହରେ ଥରେ ପାଣିକୁଣ୍ଡ, କୁଲର ଇତ୍ୟାଦିକୁ ସଫା କରିବା ସହିତ ପାଣି ବଦଳାଇ ଦିଅନ୍ତୁ।
- ଡେଙ୍ଗୁ ରୋଗ ପ୍ରାଦୁର୍ଭାବ ସମୟରେ ଡେଙ୍ଗୁ ସଂକ୍ରମଣ ପ୍ରତିରୋଧ ପାଇଁ ଘରେ ଏବଂ ହସ୍ପିଟାଲ୍‌ରେ ମଶାରୀ ବ୍ୟବହାର କରନ୍ତୁ।
- ମଶା କାମୁଡାରୁ ରକ୍ଷା ପାଇବା ପାଇଁ ପୁରା ଦେହକୁ ଘୋଡାଇ ରଖିବା ଭଳି ପୋଷାକ ପିନ୍ଧନ୍ତୁ କିମ୍ବା ମଶା ନିବାରକ ମଲମ ଲଗାନ୍ତୁ।
- ଜ୍ୱର ହେଲେ ପାରାସିଟାମଲ୍ ବଟିକା ଖାଆନ୍ତୁ

କରନ୍ତୁ ନାହିଁ :

- ଘରେ ବା ଆଖପାଖରେ ଥିବା ଅଦରକାରୀ ବସ୍ତୁ ଯଥା ପାଣିକୁଣ୍ଡ, ଟାୟାର,ମାଟି ପାତ୍ର, ପଇଡ ଖୋଳପା ଆଦିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । (ଉପରୋକ୍ତ ଅଦରକାରୀ ବସ୍ତୁ ଗୁଡିକରେ ବର୍ଷାଦିନେ ଜମି ରହିଥିବା ପାଣିରେ ଏଡିସ୍ ମଶା ଅଣ୍ଡାଦେଇଥାଏ )
- ଡେଙ୍ଗୁ ରୋଗ ପାଇଁ କୌଣସି ସ୍ୱତନ୍ତ୍ର ଔଷଧ ନାହିଁ । ଡାକ୍ତରଙ୍କ ବିନା ପରାମର୍ଶରେ ମନକୁ ମନ କିଛି ବି ଔଷଧ ଖାଆନ୍ତୁ ନାହିଁ।
- ଡେଙ୍ଗୁ ହୋଇଥିବା ସନ୍ଦେହ ହେଲେ ପ୍ଲେଟ୍‌ଲେଟ୍ କାଉଣ୍ଟ ରିପୋର୍ଟ ପାଇଁ ଅପେକ୍ଷା ନକରି ତୁରନ୍ତ ଆବଶ୍ୟକୀୟ ପ୍ରତିକାର କରନ୍ତୁ।
- ସବୁ ଡେଙ୍ଗୁ ରୋଗୀ ଡାକ୍ତରଖାନାରେ ଆଡମିଶନ୍ ହେବା ଆବଶ୍ୟକ ନଥାଏ । ତେଣୁ ଏଥିପାଇଁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସିତ ହୁଅନ୍ତୁ।

ଏଡିସ୍ ମଶା କାମୁଡିବା ଦ୍ୱାରା ଡେଙ୍ଗୁ ରୋଗ ହୋଇଥାଏ । ଏହି ମଶା ସାଧାରଣତଃ ଦିନବେଳା କାମୁଡିଥାଏ ।

facebook.com/HFWOdisha
http://www.health.odisha.gov.in/
@HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

OIPR-10003/13/0065/2223

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅଭିଜିତ୍
ପରିବାରବର୍ଗ


ଅଭିଷେକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ ପଛକେ ଅଧୁଆ ହେଉ**
**ପେଯ ହେଉ ବହଳିଆ**
**ଘଇତା ପଛକେ ସନ୍ତିଆ ହେଉ**
**ଲୁଗା ହେଉ ତଉଁରିଆ।**

କେତେକ ମହିଳା ସ୍ତ୍ରୀଧର୍ମ ପାଳନ କରି ନ ଥାନ୍ତି। ସ୍ୱାମୀ ପଛେ ବୈରାଗୀ ହେଉ, ଯାହିତାହି ଜୀବନ ବିତାଉ ସେଥିକୁ ପରବାୟ ନ କରି ନିଜେ କେମିତି ଭଲରେ ଖାଇବ, ପିନ୍ଧିବ ତଥା ଚଳିବ ସେ କଥାକୁ ଅଧିକ ପ୍ରାଧାନ୍ୟ ଦେଇଥାନ୍ତି। ସ୍ୱାମୀର ଚଳଣି ତଥା ରୋଜଗାର ଦେଖି ସ୍ତ୍ରୀ ନିଜର ଆବଶ୍ୟକତା ପୂରଣ କରିବା ଶୋଭନୀୟ ହେଉଥିବା ସ୍ଥଳେ ସ୍ୱାମୀକୁ ପଛ କରି ସ୍ତ୍ରୀ ନିଜର ଲାଳସା ପୂରଣ ପାଇଁ ଆଗଭର ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଚି ଚିଆଁ ଶାରୀ
ଚିକ୍କଣିଆ ଭଣ୍ଡାରି
ଚାହିଁ ଜଳକୀ ବିଟପୀ ନାରୀ
ସଖୀ ବଡ଼ ମନ୍ଦ ଏ।

ଅହରହ ରା କରୁଥିବା ଶାରୀକୁ କେହି ପସନ୍ଦ କରିନଥାନ୍ତି। ସେହିପରି ଚିକ୍କଣିଆ କଥା କହୁଥିବା ଭଣ୍ଡାରି ଓ ବିଟପୀ ନାରୀ, ଏମାନେ ସମସ୍ତେ ଖରାପ ସ୍ୱଭାବର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଦୁର୍ବଳ ମୌସୁମୀ ଯୋଗୁ ବଢୁଛି ତାପମାତ୍ରା

**୬ ସ୍ଥାନରେ ୩୫ ଡିଗ୍ରୀ ଉପରେ ପାରଦ**

ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

ଦୁର୍ବଳ ମୌସୁମୀ ପ୍ରଭାବରେ ରାଜ୍ୟରେ ତାପମାତ୍ରା ବଢ଼ି ଚାଲିଛି। ବର୍ଷା ଋତୁରେ ଗ୍ରୀଷ୍ମର ଅନୁଭବ ହେଉଛି। ମଝିରେ ମଝିରେ କେଉଁଠି କେମିତି ବର୍ଷା ହେଉଥିଲେ ମଧ୍ୟ ତାତି ଓ ଗୁଳୁଗୁଳି ଜନଜୀବନକୁ ପ୍ରଭାବିତ କରୁଛି। ସୋମବାର ରାଜ୍ୟର ୬ ସ୍ଥାନରେ ୩୫ ଡିଗ୍ରୀ ଉପରେ ପାରଦ ରହିଥିଲା। ଚାନ୍ଦବାଲିରେ ସର୍ବାଧିକ ୩୫.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ବୌଦ୍ଧ ୩୫.୫, ସମ୍ବଲପୁର ୩୫.୪, ଭବାନିପାଟଣା ୩୫.୨, ଅନୁଗୋଳ ୩୫.୧ ଓ କଟକ ୩୫ ଡିଗ୍ରୀ ରହିଥିଲା। ସେହିପରି ଭୁବନେଶ୍ୱରରେ ୩୪.୫, ଟିଟିଲାଗଡ଼ ୩୪.୨, ମାଲକାନଗିରି ୩୪.୫, ସୋନପୁର ୩୪.୨, ନୟାଗଡ଼ ୩୪, ଭଦ୍ରକ ୩୪, ଯାଜପୁର ୩୪, ଢେଙ୍କାନାଳ ୩୪ ଓ ବରଗଡ଼ରେ ୩୪.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଦୁର୍ବଳ ମୌସୁମୀ ଯୋଗୁ ଦିନର ତାପମାତ୍ରାରେ ବୃଦ୍ଧି ପାଉଛି। ଉଚ୍ଚ ତାପମାତ୍ରା ଓ ଆର୍ଦ୍ରତା ପ୍ରଭାବରେ ଉପକୂଳ ଓଡ଼ିଶାରେ ଗୁଳୁଗୁଳି ଅନୁଭୂତ ହେଉଛି।

ଅନ୍ୟପକ୍ଷରେ ରାଜ୍ୟରେ ଆଉ ୪ରୁ ୫ଦିନ ସ୍ୱଳ୍ପ ଧରଣର ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସୋମବାର ଢେଙ୍କାନାଳରେ ସର୍ବାଧିକ ୧୨.୨ମିମି ବର୍ଷା ରେକର୍ଡ କରାଯାଇଛି। ସୋନପୁର, ଦାରିଙ୍ଗବାଡ଼ି, ପାରଳାଖେମୁଣ୍ଡି, କଟକ, ଝାରସୁଗୁଡ଼ା, କେନ୍ଦୁଝର, ତାଳଚେରରେ ମଧ୍ୟ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଆସନ୍ତା ଦୁଇଦିନ କିଛି ସ୍ଥାନରେ ବର୍ଷା ହେବ। ୧ ଓ ୨ ତାରିଖ ଦିନ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଆଦି ୧୯ଟି ଜିଲାର ବିଭିନ୍ନ ଅଞ୍ଚଳରେ ବର୍ଷା ହେବ। ସେହିଭଳି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ୧୧ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବ। ତେବେ ୧ ତାରିଖ ଦିନ ବଜ୍ରପାତ ନେଇ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, କେନ୍ଦୁଝର, ମୟୂରଭଞ୍ଜ ଓ କନ୍ଧମାଳ ଆଦି ୯ଟି ଜିଲାକୁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପାରିବାରିକ କ୍ଷେତ୍ରରେ ଦୀର୍ଘଦିନରୁ ଲାଗି ରହିଥିବା ମନୋମାଳିନ୍ୟ ଦୂରେଇନେବା ପାଇଁ ପ୍ରଯତ୍ନ କରିବେ। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ସକାଳୁ ସକାଳୁ ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ମାଙ୍ଗଳିକ କାମରେ କେତେକାଂଶରେ ପ୍ରତିବନ୍ଧକ ଦେଖାଦେବ।

**ବୃଷ**
ଆଜିର ପ୍ରତ୍ୟୁଷ ଯାତ୍ରା ମଙ୍ଗଳମୟ ହେବ ଓ ଆଶା ପୂରଣରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ବିବାଦୀୟ ଘଟଣା ଗୁରୁତର ହେବ ନାହିଁ ଅବଶ୍ୟ ଆପଣ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବେ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ।

**ମିଥୁନ**
ଯେକୌଣସି ପ୍ରକାରେ ନିଜର କାମ ହାସଲ ପାଇଁ ଚେଷ୍ଟିତ ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। କେତେକ କାମରେ ଅକୃତକାର୍ଯ୍ୟ ହେବା ଯୋଗୁ ବ୍ୟସ୍ତ ରହିବେ। ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ କ୍ଷେତ୍ରରେ ନିଜର ପ୍ରାଧାନ୍ୟ ଅକ୍ଷୁଣ୍ଣ ରହିବ।

**କର୍କଟ**
କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି ଏବଂ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ଅବହେଳା କରି ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ପରେ ଅନୁତାପ କରିବାକୁ ପଡ଼ିପାରେ । ଆନୁଷ୍ଠାନିକ କାମରେ ସମ୍ମାନିତ ହେବାର ସୌଭାଗ୍ୟ ଲାଭ କରିପାରନ୍ତି।

**ସିଂହ**
ଆତ୍ମୀୟସ୍ୱଜନଙ୍କ ସାହାଯ୍ୟ ଓ ସହଯୋଗ ଲାଭକରି କାର୍ଯ୍ୟ ସାଧନ କରିବେ। କାମଗୁଡ଼ିକ ନିର୍ଦ୍ଦିଷ୍ଟ ସମୟରେ ନ ହେବା କାରଣରୁ ଅନ୍ୟ ଉପରେ ବିରକ୍ତ ହେବେ। କଳା, ସାହିତ୍ୟ କ୍ଷେତ୍ରରୁ ସୁଫଳ ମିଳିବ, ମାତ୍ର ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ । ଛୋଟବଡ଼ କେତେକ ସମସ୍ୟା କର୍ମକ୍ଷେତ୍ରରେ ପରିଲକ୍ଷିତ ହୋଇପାରେ।

**କନ୍ୟା**
ପାରିବାରିକ କ୍ଷେତ୍ରର କୌଣସି କଥା ମନକୁ ବାରମ୍ବାର ଆଲୋଡ଼ିତ କରିବ। ଅପ୍ରିୟ ସତ କଥା କହିବା କାରଣରୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ । ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ।

**ତୁଳା**
କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଅନ୍ୟମାନଙ୍କର ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିପାରନ୍ତି। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିପାରେ, ଯାହାକି ବନ୍ଧୁଙ୍କ ସାହାଯ୍ୟରୁ ଘଟିବ । ସାଧାରଣ କଥାରେ ଯୁକ୍ତିତର୍କ ବୃଦ୍ଧି ପାଇବା କାରଣରୁ ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ।

**ବିଛା**
ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ଲକ୍ଷ୍ୟକରି ଆଶ୍ୱସ୍ତି ଲାଭ କରିବେ । ଆକସ୍ମିକ ଭାବରେ କୌଣସି ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ । ଉପରିସ୍ଥଙ୍କ ଆଦେଶାନୁସାରେ କିମ୍ବା ଘରୋଇ କାମରେ ହେଉନା କାହିଁକି ଆପଣଙ୍କୁ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବାକୁ ପଡ଼ିବ । ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

**ଧନୁ**
ନିକଟ ଅତୀତରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ଖଳଲୋକଙ୍କ ଦ୍ୱାରା କରାଯାଇଥିବା ଦୁରଭିସନ୍ଧିଜନିତ ପରିସ୍ଥିତିରେ ଅପମାନଜନକ ସ୍ଥିତିରୁ ଖସିଯାଇପାରନ୍ତି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାରୁ ମାନସିକ ଅସ୍ଥିରତା ସୃଷ୍ଟିହେବ । କ୍ରୀଡ଼ା, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ସଫଳତା ମିଳିପାରେ।

**ମକର**
ସାମୟିକ ଭାବରେ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଅଂଶୀଦାର ବ୍ୟବସାୟୀମାନଙ୍କ ସହ ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। ଆକସ୍ମିକ କୌଣସି ସମସ୍ୟାର ସମ୍ମୁଖୀନ ହେବା କାରଣରୁ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ।

**କୁମ୍ଭ**
ଆଜି ଦିନଟିରେ କେତେକ ପୁରାତନ କାମ ଶେଷ କରିବାକୁ ଅଗ୍ରାଧିକାର ଦେବେ। ଜମିଜମା ସମ୍ପର୍କିତ ବିବାଦର ଆଶୁ ସମାଧାନ ହୋଇଯିବ। ଯାନବାହନ, ନିର୍ମାଣ, ଶିଳ୍ପ, ବାଣିଜ୍ୟାଦିରେ ଶୁଭଫଳ ପାଇବେ। ବିଭିନ୍ନ କାମରେ ବ୍ୟସ୍ତ ରହି ମୂଳଲକ୍ଷ୍ୟକୁ ପାସୋରି ଦେବା କାରଣରୁ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ।

**ମୀନ**
ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର ନ କଲେ ଅପଦସ୍ଥ ହେବେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇ ଦେବ। ନିର୍ଦ୍ଦିଷ୍ଟ ସମୟରେ କାମଟି ସମ୍ପୂର୍ଣ୍ଣ ନ ହେବା କାରଣରୁ ଅନ୍ୟ ଉପରେ ବିରକ୍ତ ହେବେ। ସାହିତ୍ୟ, ସାମ୍ବାଦିକତା, ସରକାରୀ ସ୍ତରର କାମ, ରାଜନୀତି, ସାଂଗଠନିକ କାର୍ଯ୍ୟ ନେଇ କାମର ଚାପ ବୃଦ୍ଧି ପାଇବ।


## classifieds Everyday
0674-2580101, 2549302

real estate

construction

**SALE**

**Infocity-II, Madanpur ପାଖରେ 2000sqft.କୁ 24,00,000/- ଟଙ୍କାରେ ପାଚେରି ସହ plot ବିକ୍ରିହେବ। 7978617023.** D-1270

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-73299

**Bhubaneswar Sum Hospital ପାଖ ଘଙ୍ଗାପାଟନାରେ ସ୍ଥିତିବାନ ଗୃହୋପଯୋଗୀ ପ୍ଲଟ୍ 30' road, ଇଲେକ୍ଟ୍ରିସିଟି, ବାଉଣ୍ଡରୀ, ପୋଜେସନ ସହ ସମ୍ପୂର୍ଣ୍ଣ develop ହୋଇ ମିଳୁଛି। 9090963952.** D-73300

Bhubaneswar କାଟେଣୀ-ପିତାପଲ୍ଲୀ ଏରିଆରେ 2000sqft. gharabari plot ୨୮ଟି ବିକ୍ରିହେବ। 9938016295. D-74104

**NH side commercial plot Niali Road, 6 Km. from Nakhara, Cuttack. 7809525452.** D-73959

1600sqft. ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। ରବିଟକିଜ୍‌ରୁ 1.5 ମିଟର। 9827119799. D-73864

**Bhubaneswar Sum Hospital 6K.M. ଦୂରରେ କଣ୍ଟାବାଡ଼ଠାରେ NH-16A ରୋଡ୍‌ରୁ ୧୦୦ଫୁଟ ଛାଡ଼ି 30' ROAD, ଘରବାରି, ବାଉଣ୍ଡରୀ, ଇଲେକ୍ଟ୍ରି ସହ ପ୍ଲଟ୍ ମିଳୁଛି। 9090963952.** D-74101

**ଭୁବନେଶ୍ୱର ହଂସପାଳଛକରୁ ମାତ୍ର 5K.M. ବ୍ୟବଧାନରେ ନୀଳକଣ୍ଠେଶ୍ୱର ମନ୍ଦିରକୁ ଲାଗି 2800sqft. ଘରବାରି ଜାଗା ପାଚେରି ସହ ବିକ୍ରିହେବ। sqft. 1250/-, 9040744989, 9776366322, 7873219026.** D-74103

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-73297

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1116

healthcare

Mesmerizing, energetic body, mind qualitative relaxing massage experienced therapists. 7751083098. D-73865

Newly open full body massage 1099 free massage one. Mo: 9583808247. D-1164

Fullbody relax massage refresh your body with trend therapist. 7008773793. D-73635

**One hour any therapy by expert therapist @999 only. 9078484455.** D-73637

Newly open full body massage ladies and gents. 8327740003, 8093860513. D-73958

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73957

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୨୦୦୫.୮୯ କୋଟି ଖର୍ଚ୍ଚରେ ନିଯୁକ୍ତି ପାଇବେ ୩୫୪୫

**୧୦ ପୁଞ୍ଜିନିବେଶ ପ୍ରସ୍ତାବକୁ ସିଙ୍ଗିଲୱିଣ୍ଡୋ ମଞ୍ଜୁରୀ**

ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

ରାଜ୍ୟର ଆଗଧାଡ଼ିର ମିଡିଆ କମ୍ପାନୀ 'ସୁମା ରିଅଲ ମିଡିଆ ପ୍ରାଇଭେଟ୍ ଲିମିଟେଡ୍' ଭୁବନେଶ୍ୱରର ଗୋଠପାଟଣାଠାରେ ଏକ ଔଷଧ ନିର୍ମାଣ କମ୍ପାନୀ ଖୋଲିବ। ଏଥିପାଇଁ କମ୍ପାନୀ ପ୍ରାୟ ୨୦୦ କୋଟି ଟଙ୍କା ବ୍ୟୟ କରିବ। ଏଠାରୁ ବାର୍ଷିକ ୧.୬ ବିଲିୟନ ୟୁନିଟ୍ ଔଷଧ ପ୍ରସ୍ତୁତ ହେବ ବୋଲି ଜଣାପଡ଼ିଛି। ସୋମବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗିଲୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ଏହି ପ୍ରକଳ୍ପ ସମେତ ମୋଟ ୨୦୦୫.୮୯ କୋଟି ଟଙ୍କାର ୧୦ଟି ପୁଞ୍ଜିନିବେଶ ପ୍ରସ୍ତାବକୁ ସିଙ୍ଗିଲୱିଣ୍ଡୋ ମଞ୍ଜୁରୀ ଦେଇଛନ୍ତି। ଏହାଦ୍ୱାରା ରାଜ୍ୟରେ ଅତିରିକ୍ତ ୩୫୪୫ ଜଣ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ସୁମା ରିଅଲ ମିଡିଆ ପ୍ରାଃ ଲିଃକୁ ଖୋର୍ଦ୍ଧା ଜିଲାର ଗୋଠପାଟଣାଠାରେ ଔଷଧ ପ୍ରସ୍ତୁତ ନିର୍ମାଣ କାରଖାନା ଏବଂ ଔଷଧ ଗବେଷଣା-ବିକାଶ କେନ୍ଦ୍ର ସ୍ଥାପନ କରିବ। ଏଥିରେ ୧୨୮୦ଜଣଙ୍କୁ ନିଯୁକ୍ତି ମିଳିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ସିଙ୍ଗିଲୱିଣ୍ଡୋ କ୍ଲିଅରାନ୍ସ ପାଇଥିବା ଅନ୍ୟ ପୁଞ୍ଜିନିବେଶ ପ୍ରସ୍ତାବ ମଧ୍ୟରେ ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ଲିଃକୁ ଯାଜପୁରର ଦାନଗଦିଠାରେ ୨୦୫.୪୪ କୋଟି ଟଙ୍କା ବ୍ୟୟରେ କାର୍ବନ ଇଲୋକ୍ଟ୍ରୋଡ୍ ପେଷ୍ଟ ମ୍ୟାନୁଫାକ୍ଚରିଂ ପ୍ଲାଣ୍ଟ (୧ଲକ୍ଷ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ) ନିର୍ମାଣ କରିବ। ଜଗତସିଂହପୁରର ପାରାଦୀପଠାରେ ସାଇ ବଲକ୍ ବ୍ୟାଗସ୍ ପ୍ରାଃ ଲିଃ ୧୩୫.୯୫ କୋଟି ଟଙ୍କା ବ୍ୟୟରେ ବାର୍ଷିକ ୧,୪୪,୦୦୦ ମେଟ୍ରିକ୍ ଟନ୍ କେମିକାଲ (ସଲଫୁରିକ୍ ଏସିଡ୍) ଓ ୨୪,୦୦୦ ମେଟ୍ରିକ ଟନ୍ ଫାଇନ୍ ଫ୍ୟାବ୍ରିକ୍ ପ୍ରସ୍ତୁତ ନିମନ୍ତେ କାରଖାନା ନିର୍ମାଣ କରିବ। ଏହାଦ୍ୱାରା ଯଥାକ୍ରମେ ୨୬୦ ଓ ୩୦୧ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସିଙ୍ଗିଲୱିଣ୍ଡୋ ଅଥରିଟି ଏହି ପୁଞ୍ଜିନିବେଶ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। ସେହିପରି ୟୁନାଇଟେଡ୍ ଫେରୋକାଷ୍ଟ ପ୍ରାଃ ଲିଃ ଦ୍ୱାରା ଯାଜପୁରର ବଡ଼ଚଣାଠାରେ ବାର୍ଷିକ ୦.୧୧ ନିୟୁତ ଟନ୍ ଫେରୋ ଆଲୟେଜ୍ ପ୍ଲାଣ୍ଟ ନିର୍ମାଣ କରାଯିବ। ଏଥିପାଇଁ କମ୍ପାନୀ ୨୬୧.୧ କୋଟି ଟଙ୍କା ବ୍ୟୟ କରିବ ଓ ୩୭୬ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। କେନ୍ଦୁଝରର ଝାମ୍ପୁରାରେ ବାର୍ଷିକ ୩ ନିୟୁତ ମେଟ୍ରିକ ଟନ୍ ପେଲେଟ୍ ପ୍ଲାଣ୍ଟ ଓ ୫ ନିୟୁତ ମେଟ୍ରିକ ଟନ୍ ଲୁହାପଥର ବେନିଫିକେସନ୍ ପ୍ଲାଣ୍ଟ ନିର୍ମାଣ ପାଇଁ ବାଲେଷ୍ଟୋ ଏଣ୍ଟରପ୍ରାଇଜେସ୍ ପ୍ରାଃ ଲିଃକୁ ସିଙ୍ଗିଲୱିଣ୍ଡୋ ମଞ୍ଜୁରୀ ମିଳିଛି। କମ୍ପାନୀ ଏଥିପାଇଁ ୭୭୫ କୋଟି ଟଙ୍କା ନିବେଶ କରିବ। ଏହାଦ୍ୱାରା ୩୧୪ ଜଣଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇ ଦେବ। ଖୋର୍ଦ୍ଧାର ଡେରାସସ୍ଥିତ ସି'ଫୁଡ୍ ପାର୍କରେ ଚିଙ୍ଗୁଡ଼ି ପ୍ରୋସେସିଂ ୟୁନିଟ୍ ସ୍ଥାପନ ନିମନ୍ତେ ଡିଏନ୍ ସି ସେଲ ପ୍ରାଃ ଲିଃ କମ୍ପାନୀକୁ ୫୦.୪୦ କୋଟି ଟଙ୍କା ନିବେଶ କରିବାକୁ ସିଙ୍ଗିଲୱିଣ୍ଡୋ ମଞ୍ଜୁରୀ ମିଳିଛି। ଏହାଦ୍ୱାରା ୪୦୯ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ମେ' ଫେୟାର ହୋଟେଲସ ଆଣ୍ଡ ରିସୋର୍ଟକୁ ଗଞ୍ଜାମ ଜିଲାର ଗୋପାଳପୁରସ୍ଥିତ ନିଜର ୟୁନିଟକୁ ସମ୍ପ୍ରସାରଣ କରିବା ପାଇଁ ଅନୁମତି ମିଳିଛି। ମେ'ଫେୟାର ପାମ୍ ବିଚ୍ ରିସୋର୍ଟ ସମ୍ପ୍ରସାରଣ ପାଇଁ କମ୍ପାନୀ ୮୫ କୋଟି ଟଙ୍କା ନିବେଶ କରିବ। ଏହାଦ୍ୱାରା ଅତିରିକ୍ତ ୧୨୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଯାଜପୁରର ବାଘୁଆପାଳଠାରେ ନରେଶ କୁମାର ଆଣ୍ଡ କୋ ପ୍ରାଃ ଲିଃ ଦ୍ୱାରା ୱେୟାରହାଉସ୍ ତଥା ଲଜିଷ୍ଟିକ୍ ପାର୍କ ସ୍ଥାପନ କରାଯିବ। ଏଥିପାଇଁ ସଂସ୍ଥା ପକ୍ଷରୁ ୧୨୫ କୋଟି ଟଙ୍କା ବ୍ୟୟ ହେବ। ୨୦୦ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ରୁନୟା ଆଲୁମିନିୟମ ପ୍ରାଃ ଲିଃ ୮୦ କୋଟି ଟଙ୍କା ବ୍ୟୟରେ ଝାରସୁଗୁଡ଼ା ଜିଲାରେ ୫ ହଜାର ମେଟ୍ରିକ ଟନ୍ ଆଲୁମିନିୟମ ପାଉଡର ଆଣ୍ଡ ପିଗମେଣ୍ଟ ପ୍ଲାଣ୍ଟ ନିର୍ମାଣ କରିବ। ଏହାଦ୍ୱାରା ୧୨୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

# ଅବସରପ୍ରାପ୍ତ ଏସ୍‌ଡିଓଙ୍କୁ ୩ବର୍ଷ ଜେଲଦଣ୍ଡ

**୨୫ ବର୍ଷ ପରେ ରାୟ**

**ଅଟାକଳକୁ ବିଦ୍ୟୁତ୍ ସଂଯୋଗ ପାଇଁ ଲାଞ୍ଚ ନେଉଥିଲେ**

ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

ଏକ ଲାଞ୍ଚ କାରବାର ମାମଲାରେ ଦୀର୍ଘ ୨୫ବର୍ଷ ପରେ ସୋମବାର ରାୟ ପ୍ରକାଶ ପାଇଛି। ବିଦ୍ୟୁତ୍ ବିଭାଗର ଅବସରପ୍ରାପ୍ତ ଏସ୍‌ଡିଓ (ଇଲେକ୍ଟ୍ରିକାଲ) ଉମେଶ ପ୍ରସାଦ ଦାସଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଏଥିସହ ତାଙ୍କୁ ୨୦ ହଜାର ଟଙ୍କା ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ହେଲେ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବାକୁ ଭୁବନେଶ୍ୱର ତୃତୀୟ ଅତିରିକ୍ତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ସସ୍ମିତା ପାଢ଼ୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ସୂଚନା ଅନୁଯାୟୀ, ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଶରଧାପୁର ଗ୍ରାମର ରବି ନାରାୟଣ ନନ୍ଦ ତାଙ୍କ ଅଟା କଳକୁ ବିଦ୍ୟୁତ୍ ସଂଯୋଗ ନେବାକୁ ବିଦ୍ୟୁତ୍ ବିଭାଗରେ ଆବେଦନ କରିଥିଲେ। ଏଥିପାଇଁ ତତ୍‌କାଳୀନ ଏସ୍‌ଡିଓ ଉମେଶ ପ୍ରସାଦ ୧୫୦୦ ଟଙ୍କା ଲାଞ୍ଚ ମାଗିଥିଲେ। ରବି ତାଙ୍କୁ ୧ହଜାର ଟଙ୍କା ଦେବାପରେ ମଧ୍ୟ ସେ ବାକି ୫୦୦ଟଙ୍କା ମାଗିଥିଲେ। ୧୯୯୬ ଅକ୍ଟୋବର ୩୧ରେ ବକେୟା ୫ଶହ ଟଙ୍କା ଗ୍ରହଣ କରିବା ସମୟରେ କଟକ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଉମେଶଙ୍କୁ ଗିରଫ କରିଥିଲା। ଏନେଇ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୮୬/୧୯୯୬) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାରେ ୮ଜଣ ସାକ୍ଷୀ ଓ ଅନ୍ୟାନ୍ୟ ଦସ୍ତାବିଜ ଆଧାରରେ ରାୟ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ ସରକାରୀ ଓକିଲ କାମଦେବ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଆତ୍ମହତ୍ୟା: ଦିନ...

ପାଇଛି। ୨୦୨୧ରେ ମୋଟ ୧ ଲକ୍ଷ ୬୪ ହଜାର ୩୩ ଆତ୍ମହତ୍ୟା ଘଟଣା ସାମ୍ନାକୁ ଆସିଛି। ୨୦୨୦ରେ ଏହି ସଂଖ୍ୟା ଥିଲା ୧ ଲକ୍ଷ ୫୩ ହଜାର ୫୨। ପାରିବାରିକ ସମସ୍ୟା, ଅସୁସ୍ଥତା, ବୃତ୍ତିଗତ ସମସ୍ୟା, ଏକଲାପଣ, ହିଂସା, ନିଶା ଆସକ୍ତ ଏବଂ ଆର୍ଥିକ କ୍ଷତି ଆତ୍ମହତ୍ୟାର ମୁଖ୍ୟ କାରଣ ବୋଲି ଏନ୍‌ସିଆର୍‌ବି ୨୦୨୧ ରିପୋର୍ଟରେ ଦର୍ଶାଯାଇଛି। ଅନ୍ୟ କାରଣଗୁଡ଼ିକ ମଧ୍ୟରେ ପ୍ରେମ ବ୍ୟାପାର, ବୈବାହିକ ବିବାଦ, ସାମାଜିକ ମର୍ଯ୍ୟାଦା ହାନି, ପରୀକ୍ଷାରେ ବିଫଳତା, ସମ୍ପତ୍ତି ବିବାଦ, ଆତ୍ମୀୟଙ୍କୁ ହରାଇବା, ଅଭାବ ଅନଟନ, ଅଣନିଯୁକ୍ତି ଏବଂ ଅବୈଧ ସମ୍ପର୍କ ଅନ୍ୟତମ। ବୃତ୍ତି ତଥା ପେସାଗତ ସମସ୍ୟା ଜନିତ ଆତ୍ମହତ୍ୟା କ୍ଷେତ୍ରରେ ଦୈନିକ ମଜୁରିଆଙ୍କ ସଂଖ୍ୟା ସର୍ବାଧିକ ୨୫.୬% ଥିବାବେଳେ ୧୨.୩% ଆତ୍ମନିଯୁକ୍ତିଧାରୀ, ୯.୭% ଦରମାଭୋଗୀ, ୦.୯% ଅବସରପ୍ରାପ୍ତ କର୍ମଚାରୀ ରହିଛନ୍ତି। ସେହିପରି କୃଷି କ୍ଷେତ୍ରରେ ନିଯୁକ୍ତ ୬.୬ ପ୍ରତିଶତ ବ୍ୟକ୍ତି ଏବଂ ନିଯୁକ୍ତିରୁ ବଞ୍ଚିତ ୮.୪ ପ୍ରତିଶତ ବ୍ୟକ୍ତି ଜୀବନ ହାରିବା ଭଳି ଚରମପନ୍ଥାକୁ ବାଛି ନେଇଛନ୍ତି। ଛାତ୍ରୀଛାତ୍ରଙ୍କ ସଂଖ୍ୟା ରହିଛି ୮%।

ଦେଶର ୫ ବଡ଼ ରାଜ୍ୟରେ ୫୦.୩ ପ୍ରତିଶତ ଆତ୍ମହତ୍ୟା ଘଟଣା ଘଟିଛି। ସେଥିମଧ୍ୟରୁ ମହାରାଷ୍ଟ୍ରରେ ସର୍ବାଧିକ ୨୨,୨୦୭ (୧୩.୫%) ଘଟଣା ଘଟିଥିବାବେଳେ ତାମିଲନାଡୁରେ ୧୮,୯୨୫ (୧୧.୫%), ମଧ୍ୟପ୍ରଦେଶରେ ୧୪,୯୬୫ (୯.୧%), ପଶ୍ଚିମବଙ୍ଗରେ ୧୩,୫୦୦ (୮.୨%) ଏବଂ କର୍ଣ୍ଣାଟକରେ ୧୩,୦୫୬(୮%) ଆତ୍ମହତ୍ୟା ଘଟିଥିବା ରିପୋର୍ଟରେ ଦର୍ଶାଯାଇଛି। ଅବଶିଷ୍ଟ ୨୩ ରାଜ୍ୟ ଏବଂ ୮ କେନ୍ଦ୍ର ଶାସିତ ଅଞ୍ଚଳରେ ୪୯.୭% ମାମଲା ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ଓଡ଼ିଶାରେ ୫୫୬୧(୩.୪%) ଆତ୍ମହତ୍ୟା ଘଟିଛି, ଯାହାକି ୨୦୨୦ ତୁଳନାରେ ୧୫ ଅଧିକ। ପାରିବାରିକ ସମସ୍ୟାରୁ ଆତ୍ମହତ୍ୟା କ୍ଷେତ୍ରରେ ଓଡ଼ିଶାରେ ସର୍ବାଧିକ ୪୦୩୩(୭୧.୪%)ଟି ଘଟଣା ଘଟିଛି। ଏ କ୍ଷେତ୍ରରେ ଓଡ଼ିଶା ୨୦୨୦ରେ ମଧ୍ୟ ଆଗରେ ରହିଥିଲା। ଉକ୍ତ ବର୍ଷ ମୋଟ ୫୫୪୬ ଆତ୍ମହତ୍ୟା ଘଟଣା ମଧ୍ୟରୁ ୪୫୦୬ଟି ଥିଲା ପାରିବାରିକ ସମସ୍ୟା।

୧ ଲକ୍ଷ ଜନସଂଖ୍ୟାକୁ ନେଇ ଆତ୍ମହତ୍ୟା ହାର ଆକଳନ କରାଯାଇଥାଏ। ତଦନୁଯାୟୀ ଦେଶରେ ୨୦୨୧ରେ ଆତ୍ମହତ୍ୟା ହାର ୧୨ ରହିଛି, ଯାହାକି ୧୯୬୭ ପରଠାରୁ ସର୍ବାଧିକ। ୨୦୧୦ରେ ଦ୍ୱିତୀୟ ସର୍ବାଧିକ ଆତ୍ମହତ୍ୟା ହାର (୧୧.୩୫) ରହିଥିଲା। ୨୦୨୧ ରିପୋର୍ଟ ଅନୁଯାୟୀ, ଆଣ୍ଡାମାନ ନିକୋବରରେ ଆତ୍ମହତ୍ୟା ହାର ସର୍ବାଧିକ ୩୯.୭ ରହିଥିବାବେଳେ ସିକିମ୍‌ରେ ୩୯.୨, ପୁଡୁଚେରୀରେ ୩୧.୮, ତେଲଙ୍ଗାନା ଓ କେରଳରେ ୨୬.୯ ଏବଂ ଓଡ଼ିଶାରେ ୧୨.୩ ରହିଛି। ୨୦୨୦ରେ ଦେଶର ଆତ୍ମହତ୍ୟା ହାର ୧୧.୩ ଥିବାବେଳେ ଓଡ଼ିଶାରେ ଥିଲା ୧୨.୨।

## ମହିଳା, ଶିଶୁ ବିରୋଧୀ...

୨୦୨୦ ତୁଳନାରେ ୧୬.୨% ବୃଦ୍ଧି ପାଇଥିବା ଏହି ରିପୋର୍ଟରୁ ଜଣାପଡ଼ିଛି। ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ, ୨୦୨୧ରେ ମହିଳା ବିରୋଧୀ ଅପରାଧ ମାମଲା ୪,୨୮,୨୭୮ ରହିଛି। ଏହି ସଂଖ୍ୟା ୨୦୨୦ରେ ୩,୭୧,୫୦୩ ରହିଥିଲା। ସ୍ୱାମୀ କିମ୍ବା ଶାଶୁଘର ଲୋକଙ୍କ ଦ୍ୱାରା ଅତ୍ୟାଚାର ଏବଂ ଅପରାଧର ଶିକାର ହୋଇ ଭାରତୀୟ ପେନାଲ କୋଡ୍(ଆଇପିସି)ରେ ପଞ୍ଜୀକୃତ ହୋଇଥିବା ମାମଲା ମୋଟ୍ କେସ୍‌ର ୩୧.୮%। ମହିଳାଙ୍କ ମର୍ଯ୍ୟାଦା ହାନି ପାଇଁ ଉଦ୍ଦିଷ୍ଟ ଆପରାଧିକ ମାମଲା ୨୦.୮% ରହିଥିବାବେଳେ ୧୭.୬% ଅପହରଣ କେସ୍ ରହିଛି। ସେହିପରି ଗତବର୍ଷ ପଞ୍ଜୀକୃତ ବଳାତ୍କାର ମାମଲା ୭.୪% ରହିଛି। ଅପରପକ୍ଷେ ୨୦୨୧ରେ ଶିଶୁଙ୍କ ପ୍ରତି ହୋଇଥିବା ଆପରାଧିକ ମାମଲା ସଂଖ୍ୟା ୧,୪୯,୪୦୪ ରହିଛି। ସେଥିମଧ୍ୟରୁ ଅଧିକାଂଶ କେସ୍ ଅପହରଣ ଜନିତ ହୋଇଥିବାବେଳେ ଏହାତଳକୁ ଯୌନଶୋଷଣ ଏବଂ ବଳାତ୍କାର ମାମଲା ରହିଛି। ୨୦୨୦ରେ ଶିଶୁ ବିରୋଧୀ ଅପରାଧ ମାମଲା ୧,୨୮,୫୩୧ ରହିଥିଲା। ଗତ ବର୍ଷ ପ୍ରତି ଲକ୍ଷେ ଶିଶୁରେ ୩୩.୬% ଅପରାଧର ଶିକାର ହୋଇଥିବାବେଳେ ୨୦୨୦ରେ ଏହି ହାର ୨୮.୯% ଥିଲା। ଏନ୍‌ସିଆର୍‌ବି ତଥ୍ୟରୁ ଆହୁରି ଜଣାପଡ଼ିଛି, ୨୦୨୧ରେ ମୋଟ ୬୦,୯୬,୩୧୦ ଆପରାଧିକ ମାମଲା ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ୩୬,୬୩,୩୬୦ କେସ୍ ଆଇପିସି ଅଧୀନରେ ଥିବାବେଳେ ୨୪,୩୨,୯୫୦ ମାମଲା ସ୍ୱତନ୍ତ୍ର ଏବଂ ସ୍ଥାନୀୟ ଆଇନ (ଏସ୍‌ଏଲ୍‌ଏଲ୍) ବଳରେ ପଞ୍ଜୀକୃତ ରହିଛି। ୨୦୨୦ ତୁଳନାରେ ମୋଟ ଆପରାଧିକ ମାମଲା ୭.୬% ହ୍ରାସ ପାଇଛି।

## ଦେଢ଼ ଲକ୍ଷରେ...

ଗିରଫ ଦୁଇଜଣଙ୍କୁ ଭୁବନେଶ୍ୱର ରେଞ୍ଜ୍ ଅଫିସ୍‌ରେ ରଖାଯାଇଛି। ମଙ୍ଗଳବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପଚରାଉଚରାବେଳେ ଦୁଇ ଅଭିଯୁକ୍ତଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ସେମାନେ ଜଟଣୀ ଅଞ୍ଚଳର ଜଣେ ବ୍ୟକ୍ତିଙ୍କଠାରୁ ୫୦ହଜାର ଟଙ୍କାରେ ଉକ୍ତ ବହୁରୂପୀ ଏଣ୍ଡୁଅ କିଣିଥିଲେ। ଗୋଟିଏ ଦିନ ରଖିବା ପରେ ତାକୁ ଦେଢ଼ଲକ୍ଷ ଟଙ୍କାରେ ବିକ୍ରି କରିବା ପାଇଁ ଯୋଜନା କରିଥିଲେ। ଏହି ଖବର ବନ ବିଭାଗ ପାଖରେ ପହଞ୍ଚିବା ପରେ ନଗର ବନଖଣ୍ଡ ଅଧିକାରୀ ଅଜିତ କୁମାର ଶତପଥୀଙ୍କ ନିର୍ଦ୍ଦେଶରେ ଭୁବନେଶ୍ୱର ବନାଞ୍ଚଳ ଓ ମଞ୍ଚେଶ୍ୱର ବନାଞ୍ଚଳର ୨୦ଜଣ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏସିଏଫ୍ ଅନନ୍ତ ପ୍ରଧାନଙ୍କ ନେତୃତ୍ୱରେ ଟିମ୍ ସଦସ୍ୟମାନେ ପୂରା ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିଥିଲେ। ପ୍ରଥମେ ଅଭିଯୁକ୍ତଙ୍କ ସହ କଥାହୋଇ ଏଣ୍ଡୁଅ କିଣିବା ପାଇଁ ଡିଲ୍ ହୋଇଥିଲା। ମୂଲଚାଲ ପରେ ଦେଢ଼ ଲକ୍ଷ ଟଙ୍କାରେ କଥା ଛିଣ୍ଡିଥିଲା। ସେହି ଅନୁସାରେ ଅଜା ଓ ନାତି ଭୁବନେଶ୍ୱର ବାଣୀବିହାରସ୍ଥିତ ଶ୍ୟାମା ପ୍ରସାଦ ମୁଖାର୍ଜୀ ପାର୍କରେ ପହଞ୍ଚିଥିଲେ। ଜଣେ ଫରେଷ୍ଟର ଗ୍ରାହକ ହୋଇ ଏଣ୍ଡୁଅ କିଣିବା ପାଇଁ ସେମାନଙ୍କ ପାଖକୁ ଯାଇଥିଲେ। ସେମାନେ ଏଣ୍ଡୁଅକୁ ବାହାର କରି ଦେଖାଇବା ସମୟରେ ପୂର୍ବରୁ ପ୍ରସ୍ତୁତ ରହିଥିବା ଅନ୍ୟ ବନ କର୍ମଚାରୀମାନେ କାବୁ କରିନେଇଥିଲେ। ଏଥିସହ ଉକ୍ତ ବହୁରୂପୀ ଏଣ୍ଡୁଅକୁ ମଧ୍ୟ ଜବତ କରାଯାଇଥିଲା। ଭାରତୀୟ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ ଅନୁଯାୟୀ ବହୁରୂପୀ ଏଣ୍ଡୁଅ ହେଉଛନ୍ତି ସିଡ୍ୟୁଲ-୨ ପ୍ରାଣୀ। ତେଣୁ ଏହାକୁ ରଖିବା କିମ୍ବା ବେପାର କରିବା ଦଣ୍ଡନୀୟ ଅପରାଧ। ଏହି ଏଣ୍ଡୁଅଟି ଦେଖିବାକୁ ସୁନ୍ଦର ହୋଇଥିବାରୁ ଏହାକୁ ସାଧାରଣତଃ ପୋଷା କରି ରଖିବାକୁ ଲୋକେ ପସନ୍ଦ କରିଥାନ୍ତି। କିନ୍ତୁ ଏହି ଏଣ୍ଡୁଅ କିଏ ଧରିଥିଲେ, ଅଭିଯୁକ୍ତ ଦ୍ୱୟ କାହାଠାରୁ କିଣିଥିଲେ ଓ କାହାକୁ ବିକ୍ରି କରିଥାନ୍ତେ, ତାହାର ଖୋଳତାଡ଼ କରୁଛି ବନ ବିଭାଗ।

## ସଂକ୍ଷେପରେ

### ଏସ୍‌ସିବିରୁ ଡିସ୍‌ଚାର୍ଜ ହେଲେ ପଦ୍ମଶ୍ରୀ କମଳା ପୂଜାରୀ

**କଟକ ଅଫିସ,୨୯।୮:** ପଦ୍ମଶ୍ରୀ କମଳା ପୂଜାରୀ (୬୫)ଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିଛି। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାରୁ ଏସ୍‌ସିବି ମେଡିକାଲରେ ରହି ଆଉ ଚିକିତ୍ସିତ ହେବାର ଆବଶ୍ୟକତା ନାହିଁ। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରୀ ଟିମ୍‌ଙ୍କ ସୁପାରିସ କ୍ରମେ ସୋମବାର କମଳାଙ୍କୁ ମେଡିକାଲରୁ ଡିସ୍‌ଚାର୍ଜ କରାଯାଇଛି। ତେବେ କମଳାଙ୍କର ରକ୍ତଚାପ ୧୪୨/୭୮ ମିମି/ଏଚ୍‌ଜି ରହିଥିବାବେଳେ ସ୍ୱାଭାବିକ ଭାବେ ପରିସ୍ରା ହେଉଛି। ସେ ଏବେ ନିୟମିତ ମେଡିସିନ ସହ ଖାଦ୍ୟରେ ପ୍ରୋଟିନ, ପୋଟାସିୟମ ଓ ଲୁଣ କମ୍ ଖାଇବାକୁ ପରାମର୍ଶ ଦିଆଯାଇଛି। ସେ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟର ମେଡିସିନ ବିଭାଗରେ ନିୟମିତ ଡାକ୍ତରୀ ପରାମର୍ଶ କରାଇବା ସହ ଆବଶ୍ୟକ ହେଲେ ଏସ୍‌ସିବି ମେଡିକାଲକୁ ରେଫର ହୋଇ ଆସିପାରିବେ ବୋଲି ଡାକ୍ତରୀ ଟିମ୍ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, କମଳା ଝାଡ଼ା ଓ ଜ୍ୱରରେ ପୀଡ଼ିତ ଥାଇ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେ ମଧ୍ୟ ଗତ ୨ ବର୍ଷ ହେବ କିଡ୍‌ନୀ ରୋଗରେ ପୀଡ଼ିତ ଅଛନ୍ତି।

### ରାଉରକେଲା ଜେଲ୍‌ରେ ଡି. ବ୍ରଦର୍ସଙ୍କ ସହଯୋଗୀ ମୃତ

**ରାଉରକେଲା ଅଫିସ,୨୯।୮:** କଟକର ବହୁଚର୍ଚ୍ଚିତ ଡି. ବ୍ରଦର୍ସଙ୍କ ଜଣେ ସହଯୋଗୀ ରାଉରକେଲା ସ୍ୱତନ୍ତ୍ର କାରାଗାରରେ ବନ୍ଦୀ ଜୀବନ ବିତାଉଥିବା ବେଳେ ରବିବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଭଜନା ସାହୁ(୫୫)। ରଘୁନାଥପାଲି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦୬।୨୨) ରୁଜୁ କରି ସୋମବାର ମୃତଦେହ ବ୍ୟବଚ୍ଛେଦ କରାଇଛି। ସୂଚନା ଅନୁସାରେ, କଟକ ଜିଲା ଚାଉଳିଗଞ୍ଜ ଥାନା ଅନ୍ତର୍ଗତ ଥଟାରସାହିରେ ଭଜନାଙ୍କ ଘର। ୨୦୨୧ରେ ଜଣେ ବାଲି ମାଫିଆ ଦାଦାବଟି ନ ଦେବାରୁ ଭଜନା ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଭଜନାଙ୍କୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଥିଲା। ୨୦୨୧ ଅଗଷ୍ଟ ୨୦ରେ ତାଙ୍କୁ ଚୌଦ୍ୱାର ଜେଲରୁ ରାଉରକେଲା ସ୍ୱତନ୍ତ୍ର କାରାଗାରକୁ ସ୍ଥାନାନ୍ତର କରାଯାଇଥିଲା। ସେବେଠାରୁ ସେ ରାଉରକେଲା ସ୍ୱତନ୍ତ୍ର କାରାଗାରରେ ବନ୍ଦୀ ଜୀବନ କାଟୁଥିଲେ। ସବୁଦିନ ପରି ରବିବାର ରାତିରେ ସେ ଖାଦ୍ୟ ଖାଇ ଜେଲ୍‌ର ୯ ନଂ. ୱାର୍ଡରେ ଶୋଇଥିବାବେଳେ ରାତି ୧୨ଟାରେ ତାଙ୍କୁ ହୃଦ୍‌ଘାତ ହୋଇଥିଲା। ଚିକିତ୍ସା ଲାଗି ଭଜନାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍)ରେ ଭର୍ତ୍ତି କରାଯାଇଥିଲା। ସେଠାରେ ରାତି ୧ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରାଉରକେଲା ସ୍ୱତନ୍ତ୍ର କାରାଗାର ଅଧୀକ୍ଷକ ଜୀବନ ସିଂ ମୁଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ଡି. ବ୍ରଦର୍ସଙ୍କ ସହଯୋଗୀ ଭଜନା ସାହୁ ରାଉରକେଲା ସ୍ୱତନ୍ତ୍ର କାରାଗାରରେ ବନ୍ଦୀ ଭାବେ ରହୁଥିଲେ। ରବିବାର ରାତିରେ ହଠାତ୍ ତାଙ୍କର ହୃଦ୍‌ଘାତ ହୋଇଥିଲା। ସୋମବାର ମୃତଦେହ ବ୍ୟବଛେଦ କରାଯାଇଛି ବୋଲି ମୁଣ୍ଡା କହିଥିଲେ।

### ବଳାତ୍କାରୀଙ୍କୁ ୭ ବର୍ଷ ଜେଲ

**ଫୁଲବାଣୀ ଅଫିସ,୨୯।୮:** କନ୍ଧମାଳ ଜିଲା ଫୁଲବାଣୀ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ସଞ୍ଜିତ କୁମାର ବେହେରା ସୋମବାର ଏକ ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଏହା ଅନାଦାୟ ଅଧିକ ୬ ମାସ ଜେଲ ଭୋଗିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଦାରିଙ୍ଗବାଡି ଥାନା ଅଞ୍ଚଳର କୁଶ ପରିଚ୍ଛା। ୨୦୧୭ ଅକ୍ଟୋବର ୧୬ ତାରିଖ ପୂର୍ବାହ୍ନରେ କୁଶ ପୀଡିତାଙ୍କ ଘରକୁ ଯାଇଥିଲେ। ସେଠାରେ ତାଙ୍କୁ ଏକୁଟିଆ ପାଇ ବଳାତ୍କାର କରି ପଳାଇ ଯାଇଥିଲେ। ପୀଡ଼ିତାଙ୍କ କାନ୍ଦ ଶୁଣି ଘର ପାଖ ଜଙ୍ଗଲରେ ଖଲିପତ୍ର ତୋଳୁଥିବା ମା'ବାପା ଓ ଅନ୍ୟ ଦୁଇଜଣ ଆସି ପହଞ୍ଚିଥିଲେ। ପରିବାର ଲୋକଙ୍କୁ ସମସ୍ତ କଥା ଜଣାଇବା ପରେ ପୀଡ଼ିତା ସେହି ରାତିରେ ସେମାନଙ୍କ ସହ ଦାରିଙ୍ଗବାଡି ଥାନାକୁ ଆସି ଏତଲା ଦେଇଥିଲେ। ପୋଲିସ ୯୯/୧୭ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ କୁଶଙ୍କୁ ଗିରଫ କରିଥିଲା। ମୋଟ ୧୨ଜଣ ସାକ୍ଷୀଙ୍କ ବୟାନ ଓ ଡାକ୍ତରଙ୍କ ରିପୋର୍ଟକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି।

# ୪ବର୍ଷ ହେବ ମିଳୁନି ରାଜ୍ୟ ଶିକ୍ଷକ ପୁରସ୍କାର

## ଗଣଶିକ୍ଷା ବିଭାଗର ଅଜବ ନୀତି

**ଭୁବନେଶ୍ୱର, ୨୯।୮ (ବ୍ୟୁରୋ)**

ପୁରସ୍କାର ପାଇଁ ମନୋନୀତ କରି ଡାକିଲେ, କିନ୍ତୁ ଦେଲେ ନାହିଁ। ଇତିମଧ୍ୟରେ ୪ ବର୍ଷ ବିତିଯାଇଛି। ପୁରସ୍କାର ପାଇବାକୁ ଚାହିଁ ବସିଥିବା ୫୭ ଶିକ୍ଷକଙ୍କ ମଧ୍ୟରୁ ୧୧ଜଣ ଅବସର ନେଇସାରିଥିବାବେଳେ ଜଣଙ୍କର ମୃତ୍ୟୁ ମଧ୍ୟ ହୋଇସାରିଛି। ଗଣଶିକ୍ଷା ବିଭାଗର ଏଭଳି ନୀତି ଓ ଆଭିମୁଖ୍ୟ ଶିକ୍ଷକ ସମାଜକୁ ପ୍ରୋତ୍ସାହନ ବଦଳରେ ବହୁତ କଷ୍ଟ ଦେଉଛି। ଏପରିକି ୨୦୧୮ରୁ ବନ୍ଦ ରହିଥିବା ରାଜ୍ୟ ଶିକ୍ଷକ ପୁରସ୍କାର ଏବେ ବି ଆଶା ଓ ଆଶଙ୍କା ଭିତରେ ରହିଛି।

ଶିକ୍ଷକଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତି ଜିଲାରୁ ଦୁଇଜଣ ଶିକ୍ଷକଙ୍କୁ 'ରାଜ୍ୟପାଳ ପୁରସ୍କାର' ଦିଆଯାଉଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାହା 'ରାଜ୍ୟ ଶିକ୍ଷକ ପୁରସ୍କାର' ଭାବେ ନାମିତ କରାଗଲା। ଏଥିପାଇଁ ୨୦୧୭ରେ ରାଜ୍ୟ ସରକାର ରିଜୋଲ୍ୟୁଶନ ବାହାର କରିଥିଲେ। ଏହି ରିଜୋଲ୍ୟୁଶନ ଅନୁସାରେ କେବଳ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷକ ପୁରସ୍କାର ପାଇଁ ଆବେଦନ କଲେ। ୨୦୧୭ ବର୍ଷ ପାଇଁ ୨୦୧୮ ସେପ୍ଟେମ୍ବର ୫ରେ ୫୭ଜଣ ଶିକ୍ଷକଙ୍କୁ ପୁରସ୍କାର ଦିଆଯିବାକୁ ଚୟନ କରାଯାଇଥିଲା। ସେହିବର୍ଷ ସେପ୍ଟେମ୍ବର ୧ରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଏ ନେଇ ଚିଠି ଲେଖି ଅବଗତ କରାଗଲା। ମନୋନୀତ ହୋଇଥିବା ଶିକ୍ଷକମାନେ ୪ ତାରିଖ ସକାଳ ସୁଦ୍ଧା ଭୁବନେଶ୍ୱରସ୍ଥିତ ସୂଚନା ଭବନରେ ପହଞ୍ଚି ସେଠାରେ ରହିବେ ଓ ୫ ତାରିଖରେ ସେମାନଙ୍କୁ ରାଜ୍ୟ ଶିକ୍ଷକ ପୁରସ୍କାର ଦିଆଯିବ ବୋଲି ସୂଚନା ଦିଆଗଲା। ତେଣୁ ସମସ୍ତ ଶିକ୍ଷକ ୪ ତାରିଖ ସକାଳେ ସେଠାରେ ପହଞ୍ଚିଥିଲେ। କିନ୍ତୁ ହଠାତ୍ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମକୁ ବାତିଲ କରିଦିଆଗଲା। ଏହା ଶୁଣିବା ପରେ ସମ୍ପୃକ୍ତ ଶିକ୍ଷକଙ୍କ ଆନନ୍ଦ ଓ ଉତ୍କଣ୍ଠା ମଉଳି ଯାଇଥିଲା। ସେମାନେ ନିରାଶରେ ଘରକୁ ଫେରିଥିଲେ। ପରେ ଜଣାପଡ଼ିଲା ଯେ, ଜଣେ ଘରୋଇ ସ୍କୁଲର ଶିକ୍ଷକ ଏ ନେଇ ହାଇକୋର୍ଟରେ ମାମଲା ରୁଜୁ କରିଥିବାରୁ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଗଲା। ଅଭିଯୋଗକାରୀଙ୍କ ଅଭିଯୋଗ ଥିଲା, ରାଜ୍ୟ ଶିକ୍ଷକ ପୁରସ୍କାର ପାଇଁ ସମସ୍ତ ଶିକ୍ଷକ (ଘରୋଇ, ସରକାରୀ ଓ ଅନୁଦାନପ୍ରାପ୍ତ ସ୍କୁଲ୍ ଶିକ୍ଷକ)ଙ୍କୁ ଆବେଦନ ପାଇଁ ଅନୁମତି ଦିଆଯାଉ। ଏହାର ବିଚାର କରି ହାଇକୋର୍ଟ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ଯେ, ଆବେଦନକାରୀଙ୍କ ଅଭିଯୋଗ ଯଥାର୍ଥ। ତେଣୁ ନୂଆ ରିଜୋଲ୍ୟୁଶନ ଆଣି ତାହାକୁ ୨୦୧୮ରୁ ଲାଗୁ କରାଯାଉ। ହେଲେ ବିଭାଗ ୨୦୧୭ ପାଇଁ ଚୟନ ହୋଇଥିବା ଶିକ୍ଷକଙ୍କୁ ବି ପୁରସ୍କାର ଦେଲା ନାହିଁ। ତେଣୁ ସେମାନେ ମଧ୍ୟ ହାଇକୋର୍ଟର ଆଶ୍ରୟ ନେଲେ। ପୁରସ୍କାର ପାଇଁ ମନୋନୀତ ହୋଇଥିବା ଶିକ୍ଷକ ରବୀନ୍ଦ୍ରନାଥ ବେହେରା ୨୦୧୯ରେ ସରକାରଙ୍କ ବିରୋଧରେ ହାଇକୋଟରେ ମାମଲା ରୁଜୁ କଲେ। ହାଇକୋର୍ଟ ମାମଲାର ଶୁଣାଣି କରି କହିଥିଲେ, ରବୀନ୍ଦ୍ର ବେହେରା ଓ ସେତେବେଳେ ଯେଉଁମାନଙ୍କୁ ସରକାର ପୁରସ୍କାର ପାଇଁ ମନୋନୀତ କରିଥିଲେ ସେମାନେ ଭବିଷ୍ୟତରେ ଆଉ ଆବେଦନ କରିବାର ସୁଯୋଗ ନାହିଁ। ତେଣୁ ସରକାର ସେମାନଙ୍କୁ ତୁରନ୍ତ ପୁରସ୍କାର ଦେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସରକାର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କଲେ ନାହିଁ। ୨୦୧୭ ପାଇଁ ଚୟନ ହୋଇଥିବା ଶିକ୍ଷକଙ୍କୁ ପୁରସ୍କାର ଦେଲେ ନାହିଁ କି ନୂଆ ରିଜୋଲୁଶନ ଆଣି ଆବେଦନପତ୍ର ଗ୍ରହଣ କଲେ ନାହିଁ। ଫଳରେ ୨୦୧୮ରୁ ୨୦୨୧ ପର୍ଯ୍ୟନ୍ତ ୪ ବର୍ଷ ହେବ ଏହି ପୁରସ୍କାର ଦିଆଗଲା ନାହିଁ। ତେବେ ଚଳିତବର୍ଷ ଏପ୍ରିଲ ୫ରେ ସରକାର ନୂଆ ରିଜୋଲ୍ୟୁଶନ ଆଣିଛନ୍ତି। ୨୦୧୮ରୁ ୪ ବର୍ଷ ପାଇଁ ଆବେଦନ ଗ୍ରହଣ କରି ମନୋନୀତ ଶିକ୍ଷକଙ୍କ ତାଲିକା ଏବଂ ୨୦୧୭ ପୁରସ୍କାର ପାଇଁ ମନୋନୀତ ତାଲିକା ପଠାଇବା ପାଇଁ ଏପ୍ରିଲ ୧୯ରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରୁ ସମସ୍ତ ଜିଲାପାଳ, ଜିଲା ଶିକ୍ଷାଧିକାରୀଙ୍କ ସମେତ ୭ ଅଧିକାରୀଙ୍କୁ ଚିଠି ଲେଖାଯାଇଥିଲା। ସେପ୍ଟେମ୍ବର ୫ ଗୁରୁଦିବସରେ ପୁରସ୍କାର ଦିଆଯିବାକୁ ଥିବାବେଳେ ଏପର୍ଯ୍ୟନ୍ତ ୪ବର୍ଷ ପାଇଁ କେଉଁ ଜିଲାରୁ କିଏ ମନୋନୀତ ହୋଇଛନ୍ତି ତାହା ଜଣାପଡ଼ି ନାହିଁ। ଏପରିକି ୨୦୧୭ ପାଇଁ ମନୋନୀତ ଶିକ୍ଷକଙ୍କ ପାଖରେ ଚିଠି ପହଞ୍ଚି ନ ଥିବାରୁ ଚଳିତବର୍ଷ ରାଜ୍ୟ ଶିକ୍ଷକ ପୁରସ୍କାର ଦିଆଯିବ କି ନାହିଁ ତାହାକୁ ନେଇ ସେମାନେ ଆଶଙ୍କାରେ ଅଛନ୍ତି।

ନ୍ୟାୟ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଶିକ୍ଷକ ରବୀନ୍ଦ୍ରନାଥ ମୟୂରଭଞ୍ଜ ଜିଲା ସୋରିଷକୋଠ ଝୁଜିଝୁପି ସ୍କୁଲ ପ୍ରଧାନଶିକ୍ଷକ ଥିଲେ। ସେ ପ୍ରାଥମିକ ବର୍ଗରେ ମୟୂରଭଞ୍ଜ ଜିଲାରୁ ମନୋନୀତ ହୋଇଥିଲେ। ୨୦୧୮ ଫେବୃୟାରୀ ୨୮ରେ ସେ ଅବସର ନେଇସାରିଛନ୍ତି। ସେ କହିଛନ୍ତି, ଯେଉଁ ୫୭ଜଣ ଶିକ୍ଷକ ମନୋନୀତ ହୋଇଥିଲେ, ସେମାନଙ୍କ ମଧ୍ୟରେ ୨୮ଜଣ ପ୍ରାଥମିକ ଏବଂ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବର୍ଗରୁ ୨୯ଜଣ ଥିଲେ। ଇତିମଧ୍ୟରେ ୧୧ଜଣ ଅବସର ନେଇସାରିଲେଣି। ଜଣଙ୍କର ଦେହାନ୍ତ ହୋଇସାରିଛି। ତେଣୁ ୨୦୧୮ରୁ ଆମେ ମାନସିକ ଦୁଶ୍ଚିନ୍ତାରେ ରହିଛୁ। ପୁରସ୍କାର ପାଇଁ ମନରେ ଯେଉଁ ଖୁସି ଥିଲା ତାହା ଆଉ ନାହିଁ। ଏଯାଏ ମଧ୍ୟ ଆମକୁ ପୁରସ୍କାର କଥା କେହି ଜଣାଇନାହାନ୍ତି।

ଏ ସମ୍ପର୍କରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ମର୍କତ କେଶରୀ ରଏ କହିଛନ୍ତି, ଚଳିତ ବର୍ଷ ୨୦୧୮ରୁ ୨୦୨୧ ପର୍ଯ୍ୟନ୍ତ ୪ ବର୍ଷ ପାଇଁ ଏହି ପୁରସ୍କାର ଦିଆଯିବ। ସବୁ ଜିଲାରୁ ମନୋନୀତ ଶିକ୍ଷକଙ୍କ ତାଲିକା ଆସିସାରିଛି। ସେହିଭଳି ୨୦୧୭ ବର୍ଷ ପାଇଁ ଯେଉଁମାନଙ୍କୁ ଚୟନ କରାଯାଇଥିଲା, ସେମାନଙ୍କୁ ମଧ୍ୟ ଏଥର ପୁରସ୍କାର ଦିଆଯିବ ବୋଲି ଉପନିର୍ଦ୍ଦେଶକ କହିଛନ୍ତି।

# ଦୁର୍ଘଟଣାରେ ଜଣେ ମୃତ, ୫ ଆହତ

## ଗୋପାଳପୁର ବୁଲିବାକୁ ଆସିଥିଲେ ୬ ଇଞ୍ଜିନିୟରିଂ ଛାତ୍ର



ଦୁର୍ଘଟଣାରେ ଭାଙ୍ଗିରୁଜି ଯାଇଥିବା କାର।

**ଗଞ୍ଜାମ, ୨୯।୮ (ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଗୋପାଳପୁର ସମୁଦ୍ର ବେଳାଭୂମିକୁ ରବିବାର ବୁଲିବାକୁ ଆସିଥିଲେ ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜର ୬ଜଣ ଛାତ୍ର। ବୁଲିସାରି ଫେରୁଥିବା ବେଳେ ଗଞ୍ଜାମ ଥାନା ଅଗସ୍ତି ନୂଆଗାଁ ଛକ ନିକଟରେ ସୋମବାର ସକାଳେ ଘଟିଥିଲା ମର୍ମନ୍ତୁଦ ଦୁର୍ଘଟଣା। ଘଟଣାସ୍ଥଳରେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଛାତ୍ର ଆହତ ହୋଇଥିଲେ। ମୃତକ ଜଣକ ହେଲେ ଦେବରାଜ (୩୨)। ଆହତମାନେ ହେଲେ ଅର୍କ ସରକାର, ସନଓଜ, ସୁରଜ କୁମାର ମହାନ୍ତ, ସର୍ବେସ ମହାନ୍ତ, କୁମାର ଜନ୍ମେଜୟ। ତେବେ ସମସ୍ତ ଛାତ୍ର ଅଣଓଡ଼ିଆ ଓ ସେମାନଙ୍କ ଘର ଝାଡ଼ଖଣ୍ଡ ବୋଲି ପୋଲିସ କହିଛି।

ପ୍ରକାଶ ଯେ, ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜର ୬ ଜଣ ଛାତ୍ର ରବିବାର କାରରେ ଗଞ୍ଜାମ ଜିଲା ଗୋପାଳପୁର ବୁଲିବାକୁ ଆସିଥିଲେ। ବୁଲାବୁଲି ସାରି ରାତିରେ ଭୁବନେଶ୍ୱର ଫେରୁଥିଲେ। ସୋମବାର ସକାଳେ ଅଗସ୍ତି ନୂଆଗାଁ ଛକ ନିକଟରେ କାର୍‌ଟି ଭାରସାମ୍ୟ ହରାଇ ଡିଭାଇଡରରେ ପିଟିହୋଇ ଅପରପାର୍ଶ୍ୱରେ ଥିବା ଏକ କଣ୍ଟେନର ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ଗଞ୍ଜାମ ଥାନା ଆଇଆଇସି ସୁଦୀପ୍ତ କୁମାର ସାହୁ, ଏସ୍‌ଆଇ ନାରାୟଣ କହଁର, ମହିଳା ଏସ୍‌ଆଇ ସୁପ୍ରଭା ସାହୁ ପ୍ରମୁଖ ପହଞ୍ଚି ଆହତଙ୍କୁ ପ୍ରଥମେ ଛତ୍ରପୁର ମେଡିକାଲ ପଠାଇଥିଲେ। ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଗଞ୍ଜାମ ପୋଲିସ ନଂ.୧୪୨/୨୨ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।



ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାହାବଳପୁର ପଞ୍ଚାୟତ ନନ୍ଦକନ୍ଦର୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ରାସ୍ତା ସୁବିଧା ନ ଥିବାରୁ ପାଣି, କାଦୁଅରେ ପଶି ଯାଉଛନ୍ତି।

# ଭୁଜାଲିରେ ହାଣି ଲୁଟିନେଲେ ୬ ଲକ୍ଷ

**ଅନୁଗୋଳ ଅଫିସ, ୨୯।୮**



ଆହତ ଶେଷନାଥ ପ୍ରସାଦ ଗୁପ୍ତା।

ପାର୍ବଣକୁ ନଜରରେ ରଖି ଅନୁଗୋଳ ଜିଲା ପୋଲିସ ପ୍ରଶାସନ ପକ୍ଷରୁ କରାଯାଉଥିବା ଆଇନଶୃଙ୍ଖଳା ପ୍ରସ୍ତୁତିକୁ ସୋମବାର ଚ୍ୟାଲେଞ୍ଜ ଦେଇଛନ୍ତି ୪ ଜଣ ଦୁର୍ବୃତ୍ତ। ଅନୁଗୋଳ ସହର ଉପକଣ୍ଠ କୁରୁଡୁଲୁ ଅଞ୍ଚଳରେ ମଦ ବ୍ୟବସାୟୀଙ୍କ କର୍ମଚାରୀଙ୍କୁ ଭୁଜାଲିରେ ହାଣି ଲୁଟି ନେଇଛନ୍ତି ୬ ଲକ୍ଷ ଟଙ୍କା। ଏପରିକି ଘଟଣାସ୍ଥଳରେ ସେମାନେ ବନ୍ଧୁକରୁ ଗୁଳି ଫୁଟାଇଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା କର୍ମଚାରୀ ଶେଷନାଥ ପ୍ରସାଦ ଗୁପ୍ତା(୪୨)ଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରପାଇ ଅନୁଗୋଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ ହେଁ ଉକ୍ତ ଅଞ୍ଚଳ ନାଲ୍‌କୋ ଥାନା ଅଞ୍ଚଳରେ ଆସୁଥିବାରୁ ନାଲ୍‌କୋ ପୋଲିସ ଘଟଣାର ତଦନ୍ତ କରୁଛି।

ସୂଚନା ମୁତାବକ, ଅନୁଗୋଳର ଜଣେ ମଦ ବ୍ୟବସାୟୀଙ୍କ କର୍ମଚାରୀ ଶେଷନାଥ ପ୍ରସାଦ ଗୁପ୍ତା ଓ ରୂପେଶ କୁମାର ପ୍ରତ୍ୟେକ ଦିନ ପରି ତାଳଚେରସ୍ଥିତ ମଦ ଦୋକାନକୁ ଟଙ୍କା ପାଇଁ ଯାଇଥିଲେ। ସେମାନେ ତାଳଚେର ଶର୍ମାଛକରେ ଥିବା ମଦ ଦୋକାନରୁ ଟଙ୍କା ଧରି ବାଇକ୍‌ରେ ଅନୁଗୋଳ ଆସୁଥିଲେ। ହେଲେ ସେମାନଙ୍କୁ ଏକ କାର୍‌ରେ ପିଛା କରୁଥିବା ୪ ଜଣ ଦୁର୍ବୃତ୍ତ କୁରୁଡୁଲୁ ଠାରେ ଅତର୍କିତ ଆକ୍ରମଣ କରିଥିଲେ। ବାଇକ୍‌ରେ ଟଙ୍କା ଧରି ବସିଥିବା ଶେଷନାଥଙ୍କୁ ଭୁଜାଲିରେ ଆକ୍ରମଣ କରିବା ସହ ଗୁଳି କରିଥିଲେ। ତେବେ ଗୁଳିଟି ଶେଷନାଥଙ୍କ ଦେହରେ ବାଜି ନ ଥିଲା। ତେବେ ଦୁର୍ବୃତ୍ତମାନେ ଭୁଜାଲିରେ ତାଙ୍କ ହାତକୁ ହାଣି ଟଙ୍କା ବ୍ୟାଗ ଲୁଟି ନେଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକମାନେ ଶେଷନାଥଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଖବରପାଇ ଅନୁଗୋଳ ପୋଲିସ ପହଞ୍ଚିଥିଲେ ହେଁ ଘଟଣାସ୍ଥଳ କେଉଁ ଥାନା ଅଧୀନରେ ଆସୁଛି ତାହା ଜଣାପଡ଼ି ନ ଥିଲା। ପରେ ଉକ୍ତ ସ୍ଥାନ ନାଲ୍‌କୋ ଥାନା ଅଧୀନ ହୋଇଥିବାରୁ ନାଲ୍‌କୋ ଥାନାରେ ଅଭିଯୋଗ କରାଯାଇଥିଲା। ଏହାପରେ ପୋଲିସ ପକ୍ଷରୁ ଘଟଣାର ତଦନ୍ତ କରାଯାଉଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ନାଲ୍‌କୋ ଥାନା ଆଇଆଇସିଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାରୁ ମତାମତ ମିଳିପାରି ନାହିଁ।

# କୋର୍ଟ ପରିସର ପାଲଟିଲା ରଣକ୍ଷେତ୍ର

- ଛାଡ଼ପତ୍ର ପାଇଁ ଆସିଥିବା ଦମ୍ପତି ହାତାହାତି
- ଆଇନଜୀବୀଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ

**ବାଲେଶ୍ୱର ଅଫିସ,୨୯।୮**

ବାଲେଶ୍ୱର ଫାମିଲି କୋର୍ଟକୁ ଛାଡ଼ପତ୍ର ପାଇଁ ଆସିଥିବା ଏକ ଦମ୍ପତି ସୋମବାର ମାରପିଟ ଲାଗିବା ଚର୍ଚ୍ଚାର ବିଷୟ ପାଲଟିଛି। ଉଭୟେ ସାମ୍ନାସାମ୍ନି ହେବା ପରେ ଯୁକ୍ତିତର୍କ ଓ ଟଣାଓଟରା ହେବାରୁ କୋର୍ଟ ପରିସର କିଛି ସମୟ ରଣକ୍ଷେତ୍ର ପାଲଟିଥିଲା। ଆଇନଜୀବୀଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଞ୍ଚଳର ଜଣେ ଯୁବକ ଗତ ୨୦୧୫ରେ ସହଦେବଖୁଣ୍ଟା ଅଞ୍ଚଳର ଜନୈକା ଯୁବତୀଙ୍କୁ ବିବାହ କରିଥିଲେ। ବିବାହର ୨ ବର୍ଷ ପରେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ କଳହ ସୃଷ୍ଟି ହେଲା। ପରେ ୨୦୧୮ରେ କୋର୍ଟରେ ଛାଡ଼ପତ୍ର ପାଇଁ ଆବେଦନ କରାଯାଇଥିଲା। ସୋମବାର ସେମାନେ ବାଲେଶ୍ୱର ଫାମିଲି କୋର୍ଟକୁ କାଉନସେଲିଂ ପାଇଁ ଆସିଥିଲେ। କୋର୍ଟରେ ଦେଖା ହେବା ପରେ ଉଭୟଙ୍କ ମଧ୍ୟରେ କଥା କଟାକଟି ଓ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ପରେ ଏହି ଯୁକ୍ତିତର୍କ ଧୀରେ ଧୀରେ ବଢ଼ିବାରେ ଲାଗିଲା। କୋର୍ଟ ପରିସରରେ ଉଭୟ ମାରପିଟ ହୋଇଥିଲେ। ସେଠାରେ ଉପସ୍ଥିତ ଆଇନଜୀବୀମାନେ ହସ୍ତକ୍ଷେପ କରିବାରୁ ଉଭୟ କୋର୍ଟ ପରିସର ଛାଡ଼ି ପଳାଇ ଯାଇଥିଲେ।

# ଓପିଏସ୍‌ସିରେ ଯୋଗଦେଲେ ୨ ନୂତନ ସଦସ୍ୟ





ସନତ କୁମାର ମହାନ୍ତିଙ୍କୁ ଓପିଏସ୍‌ସି ଅଧ୍ୟକ୍ଷ ଡ. ସତ୍ୟଜିତ ମହାନ୍ତି ଶପଥ ପାଠ କରାଉଛନ୍ତି।

**କଟକ ଅଫିସ,୨୯।୮**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ର ନୂତନ ସଦସ୍ୟ ଭାବେ ସନତ କୁମାର ମହାନ୍ତି ଯୋଗଦେଇଛନ୍ତି। ସୋମବାର ଓପିଏସସି ଅଧ୍ୟକ୍ଷ ଡ. ସତ୍ୟଜିତ ମହାନ୍ତି ତାଙ୍କୁ ଶପଥ ପାଠ କରାଇଛନ୍ତି। ମହାନ୍ତି ପୂର୍ବରୁ ଖୋର୍ଦ୍ଧା ଜିଲାପାଳ ଥିଲେ। ଗତ ମାର୍ଚ୍ଚରେ ସେ ଅବସର ଗ୍ରହଣ କରିଥିଲେ। ଏହାପରେ ସେ ଓପିଏସ୍‌ସି ସଦସ୍ୟ ଭାବେ ଯୋଗଦେଇଛନ୍ତି। ସେହିପରି ଓପିଏସ୍‌ସିର ଅନ୍ୟତମ ସଦସ୍ୟ ଭାବେ ଡ. ସରିତା ସୁପକାର ଯୋଗଦେଇଛନ୍ତି। ଡ. ସୁପକାର ପୂର୍ବରୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଭାବେ କାର୍ଯ୍ୟରତ ଥିଲେ।

# ୧୫ ଦିନ ମଧ୍ୟରେ ଜଣାଅ: ମନ୍ତ୍ରୀ

## ବାହାର ରାଜ୍ୟକୁ ଓଏସ୍‌ଆର୍‌ଟିସି ବସ୍ ଚଳାଚଳ ସମ୍ପର୍କିତ ରିପୋର୍ଟ ତଲବ

**ଭୁବନେଶ୍ୱର,୨୯।୮ (ବ୍ୟୁରୋ)**

ବାହାର ରାଜ୍ୟକୁ ଓଡିଶା ପରିବହନ ନିଗମ(ଓଏସଆର୍‌ଟିସି) ଗଡିବ। ଏଥିପାଇଁ କେତେ ରାଜ୍ୟ ଅନୁମତି ଦେଇଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ରିପୋର୍ଟ ଦେବା ପାଇଁ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଓଏସ୍‌ଆରଟିସି ସିଏମ୍‌ଡିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଖାରବେଳ ଭବନସ୍ଥିତ ବାଣିଜ୍ୟ ଓ ପରିବହନ ବିଭାଗ ସମ୍ମିଳନୀ କକ୍ଷଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମନ୍ତ୍ରୀ ଟୁକୁନି ସାହୁ ଅଧ୍ୟକ୍ଷତା କରି ଆନ୍ତଃରାଜ୍ୟ ବସ୍ ଚଳାଚଳ ପାଇଁ ଯେଉଁସବୁ ପ୍ରସ୍ତାବ ରହିଛି ସେସବୁକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାସହ ରାଜ୍ୟରେ ଲୋକଙ୍କ ଚାହିଦା ଅନୁଯାୟୀ ଗମନାଗମନ ନିମନ୍ତେ ପରିବହନ ବ୍ୟବସ୍ଥାର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱାରୋପ ଦେଇଛନ୍ତି କରି ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳରେ ରାଜ୍ୟ ସଡ଼କ ପରିବହନ ପକ୍ଷରୁ ଅଧିକ ସଂଖ୍ୟକ ବସ ଚଳାଚଳ ଉପରେ ସେ ପ୍ରାଧାନ୍ୟ ଦେଇଛନ୍ତି। ଏହି କ୍ରମରେ ବିଭିନ୍ନ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ରାଜ୍ୟର ଉତ୍ତରାଞ୍ଚଳ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ସମେତ ପୁରୀ ଜିଲାକୁ ମଧ୍ୟ ଦିନବେଳା ସରକାରୀ ବସ ଚଳାଚଳ ନେଇ ବୈଠକରେ ଆଲୋଚନା ହୋଇଛି। ଏହାଦ୍ୱାରା ରାଜ୍ୟର ଜନସାଧାରଣ ଗମନାଗମନ କ୍ଷେତ୍ରରେ ଅଧିକ ସୁବିଧା ପାଇପାରିବେ ବୋଲି ମନ୍ତ୍ରୀ ସାହୁ କହିଛନ୍ତି। ଓଏସ୍‌ଆରଟିସି ସିଏମ୍‌ଡି ଏକ ଟିମ୍ ନେଇ ବିଭିନ୍ନ ରାଜ୍ୟକୁ ଅନୁମତି ପାଇଁ ଯିବେ। ଯଦି ଅନୁମତି ମିଳିବ ତେବେ ରାଜ୍ୟର ଉପାନ୍ତ ଅଞ୍ଚଳରେ ସରକାରୀ ବସ୍ ଚାଲିବ। ବିଧାନସଭା ଚାଲିଥିବା ବେଳେ ଅନେକ ବିଧାୟକ ଏନେଇ ପ୍ରଶ୍ନ କରିଥିଲେ ଯେ, କେତେ ଓଏସ୍‌ଆରଟିସି ବସ୍ କିଣା ହୋଇଛି। କିଛି ବସ୍ ରାସ୍ତାରେ ଗଡିଥିବା ବେଳେ ଆଉ କିଛି ବସ୍ ଚାଲିନି। ଏନେଇ ଠୋସ୍ ପଦକ୍ଷେପ ନେବାକୁ ବିଧାୟକମାନେ ଦାବି କରିଥିଲେ। ଏହାକୁ ଦୃଷ୍ଟିରେ ରଖି ପଡୋଶୀ ରାଜ୍ୟକୁ ବସ୍ ଚଳାଇବାକୁ ସରକାର ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ କହିଛନ୍ତି। ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ପରିବହନ ଆୟୁକ୍ତ ଅରୁଣ ବୋଥ୍ରା, ଓଏସ୍‌ଆର୍‌ଟିସିର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଦୀପ୍ତେଶ ପଟ୍ଟନାୟକ ଏବଂ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଖାରବେଳ ଭବନରେ ସୋମବାର ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀ।

## ସଂକ୍ଷେପରେ

### ମଦ କାରବାରକୁ କେନ୍ଦ୍ରକରି ଉତ୍ତେଜନା, ୨ ଅଟକ



**ଯାଜପୁର ଟାଉନ,୨୯।୮(ଡି.ଏନ.ଏ.):** ଯାଜପୁର ଥାନା ଅନ୍ତର୍ଗତ ମୋଟରଙ୍ଗାପାଳ ଗ୍ରାମରେ ଦେଶୀ ମଦ କାରବାରକୁ କେନ୍ଦ୍ରକରି ଉତ୍ତେଜନା ଲାଗିରହିଛି। ଗାଁରେ କିଛି ଦିନ ହେବ ଦେଶୀ ମଦ କାରବାର ହେଉଥିବା କେତେଜଣ ଗ୍ରାମବାସୀ ଅଭିଯୋଗ କରିଆସୁଥିଲେ। ଏହିକ୍ରମରେ ସୋମବାର ଗ୍ରାମବାସୀ ଜଣେ ମହିଳାଙ୍କ ଘରେ ଏହି ମଦ କାରବାର ହେଉଥିବା ଅଭିଯୋଗ କରି ତାଙ୍କୁ ଟଣାଓଟରା କରିଥିଲେ। ଏଥିସହିତ ତାଙ୍କ ଘରେ ଥିବା କିଛି ମଦକୁ ଜବତ କରିଥିଲେ। ଉତ୍ତେଜନା ପ୍ରକାଶ ପାଇଥିବା ଖବର ପାଇ ଅବକାରୀ ଫ୍ଲାଇଁସ୍କ୍ୱାର୍ଡ ପହଞ୍ଚି ୨ ଜଣଙ୍କୁ ଅଟକ ରଖିଛି।

### ନାବାଳିକା ଉଦ୍ଧାର

**ପାଣିକୋଇଲି,୨୯।୮(ଡି.ଏନ.ଏ.):** ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଛକ ନିକଟରୁ ରବିବାର ରାତିରେ ଜଣେ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। କେନ୍ଦୁଝର ଜିଲା ଠାକୁରମୁଣ୍ଡା ଅଞ୍ଚଳର ନାବାଳିକା ଜଣଙ୍କ ଯାଜପୁରରୋଡରେ ଥିବା ତାଙ୍କ ସମ୍ପର୍କୀୟ ଭାଇଙ୍କ ନିକଟରେ ରହୁଥିଲେ। ଭାଇ କୌଣସି କାରଣରୁ ନାବାଳିକାଙ୍କୁ ଗାଳି କରିବାରୁ ସେ ରାଗି ସେଠାରୁ ଚାଲି ଚାଲି ପଳାଇ ଆସିଥିଲେ। ଧନେଶ୍ୱର ଛକ ନିକଟରୁ ସ୍ଥାନୀୟ ଲୋକମାନେ ତାଙ୍କୁ ବାଇକ ଯୋଗେ ଆଣି ପାଣିକୋଇଲିଠାରେ ପାଟ୍ରୋଲିଂ ପୋଲିସକୁ ଜଣାଇଥିଲେ। ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ, କର୍ମଚାରୀ ଧୀରେଶ ସାହୁ ଓ ସନ୍ତୋଷ ବେହେରା ପ୍ରମୁଖ ନାବାଳିକାଙ୍କୁ ପାଣିକୋଇଲି ପୋଲିସକୁ ହସ୍ତାନ୍ତର କରିଥିଲେ। ପରେ ପୋଲିସ ନାବାଳିକାଙ୍କୁ ତାଙ୍କ ଭାଇଙ୍କ ନିକଟକୁ ପଠାଇଥିଲା।

### ଲିଙ୍ଗାପଦା ଘାଟରୁ ମିଳିଲା ମୃତଦେହ

**ଖୁଣ୍ଟୁଣୀ,୨୯।୮(ଡି.ଏନ୍.ଏ.):** ଗତ ୨୭ ତାରିଖରେ ମୁଣ୍ଡଳୀ ବ୍ରିଜ ଉପରେ ନିଜ ସ୍କୁଟି ରଖି ମହାନଦୀକୁ ଡେଇଁ ନିଖୋଜ ଥିବା ଯୁବକଙ୍କ ମୃତଦେହକୁ ସୋମବାର ପୂର୍ବାହ୍ନରେ ଗୁରୁଡ଼ିଝାଟିଆ ଥାନା ଅଧୀନ ମଞ୍ଚେଶ୍ୱର ବିଟ୍ ହାଉସ ଅଧିକାରୀ ପ୍ରଦୀପ କୁମାର ସେଠୀ ଲିଙ୍ଗାପଦା ଘାଟରୁ ଜବତ କରିଛନ୍ତି। ସେ ହେଲେ ଭୁବନେଶ୍ୱର ଶୈଳଶ୍ରୀ ବିହାରରେ ରହୁଥିବା ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ତୁର୍ତ୍ତୁନ୍ଦା ଗ୍ରାମର ବିଶ୍ୱଦେବ ଦାସ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇବା ସହ ଏକ ମାମଲା(ନଂ. ୮/୨୨) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ମଞ୍ଚେଶ୍ୱର ପଞ୍ଚାୟତର ଲିଙ୍ଗାପଦା ଘାଟରେ ସୋମବାର ସ୍ଥାନୀୟ ଲୋକ ଗାଧୋଇବାକୁ ଆସିଥିବା ବେଳେ ଏକ ମୃତଦେହ ଭାସୁଥିବା ଦେଖିଥିଲେ। ଖବରପାଇ ଧବଳେଶ୍ୱର ବିଟ ହାଉସ୍ ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ପରେ ୨ଦିନ ତଳେ ମୁଣ୍ଡଳୀ ବ୍ରିଜରୁ ଡେଇଁ ନିଖୋଜ ଥିବା ଯୁବକଙ୍କ ପରିବାରକୁ ଜଣାଇଥିଲେ। ପରିବାର ଲୋକ ପହଞ୍ଚି ମୃତଦେହ ବିଶ୍ୱଦେବଙ୍କର ବୋଲି ଚିହ୍ନଟ କରିଥିଲେ। ସୂଚନାଥାଉକି, ବିଶ୍ୱଦେବ ନିଜ ଗାଁରୁ ଆସି ଭୁବନେଶ୍ୱର ଶୈଳଶ୍ରୀବିହାରରେ କ୍ୟାଟରିଂ ବ୍ୟବସାୟ କରୁଥିଲେ। ଗତ କରୋନା ବେଳେ ବ୍ୟବସାୟରେ ତାଙ୍କର ବହୁ ଟଙ୍କା ଆଦାୟ ନ ହୋଇ ବୁଡିଯାଇଥିଲା। ଫଳରେ ମାନସିକ ଭାବେ ସେ ଯନ୍ତ୍ରଣା ଭୋଗ କରୁଥିଲେ। ଏଥିପାଇଁ ସେ ନିଶା ମଧ ଖାଉଥିଲେ। ଘଟଣାଦିନ ସେ ଘରୁ ପାଟିତୁଣ୍ଡ କରି ସ୍କୁଟି ନେଇ ଚାଲିଆସିଥିଲେ। ହେଲେ ସେ ସ୍କୁଟି ରଖି ମୁଣ୍ଡଳୀ ବ୍ରିଜ ଉପରୁ ମହାନଦୀକୁ ଡେଇଁ ପଡିଥିଲେ।

# ବୈତରଣୀ ନଦୀଶଯ୍ୟାରୁ ବାଲି ଲୁଟ୍

- ସେତୁ, ଗ୍ରାମ୍ୟ ରାସ୍ତା ଦେଇ ଓଭରଲୋଡିଂ ପରିବହନ
- ପୁଣି ଆନ୍ଦୋଳନ ଚେତାବନୀ ଦେଲା କୋରେଇ ସଂଗ୍ରାମ ସମିତି

**ଯାଜପୁର ରୋଡ,୨୯।୮(ଡି.ଏନ.ଏ.)**



କୋରେଇ ସଂଗ୍ରାମ ସମିତି ପକ୍ଷରୁ ଅନୁଷ୍ଠିତ ବୈଠକ।

ନଦୀଶଯ୍ୟାରୁ ବାଲି ଖନନ ପାଇଁ କୌଣସି ମେଶିନ ବ୍ୟବହାର ଅନୁମତି ଦିଆଯିବ ନାହିଁ। ଏହାସହ ବାଲିଖାଦାନଗୁଡ଼ିକରେ ସିସିଟିଭି ଏବଂ ପରିବହନ ଗାଡ଼ିରେ ଜିପିଏସ୍ ସ୍ଥାପନ କରିବାକୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ପକ୍ଷରୁ ନିକଟରେ ନିର୍ଦ୍ଦେଶ ହୋଇଛି। କିନ୍ତୁ ବୈତରଣୀ ନଦୀରେ ଏହାର ଖୋଲାଖୋଲି ଉଲ୍ଲଂଘନ କରି ଜନବସତି ରାସ୍ତାରେ ଓଭରଲୋଡିଂ ପରିବହନ ସାଧାରଣ ଲୋକଙ୍କ ପାଇଁ ବିପଦ ସାଜିଛି। ଏଥିପାଇଁ ଯାଜପୁରରୁ କେନ୍ଦୁଝର ଜିଲାକୁ ସଂଯୋଗ କରୁଥିବା ଏକମାତ୍ର ମଥୁରାପୁର ସେତୁ କେତେବେଳେ ଭୁଶୁଡି ପଡ଼ିବ ବୋଲି ସନ୍ଦେହ ହୋଇଛି। ଏହିକ୍ରମରେ କେରେଇ ସଂଗ୍ରାମ ସମିତି ପକ୍ଷରୁ ଏକାଧିକ ଥର ଆନ୍ଦୋଳନ ଓ ପ୍ରତିବାଦ କରାଯାଇଥିଲେ ହେଁ କିଛି ସୁଫଳ ମିଳି ପାରୁନାହିଁ। ତେଣୁ ସମିତି ଆଗାମୀ ଦିନରେ ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୋମବାର ଏକ ବୈଠକରେ ଚେତାବନୀ ଦେଇଛି। ଅଭିଯୋଗ ଅନୁସାରେ ବୈତରଣୀ ନଦୀର ସାଆଁଳା-୨, ମୁକୁନ୍ଦପୁର-୨, ସାଲବା, ରଣପାଳ, ଧନତ୍ରୀ, ନିଶଙ୍ଖପୁର, ବରପଦା ଆଦି ବାଲିଘାଟରୁ ୨୪,୭୯୫ ଘନମିଟର ବାଲି ଉତ୍ତୋଳନ କରିବାକୁ ଅନୁମତି ମିଳିଛି। ଅନୁମତି ପତ୍ରରେ ପୋକଲିନ ବ୍ୟବହାର ହୋଇପାରିବ ନାହିଁ ଏବଂ ମାନୁଆଲ ଭାବେ ଉତ୍ତୋଳନ କରାଯିବ ବୋଲି ନିର୍ଦ୍ଦେଶ ରହିଛି। ହେଲେ ପ୍ରାୟ ସମସ୍ତ ବାଲିଘାଟରେ ୭/୮ଟି ଲେଖାଏ ପୋକଲିନ ମେଶିନ ବ୍ୟବହାର କରାଯାଇ ଅନୁମୋଦନଠାରୁ ବହୁ ଗୁଣ ବାଲି ଉତ୍ତୋଳନ ହେଉଥିବା ଦେଖିବାକୁ ମିଳିଛି। ଏହାର ପ୍ରତିବାଦରେ ସମିତି ପକ୍ଷରୁ ତହସିଲ ଅଫିସ ଆଗରେ ପାଞ୍ଚ ଦିନ ଧାରଣା ଦିଆଯିବା ପରେ ଦିନରେ ମଥୁରା ପୋଲ ଦେଇ ବିଭିନ୍ନ ଗ୍ରାମ ରାସ୍ତାରେ ପରିବହନ ନିଷେଧ କରାଯିବା ସହ ଭାରିଯାନ ଯାଇପାରିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାପରେ ଆନ୍ଦୋଳନ ସ୍ଥଗିତ କରାଯାଇଥିଲା। ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ କୋରେଇ ଓ ପାଣିକୋଇଲି ଥାନା ଅଧିକାରୀଙ୍କୁ କୁହାଯାଇଥିଲା। ଏହି ନିର୍ଦ୍ଦେଶ କିଛି ଦିନ କାର୍ଯ୍ୟକାରୀ ହେବା ପରେ ଏବେ ପୁଣି ବେଧଡକ ଭାବେ ପୂର୍ବ ପରି ଭାରିଯାନ ପରିବହନ ଆରମ୍ଭ ହୋଇଛି। ଏହାକୁ ତୁରନ୍ତ ରୋକା ନ ଗଲେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଅଫିସ ସମ୍ମୁଖରେ ଆନ୍ଦୋଳନ କରିବାକୁ ସମିତି ନିଷ୍ପତ୍ତି ନେଇଛି। ଏହିମର୍ମରେ ଏକ ଜରୁରୀ ବୈଠକରେ ସମିତିର ସଭାପତି ବିଦ୍ୟାଧର ମହାନ୍ତି, ସମ୍ପାଦକ ଅଭିମନ୍ୟୁ ମିଶ୍ର, ଆଲୋକ ମହାନ୍ତି, ମନୋରଞ୍ଜନ ନାୟକ, ଦୀପ୍ତିମୟୀ କୁଅଁର, ପ୍ରଦ୍ୟୁମ୍ନ ବୋଇତେଇ, ସୀତାକାନ୍ତ କୁଅଁର, ପ୍ରମୋଦ ପାତ୍ର, ପ୍ରହ୍ଲାଦ ଦେଓ ପ୍ରମୁଖ ଆଲୋଚନା କରିବା ସହିତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଗୋ ଚାଲାଣ ମାମଲାରେ ଜଣେ ଗିରଫ

**ପାଣିକୋଇଲି,୨୯।୮(ଡି.ଏନ.ଏ.)**

ବେଆଇନ ଗୋଚାଲାଣ ମାମଲାରେ ପାଣିକୋଇଲି ପୋଲିସ ସୋମବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଭଦ୍ରକର ଗୁଲାମ ଅଲ୍ଲୀ ଅକତାର ଖାଁ। ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର ନିକଟରେ ଗତ ୭ ତାରିଖରେ ଭାରସାମ୍ୟ ହରାଇ ଏକ ଗୋରୁ ବୋଝେଇ ଟ୍ରକ୍ (ଓଆର-୦୧-ଡି-୬୨୬୧) ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଟ୍ରକରେ ୧୫ଟି ଗାଈ ଥିବା ବେଳେ ଘଟଣାସ୍ଥଳେ ୧୪ ଗାଈଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ପହଞ୍ଚି ଟ୍ରକ୍‌କୁ ଜବତ କରିବା ସହ ମୃତ ଗାଈଙ୍କ ଶବ ସତ୍କାର କରିଥିଲା। ପରେ ଏନେଇ ପୋଲିସ ଏକ ମାମଲା ନଂ.୧୭୭/୨୨ ରୁଜୁ କରିବା ସହ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

## ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ



ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରାଯାଉଛି।

**ଛତିଆ,୨୯।୮(ଡି.ଏନ.ଏ.)**

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହଯୋଗର ହାତ ବଢ଼ାଇଛି ବଡ଼ଚଣା ବ୍ଲକ ଅଧୀନ ବୈରୀସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍। ସୋମବାର ୧୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବ୍ୟାଙ୍କ୍ ପକ୍ଷରୁ ୩୯ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଛି। ଏନେଇ ଋଣମେଳାର ଆୟୋଜନ କରାଯାଇଥିଲା। ବୈରୀ, ଅମିୟଝରୀ, ସାତଲଣ୍ଡା ଓ ଚମ୍ପାପୁର ଗ୍ରାମର ଅଗ୍ରଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଉପସ୍ଥିତ ରହି ଋଣ ନେଇଥିଲେ। ମୁଖ୍ୟଅତିଥି ଭାବେ ବ୍ୟାଙ୍କ୍‌ର ଆଞ୍ଚଳିକ ବାଣିଜ୍ୟ ମୁଖ୍ୟ ଉମାକାନ୍ତ ପୂଜାରୀ ଯୋଗ ଦେଇଥିଲେ। ଋଣର ଠିକ ବିନିଯୋଗ ଓ ବ୍ୟାଙ୍କ ସହିତ ବିଶ୍ୱସନୀୟତା ବଜାୟ ରଖିବାକୁ ସେ ପରାମର୍ଶ ଦେଇଥିଲେ। ଶାଖା ପରିଚାଳକ ପ୍ରଶାନ୍ତ କୁମାର ସେଠୀ ଋଣ ପରିଶୋଧ ସହିତ ସବ୍‌ସିଡିର ଫାଇଦା ନେବାକୁ ମହିଳାମାନଙ୍କୁ କହିଥିଲେ। ବ୍ୟାଙ୍କ ମିତ୍ର ତନ୍ମୟୀ ଗୌଡ ଋଣ ବାବଦରେ ତାଙ୍କର ସବୁ ସମୟରେ ସହଯୋଗ ନେଇ ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାନ୍ତ ସ୍ୱାଇଁ ଋଣ ମେଳାର ଆୟୋଜନ କରିଥିଲେ। ଚମ୍ପାପୁରସ୍ଥିତ ଗାୟତ୍ରୀ, ସାତଲଣ୍ଡାସ୍ଥିତ ମା’ ପଦ୍ମାବତୀ, ଅମିୟଝରୀସ୍ଥିତ ହରିଶଙ୍କର, ବୈରୀସ୍ଥ ସାଇ ଲକ୍ଷ୍ମୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖ ଋଣ ଗ୍ରହଣ କରିଛନ୍ତି। ବ୍ୟାଙ୍କରୁ ପ୍ରାପ୍ତ ଋଣ ଟଙ୍କାରେ ଗୋପାଳନ, ମାଛ ଚାଷ, କାଇଁଚ ଶିଳ୍ପ ପରି ଲାଭ ଜନକ ବ୍ୟବସାୟରେ ବିନିଯୋଗ କରିବେ ବୋଲି ଋଣ ଗ୍ରହୀତାମାନେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କ୍ ଲୋକ ସମ୍ପର୍କ ଅଧିକାରୀ ସଂଗ୍ରହ କେଶରୀ କୋଦାଳ, ଆର୍ଥିକ ନେଣଦେଣ ମୁଖ୍ୟ ରଞ୍ଜନ ପରିଡ଼ା, ସହକାରୀ କର୍ମଚାରୀ ବ୍ରଜମୋହନ ପୃଷ୍ଟି, ସୁରକ୍ଷା ଅଧିକାରୀ ସେକ ତୋବାରକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିବେକ ରଞ୍ଜନ ବେହୁରା ଧନ୍ୟବାଦ ଦେଇଥିଲେ।

## ଧର୍ମଶାଳା ତହସିଲ ପକ୍ଷରୁ ପଟ୍ଟା ବଣ୍ଟନ

**ଧର୍ମଶାଳା,୨୯।୮(ଡି.ଏନ.ଏ.)**

ଧର୍ମଶାଳା ତହସିଲ ପକ୍ଷରୁ ସୋମବାର ୨୨ଜଣ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ କରାଯାଇଛି। ଧର୍ମଶାଳାସ୍ଥିତ କାର୍ଯ୍ୟାଳୟ ପରିସରରେ ତହସିଲଦାର ସ୍ୱାଗତ ଦାସଙ୍କ ଅଧ୍ୟକ୍ଷତାରେ ଅୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ ନାକପୋଲ ସର୍କଲର ୧୨ ଜଣ, ବାଙ୍କସାହି ସର୍କଲର ୮ ଜଣ, ବଡ଼କାଏମା ଓ ଶ୍ରୀନଗରର ଜଣେ ଲେଖାଏ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ହିତାଧିକାରୀ ଚୟନ ପ୍ରକ୍ରିୟାରେ ସମ୍ପୃକ୍ତ ସର୍କଲର ଆରଆଇ ଉପସ୍ଥିତ ଥିଲେ। ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ମହାନ୍ତି ସୂଚନା ପ୍ରଦାନ କରିଥିଲେ।

## ଅନ୍ଧ, ମୂକ, ବଧିରଙ୍କ ପାଇଁ ଉଦ୍ଦିଷ୍ଟ ଅର୍ଥ ଆତ୍ମସାତ୍



**ପ୍ରୀତିପୁର,୨୯।୮(ଡି.ଏନ.ଏ.)**

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ନୂଆଗାଁ ଠାରେ ଥିବା ସ୍ୱତନ୍ତ୍ର ବିଦ୍ୟାଳୟ ଶିବନ ଶିଳ୍ପର ଅନ୍ଧ, ମୁକ, ବଧିରଙ୍କ ପାଇଁ ଆସୁଥିବା ଅନୁଦାନକୁ ହଡପ କରାଯାଉଛି। ଏହି ମର୍ମରେ ସଂପୃକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ,ଶିକ୍ଷକ ସୋମବାର ବରୁଣେଶ୍ୱର କଲ୍ୟାଣ ମଣ୍ଡପରେ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଅନୁଷ୍ଠାନର ସମ୍ପାଦକଙ୍କ ମନ୍‌ମାନି ଯୋଗୁ ଉକ୍ତ ସ୍କୁଲରେ ବ୍ୟାପକ ଅନିୟମିତତା ହେଉଛି। ଏହି ଆବାସିକ ଅନୁଷ୍ଠାନରେ ପ୍ରାୟ ୨୦ ଜଣ ଅନ୍ତେବାସୀ ରହିଛନ୍ତି। କିନ୍ତୁ ସଂପୃକ୍ତ ସମ୍ପାଦକ ୮୫ ଜଣ ପିଲାଙ୍କ ନାମ ଦର୍ଶାଇ ସରକାରୀ ଅର୍ଥ ହଡ଼ପ କରୁଛନ୍ତି। ଏହାବାଦ ଆବଶ୍ୟକ ଆସବାପତ୍ର, ଚକ ଡଷ୍ଟର ଆଦି ପାଇଁ ଅର୍ଥ ଦେଉ ନାହାନ୍ତି। ସ୍କୁଲ ଶୌଚାଳୟର ସ୍ୱଚ୍ଛତା ଉପରେ ଧ୍ୟାନ ଦିଆ ଯାଇନଥିବା ସେମାନେ ଅଭିଯୋଗ କରିଛନ୍ତି । ଏନେଇ ଜିଲା ସାମାଜିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିବା ସେମାନେ କହିଛନ୍ତି।

## ସାର୍ ଦୋରାବଜୀ ଟାଟାଙ୍କ ଜନ୍ମବାର୍ଷିକୀ ପାଳିତ


ଟାଟାଙ୍କ ଜନ୍ମବାର୍ଷିକ ପାଳନ କରାଯାଉଛି।

**କଳିଙ୍ଗନଗର,୨୯।୮(ଡି.ଏନ.ଏ.)**

ଯାଜପୁର ଜିଲାର ଡୁବୁରୀଠାରେ ଅବସ୍ଥିତ ଟାଟା ଷ୍ଟିଲ କଳିଙ୍ଗନଗର କାରଖାନା ପକ୍ଷରୁ ସାର୍ ଦୋରାବଜୀ ଟାଟାଙ୍କ ୧୬୩ ତମ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ କାରଖାନା ପରିସରରେ ଟାଟା ଷ୍ଟିଲ କଳିଙ୍ଗନଗରର ବରିଷ୍ଠ ଅଧିକାରୀ ଏବଂ କର୍ମମାରୀମାନେ ପୁଷ୍ପଗୁଚ୍ଛ ଦେଇ ସାର୍ ଦୋରାବଜୀ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଚଳିତ ସପ୍ତାହର ପ୍ରାରମ୍ଭରେ ଏହି କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ କର୍ମଚାରୀଙ୍କ ନିମନ୍ତେ ଏକ ଆନ୍ତଃବିଭାଗୀୟ ବ୍ୟାଡମିଣ୍ଟନ ଚ୍ୟାମ୍ପିୟନଶିପ୍‌ର ଆୟୋଜନ କରାଯାଇଥିଲା। ସାର୍ ଦୋରାବଜୀ ଟାଟା ଏଭଳି ଏକ ଅଧ୍ୟକ୍ଷ ଥିଲେ ଯିଏ ସମୟଠାରୁ ଉର୍ଦ୍ଧ୍ୱରେ ଯାଇ କମ୍ପାନୀର କର୍ପୋରେଟ୍ ବ୍ୟବସ୍ଥାରେ ବିଭିନ୍ନ ମାନକଗୁଡ଼ିକୁ ଅନ୍ତର୍ଭୁକ୍ତ କରିଥିଲେ। ଆଇନଗତ ବ୍ୟବସ୍ଥା ଭାବେ ଲାଗୁ ହେବାର ବହୁ ପୂର୍ବରୁ ସେ ପ୍ରଥମ ଥର ପାଇଁ ୮ ଘଣ୍ଟିଆ କାର୍ଯ୍ୟ ଦିବସ, ମାତୃତ୍ୱ ଅବକାଶ, ଭବିଷ୍ୟନିଧି, ଦୁର୍ଘଟଣାଜନିତ କ୍ଷତିପୂରଣ, ମାଗଣା ଚିକିତ୍ସା ସହାୟତା ଆଦି ଜନକଲ୍ୟାଣ ପଦକ୍ଷେପର ଶୁଭାରମ୍ଭ କରିଥିଲେ । ନିଜ ପ୍ରାରମ୍ଭିକ ଜୀବନରେ ଏକ ଆଗ୍ରହୀ କ୍ରୀଡ଼ାବିତ୍ ଭାବେ ପରିଚିତ ସାର୍ ଟାଟା ଭାରତୀୟ ଅଲମ୍ପିକ୍ ଆସୋସିଏଶନ୍‌ର ପ୍ରଥମ ସଭାପତି ଥିଲେ ଓ ଭାରତକୁ ଅଲମ୍ପିକ୍ସରେ ପ୍ରବେଶ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ ଏବେ ମଧ ବ୍ୟବସାୟୀ ଓ ଉଦ୍ୟୋଗୀଙ୍କ ପିଢିକୁ ପ୍ରୋତ୍ସାହିତ କରି ଚାଲିଛନ୍ତି। ଟାଟା ଷ୍ଟିଲର ଏହି ଅଗ୍ରଦୂତଙ୍କ ସାହସ ଓ ଦୃଢ ବିଶ୍ୱାସକୁ ସଲାମ କରିବା ସହିତ ଏକ ଶକ୍ତିଶାଳୀ ଏବଂ ଆତ୍ମନିର୍ଭର ଭାରତ ଗଠନ ଦିଗରେ କାର୍ଯ୍ୟଜାରି ରଖିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ।

## ତଦନ୍ତ ରିପୋର୍ଟ ମାଗିଲେ ଏନ୍‌ଏଚ୍‌ଆରସି

**ଯାଜପୁର ଅଫିସ,୨୯।୮**

ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ମା ଓ ଝିଅଙ୍କୁ ଗାଡି ଚଢ଼ାଇ ହତ୍ୟା ଅଭିଯୋଗ ସଂକ୍ରାନ୍ତରେ ଏନ୍‌ଏଚ୍‌ଆରସି(ନ୍ୟାଶନାଲ ହ୍ୟୁମାନ ରାଇଟକମିଶନ)ରେ ଏକ ମାମଲା (କେଶ ନମ୍ବର ୧୨୯୨୯/ଇନ/୨୦୨୨) ରୁଜୁ ହୋଇଛି। ସୋମବାର ଉକ୍ତ ମାମଲାର ବିଚାର କରି କମିଶନ ୮ ସପ୍ତାହ ଭିତରେ

**ଗାଡ଼ି ଚଢ଼ାଇ ମା,ଝିଅଙ୍କୁ ହତ୍ୟା ମାମଲା**

ଘଟଣାର ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଯାଜପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ବିକାଶ ପରିଷଦର ଜଗତସିଂହପୁର ଜିଲା ସଭାପତି ସୁବ୍ରତ କୁମାର ଦାଶ ଏନ୍‌ଏଚ୍‌ଆରସିରେ ଏହି ମାମଲା ରୁଜୁ କରିଥିଲେ। ଅଭିଯୋଗ ଅନୁସାରେ ୩।୮।୨୦୨୨ରେ ଯାଜପୁର ଜିଲା ସୁକିନ୍ଦା ରଥଗାଡ଼ିଆ ଅଞ୍ଚଳର ଶ୍ରୀତିକା ଚକ୍ରବର୍ତ୍ତୀ ଏବଂ ତାଙ୍କ ଝିଅ ସୋନାଲିଙ୍କୁ ଜେନାପୁର ଥାନା ଅଞ୍ଚଳର ବରଡ଼ା ଛକ ନିକଟରେ ଗାଡ଼ି ଚଢ଼େଇ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଜେନାପୁର ଥାନା ପୋଲିସ ସମ୍ପୃକ୍ତ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେଣୁ ମା ଓ ଝିଅଙ୍କ ପରିବାରଙ୍କୁ ୩୦ ଲକ୍ଷ ଟଙ୍କା କ୍ଷତିପୁରଣ ଦେବାକୁ ଦାସ ଏନ୍‌ଏଚ୍‌ଆରସିର ଦ୍ୱାରସ୍ଥ ହୋଇଛନ୍ତି।

## ‘ହୃଦୟବାନ୍ ବ୍ୟକ୍ତି ଅଭାବ ଅନୁଭବ କରେ ନାହିଁ’

**ଚଣ୍ଡିଖୋଲ,୨୯।୮(ଡି.ଏନ.ଏ.)**

କେବଳ ସାର୍ଟିଫିକେଟ ପାଇଗଲେ ତାହାକୁ ଶିକ୍ଷିତ କୁହାଯାଇପାରିବ ନାହିଁ। ପ୍ରତ୍ୟେକ ମଣିଷ ଭିତରେ ମଣିଷପଣିଆ ରହିବା ଉଚିତ। ଗୋଟିଏ ହୃଦୟବାନ୍ ବ୍ୟକ୍ତି ନିକଟରେ ଭାବର ଆଦାନ ପ୍ରଦାନର ଅଭାବ ନ ଥାଏ। ତା’ ନିକଟରେ ପ୍ରେମ ଓ ଭଲପାଇବାର ଅଭାବ ପରିଲକ୍ଷିତ ହୁଏ ନାହିଁ, କାରଣ ତା’ ନିକଟରେ ବଡ଼ ହୃଦୟ ଥାଏ। ଯେଉଁଥିପାଇଁ ସେ ସମାଜର ସବୁବର୍ଗର ଲୋକଙ୍କୁ ଭଲ ପାଇଥାଏ। ରିଙ୍କୁ ମେମୋରିଆଲ ବକ୍ତୃତା ମାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. କୁମରବର ଦାସ ଏହା କହିଛନ୍ତି।

ବଡ଼ଚଣା ବ୍ଲକ ଅଧୀନ ଛତିଆସ୍ଥିତ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ ପରିସରରେ ସୋମବାର ପରିଚାଳନା କମିଟି ସଭାପତି ପ୍ରଫେସର କେଦାର ନାଥ ଦାସଙ୍କ ସଭାପତିତ୍ୱରେ ରିଙ୍କୁ ମେମୋରିଆଲ ବକ୍ତୃତାମାଳା ‘ସାହିତ୍ୟ, ସମାଜ ଓ ଅର୍ଥନୀତି’ ଉପରେ ଅନୁଷ୍ଠିତ ହୋଇଯାଇଛି। ଇଂ. ଉନ୍ମେଷ ଶେଖର ସାମଲ ଓରଫ ରିଙ୍କୁଙ୍କ ଷଷ୍ଠ ଶ୍ରାଦ୍ଧ ବାର୍ଷିକୀ ଅବସରରେ ମହାବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ଦୁଇଟି ବିଶ୍ରାମସ୍ଥଳୀ ଟ୍ରଷ୍ଟ ପକ୍ଷରୁ ନିର୍ମାଣ ପାଇଁ ଅତିଥି ଶିଳାନ୍ୟାସ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଶୁଭଦର୍ଶିନୀ ମହାନ୍ତି ଅତିଥିଙ୍କୁ ସ୍ୱାଗତ କରିଥିଲେ। ପ୍ରଫେସର ଚିତ୍ତରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ବିଶ୍ୱନାଥ ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ କବି ରୁଦ୍ରପ୍ରସନ୍ନ ସାମଲ ଟ୍ରଷ୍ଟି ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପାଠାଗାର ସୃଷ୍ଟି କରି ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କହିଥିଲେ। ଶେଷରେ ରିଙ୍କୁ ମେମୋରିଆଲ ଟ୍ରଷ୍ଟ ମୁଖ୍ୟ ଟ୍ରଷ୍ଟି ପ୍ରଫେସର ରବୀନ୍ଦ୍ର କୁମର ସାମଲ ଧନ୍ୟବାଦ ଦେବା ସହ ଆଗାମୀ କାର୍ଯ୍ୟପନ୍ଥା ନେଇ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇ ଥିଲା।


ରିଙ୍କୁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ବକ୍ତୃତା ମାଳାରେ ଯୋଗ ଦେଇଥିବା ଅତିଥି।

## ରାଜ୍ୟସ୍ତରୀୟ ଚିତ୍ରଶିଳ୍ପୀ ଶିବିର ଉଦ୍‌ଯାପିତ

**ପାଣିକୋଇଲି,୨୯।୮(ଡି.ଏନ.ଏ.)**

ଓଡିଆଣୀ ଆୟୋଜିତ ଓ ଜଳେଶ୍ୱର ଆର୍ଟ ଫାଉଣ୍ଡେଶନ ସହଯୋଗରେ ପାଣିକୋଇଲି ଓଡ଼ିଆଣୀ ପରିସରରେ ଚାଲିଥିବା ୨ୟ ରାଜ୍ୟସ୍ତରୀୟ ଚିତ୍ରଶିଳ୍ପୀ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଚିତ୍ରିତ ଚିତ୍ରକୁ ଅତିଥି ଓ ଦର୍ଶକଙ୍କ ପାଇଁ ଖୋଲା ଯାଇଥିଲା। ଉଦ୍‌ଯାପନୀ ଉତ୍ସବ ଓଡ଼ିଆଣୀର ପ୍ରତିଷ୍ଠାତା ଦିଲ୍ଲୀପ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଜଳେଶ୍ୱର ଆର୍ଟ ଫାଉଣ୍ଡେଶନର ମୁକ୍ତିପଦ ନନ୍ଦୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିଥି ଭାବେ ଥାନାଧିକାରୀ ଚିନ୍ମୟୀ ବେହେରା, ସାମାଜିକ କର୍ମୀ ଅଭିମନ୍ୟୁ ଦାସ, କୃଷକ ଲକ୍ଷ୍ମଣ ଦାସ, ସୁବାସ ଧଳ, ଆଲୋକ ମହାନ୍ତି, ଧରଣୀଧର ଘଡ଼ାଇ, ଶରତ ଜେନା, ଅଶୋକ ବଳ ପ୍ରମୁଖ ଯୋଗଦେଇ ଚିତ୍ର ପ୍ରଦର୍ଶନୀ ବୁଲି ଦେଖିବା ସହ ଚିତ୍ରଶିଳ୍ପୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିଳ୍ପୀ କେଶୁ ଦାସ ଓ ବ୍ରଜ ଷଡ଼ଙ୍ଗୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୫ ଜଣ ଚିତ୍ର ଶିଳ୍ପୀ ମୁକ୍ତିପଦ ନନ୍ଦୀ, ସନ୍ତୋଷ ବେହେରା, ପ୍ରଶନ୍ନ ସ୍ୱାଇଁ, ବିରଜା ଶଙ୍କର ଷେଣ୍ଢ, ଦେବାଶିଷ ପତି, ପୂର୍ଣ୍ଣେନ୍ଦୁ ପ୍ରକାଶ ପତି, ସୁଶୋଭନା ପାତ୍ର, ତୃପ୍ତିଲତା ସାହୁ, ନିବେଦିତା ବେହେରା, ଅରୁଣ ବାରିକ, ରୂପକ ଦାସ, ଧର୍ମପଦ ବିଶ୍ୱାଳ ଓ ଗୋକୁଳାନନ୍ଦ ଦାସ ପ୍ରମୁଖ ଯୋଗେଦଇ ଓଡ଼ିଶାର ଓଡ଼ିଆଣୀ ତଥା କୃଷି ଭିତ୍ତିକ ଚିତ୍ର ଆଙ୍କିଥିଲେ। ଶେଷରେ ଦେବାଶିଷ ପଣ୍ଡା ଧନ୍ୟବାଦ ଦେଇଥିଲେ।


ରାଜ୍ୟସ୍ତରୀୟ ଚିତ୍ରଶିଳ୍ପୀ ଶିବିରରେ ସମ୍ବର୍ଦ୍ଧିତ ହୋଇଥିବା ପ୍ରତିଭା।

## ସଂକ୍ଷେପରେ

### ମହୁ ପଞ୍ଚାୟତରେ ୩୨୬ ଅଭିଯୋଗ

ଆଳି,୨୯।୮(ଡି.ଏନ.ଏ.): ଆଳି ବ୍ଲକ ମହୁ ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୨୬ଟି ଅଭିଯୋଗ ହୋଇଥିବା ବିଡିଓ ଦ୍ୱିବେନ୍ଦୁ ଦାସ କହିଛନ୍ତି। ଅଭିଯୋଗ ମଧ୍ୟରୁ ମହୁ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ମିଶ୍ର ସାହି ରାସ୍ତାରୁ ମହୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାଏ ପାସ ରୋଡ ନିର୍ମାଣ ସହ ଜଳ ନିଷ୍କାସନ ନିମନ୍ତେ ଡ୍ରେନେଜ କରିବା ନିମନ୍ତେ ଦାବି ହୋଇଥିଲା। ଏହି ଶିବିରରେ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରକୁ ସରପଞ୍ଚ ମହେଶ୍ୱର ତ୍ରିପାଠୀ ଓ ସମିତିସଭ୍ୟା ପ୍ରତିନିଧି ଭରତ ଦାସ ପରିଚାଳନା କରିଥିଲେ।

### କୁଜଙ୍ଗର ପ୍ରଥମ ସରପଞ୍ଚ ସମ୍ବର୍ଦ୍ଧିତ

କୁଜଙ୍ଗ,୨୯।୮(ଡି.ଏନ.ଏ.): କୁଜଙ୍ଗ ପଞ୍ଚାୟତର ପ୍ରଥମ ସରପଞ୍ଚ ହାଡିବନ୍ଧୁ ଶତପଥୀଙ୍କୁ ତାଙ୍କ ବାସଭବନରେ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ପହଞ୍ଚି ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ୧୯୫୭ରେ ପ୍ରଥମେ ଯେତେବେଳେ ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳନ କରାଗଲା ସେତେବେଳେ କୁଜଙ୍ଗକୁ ଏକ ଜୋନ୍ କୁହାଯାଉଥିଲା। ତତ୍କାଳୀନ ସମୟରେ ପ୍ରଥମ କରି କୁଜଙ୍ଗ ବିକାଶର ମୁଖ୍ୟ ପୁରୋଧା ଶତପଥୀ ମନୋନୀତ ହୋଇଥିଲେ। ପରେ କୁଜଙ୍ଗର ସରପଞ୍ଚ ହୋଇଥିଲେ। ସେ କୁଜଙ୍ଗ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ଓ ବାଲିଆ ହାଇସ୍କୁଲ୍‌ର ପ୍ରତିଷ୍ଠାତା ଥିଲେ। ବର୍ତ୍ତମାନ ସେ ୧୦୪ ବର୍ଷ ବୟସରେ ପଦାର୍ପଣ କରିଥିବାବେଳେ ଅସୁସ୍ଥ ହୋଇପଡିଛନ୍ତି। ସମ୍ବର୍ଦ୍ଧନା ସମୟରେ ତାଙ୍କ ପୁଅ ସଚ୍ଚିତାନନ୍ଦ ଶତପଥୀ, ସୁଧାଂଶୁ ଶେଖର ଶତପଥୀ, ଭଣଜା ରାମଚନ୍ଦ୍ର ଶତପଥୀ, କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଜିଲାପରିଷଦ ସଭ୍ୟା ପୁଷ୍ପଲତା ବେହେରା, ପ୍ରକାଶ ବେହେରା, କୈଳାସ ଷଡଙ୍ଗୀ, ଶୁଭ୍ରକାନ୍ତ ସାମନ୍ତରାୟ ଓ ଅରୁଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଋଣମେଳା

ରାଜନଗର, ୨୯।୮(ଡି.ଏନ.ଏ.): ରାଜନଗର ବ୍ଲକ ଗୁପ୍ତିସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପକ୍ଷରୁ ଋଣମେଳା ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଶାଖା ପରିଚାଳକ ବିନୟ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମେଳାରେ ଈଶ୍ୱରପୁର, ଗୁପ୍ତି ଓ ସାତଭାୟା ପଞ୍ଚାୟତର ୫୮ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧ କୋଟି ୬୫ ଲକ୍ଷ ଟଙ୍କାର ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଛି। ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଓ ସମ୍ପାଦିକା ଉପସ୍ଥିତ ରହି ଏହି ଋଣ ମଞ୍ଜୁର ପତ୍ର ଗ୍ରହଣ କରିଥିଲେ। ଏହି ଋଣ ପ୍ରଦାନ ମେଳାରେ ବ୍ୟାଙ୍କର ରିଜିଓନାଲ ମ୍ୟାନେଜର ପୂର୍ଣ୍ଣେନ୍ଦୁ ମହାପାତ୍ର, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଓଡ଼ିଶା ଜୀବିକା ମିଶନର ନିହାର ରଞ୍ଜନ ବିଶ୍ୱାଳ, କ୍ୟାମ୍ପ ଅଫିସର ଅମରଜିତ ଦାସ, ବ୍ୟାଙ୍କ ମିତ୍ର ଝରଣା ଦାସ, ପଞ୍ଚାୟତ ମିଶନ ଶକ୍ତି ଫେଡେରେଶନ ଗୁପ୍ତିର ସଭାନେତ୍ରୀ ରଶ୍ମିତା ସାହୁ, ସୁମିତ୍ରା ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।

# ଖରିଫ ଧାନରେ ମାଟିଆଗୁଣ୍ଡି ପୋକ

- ବର୍ଷା, ବନ୍ୟା ପରେ ଚାଷୀଙ୍କ ସାର ଓ କୀଟନାଶକ ଚିନ୍ତା
- ବଜାରରେ ୟୁରିଆ ବସ୍ତା ପ୍ରତି ୨୦୦ଟଙ୍କା ଅଧିକ ଦର
- ୮ ବ୍ଲକରେ ଋଣ ଶୁଝିବା ଆଶଙ୍କାରେ ଚାଷୀ

କେନ୍ଦ୍ରାପଡ଼ା ଅଫିସ, ୨୯।୮

ଚଳିତ ବର୍ଷର ଲଗାଣ ବର୍ଷା ଓ ବନ୍ୟାଜନିତ କ୍ଷତି ଆକଳନ ସରିନାହିଁ। ରାଜକନିକା ଓ ଆଳି ବ୍ଲକ ଅଞ୍ଚଳରେ ପୁନର୍ବାର ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀରେ ବନ୍ୟା ଆସି କ୍ଷେତ ଜମି ପାଣି ଘେରରେ ଅଛି। ଏପରିକି ମହାନଦୀ ସିଷ୍ଟମ୍‌ରେ ହୋଇଥିବା ବନ୍ୟାରେ କ୍ଷେତରୁ ପାଣି ନିଷ୍କାସନ ହୋଇନାହିଁ। ଏହି ସମୟରେ ମାଟିଆ ଗୁଣ୍ଡି ପୋକ ଚାଷୀଙ୍କ ଉପରେ୨ ଦାଉ ସାଜିଛି। ବନ୍ୟା ଘେରରେ ନ ଥିବା ଖରିଫ ଧାନ କ୍ଷେତରେ ଏହି ପୋକ ପ୍ରବଳ ମାତ୍ରାରେ ଦେଖାଗଲେଣି। ମାଟିଆ ଗୁଣ୍ଡି ପୋକ ଜିଲାର ୮ ବ୍ଲକ ଅଞ୍ଚଳର ଖରିଫ ଧାନ ଚାଷ ଉପରେ ପ୍ରଭାବ ପକାଇଛନ୍ତି। ଏଥିସହ ସାର କଳାବଜାରରେ ବିକ୍ରି ଚାଲିଛି ବୋଲି ଜିଲା କୃଷି ବିଭାଗ ଅଧିକାରୀଙ୍କ ନିକଟରେ ସୋମବାର ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ଅଭିଯୋଗକାରୀ ଜଜାଙ୍ଗ ଗ୍ରାମର ଚାଷୀ ହରେକୃଷ୍ଣ ବେହେରା କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ଚାଷୀଙ୍କ ପାଇଁ ଚଳିତବର୍ଷ ସଙ୍କଟମୟ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଥମେ ଲଗାଣବର୍ଷା ଓ ପରେ ବନ୍ୟା ଆସି ଖରିଫ ଚାଷକୁ ନଷ୍ଟ କରିଥିଲା। ତେବେ ଚାଷୀମାନେ ପୁଣି ଥରେ ଧାନ ରୋଇ ଜୀବିକା ନିର୍ବାହ କରିବାକୁ ଆଶା ବାନ୍ଧିଥିବା ବେଳେ ମାଟିଆଗୁଣ୍ଡି ପୋକ ଦେଖାଦେଇଛି। ସେହିପରି ଜିଲା ମଧ୍ୟରେ ଥିବା ୧୨୧ ସମବାୟ ସମିତି ମଧ୍ୟରୁ ୨୯ଟି ସମିତିରେ ୟୁରିଆ ସାର ପହଞ୍ଚି ନାହିଁ। ଫଳରେ କେତେଜଣ ସାର ବ୍ୟବସାୟୀ ଏହାର ଫାଇଦା ଉଠାଉଛନ୍ତି। କୃଷକ ନେତା ବିଧୁଭୂଷଣ ମହାପାତ୍ର କହିଛନ୍ତି, ପ୍ରତିବର୍ଷ ଖରିଫ ଧାନ ସମୟରେ ପୋକ ଲାଗିବା ଫଳରେ ୩୦ରୁ ୪୦ ପ୍ରତିଶତ ଚାଷ ନଷ୍ଟ ହେଉଛି। ଏ ନେଇ କୃଷି ବିଶେଷଜ୍ଞ ନିରୀକ୍ଷଣ କରି ଆବଶ୍ୟକ ପରାମର୍ଶ ସହ ରାସାୟନିକ ସାର ଓ କୀଟନାଶକ ବ୍ୟବସ୍ଥା କରିବା କଥା। ସାର ଓ କୀଟନାଶକ ପର୍ଯ୍ୟାପ୍ତ ପରିମାଣରେ ଜିଲାରେ ମିଳୁ ନ ଥିବାରୁ ଚାଷୀଙ୍କ କ୍ଷତିଭରଣା ସରକାର କରିବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି। କେନ୍ଦ୍ରାପଡ଼ା ବ୍ଲକ ଦେପୁରା ଗ୍ରାମର ଚାଷୀ ଜଗଦୀଶ ପତି କହିଛନ୍ତି, ଚଳିତବର୍ଷ ଚାଷ ପାଇଁ ନିକଟସ୍ଥ ସମବାୟ ସମିତିରୁ ୩୦ ହଜାର ଟଙ୍କା ଋଣ କରିଛି। ତେବେ ସାରର ଅଭାବ ଓ ପୋକ ଆକ୍ରମଣରେ ଚାଷ ଜମି ନଷ୍ଟ ହୋଇଛି। ଏ ପରିସ୍ଥିତିରେ ଋଣ ଶୁଝିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜିଲା ସହକାରୀ କୃଷି ଅଧିକାରୀ ଶୁଭଲକ୍ଷ୍ମୀ ନାୟକଙ୍କୁ ପଚାରିବାରେ ବର୍ଷା ଓ ବନ୍ୟା ପାଣି ଛାଡ଼ିବା ପରେ ମାଟିଆଗୁଣ୍ଡି ପୋକ ଖରିଫ ଧାନଚାଷରେ ଦେଖାଯାଆନ୍ତି। ଜମିରୁ ପାଣି ନିଷ୍କାସନ କରି ପୁନର୍ବାର ପାଣି ଭରିବା, ଏ ସମୟରେ ଯବକ୍ଷାରଯାନ ଜାତୀୟ ସାର ପ୍ରୟୋଗ ନ କରିବା, ଅନୁମୋଦିତ ଭାବେ ପଟାସ ସାର ପ୍ରୟୋଗ କରିବା ଆଦି କେତେକ ପ୍ରତିକାର ବ୍ୟବସ୍ଥା ସମ୍ପର୍କରେ ଚାଷୀଙ୍କୁ ସତର୍କ କରାଯାଉଛି। ଗୋଟିଏ ପ୍ରକାର କୀଟନାଶକ ବ୍ୟବହାର ନ କରି ଅଦଳବଦଳ ପାଇଁ ପରାମର୍ଶ ଦିଆଯାଉଛି। ୫୦ ପ୍ରତିଶତ ରିହାତିରେ ରାସାୟନିକ କୀଟନାଶକ ଚାଷୀଙ୍କ ପାଇଁ ଯୋଗାଇ ଦିଆଯାଉଥିବା ଓ ସାର ଅଭାବ ପରିସ୍ଥିତି ରୋକାଯାଉଛି ବୋଲି ସେ କହିଛନ୍ତି।


ଜମିରେ ଧାନଗଛରେ ମାଟିଆଗୁଣ୍ଡି ପୋକ ଲାଗି ନଷ୍ଟ କରୁଛନ୍ତି।

## ବ୍ରାହ୍ମଣୀ ନଦୀ ଗାଧୋଇବା ବେଳେ ଭାସିଯାଇ ଯୁବକ ମୃତ

ପଟ୍ଟାମୁଣ୍ଡାଇ,୨୯।୮(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଧୋୟା ଅଞ୍ଚଳର ବ୍ରାହ୍ମଣୀ ଓ ଏହାର ଶାଖା କାଣୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ରବିବାରଠାରୁ ବନ୍ୟାଜଳ ହ୍ରାସ ପାଉଥିଲେ ହେଁ ଏବେ ମଧ୍ୟ ବିପଦ ଟଳିନି। ସୋମବାର ମଧ୍ୟାହ୍ନରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ବ୍ରାହ୍ମଣୀ ନଦୀର କାଠପାହି ଘାଟରେ ଗାଧୋଉଥିବା ଜଣେ ଯୁବକ ବନ୍ୟା ସ୍ରୋତରେ ଭାସିଯାଇ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ବାଲିପଡା ଗାଁର ସୁବାସ ଚନ୍ଦ୍ର ସାହୁଙ୍କ ପୁଅ ସୌମ୍ୟରଞ୍ଜନ (୨୦)। କାଠପାହି ଘାଟରେ ସେ ସାଙ୍ଗମାନଙ୍କ ସହ ଗାଧୋଉଥିବାବେଳେ ଭାସିଯାଇଥିଲେ। ନଦୀରେ ସ୍ରୋତ ପ୍ରଖର ଥିବାରୁ ତାଙ୍କୁ ଉଦ୍ଧାର କରାଯାଇ ପାରି ନ ଥିଲା। ତେବେ ନିକଟରେ ଡଙ୍ଗିରେ ମାଛ ଧରୁଥିବା ସ୍ଥାନୀୟ ବଙ୍ଗାଳିଦିଆ ଗାଁର କେତେଜଣ ବ୍ୟକ୍ତି ସାହାସ ଜୁଟାଇ ସୌମ୍ୟରଞ୍ଜନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲେ। ଘଣ୍ଟାଏ ପରେ ସୌମ୍ୟରଞ୍ଜନଙ୍କ ମୃତଦେହକୁ ମାଛଧରାଳୀମାନେ ପାଣି ଭିତରୁ ଉଦ୍ଧାର କରିଥିଲେ। ମୃତ ସୌମ୍ୟରଞ୍ଜନଙ୍କ ବାପା ପଟ୍ଟାମୁଣ୍ଡାଇ ବଜାରରେ ବ୍ୟବସାୟ କରୁଥିବାବେଳେ ସେ ସହଯୋଗ କରୁଥିଲେ। ସେ ମଧ୍ୟ ତାଙ୍କ ପରିବାରରେ ଏକମାତ୍ର ପୁଅ ଥିଲେ।

## ବଛରାଇ ପଞ୍ଚାୟତରେ ୯୬୦ ଅଭିଯୋଗ



ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ମାର୍ଶାଘାଇ,୨୯।୮(ଡି.ଏନ.ଏ.)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବଛରାଇ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ ଉଦ୍‌ଘାଟନ କରିଥିଲେ। ମୋଟ ୯୬୦ ଅଭିଯୋଗ ଗ୍ରହଣ କରାଯାଇଥିଲା। ୧୨ ଗୋଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବ୍ୟାଙ୍କ ଲିଙ୍କେଜ ପ୍ରଦାନ କରାଯାଇଥିଲା। ୪୦ ଜଣ ଅଣସଂଗଠିତ ଶ୍ରମିକଙ୍କ ପଞ୍ଜୀକରଣ କରାଯାଇଥିଲା। ୯ଜଣଙ୍କ ମାଟି ଓ ୭ ଜଣଙ୍କ ପାଣି ପରୀକ୍ଷା କରାଯାଇଥିଲା। ମତ୍ସ୍ୟ ଓ ଗୋପାଳନ ପାଇଁ ୩୬ଜଣ, ଭତ୍ତା ପାଇଁ ୧୧ ଜଣ ଆବେଦନ କରିଥିଲେ। ଶୂନ୍ୟରୁ ପାଞ୍ଚ ବର୍ଷର ୪୭ଜଣ ଶିଶୁଙ୍କ ଆଧାର ପଞ୍ଜୀକରଣ କରାଯାଇଥିବା ବେଳେ ୧୦୦ ପ୍ରାଣୀଙ୍କ ଟିକାକାରଣ କରାଯାଇଥିଲା। ବ୍ଲକ ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ଜିଲା ପରିଷଦ ସଭ୍ୟ ପ୍ରମୋଦ ରଥ, ଅତିରିକ୍ତ ତହସିଲଦାର ଅଶୋକ ବେହେରା, ସରପଞ୍ଚ ଛବିଲତା ସେଠୀ, ସମିତି ସଭ୍ୟ ଝୁନିଲତା ବେହେରା ଓ ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ପ୍ରଧାନ ମଞ୍ଚାସୀନ ଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ କୃଷି ଅଧିକାରୀ ସୌମେନ୍ଦ୍ର ମହାନ୍ତି, ଯୋଗାଣ ଅଧିକାରିଣୀ ରଶ୍ମିପ୍ରଭା ସାହୁ, ଜୀବିକା ମିଶନର ସଂଜ୍ଞା ସାଗରିକା ପଣ୍ଡା, ଉଦ୍ୟାନ ଅଧିକାରୀ ଶରତ ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୁଶାନ୍ତ ମହାନ୍ତି, ପ୍ରିୟଦର୍ଶିନୀ ନାୟକ ଓ ସ୍ମିତା ଦାସ ଉପସ୍ଥିତ ଥିଲେ।

## ବର୍ଷାଜଳ ନିଷ୍କାସନ ନ ହେବାରୁ ରାସ୍ତାରୋକୋ

ପଟ୍ଟାମୁଣ୍ଡାଇ,୨୯।୮(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗୋଗୁଆ ପାଟରେ ଥିବା ଶତାଧିକ ଏକର ଜମିରେ ୧୦ ଦିନ ପାଣି ଜମି ରହିଛି। ଫଳରେ ଗାଙ୍ଗପଡା, ବାଡମୁଳବସନ୍ତ, କେସପୁର, ଚନ୍ଦନପୁର ପଞ୍ଚାୟତର ଚାଷ ଜମିରୁ ପାଣି ଛାଡୁନି। ପାଣି ନିଷ୍କାସନ ନିମନ୍ତେ ୪ଟି ପଞ୍ଚାୟତ ଗ୍ରାମବାସୀ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। କେହି ନ ଶୁଣିବାରୁ ସୋମବାର ୨୦୦ରୁ ଅଧିକ ଲୋକ ଏକ ଜୁଟ ହୋଇ କଟକ-ଚାନ୍ଦବାଲି ରାସ୍ତାର ବଡ଼ ମୁଳୁବସନ୍ତ ଛକରେ ରାସ୍ତାରୋକୋ କରିବା ସହ ଦୋକାନ ବଜାର ବନ୍ଦ କରି ଦେଇଥିଲେ। ଫଳରେ ଚାଲୁଥିବା ଗାଡି ମୋଟର ବନ୍ଦ ରହିଥିଲା। ତୁରନ୍ତ ସ୍ଥାୟୀ ନାଳ ନିର୍ମାଣ, ନାଳ ନିର୍ମାଣ ସମୟରେ ସାମୂହିକ ସ୍ୱାର୍ଥକୁ ଦୃଷ୍ଟି ଦିଆଯାଉ ବୋଲି ଲୋକମାନେ ଦାବି କରିଛନ୍ତି। ଖବର ପାଇ ତହସିଲଦାର, ଥାନା ଅଧିକାରୀ, ବିଡିଓ ପହଞ୍ଚି ରାସ୍ତାରୋକୋ କରିଥିବା ଲୋକଙ୍କୁ ବୁଝାଶୁଝା କରିବାରୁ ପ୍ରତ୍ୟାହୃତ ହୋଇଥିଲା।

## ପଟ୍ଟାମୁଣ୍ଡାଇରେ ୫୦୩ ୟୁନିଟ ରକ୍ତ ସଂଗ୍ରହ

ପଟ୍ଟାମୁଣ୍ଡାଇ,୨୯।୮(ସ୍ୱ.ପ୍ର.):

ପଟ୍ଟାମୁଣ୍ଡାଇ ଯୁବ ଛାତ୍ର ବିଜେଡି ଓ ଓଡ଼ିଶା ମୋ ପରିବାର ପକ୍ଷରୁ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ନେତୃତ୍ୱରେ ସୋମବାର ପଟ୍ଟାମୁଣ୍ଡାଇ କଲେଜଠାରେ ଏକ ମେଗା ରକ୍ତଦାନ ଶିବିର ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ୫୦୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ବିଧାୟକ ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିର ସଂଯୋଜକ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଅଶୋକ ଧଳ ଓ ଯୁବ ସଙ୍ଗଠକ ବାବନ ସାହୁଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ପୌର ଅଧ୍ୟକ୍ଷ ହେମନ୍ତ ସାହୁ, ରାଜ୍ୟ ଯୁବ ବିଜେଡି ମହାସଚିବ ଏଲିନା ଦାସ, ସାଧାରଣ ସମ୍ପାଦିକା ସୋନାଲି ପ୍ରିୟଦର୍ଶନୀ, ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ପ୍ରତାପ ଦାସ, ଜିଲା ଛାତ୍ର ବିଜେଡି ସଭାପତି ପ୍ରଦୀପ ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବୈବ୍ରତ ବିଶ୍ୱାଳ, ନଗର ଯୁବ ବିଜେଡି ସଭାପତି ମନୋଜ ନାୟକ, ଜିଲା ଓଡ଼ିଶା ମୋ ପରିବାର ସଂଯୋଜକ ହିରଣ୍ୟ ପଣ୍ଡା ଓ ଶିବ ପ୍ରସାଦ ଭୋଳ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

## ଜାତୀୟ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ


କ୍ରୀଡା ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଆଳି,୨୯।୮(ଡି.ଏନ.ଏ.)

ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନରେ ଆଳି ବ୍ଲକ କ୍ରୀଡା ଶିକ୍ଷକ ସଙ୍ଗଠନ ପକ୍ଷରୁ ଜାତୀୟ କ୍ରୀଡା ଦିବସ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଳି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୦୦ ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରଥମେ ଆଳିର ଆରାଧ୍ୟ ଦେବତା ପ୍ରଭୁ ଲକ୍ଷ୍ମୀ ବରାହ ମନ୍ଦିର ପ୍ରାଙ୍ଗଣରୁ ଶୋଭାଯାତ୍ରା ବାହାରି ଆଳି ବଜାର ପରିକ୍ରମା କରି ଆଳି ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଥିଲେ। ମେଜର ଧ୍ୟାନଚାନ୍ଦଙ୍କ ଉଦ୍ଦେଶ୍ୟରେ ଏକ କବାଡି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଆଳି ପଞ୍ଚାୟତ ସମିତିର ଅଧ୍ୟକ୍ଷ ମନୋରଞ୍ଜନ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ୨ ନଂ. ଜୋନର ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି ଓ ସମ୍ମାନୀତ ଅତିଥି ଚଣ୍ଡୀଆଗଡି ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟ ରଞ୍ଜନ ଦାସ, ଡିପିଏସ୍ ନୋଡାଲ ସ୍କୁଲ ପଦନିପାଳର ପ୍ରଧାନ ଶିକ୍ଷକ ନୃସିଂହ ଚରଣ ନନ୍ଦି, ଶରତ କୁମାର ଦେବ ନୋଡାଲ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମଲ୍ଲିକ, ଚକ୍ରଧର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋରେନ ସାର ଉପସ୍ଥିତ ରହି ପିଲାମାନଙ୍କୁ କ୍ରୀଡାର ମହତ୍ତ୍ୱ ବିଷୟରେ ଅବଗତ କରାଇଥିଲେ। ଏହି ସଭାରେ ରଶ୍ମିତା ସେନାପତି ଆଳି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଭାପତିତ୍ୱ କରିଥିଲାବେଳେ, କ୍ରୀଡା ଶିକ୍ଷକ ଶିକ୍ଷକ ସୁଶାନ୍ତ କୁମାର ମଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଳି ବ୍ଲକ କ୍ରୀଡା ଶିକ୍ଷକ ସଙ୍ଗଠନର ସମ୍ପାଦକ ଶରତ କୁମାର ସାହୁ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ପରିଚାଳନାରେ କ୍ରୀଡା ଶିକ୍ଷକ ଚିତ୍ତ ରଞ୍ଜନ ଦାସ, ସନ୍ତୋଷ କୁମାର ସାହୁ, ବାବାଜୀ ଚରଣ ଦଳାଇ , ରିତେଶ ଦାସ, ସର୍ଫରାଜ ଖାଁ, ସେକ ମହମ୍ମଦ ଅଲୀ, ଓ ଶିକ୍ଷୟିତ୍ରୀ ଶଶିରେଖା ଆଚାର୍ଯ୍ୟ, ସବିତା ତ୍ରିପାଠୀ ଓ ସବିତା ଜେନା ସହଯୋଗ କରିଥିଲେ।

## ମନ୍ତ୍ରୀଙ୍କ ମାର୍ଶାଘାଇର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା


ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମାର୍ଶାଘାଇ ତହସିଲରେ ପହଞ୍ଚି ବିଭିନ୍ନ କାର୍ଯ୍ୟ ବିଷୟରେ କର୍ମଚାରୀଙ୍କୁ ପଚାରି ବୁଝୁଛନ୍ତି।

ମାର୍ଶାଘାଇ,୨୯।୮(ଡି.ଏନ.ଏ.)

ମାର୍ଶାଘାଇ ବଜାର ସଂଲଗ୍ନ ଅଞ୍ଚଳରେ କିପରି ଉନ୍ନତିକରଣ କରାଯିବ ସେନେଇ ସୋମବାର ରାଜ୍ୟ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କ୍ଷେତ୍ର ପରିଦର୍ଶନ ସହ ସମୀକ୍ଷା କରିଛନ୍ତି। ମନ୍ତ୍ରୀ ନାୟକ ପ୍ରଥମେ ମାର୍ଶାଘାଇ ତହସିଲ କାର୍ଯ୍ୟାଳୟରେ କୋର୍ଟ ପ୍ରତିଷ୍ଠା ନେଇ ପରିସର ବୁଲି ଦେଖିବା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କିପରି ନୂତନ ଘର, ଷ୍ଟାଫ କ୍ୱାର୍ଟର୍ସ ନିର୍ମାଣ ଓ ପରିବେଶ ପରିଷ୍କାର ଉପରେ ଆଲୋଚନା କରିଥିଲେ। ପରେ ମାର୍ଶାଘାଇଠାରେ ମିଶନ ଶକ୍ତି ଗୃହର ସ୍ଥାନ ନିରୂପଣ, ଜିରୋ ପଏଣ୍ଟରେ ନିର୍ମାଣ ହୋଇଥିବା ବିଜୁ ସେତୁର ନିର୍ମାଣ କାର୍ଯ୍ୟ, ଜଳସମ୍ପଦ ବିଭାଗର ସେକସନ ଅଫିସ ପରିସରରେ ବ୍ୟାପକ ଜମିରେ ଏକ ବିଶାଳ ଅଡିଟରିୟମ ନିର୍ମାଣ ନେଇ କ୍ଷେତ୍ର ପରିଦର୍ଶନ କରିଥିଲେ। ମହାକାଳପଡ଼ାରେ ମେଗା ଷ୍ଟିଲ ପ୍ଲାଣ୍ଟ ନିର୍ମାଣ ହେବାକୁ ଥିବା ବେଳେ ମାର୍ଶାଘାଇଠାରୁ ଖରିନାସୀ ପର୍ଯ୍ୟନ୍ତ ୪ ଥାକିଆ ରାସ୍ତା ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ମନ୍ତ୍ରୀ ନାୟକଙ୍କ ସହିତ କେନ୍ଦ୍ରାପଡ଼ା ଉପଜିଲାପାଳ ନିରଞ୍ଜନ ବେହେରା, ଜଳ ସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବାଙ୍କବିହାରୀ ସାମଲ, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ରାଜେଶ ପ୍ରଧାନ, ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀ ସରୋଜ ନାୟକ, କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅନିତା ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଅଶୋକ କୁମାର ବେହେରା, ପ୍ରଫୁଲ୍ଲ କୁମାର ବିଶ୍ୱାଳଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଡେରାବିଶରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ପାଇଁ ଦାବି

### ଜିଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ

ଡେରାବିଶ, ୨୯।୮(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ନ ଥିବାରୁ ବ୍ଲକର ୨୬ ଟି ପଞ୍ଚାୟତର ଜନସାଧାରଣ ଅସୁବିଧା ଭୋଗୁଛନ୍ତି। ଲୋକମାନେ ଜମିଜମା ସଂକ୍ରାନ୍ତିୟ ବିକ୍ରିଖର୍ଦ୍ଦି କାର୍ଯ୍ୟ ପାଇଁ କେନ୍ଦ୍ରାପଡ଼ା ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ଉପରେ ନିର୍ଭର କରିବାକୁ ପଡୁଛି। ଡେରାବିଶରେ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ଖୋଲିବା ପାଇଁ କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ସୋମବାର ଏକ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ଦୀର୍ଘବର୍ଷର ଆନ୍ଦୋଳନ ପରେ କେନ୍ଦ୍ରାପଡ଼ା ତହସିଲ କାର୍ଯ୍ୟାଳୟ ଅଧୀନରେ ଥିବା ବ୍ଲକର ଛତାଠାରେ ତହସିଲ କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇପାରିଛି। ଫଳରେ ବ୍ଲକ ଅଞ୍ଚଳର ଜନସାଧାରଣ ଉପକୃତ ହେଉଛନ୍ତି। ମାତ୍ର ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ବ୍ଲକର କେନ୍ଦ୍ରସ୍ଥଳୀ ଛତାଠାରେ ଖୋଲାଯିବା ପାଇଁ ଦୀର୍ଘବର୍ଷ ହେବ ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଥିବା ସେ ସୂଚନା ଦେଇଥିଲେ। ଏ ବିଷୟରେ ଜିଲାପାଳଙ୍କଠାରୁ ଆରମ୍ଭ କରି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଓ ରାଜସ୍ୱମନ୍ତ୍ରୀଙ୍କ ଯାଏ ୨୬ଟି ପଞ୍ଚାୟତର ଜନସାଧାରଣଙ୍କ ଦସ୍ତଖତ ସଂଗ୍ରହ କରି ଦାବି ସମ୍ପର୍କରେ ଅବଗତ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳେଇ ଆଇଜିଆରଙ୍କ ସହ ଆଲୋଚନା ପରେ ଜିଲାପାଳଙ୍କୁ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ଖୋଲାଯିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ପତ୍ର ମାଧ୍ୟମରେ ଜଣାଇଥିଲେ ବୋଲି ମିଶ୍ର ତାଙ୍କ ବକ୍ତବ୍ୟରେ ସୂଚନା ପ୍ରଦାନ କରିଥିଲେ। ତ୍ୱରିତ ପଦକ୍ଷେପ ପାଇଁ ସଂଘ ଓ ଡେରାବିଶର ସମସ୍ତ ଜନସାଧାରଣଙ୍କ ପକ୍ଷରୁ ରାଜସ୍ୱ ଆୟୁକ୍ତ ଦଳେଇଙ୍କୁ ମିଶ୍ର କୃତଜ୍ଞତା ଜଣାଇଥିଲେ। ମାତ୍ର ଜିଲା ଓ ତହସିଲ ପ୍ରଶାସନର ଟାଳଟୁଳ ନୀତି ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ଖୋଲିବାରେ ବିଳମ୍ବ ହେଉଥିବା ଅଭିଯୋଗ କରିଥିଲେ। ତେବେ ୨ ସପ୍ତାହ ମଧ୍ୟରେ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ଖୋଲିବାକୁ ଜିଲା ପ୍ରଶାସନ ଯଦି କୌଣସି ପଦକ୍ଷେପ ନ ନିଏ, ତେବେ ସଂଘ ପକ୍ଷରୁ ଚାଷୀମାନେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଦାବି ପୂରଣ ପର୍ଯ୍ୟନ୍ତ ଆମରଣ ଅନଶନରେ ବସିବେ ବୋଲି ସଂଘର ସମ୍ପାଦକ କୃତ୍ତିବାସ ଦାସ ସୂଚନା ଦେଇଥିଲେ। ସମ୍ମିଳନୀରେ ୧୨ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ସାମାଜିକ କର୍ମୀ ହଳଧର ଦାଶ ଓ ଚାଟରାଚକଡ଼ା ସରପଞ୍ଚ ମମତା ରାଉତଙ୍କ ସମେତ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର କାର୍ଯ୍ୟକାରୀ ସଭାପତି ଶରତ ମଳିକ, ଅନନ୍ତ ଚରଣ ଭୂୟାଁ, ରଞ୍ଜନ କୁମାର ସ୍ୱାଇଁ, ରବୀନ୍ଦ୍ର ମହାରଣା, ବସନ୍ତ ପଲେଇ, ଚିତ୍ତରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଡେରାବିଶ ତହସିଲଦାର ନମିତା ବାରିକଙ୍କୁ ପଚାରିବାରୁ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ଖୋଲିବା ଦିଗରେ ତାଙ୍କ ପକ୍ଷରୁ ଯାହା ସହଯୋଗ କରିବା କଥା କରାଯାଉଛି। ଅପରପକ୍ଷରେ ଆଇଜିଆରଙ୍କ ନିଷ୍ପତ୍ତିକ୍ରମେ ଏହି କାର୍ଯ୍ୟାଳୟ ଖୋଲାଯିବ। ଏଥିରେ ତାଙ୍କର କୌଣସି କ୍ଷମତା ନ ଥିବା ସେ କହିଛନ୍ତି।



ଖବରଦାତା ସମ୍ମିଳନୀରେ ସଂଘର କର୍ମକର୍ତ୍ତାମାନେ।

## ସଂକ୍ଷେପରେ

### ବରିଷ୍ଠ ନାଗରିକ ମଞ୍ଚର ସଭା

**ନୟାଗଡ଼ ଅଫିସ,୨୯।୮:** ନୟାଗଡରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗୋଷ୍ଠୀ କେନ୍ଦ୍ର ଠାରେ ଜିଲା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସଭା ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠାନର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସଭ୍ୟ ବିଶ୍ୱନାଥ ନାୟକ, ଅମୂଲ୍ୟ ମହାନ୍ତି, ନିରଞ୍ଜନ ନାହାକ, ଅଭିମନ୍ୟୁ ପରିଡା, ଗଣେଶ୍ୱର ମିଶ୍ର, ଗୋପାଳଚରଣ ମିଶ୍ର, କୃପାସିନ୍ଧୁ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସେପ୍ଟେମ୍ବର ୧୮ରେ ଜିଲାରେ ବିଭିନ୍ନ ବ୍ଲକରେ ଏକ ସାଧାରଣ ସଭା ଅନଷ୍ଠିତ ହେବ । ଏଥିରେ ଭବିଷ୍ୟତ କାର୍ଯ୍ୟ ଖସଡା ପ୍ରସ୍ତୁତ ହେବ । ଜିଲା ଓ ବ୍ଲକ ମଞ୍ଚକୁ କିପରି କ୍ରୀୟାଶାଳ କରାଯିବ ସେ ନେଇ ଆଲୋଚନା ହୋଇଥିଲା ।

### ପିପୁଲ୍ସ କଲେଜରେ ଜାତୀୟ କ୍ରୀଡ଼ା ଦିବସ

**ବୁଗୁଡ଼ା,୨୯।୮(ଡି.ଏନ.ଏ.):** ବୁଗୁଡ଼ା ପିପୁଲ୍ସ କଲେଜର କ୍ରୀଡ଼ା ସାଙ୍ଗଠନ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ରଜନୀ କାନ୍ତ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ସୁବାସ ଚନ୍ଦ୍ର ପରିଡ଼ା ଏବଂ ସମ୍ମାନିତ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ରଜନୀ କାନ୍ତ ଭଞ୍ଜ ଯୋଗ ଦେଇ ଜାତୀୟ କ୍ରୀଡ଼ା ଦିବସର ଅନୁଚିନ୍ତନ କରିଥିଲେ। ଏ ଅବସରରେ ଆୟୋଜିତ କବାଡ଼ି ଓ ବାସ୍କେଟବଲ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଧାପକ ଆତ୍ମପ୍ରକାଶ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ଅଧାପକ ବିନୋଦ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ପରିଚାଳନା କରିଥିବା ବେଳେ କ୍ରୀଡ଼ା ସଙ୍ଗଠନର ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ।

### ସ୍ପ୍ରେଡ୍ ହାପିନେସ୍ ଫାଉଣ୍ଡେଶନକୁ ସମ୍ବର୍ଦ୍ଧନା



**ଭଞ୍ଜନଗର, ୨୯।୮ (ଡି.ଏନ.ଏ):** ଭଞ୍ଜନଗର, ବେଲଗୁଣ୍ଠା ଅଞ୍ଚଳର ଓଡ଼ିଆ ଯୁବତୀ ଯୁବକମାନଙ୍କୁ ନେଇ ଗଠିତ ହୋଇଥିବା 'ସ୍ପ୍ରେଡ଼ ହାପିନେସ ଫାଉଣ୍ଡେସନ'କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରବିବାର ମୁମ୍ବାଇରେ ସମ୍ବର୍ଦ୍ଧନା ଦିଆଯାଇଛି। ଆନ୍ନାଭାଉ ସାଠେ ଲୋକ ସାହିତ୍ୟିକ ମହୋତ୍ସବରେ ସ୍ପ୍ରେଡ଼ ହାପିନେସ ଫାଉଣ୍ଡେସନକୁ ସମାଜ ଭୂଷଣ ଉପାଧିରେ ସମ୍ମାନିତ କରାଯାଇଥିଲା। ଏହି ସଂସ୍ଥାର ସଭାପତି ସୌମ୍ୟ ରଞ୍ଜନ ମହାପାତ୍ର ଉପାଧି ଗ୍ରହଣ କରିଥିଲେ। ଫାଉଣ୍ଡେସନର ଉପସଭାପତି ଆନନ୍ଦ ମହାପାତ୍ର, ଇଶା ମହାପାତ୍ର, ପ୍ରଣତି ମହାପାତ୍ର ଯୋଗଦେଇଥିଲେ। ଆୟୋଜକ ଆନ୍ନାଭାଉ ସାଠେ ଅନୁଷ୍ଠାନର ଅଧକ୍ଷ ପ୍ରକାଶ ଯାଦବ ସ୍ପ୍ରେଡ୍ ହାପିନେସ୍ ଫାଉଣ୍ଡେସନକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ଆଚାର୍ଯ୍ୟ ରତନ ଲାଲ, ସ୍ଥାନୀୟ ବିଧାୟକ ପ୍ରମୋଦ ଜୀ ଇନ୍ଦୁରାଓ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବାଲାସାହେବ ନାଟେକଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

# ୩ ଦଫା ଦାବିରେ ରାସ୍ତା ଅବରୋଧ



**ନିରାକାରପୁର,୨୯।୮(ଡି.ଏନ୍.ଏ.)**

**ମହିଳା ଏସ୍‌ଆଇଙ୍କ ଆତ୍ମହତ୍ୟା ଘଟଣା**
- ପ୍ରତିଶ୍ରୁତି ପରେ ଧାରଣା ହଟିଲା
- ଗାଁ ଶ୍ମଶାନରେ ମୃତଦେହ ସତ୍କାର

କନ୍ଧମାଳ ଜିଲା ଜି. ଉଦୟଗିରି ଥାନା ଏସ୍‌ଆଇ ସ୍ୱାଗତିକା ବେହେରା ଗତ ଶନିବାର ସରକାରୀ କ୍ୱାର୍ଟର୍ସରେ ଆତ୍ମହତ୍ୟା କରିଥିଲେ। ଆଇଆଇସି ରେବତୀ ଶବର ମାନସିକ ନିର୍ଯାତନା ଦେଇଥିବାରୁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ସୋମବାର ତାଙ୍କ ମୃତଦେହ ଜନ୍ମମାଟି ଖୋର୍ଦ୍ଧା ଜିଲା ନିରାକାରପୁରରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ୩ ଦଫା ଦାବିରେ ସ୍ଥାନୀୟ ଗ୍ରାମବାସୀ ଏବଂ ମୃତକଙ୍କ ସମ୍ପର୍କୀୟ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖ ନୂଆ ଜଗନ୍ନାଥ ସଡ଼କ ଉପରେ ସକାଳ ୮ଟାରୁ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ମୃତ ଏସ୍‌ଆଇ ବେହେରାଙ୍କ ଘରର ଜଣଙ୍କୁ ଚାକିରି, ଫ୍ୟାମିଲି ପେନ୍‌ସନ୍ ଓ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ତଦନ୍ତ ଭାର ଦେବା ଆଦି ଦାବି ରହିଛି। ଖବରପାଇ ଟାଙ୍ଗୀ ତହସିଲଦାର ଦାୟିତ୍ୱରେ ଥିବା ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ଅତିରିକ୍ତ ତହସିଲଦାର ଶରତ କୁମାର ଦେହୁରି, ସ୍ଥାନୀୟ ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହି ପରିପ୍ରେକ୍ଷୀରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ୩ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ଦାବିଗୁଡ଼ିକ ସମ୍ପର୍କରେ କନ୍ଧମାଳ ଓ ଖୋର୍ଦ୍ଧା ଏସ୍‌ପିଙ୍କ ସହ ଆଲୋଚନା କରିବା ସହ ଏକ ଲିଖିତ ପତ୍ର ପ୍ରଦାନ କରିବି ବୋଲି ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଫୋନ ମାଧ୍ୟମରେ ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନ ୧୨ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଶୋକାକୂଳ ପରିବେଶରେ ଗ୍ରାମ ଶ୍ମଶାନରେ ଏସ୍‌ଆଇ ବେହେରାଙ୍କ ମୃତଦେହ ସତ୍କାର କରାଯାଇଥିଲା।

## ଜି.ଉଦୟଗିରି ଥାନାରେ ନୂଆ ଆଇଆଇସି

**ଜି.ଉଦୟଗିରି,୨୯।୮(ଡି.ଏନ.ଏ.)**


ଅଜୟ କୁମାର ସ୍ୱାଇଁ।

କନ୍ଧମାଳ ଜିଲା ଜି.ଉଦୟଗିରି ଥାନା ଏସ୍‌ଆଇ ସ୍ୱାଗତିକା ବେହେରା ଆତ୍ମହତ୍ୟା ଘଟଣାରେ ଛନ୍ଦି ହୋଇଥିବା ଆଇଆଇସି ରେବତୀ ଶବରଙ୍କୁ ରବିବାର ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ଏସ୍‌ପି ଭିନୀତ ଅଗ୍ରୱାଲ ଟିକାବାଲି ଆଇଆଇସି ଅଜୟ କୁମାର ସ୍ୱାଇଁଙ୍କୁ ଜି. ଉଦୟଗିରି ଥାନାକୁ ବଦଳି କରିଛନ୍ତି। ସୋମବାର ସେ ଦାୟିତ୍ୱ ନେବା ପରେ ସହରର ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣକୁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

ଗତ ଶନିବାର ଏସ୍‌ଆଇ ସ୍ୱାଗତିକାଙ୍କ ଆତ୍ମହତ୍ୟା ପାଇଁ ପରିବାର ଲୋକେ ଆଇଆଇସି ଶବରଙ୍କୁ ଦାୟୀ କରିଥିଲେ। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ରବିବାର ଦିନତମାମ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ତେଣୁ ଘଟଣାର ଗୁରୁତ୍ୱକୁ ଦେଖି ରାତିରେ ଏସ୍‌ପି ଅଗ୍ରୱାଲ ଆଇଆଇସି ଶବରଙ୍କୁ ଫୁଲବାଣୀସ୍ଥିତ ହେଡ୍‌କ୍ୱାର୍ଟରକୁ ବଦଳି କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରାଯିବ ବୋଲି କହିଥିଲେ। ଏହାପରେ ସେହି ରାତିରେ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସ୍ୱାଗତିକାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଡିଏସ୍‌ପି ବିଶ୍ୱାମିତ୍ର ହରପାଲ୍ ସ୍ୱାଗତିକା ଆତ୍ମହତ୍ୟା ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନାଥାଉ କି, ଏସ୍‌ଆଇ ବେହେରା ଗତ ୯ ମାସ ତଳେ ଜି. ଉଦୟଗିରି ଥାନାରେ ଦାୟିତ୍ୱ ଗ୍ରହଣ କରିଥିଲେ। ସରକାରୀ କ୍ୱାର୍ଟର୍ସରେ ବେହେରା ଏକା ରହୁଥିବା ବେଳେ ଗତ ଶନିବାର ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଖବରପାଇ ମୃତାଙ୍କ ମା' ଉଷାରାଣୀ ବେହେରା ଓ ଦୁଇ ଭାଇ ଜି. ଉଦୟଗିରିରେ ପହଞ୍ଚିଥିଲେ। ବଡ଼ ଭାଇ ମନୋରଞ୍ଜନ ବେହେରା ତାଙ୍କ ଭଉଣୀଙ୍କ ଆତ୍ମହତ୍ୟା ପାଇଁ ଜି.ଉଦୟଗିରି ଆଇଆଇସିଙ୍କୁ ଦାୟୀ କରିଥିଲେ। ଉଷାରାଣୀଙ୍କ ଏତଲା ଅନୁଯାୟୀ ନଂ. ୧୩୦/୨୨ରେ ମାମଲା ରୁଜୁ ହୋଇଛି।

## ୨୪ ଜଣଙ୍କ ନାଁରେ ମାମଲା,୨ କୋର୍ଟ ଚାଲାଣ

**ଗୋଷ୍ଠୀ ସଂଘର୍ଷ ଘଟଣା**

**ଗୋପାଳପୁର,୨୯।୮(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଅନ୍ତର୍ଗତ ପିତାତଳି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ୯ ଜଣ ଆହତ ହୋଇଥିଲେ। ସୋମବାର ଗୋଳନ୍ଥରା ଥାନା ପୋଲିସ ପିତାତଳି ଗ୍ରାମର ପି. ମୋହନ ରାଓ (୬୦) ଓ ପି.ମୋହନ ରାଓ (୪୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଉଭୟ ଗୋଷ୍ଠୀ ପକ୍ଷରୁ ତିନୋଟି ମାମଲା ରୁଜୁ ହୋଇଥିବା ବେଳେ ପିତାତଳି ସରପଞ୍ଚ ରାଙ୍ଗା ରାଓ ଓ ପୂର୍ବତନ ବ୍ଲକ ଅଧକ୍ଷ ନରସିଂହ ମୂର୍ତ୍ତିଙ୍କ ସମେତ ୨୪ ଜଣକ ନାଁରେ ମାମଲା ରୁଜୁ କରାଯାଇଛି। ସୂଚନାନୁସାରେ ପିତାତଳି ଗ୍ରାମରେ ଦୀର୍ଘ ବର୍ଷ ଧରି ରାଜନୈତିକ ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ବାଦବିବାଦ ଲାଗି ରହିଥିଲା। ରବିବାର ଗ୍ରାମରେ ପୁରୁଷ ଓ ମହିଳାଙ୍କ ମଧ୍ୟରେ ଝଗଡା ହୋଇଥିଲା। କମେଣ୍ଟ ମରାକୁ ନେଇ ବର୍ତ୍ତମାନର ସରପଞ୍ଚ ରାଙ୍ଗା ରାଓ ଏବଂ ପୂର୍ବତନ ବ୍ଲକ ଅଧକ୍ଷ ନରସିଂହ ମୂର୍ତ୍ତିଙ୍କ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିଲା। ଠେଙ୍ଗା ଓ ଖଣ୍ଡାରେ ଆକ୍ରମଣ ପ୍ରତିଆକ୍ରମଣରେ ୯ ଜଣ ଆହତ ହୋଇଥିଲେ। ଉଭୟ ଗୋଷ୍ଠୀର ପି ଜାନକୀ ରାଓ, ଏସ. ତେଜବତୀ ଓ ଜାନକୀ ସେଠିଙ୍କ ଲିଖିତ ଅଭିଯୋଗ କ୍ରମେ ଗୋଳନ୍ଥରା ଥାନା କେଶ ନଂ ୩୧୧, ୩୧୨ ଓ ୩୧୩ /୨୨ ପ୍ରକାରେ ୨୪ ଜଣଙ୍କ ନାଁରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ବ୍ରହ୍ମପୁର ସଦର ଏସଡିପିଓ ଶିବଶଙ୍କର ମହାପାତ୍ର ଓ ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଛାପା ମାରି ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ତତ୍କାଳୀନ ପୋଲିସ ଏଏସ୍‌ଆଇଙ୍କୁ ୨ ବର୍ଷ ଜେଲ

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**

**ଲାଞ୍ଚ କାରବାର ମାମଲା**
- ୨୦୧୩ରେ ଚାର୍ଜଶିଟ୍ ପାଇଁ ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ
- ୨୦୧୮ରେ ପୁଣିଥରେ ଗିରଫ ହୋଇଥିଲେ ଶଶିକାନ୍ତ

ଦୁଇହଜାର ଟଙ୍କା ଲାଞ୍ଚ ନେବା ମାମଲାରେ ସୋମବାର ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ନୟାଗଡ଼ ଜିଲା ଶରଣକୁଳ ଥାନାର ତତ୍କାଳୀନ ଏଏସ୍‌ଆଇ ଶଶିକାନ୍ତ ଶତପଥୀଙ୍କୁ ୨ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୬ ହଜାର ଟଙ୍କା ଅର୍ଥଦଣ୍ଡରେ ମଧ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ହେଲେ ଅଧିକ ୫ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। ୯ଜଣ ସାକ୍ଷୀ ଓ ଅନ୍ୟ ଦସ୍ତାବିଜ୍ ଆଧାରରେ ବିଚାରପତି ସତ୍ୟନାରାୟଣ ଷଡ଼ଙ୍ଗୀ ଏହି ରାୟ ଶୁଣାଇଛନ୍ତି। ସୂଚନା ଅନୁଯାୟୀ, ଶରଣକୁଳ ଥାନା ଅନ୍ତର୍ଗତ ପଞ୍ଚାରିଡ଼ା ଗ୍ରାମର ବୈକୁଣ୍ଠନାଥ ମହାପାତ୍ର ଓ ତାଙ୍କ ମା'ଙ୍କ ନାଁରେ ଏକ ଜମି ରହିଥିଲା। ୨୦୧୩ରେ ତାଙ୍କ ମା' ବୈକୁଣ୍ଠନାଥଙ୍କୁ ନ ଜଣାଇ ଝିଅର ପୁଅ ନାଁରେ କରି ଦେଇଥିଲେ। ଏହାକୁ ନେଇ ଗଣ୍ଡଗୋଳ ହେବା ପରେ ବୈକୁଣ୍ଠନାଥ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୬୪/୧୩) ରୁଜୁ କରି ତଦନ୍ତ କରିଥିଲା। ଏହି ମାମଲାରେ ଚାର୍ଜଶିଟ୍ ଦାଖଲ କରିବାକୁ ତଦନ୍ତକାରୀ ଅଧିକାରୀ ଥିବା ଏଏସ୍‌ଆଇ ଶଶିକାନ୍ତ ୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ବୈକୁଣ୍ଠନାଥ ଏନେଇ ଭିଜିଲାନ୍ସରେ ଅଭିଯୋଗ କରିବା ପରେ ସମ୍ପୃକ୍ତ ଏଏସ୍‌ଆଇଙ୍କୁ ଧରିବାକୁ ଯୋଜନା ହୋଇଥିଲା। ୨୦୧୪ ଜାନୁୟାରୀ ୨୯ରେ ଶରଣକୁଳ ବସ୍‌ଷ୍ଟାଣ୍ଡ ନିକଟରେ ବୈକୁଣ୍ଠନାଥଙ୍କଠାରୁ ଏଏସ୍‌ଆଇ ଶଶିକାନ୍ତ ଲାଞ୍ଚ ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ତାଙ୍କୁ ଧରିଥିଲା। ସେତେବେଳେ ଶଶିକାନ୍ତ ପୋଲିସ ପୋଷାକରେ ଥିଲେ। ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା (ନଂ. ୧/୨୦୧୪) ରୁଜୁ ହୋଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ ସରକାରୀ ଓକିଲ ହେମନ୍ତ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ। ଉଲ୍ଲେଖଯୋଗ୍ୟ, ୨୦୧୮ରେ ଏଏସ୍‌ଆଇ ଶଶିକାନ୍ତ ନୟାଗଡ଼ ଜିଲାରେ ଅବସ୍ଥାପିତ ଥିବାବେଳେ ପୁଣିଥରେ ଲାଞ୍ଚ ନେଇ ଗିରଫ ହୋଇଥିଲେ। ଉକ୍ତ ମାମଲା (ନଂ.୧୮/୧୮) ଏବେ କୋର୍ଟରେ ବିଚାରାଧୀନ ରହିଛି।

# ରହିତାଦେଶ ବଳବତ୍ତର

**ନୟାଗଡ଼ ଅଫିସ,୨୯।୮**

**ଜେଲ ଜମି ସଫେଇ କାଠିକର ପାଠ**

ନୟାଗଡ଼ବାସୀଙ୍କ ବୃହତ୍ତର ସ୍ୱାର୍ଥ ତଥା ଟ୍ରାଫିକ ମୁକ୍ତ ସୁନ୍ଦର ସହର ଗଠନ ପାଇଁ ପୁରୁଣା ଜେଲ ଜମିକୁ ଖୋଲା ପାର୍କ କରାଯାଉ, ଏଭଳି ଦାବି ପୂରଣ ପାଇଁ ନୟାଗଡ଼ ବିଧାୟକଙ୍କୁ ଖୋଲାଚିଠିରେ ପ୍ରସ୍ତାବ ଦିଆଯାଇଥିଲା । ଅନ୍ୟପକ୍ଷେ ପ୍ରସ୍ତାବିତ ବହୁତଳ ବ୍ୟବସାୟିକ ପ୍ରତିଷ୍ଠାନରୁ ଓହରିଯିବା ପାଇଁ ବିଧାୟକଙ୍କୁ ଅନୁରୋଧ କରାଯାଇଥିଲା । କିନ୍ତୁ ଏହି ପ୍ରସଙ୍ଗରେ ପୌର ପରିଷଦ କୌଣସି କାଉନସିଲରଙ୍କୁ ଚିଠି ଲେଖାଯାଇ ନ ଥିଲା ବେଳେ ଏଭଳି ଅପ୍ରାସଙ୍ଗିକ ଉତ୍ତର ବିଧାୟକଙ୍କ ଅସହାୟତା ସ୍ପଷ୍ଟ ବାରି ହୋଇଯାଇଛି ବୋଲି ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ ପ୍ରେସ ବାର୍ତ୍ତାରେ କହିଛନ୍ତି । ନୟାଗଡ଼ବାସୀଙ୍କ ହିତ ପାଇଁ ବିଧାୟକ ନିଜେ ଉତ୍ତର ରଖିବା ପାଇଁ ଏତେ ଭୟଭୀତ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି ।

ପୁରୁଣା ଜେଲ ଜମିର ପୂର୍ବପାର୍ଶ୍ୱ ପ୍ରାଚୀର ସହ ଜୁବୁଲି ମାର୍କେଟ ପଛପାଖ ପର୍ଯ୍ୟନ୍ତ ଏବେବି ନୟାଗଡ଼ ଦେୱାନୀ ଜଜ କନିଷ୍ଠ ବିଭାଗଙ୍କ ରହିତାଦେଶ ବଳବତ୍ତର ରହିଛି । ଏଣୁ ଜେଲ ପ୍ରାଚୀର ଭଙ୍ଗାଯିବା ଉପରେ ପ୍ରଶ୍ନ ଉଠାଇଛନ୍ତି କଂଗ୍ରେସ ସଭାପତି ଦାଶ। ୨୦୦୯ରୁ ଉଚ୍ଚ ନ୍ୟାୟାଳୟଙ୍କ ଏହି ଜମି ଉପରେ ରହିତାଦେଶ ଥିବାରୁ ନୟାଗଡ଼ ସହର କେନ୍ଦ୍ରସ୍ଥଳରେ ଏହି ୬୩ ଡ଼ିସିମିଲ ମୂଲ୍ୟବାନ ଜମି ଆଜି ନୟାଗଡ଼ବାସୀ ଦେଖି ପାରୁଛନ୍ତି। ନଚେତ ମେଡିକାଲ ସାମ୍ନାରେ ଦୋକାନ ଘର ହୋଇ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ଭଳି ଏହି ଜାଗା ଆଜି ଯାଏଁ ନ ଥାନ୍ତା ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି । ଏହି ଜେଲ ଜମିରେ ପାର୍କ ବ୍ୟତିରକେ ଅନ୍ୟ କୌଣସି ପ୍ରକାର ବ୍ୟବହାର କରିବାକୁ ଦିଆଯିବ ନାହିଁ । ଜେଲ ବିଭାଗରୁ ସମ୍ପୃକ୍ତ ଜମିକୁ ପୌରସଂସ୍ଥାକୁ ହସ୍ତାନ୍ତର ହୋଇଥିବା ଚିଠିକୁ ପୌରପ୍ରଶାସନ ଗଣମାଧ୍ୟମ ଆଗରେ ଉପସ୍ଥାପନା କରିବା ଲାଗି ଦାଶ ଆହ୍ୱାନ କରିଛନ୍ତି । ଜେଲ ପ୍ରାଚୀର ଭାଙ୍ଗିବା ପାଇଁ ଯଦି ଜିଲାପାଳ କିମ୍ବା ଗୃହ ବିଭାଗ କିଛି ଅନୁମତି ଦେଇଥାନ୍ତି ତେବେ ତାହା ସାର୍ବଜନୀନ କରଯାଉ୍। କାରଣ ସରକାରଙ୍କ ବିନା ଅନୁମତିରେ ପୌରପରିଷଦ ଜେଲ ଜମିରୁ ଘର ଭାଙ୍ଗିବାର ଅଧିକାର ନାହିଁ। ୫ ଗୁଣା ବର୍ଦ୍ଧିତ ହୋଲଡିଂ ଟ୍ୟାକ୍ସ ନିର୍ଦ୍ଧାରଣ ପ୍ରସଙ୍ଗରେ ନୟାଗଡ଼ସହର ବାସୀଙ୍କ ଜୋରଦାର ବିରୋଧରେ ଭୟଭୀତ ହୋଇ ବିଧାୟକ ପୌର ଭୋଟ ପାଇଁ ସମୟ ଘୁଞ୍ଚାଇଛନ୍ତି। କିନ୍ତୁ ବର୍ଦ୍ଧିତ ହୋଲଡିଂ ଟ୍ୟାକ୍ସ ପ୍ରତ୍ୟାହାର ହେଲା ବୋଲି ଏଯାବତ ମୁନିସିପାଲିଟି ପକ୍ଷରୁ କୁହାଯାଇନାହିଁ ।

# ଅବ୍ୟବସ୍ଥା ଘେରରେ କେନ୍ଦ୍ରୀୟ ବିଦ୍ୟାଳୟ

**ଡେପୁଟି କମିଶନରଙ୍କୁ ଫେରାଦ ହେଲେ ଅଭିଭାବକ**

**ନୟାଗଡ଼ ଅଫିସ,୨୯।୮**



କେନ୍ଦ୍ରୀୟ ବିଦ୍ୟାଳୟ ।

ନୟାଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ ନାନା ଅବ୍ୟବସ୍ଥାରେ ଗତି କରୁଥିବା ଅଭିଯୋଗ ହୋଇଛି । ଅବ୍ୟବସ୍ଥା ଦୂର ପାଇଁ ଅଭିଭାବକ ଆସୋସିଏଶନ ପକ୍ଷରୁ ଡେପୁଟି କମିଶନର ଭୁବନେଶ୍ୱର ଓ ଜିଲାପାଳଙ୍କୁ ଫେରାଦ୍ ହୋଇଛନ୍ତି । କେନ୍ଦ୍ରୀୟ ବିଦ୍ୟାଳୟର ଅଭିଭାବକ ଆସୋସିଏଶନ ସମ୍ପାଦକ ଗୌରୀ ଶଙ୍କର ଦାଶଙ୍କ ଅଭିଯୋଗ ଅନୁସାରେ ବିଦ୍ୟାଳୟରେ ୬ମାସ ହେଲା ସ୍ଥାୟୀ ଅଧକ୍ଷ ପଦ ଖାଲି ପଡ଼ିଛି । ଖେଳପଡିଆ ସଫେଇ ହେଉ ନ ଥିବାରୁ ଛାତ୍ରୀଛାତ୍ର ଖେଳାଖେଳି କରି ପାରୁ ନାହାନ୍ତି। ପୁଣି ଅଭିଭାବକମାନଙ୍କୁ ଠିକ୍ ବ୍ୟବହାର କରାଯାଉନି । ବିଦ୍ୟାଳୟର ନାମ ଫଳକ ନାହିଁ । ମୁଖ୍ୟ ଫାଟକରେ ସିକ୍ୟୁରିଟି ଗାର୍ଡ ନାହାନ୍ତ । ଲାଟ୍ରିନ୍, ବାଥ୍ ରୁମ ସଫେଇ ହେଉନି । ଅଧକ୍ଷଙ୍କୁ ଅଭିଯୋଗ କଲେ ସୁଫଳ ମିଳୁନି ବୋଲି ଆସୋସିନଶନ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି ।

# ଖଣ୍ଡପଡ଼ା ଏନ୍‌ଏସି କପ୍ ଫୁଟବଲ ଟୁର୍ନାମେଣ୍ଟ, ମଧୁବନ ଟିମ୍ ବିଜୟୀ


ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ଖେଳାଳିମାନେ ।

**ଖଣ୍ଡପଡ଼ା,୨୯।୮(ସ୍ୱ.ପ୍ର.)**

ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମରେ ଯୁବକ ସଂଘ ପକ୍ଷରୁ ଆୟୋଜିତ ଏନ୍‌ଏସି କପ୍ ଫୁଟବଲ ଟୁର୍ନାମେଣ୍ଟର ସୋମବାର ୨ୟ ଦିବସ ମ୍ୟାଚରେ ଖଣ୍ଡପଡ଼ା ମଧୁବନ ସାହି ଫୁଟବଲ ଟିମ ୧-୦ ଗୋଲରେ ଖଳିସାହି ଟିମକୁ ପରାସ୍ତ କରି ବିଜୟୀ ହୋଇଛି । ମୁଖ୍ୟଅତିଥି ରୂପେ ଖଣ୍ଡପଡ଼ା ବିକାଶ ମଞ୍ଚର ଆବାହକ ଅଭିଲାଷ ପଣ୍ଡା ଯୋଗଦେଇ ଉଭୟ ଟିମର ଖେଳାଳି ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡା ଶିକ୍ଷକ ସମୀର କୁମାର ଖୁଣ୍ଟିଆ ମ୍ୟାଚକୁ ପରିଚାଳନା କରିଥିଲେ । ତାଙ୍କୁ ଲାଇନରେ ସହାୟତା କରିଥିଲେ କ୍ରୀଡା ଶିକ୍ଷକ ଆଶିଷ କୁମାର ପଟ୍ଟନାୟକ ଓ ବାପି ମହାନ୍ତି । ମଙ୍ଗଳବାର କରଡାବଣି ଓ କାଦୁଆସାହି ଟିମ୍ ମଧ୍ୟରେ ୩ୟ ଲିଗ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ କହିଛନ୍ତି ।

# ଗଣେଶ ପୂଜାରୁ ପାର୍ବଣ କଟକଣା

**ନୟାଗଡ଼ ଅଫିସ,୨୯।୮**

- ଡିଜେ, ଟାଙ୍ଗୁ ମନା
- ରାତ୍ରି ୧୦ରୁ ସକାଳ ୬ ମାଇକ୍ ବାଜିବନି
- ୬୫ ଡେସିବଲରୁ ଅଧିକ ଶବ୍ଦ ହେଲେ କାର୍ଯ୍ୟାନୁଷ୍ଠାନ
- ଜାତୀୟ ଓ ରାଜ୍ୟ ରାଜପଥରେ ଶୋଭାଯାତ୍ରା ବନ୍ଦ

ଗଣେଶ ପୂଜାରୁ ପାର୍ବଣ କଟକଣା ନୟାଗଡ଼ ଜିଲା ପ୍ରଶାସନ ଲାଗୁ କରିଛି। ଟ୍ରାଫିକ ସମସ୍ୟା, ଅଘଟଣ ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ଏଡାଇବା ପାଇଁ ପରିସ୍ଥିତିକୁ ଦୃଷ୍ଟିରେ ରଖି ଭିଡିଓ କନଫେରେନ୍ସରେ ସୋମବାର ସନ୍ଧ୍ୟାରେ ନୟାଗଡ ଜିଲାପାଳ ପୋମା ଟୁଡୁ ଜିଲାର ବିଭିନ୍ନ ଥାନାର ଆଇଆଇସି, ତହସିଲଦାର, ବିଡିଓ, ମ୍ୟୁନିସିପାଲିଟି, ଏନଏସି ନିର୍ବାହୀ ଅଧିକାରୀଙ୍କୁ ପାର୍ବଣ କଟକଣା ସମ୍ପର୍କରେ ଅବଗତ କରାଇଛନ୍ତି । ଏସ୍‌ପି ଅଲେଖ ଚନ୍ଦ୍ର ପହି ଓ ଉପଜିଲାପାଳ ଲଗ୍ନଜିତ୍ ରାଉତ ଭିଡିଓ କନଫେରେନ୍ସରେ ଯୋଡି ହୋଇଥିଲେ । ଏପରିକି ଜିଲାପାଳ ଓ ଏସପିଙ୍କ ସ୍ୱାକ୍ଷର ଥାଇ ଚିଠି ନଂ. ୧୫୫୩/୨୭।୮।୨୦୨୨ରେ ଏକ କଟକଣା ବିଜ୍ଞପ୍ତି ପ୍ରକାଶ ପାଇଛି । ତେବେ ସବୁ ପୂଜା ପାର୍ବଣରେ ଡିଜେ ଓ ଟାଙ୍ଗୁ ବାଜିବ ନାହିଁ। ଏହା ଉପରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ଅନ୍ୟପକ୍ଷେ ରାତ୍ର ୧୦ରୁ ସାକାଳ ୬ଟା ପର୍ଯ୍ୟନ୍ତ ମାଇକ ବାଜିବନି । ଅନ୍ୟ ସମୟରେ ୬୫ ଡେସିବିଲ୍‌ରୁ ଅଧିକ ବେଗରେ ମାଇକ ବାଜିବା ମନା । ଏଥିପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିବା କୁହାଯାଇଛି । ସେହିଭଳି ଜାତୀୟ ଓ ରାଜ୍ୟ ରାଜପଥରେ ଶୋଭାଯାତ୍ରା, ପଦଯାତ୍ରା ଓ ଅବରୋଧକୁ ଅନୁମତି ନାହିଁ । ଏହାକୁ ପୁରା ବନ୍ଦ କରାଯାଇଛି ।

ଟ୍ରାଫିକ ସମସ୍ୟାକୁ ଏଡାଇବା ପାଇଁ ଅସ୍ଥାୟୀ ଦୋକାନ, ଷ୍ଟଲ ଖୋଲି ଜାତୀୟ ଓ ରାଜ୍ୟ ରାଜପଥରେ ପ୍ରତିବନ୍ଧକ କରାଯାଇ ପାରିବ ନାହିଁ । ସାଂସ୍କୃତିକ କାର୍ଯ୍ରକ୍ରମ, ମେଳା ଓ ରୀତିନୀତିକୁ ରାତି ୧୦ଟା ପରେ ଅନୁମତି ନାହିଁ । କୌଣସି କାର୍ଯ୍ୟକ୍ରମ ପାଇଁ ଅନୁମତି ନେବାକୁ ହେଲେ ଅନୁମୋଦିତ ତାରିଖ, ସମୟ ଓ ସ୍ଥାନକୁ ଭଲ ଭାବେ ଉଲ୍ଲେଖ କରନ୍ତୁ । ସେହିଭଳି ଜାତୀୟ ଓ ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରୁ ୨୦ ଫୁଟରୁ ଅଧିକ ପୂଜା ପାଠ, ଭକ୍ତଙ୍କ ସମାବେଶକୁ କଡାକଡି ଭାବେ ଏଡ଼ାଇବା ପାଇଁ ନିର୍ଦ୍ଦେଶ ରହିଛି । ଗେଟ୍ ଓ ତୋରଣ ଏପରି ତିଆରି ହେବା ଦରକାର ଅଗ୍ନି ନିର୍ବାପକ ଯାନବାହାନ ବିନା ବାଧକରେ ଯେପରି ପେଣ୍ଡାଲ ନିକଟରେ ପହଞ୍ଚି ପାରିବ । ପୂଜାପାଠ ଓ ପର୍ବ ପର୍ବଣୀରେ ଆୟୋଜକ ସ୍ଥଳରେ ଅଗ୍ନି ଦୁର୍ଘଟଣାର ପ୍ରତିଷେଧକ ବ୍ୟବସ୍ଥା ଆୟୋଜକଙ୍କ ଦ୍ୱାରା କରାଯିବ । ପୂଜାପାଠ ସ୍ଥଳୀରେ ଯେପରି ଅଗ୍ନିକାଣ୍ଡ ନ ଘଟିବ ସେଥିପ୍ରତି ପ୍ରାଧାନ୍ୟ ଦେଇ କାମ କରିବାକୁ ପଡିବ । ପୂଜା ପାର୍ବଣରେ କିଛି ଅଘଟଣ ଓ ସମସ୍ୟା ଦେଖାଦେଲେ ତୁରନ୍ତ ପୋଲିସ ସହ ଯୋଗାଯୋଗ କରିବାକୁ ସଚେତନତ କରିବାକୁ କୁହାଯାଇଛି ।

## ଆଜି କ'ଣ କେଉଁଠି

**ଧର୍ମଶାଳା**

- ଧର୍ମଶାଳା ମହାବିଦ୍ୟାଳୟର ୪୫ତମ ସ୍ୱନକ୍ଷତ୍ର ଦିବସ, ସ୍ଥାନ- ମହାବିଦ୍ୟାଳୟ ପରିସର, ସମୟ ପୂର୍ବାହ୍ନ ୧୦ଟା।

## ସାଟେଲାଇଟ ମାପଚୁପ ଆରମ୍ଭ

**ଯାଜପୁର ଅଫିସ,୨୯।୮**

ଅନୁମୋଦନଠାରୁ ବହୁ ଗୁଣ ମୂଲ୍ୟବାନ ଗ୍ରାନାଇଟ ପଥର ଉତ୍ତୋଳନ ଉପରେ ସାଟେଲାଇଟ୍ ମାପଚୁପ ପ୍ରକ୍ରିୟା ସୋମବାରଠାରୁ ଆରମ୍ଭ ହୋଇଛି। କଟକସ୍ଥିତ ମାଇ ୱାର୍ଲଡ୍ କନସଲଟାନ୍ସିକୁ ଏହି ଦାୟିତ୍ୱ ଦିଆଯାଇଛି। ଏହି ପ୍ରକ୍ରିୟା ଆରମ୍ଭରେ ଡଙ୍କାରୀ ପାହାଡ଼ର ୩ଟି ଖାଦାନର ମାପଚୁପ ସମ୍ପନ୍ନ ହୋଇଛି। ଏଥିରେ ଶ୍ରୀବାସ ଜେନାଙ୍କ ୨ଟି ଓ ଜୟନ୍ତୀ ଜେନାଙ୍କ ଗୋଟିଏ ଖାଦାନ ରହିଛି। ଏହି କାର୍ଯ୍ୟରେ ଡଙ୍କାରୀ ରାଜସ୍ୱ ନିରୀକ୍ଷକ ସାମିଲ ହୋଇଥିବାବେଳେ କନସଲଟାନ୍ସିର ୮ ଜଣ ରହିଛନ୍ତି। ମଙ୍ଗଳବାର ଡଙ୍କାରୀର ବାକି ଖାଦାନ ସମେତ ରାହାଡ଼ପୁର ଖାଦାନର ମାପଚୁପ ହେବ ବୋଲି ସୂଚନା ମିଳିଛି। ଏହାପରେ ଗ୍ରାନାଇଟ୍ ଓ ଅନ୍ୟ ଖଣିଜ ପଦାର୍ଥ ଲୁଟେରାଙ୍କ ମଧ୍ୟରେ ଛନକା ପଶିଛି। ସେମାନେ ପ୍ରଭାବଶାଳୀ ରାଜନେତାଙ୍କ ଦ୍ୱାରସ୍ଥ ହେବା ଏବଂ ଗୁପ୍ତ ମନ୍ତ୍ରଣା ବୈଠକ କରି ବିଫଳ ହୋଇଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। କିନ୍ତୁ ଜଣେ ରାଜନୈତିକ ପ୍ରଭାବଶାଳୀ ଲିଜ୍‌ଧାରୀ ଅନ୍ୟ କେତେଜଣ ଲିଜ୍‌ଧାରୀଙ୍କୁ ଧରି ସାଟେଲାଇଟ୍ ମାପଚୁପକୁ ବିରୋଧ କରିବା ପାଇଁ ଆନ୍ଦୋଳନ ଯୋଜନା କରୁଥିବା ଜଣାପଡ଼ିଛି। ଏଭଳିସ୍ଥଳେ ଚାପରେ ନ ପଡ଼ି ସ୍ୱଚ୍ଛତାର ସହ ମାପଚୁପ କରାଗଲେ ସରକାର ବିପୁଳ ପରିମାଣର ରାଜସ୍ୱ ପାଇ ପାରିବେ ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ପୂର୍ବରୁ ଜରିମାନା ଆଦାୟ ନିର୍ଦ୍ଦେଶ ହୋଇଥିବା ଲିଜଧାରୀଙ୍କ ଖାଦାନଗୁଡ଼ିକ କାହିଁକି ରଦ୍ଦ କରାଯାଉ ନାହିଁ ସେ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଏହାସହ ସାମାଜିକ କର୍ମୀ, ରାଜନେତା ପ୍ରମୁଖ ଏନେଇ ନୀରବ ରହିବା ନେଇ ନାନା ଆଲୋଚନା ହେଉଛି।

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ବିପୁଳ ପରିମାଣର ଗ୍ରାନାଇଟ ପଥର ଗଚ୍ଛିତ ରହିଛି। ରାଜ୍ୟ ସରକାର ଏଥିରୁ ନିର୍ଦ୍ଦିଷ୍ଟ ପରିମାଣର ଏରିଆ ଲିଜ୍ ଦେଇ ରାଜସ୍ୱ ଆଦାୟ କରିବାକୁ ଯୋଜନା କରିଛନ୍ତି। ଲଘୁ ଖଣିଜ ଦ୍ରବ୍ୟ ସଂଶୋଧନ ଆଇନ-୨୦୧୬ (ଓଏମ୍‌ଏମ୍‌ସିଏଆର୍) ଅନୁଯାୟୀ ୫୦ରୁ ଊର୍ଦ୍ଧ୍ୱ ଖାଦାନକୁ ୫ ବର୍ଷିଆ ଲିଜ ସୂତ୍ରରେ ଦିଆଯାଇଛି। ୨୦୧୭-୧୮ରୁ ଲିଜ୍ ପାଇଥିବା ଲିଜ୍‌ଧାରୀମାନେ ପାହାଡ଼ରେ ପୋଖରୀ ଆକାରରେ ଖୋଳି ଅତ୍ୟଧିକ କଳାପଥର ଲୁଟି ନେଇଛନ୍ତି। ନିକଟରେ ହୋଇଥିବା ମାପଚୁପରେ ପ୍ରମାଣିତ ହୋଇସାରିଛି। ଏହି ପ୍ରକ୍ରିୟାରେ ୪ ଜଣ ଲିଜ୍‌ଧାରୀଙ୍କଠାରୁ ୧୦୫ କୋଟି ୮୭ ଲକ୍ଷ ଟଙ୍କା ଜରିମାନା ଆଦାୟ କରିବାକୁ ତହସିଲଦାର ଡିମାଣ୍ଡ ନୋଟିସ ଦେଇଛନ୍ତି। ଏଥିରେ ଲୁଣିବର ପଥର ଖାଦାନର ଲିଜଧାରୀ ସରୋଜ ରାଉତଙ୍କୁ ୬୩ କୋଟି ୩୭ ଲକ୍ଷ, ଚନ୍ଦ୍ରମଣି ପରିଡାଙ୍କୁ ୧ କୋଟି ୮୭ ଲକ୍ଷ ଓ ସାବିତ୍ରୀ ପରିଡ଼ାଙ୍କୁ ୧୬ କୋଟି ୫୭ ଲକ୍ଷ, ଡଙ୍କାରୀ ପଥର ଖାଦାନର ଲିଜଧାରୀ ରଞ୍ଜନ ଜେନାଙ୍କୁ ୨୩ କୋଟି ୩୨ ଲକ୍ଷ ଟଙ୍କା ରହିଛି। ତେବେ ଏହି ପ୍ରକ୍ରିୟାରେ ଅନ୍ୟ ଲିଜ୍‌ଧାରୀମାନଙ୍କୁ ସୁରକ୍ଷା ଦିଆଯାଉଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ତହସିଲ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ ପୁଣି ସାଟେଲାଇଟ୍ ମାପଚୁପ କରିବାକୁ ସ୍ୱତନ୍ତ୍ର ଭାବେ ଏକ ବେସରକାରୀ ସଂସ୍ଥାକୁ ନିୟୋଜନ କରାଯାଇଛି। ରାହାଡ଼ପୁର ଓ ବରଡ଼ା କଳାପଥର ଖାଦାନରୁ ଲିଜଧାରୀ ପ୍ରହ୍ଲାଦ ଲେଙ୍କା ଅନୁମତିଠାରୁ ବହୁ ଗୁଣ ଉତ୍ତୋଳନ କରିଥିବା ଅଭିଯୋଗ ହେବା ପରେ ଏହି ମାପଚୁପ ପ୍ରକ୍ରିୟାରେ ତାଙ୍କ ନାମ ଆଗରେ ରହିଥିବା ସୂଚନା ମିଳିଛି। ଏହାବାଦ ବରଡ଼ା ପାହାଡ଼ର ଲିଜ୍‌ଧାରୀ ଅଜିତ ସାହୁ, ଲୁଣିବର ପାହାଡ଼ର ଲିଜ୍‌ଧାରୀ ଗଙ୍ଗାଧର ଓଝା, ଅଞ୍ଜିରା ପାହାଡ଼ରେ କୃଷ୍ଣଚନ୍ଦ୍ର ସାହୁ, ବାଜବାଟି ପାହାଡ଼ରେ ଶ୍ରୀନିବାସ ଜେନା, ସୁଧାଂଶୁ ଜେନା ଓ ବିଶ୍ୱରଞ୍ଜନ ପରିଡ଼ାଙ୍କ ଖାଦାନଗୁଡିକ ମାପଚୁପ ପ୍ରକ୍ରିୟାରେ ସାମିଲ କରାଯିବ ବୋଲି ଜଣାପଡିଛି। ଏହାବାଦ ୨୦୨୧ରେ ଚଞ୍ଚକତା କରି ଲିଜ୍ ପାଇଥିବା ଆରୁହା ପାହାଡର ୩ଟି ଖାଦାନରୁ ଏକାଧିକ ପୋକଲିନ ମେଶିନ ଓ ହାଇୱା ଲଗାଇ ଅନୁମୋଦିତ ପରିମାଣଠାରୁ ପ୍ରାୟ ୨୫ ଗୁଣ ଅଧିକ କଳାପଥର ଲୁଟ କରାଯାଇଥିବା ଅଭିଯୋଗ ହେଉଛି। ଏହିସବୁର ମାପଚୁପ ଡ୍ରୋନ କ୍ୟାମେରା ଜରିଆରେ ହେବ ବୋଲି ସୂଚନା ମିଳିଛି।

ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଚାରିବାରେ ସେ କହିଛନ୍ତି ନିକଟରେ ଶେଷ ହୋଇଥିବା ଲିଜ୍ ଏବଂ ବର୍ତ୍ତମାନ ଚାଲିଥିବା କଳାପଥର ଖାଦାନଗୁଡ଼ିକର ମାପଚୂପ ହେବ। ରିପୋର୍ଟ ମିଳିବା ପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



### କଳାପଥର ଲୁଟ ମାମଲା

- ଡ୍ରୋନ କ୍ୟାମେରାରେ ଉଠାଗଲା ଡଙ୍କାରୀର ୩ ଖାଦାନର ଫଟୋ
- ଜରିମାନା ହୋଇଥିବା ଲିଜ୍‌ଧାରୀଙ୍କ ଖାଦାନ ରଦ୍ଦ ହେଲାନ

## ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଧର୍ମଶାଳା/ଜେନାପୁର, ୨୯।୮ (ଡି.ଏନ.ଏ.):** ଜେନାପୁର ଥାନା ଅଧୀନ ୫୩ନଂ. ଜାତୀୟ ରାଜପଥର ବାରକଣା ନିକଟରେ ସୋମବାର ଯାଜପୁର ଅବକାରୀ ବିଭାଗ ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯାଇ ଏକ ସ୍କୁଟି ଓ ୩୨ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି। ଏଥିସହିତ ଜଣେ ଯୁବକଙ୍କୁ ଗିରଫ କରାଯାଇ ଯାଜପୁର କୋର୍ଟଚାଲାଣ କରାଯାଇଛି। ସେ ହେଲେ ଡୁବୁରୀ ଅଞ୍ଚଳର ସୁଦର୍ଶନ ବେହେରା(୩୩)। ଅବକାରୀ ମୋବାଇଲ ସ୍କ୍ୱାଡ୍ ଇନ୍ସପେକ୍ଟର ସମୀର ମହାନ୍ତି ଓ ସବଇନ୍ସପେକ୍ଟର ଦିଲୀପ କୁମାର ନାୟକ ସହକର୍ମୀଙ୍କ ସହ ଡୁବୁରୀ ଛକରେ ଥିବାବେଳେ ଓଡି-୩୪-ପି-୩୯୩୪ସ୍କୁଟିରେ ବ୍ରାଉନସୁଗାର ନେଇ ଜଣେ ଯୁବକ ଚଣ୍ଡିଖୋଲ ଆଡକୁ ଯାଉଥିବା ଖବର ପାଇଥିଲେ। ଫଳରେ ସେମାନେ ଯୁବକଙ୍କୁ ପିଛା କରି ବାରକଣାଠାରେ କାବୁ କରିଥିଲେ। ଜବତ ବ୍ରଉନସୁଗାରର ଅନୁମାନିକ ମୂଲ୍ୟ ୩ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଅବକାରୀ ଇନ୍ସପେକ୍ଟର ମହାନ୍ତି ସୂଚନା ଦେଇଛନ୍ତି। ଏନେଇ ବିଭାଗ ପକ୍ଷରୁ ନଂ.୮୭/୨୨ରେ ଏକ ମାମଲା ରୁଜୁ କରାଯାଇଛି।

## ୨ ନିର୍ବାଚନୀ ମାମଲା ଅଦାଲତରେ ଖାରଜ

**ବରୀ,୨୯।୮(ଡି.ଏନ.ଏ.):** ବରୀ ବ୍ଲକ୍ ଅନ୍ତର୍ଗତ କଳାମାଟିଆ ପଞ୍ଚାୟତର ସରପଞ୍ଚ ଓ ୱାର୍ଡ ନମ୍ବର ୧୦ର ସଭ୍ୟଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ଯାଜପୁର ନିର୍ବାଚନ ଟ୍ରିବୁନାଲ ତଥା ସିଭିଲ ଜଜ୍‌ଙ୍କ ଅଦାଲତରେ ହୋଇଥିବା ମାମଲା ଖାରଜ ହୋଇଯାଇଛି। ସେମାନଙ୍କଠାରୁ ପରାଜିତ ପ୍ରାର୍ଥୀମାନେ ଯଥାକ୍ରମେ କେସ୍ ନଂ.୦୫/୨୨ ଓ ୦୬/୨୨ରେ ମାମଲା ରୁଜୁ କରିଥିଲେ। କଳାମାଟିଆ ସରପଞ୍ଚ ରଶ୍ମିତା ପରିଡ଼ାଙ୍କ ବିରୋଧରେ ବୁଥ୍‌ଦଖଲ ନେଇ ଅଭିଯୋଗ ହୋଇଥିଲା। ତେଣୁ ଭୋଟ୍ ପୁନଃ ଗଣତି ପାଇଁ ମାମଲା ଦାୟର ହୋଇଥିଲା। ସେହିପରି ୱାର୍ଡ ନମ୍ବର ୧୦ର ସଭ୍ୟ ଚନ୍ଦ୍ର ଶେଖର ପରିଡ଼ାଙ୍କ ବିରୋଧରେ ଭୋଟ୍ ପୁନଃଗଣତି ପାଇଁ ମାମଲା ହୋଇଥିଲା। ଉଭୟ ପକ୍ଷଙ୍କ ତରଫରୁ ଆଇନଜୀବୀ ବିରଜା ପ୍ରସାଦ ପରିଡ଼ା ଓ ତାଙ୍କ ସହଯୋଗୀ ଶୀତଲ ପରିଡ଼ା ମାମଲା ପରିଚାଳନା କରୁଥିଲେ। ଉଭୟ କେସ୍ ବିଚାର ଯୋଗ୍ୟ ନୁହେଁ ବୋଲି ଆଇନଜୀବୀ ଦର୍ଶାଇଥିଲେ। ଅଦାଲତ ଏହାକୁ ବିଚାରକୁ ନେଇ ଦୁଇଟି ମାମଲାକୁ ଖାରଜ କରିଦେଇଛନ୍ତି।

## ଅଗ୍ନି ବିପନ୍ନ ପରିବାରକୁ ସହାୟତା

**ଛତିଆ,୨୯।୮(ଡି.ଏନ.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ କାଇମାଟିଆ ଗ୍ରାମର ଅଗ୍ନିବିପନ୍ନ ଅଜୟ ସାହୁଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ଭାରତୀ ଫାଉଣ୍ଡେଶନ ପକ୍ଷରୁ ତାଙ୍କ ପରିବାରକୁ ରାଶନ ସାମଗ୍ରୀ, ଶୁଖିଲା ଖାଦ୍ୟ ଓ କିଛି ବସ୍ତ୍ର ଯୋଗାଇ ଦିଆଯାଇଛି। ଫାଉଣ୍ଡେଶନର ପ୍ରମୁଖ ସଭ୍ୟ ବିଭୂତି ଭୂଷଣ ସାମଲ, ଆଶିଷ ରଞ୍ଜନ ମଲିକ, ସୀତାକାନ୍ତ ସ୍ୱାଇଁ ଓ ନାମିତ ସାହୁ ପ୍ରମୁଖ ଉପସ୍ଥିତ ରହି ଅଜୟଙ୍କ ପରିବାରକୁ ସହାୟତା ପ୍ରଦାନ କରିଥିଲେ। ଗତ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ଅଜୟଙ୍କ ଘର ଜଳି ଯାଇଥିଲା। ଫଳରେ ସେ ସର୍ବସ୍ୱାନ୍ତ ହୋଇ ଯାଇଛନ୍ତି।

## ୫ ରାସ୍ତାର ପ୍ରଶସ୍ତୀକରଣ ପାଇଁ ଶିଳାନ୍ୟାସ

**ଧର୍ମଶାଳା/ଜେନାପୁର/ରସୁଲପୁର, ୨୯।୮(ଡି.ଏନ.ଏ.)**

ପୂର୍ତ୍ତ ବିଭାଗ ପକ୍ଷରୁ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ୫ଟି ରାସ୍ତାର ଉନ୍ନତୀକରଣ ଓ ପ୍ରଶସ୍ତୀକରଣ ପାଇଁ ସୋମବାର ଶିଳାନ୍ୟାସ କରାଯାଇଛି। ଉକ୍ତ ୫ ରାସ୍ତା ପାଇଁ ମୋଟ୍ ୬୩ କୋଟି.୧୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିବାବେଳେ ଠିକାଦାରଙ୍କ ସହ ୪୭ କୋଟି ୨୬ ଲକ୍ଷ ଟଙ୍କାରେ ଚୁକ୍ତିନାମା ହୋଇଛି। ପୂର୍ତ୍ତ, ଇସ୍ପାତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ପ୍ରଥମେ ଧର୍ମଶାଳା ବ୍ଲକ ଥାନୁଆଳଠାରୁ ତରଞ୍ଜିଆ ଯାଏ ୧୨ କୋଟି ୯୮ ଲକ୍ଷ ବ୍ୟୟ ଅଟକଳରେ ହେବାକୁ ଥିବା ୧୧ କିମି ରାସ୍ତାର ଶିଳାନ୍ୟାସ କରିଥିଲେ। ପରେ କବାଟବନ୍ଧଠାରୁ ରେଖିଦେଇପୁର ରାସ୍ତାର ୩ କିଲୋମିଟରଠାରୁ ୬ କିଲୋମିଟର ପର୍ଯ୍ୟନ୍ତ ୪ କୋଟି ୫୧ ଲକ୍ଷ ବ୍ୟୟ ଅଟକଳରେ ହେବାକୁ ଥିବା ରାସ୍ତାର ଶିଳାନ୍ୟାସ କରିଥିଲେ। ସେହିପରି କବାଟବନ୍ଧଠାରୁ ମଞ୍ଜୁରୀପଡ଼ା ୩ କିଲୋମିଟର ରାସ୍ତାର ପ୍ରଶସ୍ତୀକରଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ଏହାର ବ୍ୟୟ ଅଟକଳ ୩ କୋଟି ୬୧ ଲକ୍ଷ ଟଙ୍କା ରହିଛି।

ସେହିପରି ୭କୋଟି ୨୬ ଲକ୍ଷଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ରସୁଲପୁର ବ୍ଲକ୍‌ର ସିଆଳିଆଠାରୁ ଶ୍ରୀବନ୍ତପୁର ପର୍ଯ୍ୟନ୍ତ ୫ କିଲୋମିଟର ରାସ୍ତା ପାଇଁ ଶିଳାନ୍ୟାସ କରାଯାଇଛି। ସିଆଳିଆଠାରୁ ଦୁର୍ଗାପୁର ରୋଡ୍ ୧୬ କିଲୋମିଟର ରାସ୍ତା ପ୍ରଶସ୍ତୀକରଣ ପାଇଁ ଶିଳାନ୍ୟାସ କରାଯାଇଛି। ଏହାର ବ୍ୟୟ ଅଟକଳ ୧୮ କୋଟି ୯୦ ଲକ୍ଷ ଟଙ୍କା ରହିଛି। କାର୍ଯ୍ୟକ୍ରମରେ ପାଣିକୋଇଲି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସରୋଜ କୁମାର ନାୟକ, ଚଣ୍ଡିଖୋଲ ସବ୍‌ଡିଭିଜନର ସହକାରୀ ନିର୍ବାହୀଯନ୍ତ୍ରୀ କାମେଶ୍ୱର ବେହେରା, ସହକାରୀ ଯନ୍ତ୍ରୀ ବିରେନ ବସ୍ତୁ, ଧର୍ମଶାଳା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ନରେନ କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ। ମନ୍ତ୍ରୀ ଓ ବିଧାୟକଙ୍କୁ ନାକପୋଲ ଲକଠାରୁ ବିଭିନ୍ନ ଶିଳାନ୍ୟାସସ୍ଥାନକୁ ବିରାଟ ପଟୁଆରରେ ପାଛୋଟି ନିଆଯାଇଥିଲା। ଏଥିରେ ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲାପରିଷଦ ସଭ୍ୟ ସ୍ମୃତିରେଖା ବେହେରା, ଥାନୁଆଳ ସରପଞ୍ଚ ନର୍ମଦା ସ୍ୱାଇଁ, ସମିତିସଭ୍ୟା ସାଗରିକା ଜେନା, ଯୁବନେତା ଅକ୍ଷୟ କୁମାର ନାୟକ, ଗଜେନ୍ଦ୍ର ବେହେରା, ଗୌତମ ସାହୁ, ବିଜୟ ନାୟକ, ଜୟପ୍ରକଶ ବିଶ୍ୱାଳ, ଶିନିବାସ ଜେନା, ପ୍ରସନ୍ନ ରାଉତ, ରସୁଲପୁର ବ୍ଲକ ଅଧକ୍ଷ ଅରୁଣ କୁମାର ରାଉତ, ଜିଲାପରିଷଦ ସଦସ୍ୟା ମମତା ଖୁଣ୍ଟିଆ, ସରପଞ୍ଚ ଆୟୁଷମତି ଦାସ, ଯୁବନେତା ମନୋଜ ରାଉତ, ନିହାର ରଞ୍ଜନ ଦାସ ଓ ପୀତାମ୍ବର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଥାନୁଆଳ-ତରଞ୍ଜିଆ ରାସ୍ତାର ଉନ୍ନତୀକରଣ ପାଇଁ ଶିଳାନ୍ୟାସ କରାଯାଉଛି।

### ରସୁଲପୁର ବ୍ଲକରେ ୨୬ କୋଟିରେ ହେବ ୨ ପ୍ରକଳ୍ପ

## ରାଜ୍ୟ ସଭା ସଦସ୍ୟାଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମବରଦା,୨୯।୮(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅର୍ନ୍ତଗତ ବ୍ରହ୍ମବରଦାସ୍ଥିତ ଦୁର୍ଗାମଣ୍ଡପ ପ୍ରାଙ୍ଗଣରେ ବ୍ରହ୍ମବରଦା ନାଗରିକ ମଞ୍ଚ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟସଭା ଏମ୍‌ପି ସୁଲତା ଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବ୍ରହ୍ମବରଦା ବଜରାଘାଟଠାରୁ ଏକ ଶୋଭାଯାତ୍ରାରେ ଏମ୍‌ପିଙ୍କୁ ସଭାସ୍ଥଳକୁ ପାଛୋଟି ଅଣାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଦେଓ ଓ ମୁଖ୍ୟବକ୍ତା ଗୋକର୍ଣ୍ଣିକାର ପତ୍ରିକାର ସମ୍ପାଦକ ରମାକାନ୍ତ ଜେନା ଯୋଗ ଦେଇଥିଲେ। ପରେ ବ୍ରହ୍ମବରଦା ମହାବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ ସହ ନୃତ୍ୟ ପରିବେଷଣ କରାଯାଇଥିଲା। ବ୍ରହ୍ମବରଦା ନାଗରିକ ମଞ୍ଚ, ୟଙ୍ଗଷ୍ଟାର କ୍ଲବ୍, ପ୍ରଜାପିତା ବ୍ରହ୍ମାକୁମାରୀ ମହାବିଦ୍ୟାଳୟ ଓ ରୁହାନୀ ସ୍କୋଟିଂ କ୍ଲବ ପକ୍ଷରୁ ଏମ୍‌ପି ଦେଓଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ସହ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ବ୍ରହ୍ମବରଦା ଅଞ୍ଚଳର ଯୁବନେତା ଉଦୟଭାନୁ ଦେଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବ୍ରହ୍ମବରଦା ଯୁକ୍ତ ୩ ମହାବିଦ୍ୟାଳୟ ଅଧକ୍ଷ ମହେଶ୍ୱର ପାଢ଼ୀ କାର୍ଯ୍ୟକରୀ ସଭାପତି ଦାୟିତ୍ୱ ତୁଲାଇଥିଲେ। ସମ୍ମାନିତ ଅତିଥି ଭାବେ ୩୬ନଂ. ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ, ସମିତିସଭ୍ୟା ରୁକ୍‌ସାନା ପରୱିନ, ପୂର୍ବତନ ସରପଞ୍ଚ ବିପିନ ବିହାରୀ ଦେଓ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପଞ୍ଚାନନ ରାଉତ, ନିମାଇଁ ଚରଣ ଦାସ, ଅବ୍‌ଦୁଲ୍ ଦୟାଲ ଖାଁ, ଆଲ୍ଲାଉଦ୍ଦିନ ଖାଁ, ବେଣୁଧର ସାମଲ, କାଶୀନାଥ ବେହେରା, ପରାମନନ୍ଦ ସାହୁ ପ୍ରମୁଖ ଯୋଗଦେଇ ନିଜର ଅଭିଭାଷଣ ରଖିଥିଲେ। ସଂଗ୍ରାମ ମହାନ୍ତି, ଅମୂଲ୍ୟ ରାଉତ, ବିନୟ ରାଉତ, ଚିତ୍ତରଞ୍ଜନ ଦାସ, ଦିପ୍ତୀରଞ୍ଜନ ରାଉତ, ବୀରେନ୍ଦ୍ର ବେହେରା, ପ୍ରଶାନ୍ତ ରାଉତ, ଚିତ୍ତରଞ୍ଜନ ଦାସ, ବିଷ୍ଣୁଚରଣ ଦେଓ, ଦୀପକ ବେହେରା, ଜିତେନ୍ଦ୍ର ପ୍ରସାଦ ସାହୁ, ସଫିଆଲାମ ଖାଁ, ଅନୱର ଖାଁ, ସେକ୍ ସାବିର ପ୍ରମୁଖ ସହଯୋଗ କରିଥିଲେ। ବ୍ରହ୍ମବରଦା ପୂର୍ବତନ ସରପଞ୍ଚ ଦେଓ ଧନ୍ୟବାଦ ଦେଇଥିଲେ।




ରାଜ୍ୟ ସଭା ସଦସ୍ୟା ସୁଲତା ଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବ୍ରାହ୍ମଣୀ ନଦୀରେ କୁମ୍ଭୀର, ଗାଈକୁ ଟାଣିନେଲା

**ବରୀ,୨୯।୮(ଡି.ଏନ.ଏ.)**

ବିଗତ ଦିନରେ ଖରସ୍ରୋତା ନଦୀର ଶାଖା ନଦୀ ଦୁଧେଇରେ କୁମ୍ଭୀର ଆସିବା ଯୋଗୁ ଲୋକେ ଆତଙ୍କିତ ହୋଇଥିଲେ। ଚଳିତ ବନ୍ୟାରେ ବ୍ରାହ୍ମଣୀ ନଦୀରେ ସ୍ୱଳ୍ପ ବନ୍ୟା ଆସିଥିଲେ ହେଁ ନଦୀର କଳାମାଟିଆ ନିକଟରେ ଏକ କୁମ୍ଭୀର ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଛି। ଏପରି କି କୁମ୍ଭୀର ସେଠାରେ ଏକ ଗାଈକୁ ଟାଣି ନେଇଯାଇଛି। ସ୍ଥାନୀୟ ଲୋକେ ଏହାକୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଛନ୍ତି। ତେଣୁ ତୁରନ୍ତ କୁମ୍ଭୀରକୁ କାବୁ କରିବା ପାଇଁ ପ୍ରଶାସନ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି।

## ମଧ୍ୟାହ୍ନଭୋଜନ ଚାଉଳ ବିକ୍ରିର ତଦନ୍ତ କଲେ ବିଇଓ

**ଜେନାପୁର,୨୯।୮(ଡି.ଏନ.ଏ.)**

ଧର୍ମଶାଳା ଶିକ୍ଷାମଣ୍ଡଳ ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତ ଶ୍ୟାମସୁନ୍ଦରପୁର ମଧ ଇଂରାଜୀ ବିଦ୍ୟାଳୟରୁ ଚାଉଳ ବିକ୍ରି ଘଟଣାର ତଦନ୍ତ ଆରମ୍ଭ ହୋଇଛି। ସୋମବାର ଧର୍ମଶାଳା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ନିକୁଞ୍ଜ ବିହାରୀ ମହାନ୍ତି, ଏବିଇଓ ମାଣିକ ସଏ ଘଟଣାସ୍ଥଳରେ ପହଞ୍ଚି ସ୍କୁଲ୍ ପ୍ରଧାନଶିକ୍ଷକ ଶରତ କୁମାର ପାତ୍ର, ପରିଚାଳନା କମିଟି ସଦସ୍ୟ ଓ ଅନ୍ୟ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ପରେ ପ୍ରଧାନଶିକ୍ଷକଙ୍କୁ ତାଗିଦ୍ କରିଥିଲେ। ବିଇଓ ସ୍କୁଲରୁ ଫେରୁଥିବା ସମୟରେ ସ୍କୁଲର ଗେଟ୍ ପାଖରେ ଗ୍ରାମର କେତେଜଣ ଲୋକ ତାଙ୍କ ସହ ଚାଉଳ ବିକ୍ରି ଓ ସ୍କୁଲର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଇଓ କହିଥିଲେ ସ୍କୁଲର ଚାଉଳ ବିକ୍ରି ଉପରେ ସତ୍ୟାସତ୍ୟ ତଦନ୍ତ ଚାଲିଛି। ଯଦି ଏଥିରେ କିଏ ଦୋଷୀ ସାବ୍ୟସ୍ତ ହୁଅନ୍ତି ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଗତ ଶନିବାର ୨ବସ୍ତା ମଧ୍ୟାହ୍ନଭୋଜନ ଚାଉଳ ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିକ୍ରି କରିଥିବା ଅଭିଯୋଗ ହୋଇଥିଲା। ଚାଉଳକୁ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଏକ ବାଇକରେ ନେଇ ଯାଉଥିବା ସମୟରେ କେତେଜଣ ଗ୍ରାମବାସୀ ସ୍କୁଲକୁ ଯାଇ ବିରୋଧ କରିଥିଲେ। ଏହି ସମୟରେ ପ୍ରଧାନଶିକ୍ଷକ ପାତ୍ର ସଫେଇ ଦେଇ କହିଥିଲେ, ୨ ବସ୍ତା ଚାଉଳ ବଦଳ କରି ଗଣେଶ ପୂଜା ପାଇଁ ଅରୁଆ ଚାଉଳ ଅଣାଯିବ। ଏଥିସହିତ ସେ ବିଦ୍ୟାଳୟର କମିଟି ସଦସ୍ୟଙ୍କ ଉପରେ ଅଠା ବୋଳିବାକୁ ଚେଷ୍ଟା କରିଥିଲେ ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ବିଦ୍ୟାଳୟର ଛାତ୍ରୀଛାତ୍ର ପୂଜା ପାଇଁ ଚାନ୍ଦା ଦେଇଥିବା ବେଳେ ଉକ୍ତ ଚାଉଳ କାହିଁକି ବଦଳ କରାଗଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



ବିଦ୍ୟାଳୟକୁ ତଦନ୍ତ କରିବାକୁ ଆସିଥିବା ବିଇଓ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

## ବରୀ ବ୍ଲକ୍ କାର୍ଯ୍ୟାଳୟରେ ଜିଲାପାଳଙ୍କ ଜନଶୁଣାଣି

**ବରୀ,୨୯।୮(ଡି.ଏନ.ଏ.)**

ବରୀ ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଗ୍ରାମୀଣ ଆବାସ ଯୋଜନା ନିମନ୍ତେ ୧୪୧୦ ଅଭିଯୋଗ ଆସିଥିଲା। ସେହିପରି ଭତ୍ତା ପାଇଁ ୧୪୨, ରାଶନକାର୍ଡ ପାଇଁ ୫୭, ବ୍ୟକ୍ତିଗତ ଜମିବାଡି ବିବାଦ, ମେଡିକାଲ ସାହାଯ୍ୟ ଓ ଆଇନଶୃଙ୍ଖଳା ପାଇଁ ୧୪୧ ଅଭିଯୋଗ ହୋଇଛି। ଶିବିରରେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ଏସ୍‌ପି ରାହୁଲ ପିଆର୍, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେଉରିଆ, ଉପଖଣ୍ଡ ପୋଲିସ ଅଧିକାରୀ ସରୋଜ କୁମାର ଉପାଧ୍ୟାୟ, ଜିଲା ଚିକିତ୍ସାଧିକାରୀ ଶିବ ପ୍ରସାଦ ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା, ଜିଲା ସମାଜ କଲ୍ୟାଣ ଅଧିକାରୀ ସୁବାସ ଚନ୍ଦ୍ର ସାମଲ, ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି, ଜିଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ଜିଲା ଯୋଗାଣ ଅଧିକାରୀ ସଲ୍ଲାମୁଦ୍ଦିନ ଖାନ, ଏଲଡିଏମ ମନୋଜ କୁମାର ପ୍ରଧାନ, ବରୀ ଭାରପ୍ରାପ୍ତ ତହସିଲଦାର ଭାନୁମତି ମାଝି, ଭାରପ୍ରାପ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ, ଜିଲା ସଂସ୍କୃତି ଅଧିକାରୀ ଦୂର୍ଯ୍ୟୋଧନ ମଲ୍ଲିକ ପ୍ରମୁଖଙ୍କ ସହ ଜିଲା ଓ ବ୍ଲକ୍‌ର ଅନ୍ୟ ବିଭାଗୀୟ ଅଧିକାରୀ ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ।




ଅଭିଯୋଗ ଶୁଣାଣି କରାଯାଉଛି।

## ସଂକ୍ଷେପରେ

### ୨୪ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଅଭିଯୁକ୍ତ ଗିରଫ



ଜଗତ୍‌ସିଂହପୁର ଅଫିସ୍, ୨୯।୮

କୁଜଙ୍ଗ ଶ୍ରୀ ଅନୁକୂଳ ଚନ୍ଦ୍ର ଆଶ୍ରମ ନିକଟରେ ବ୍ରାଉନସୁଗାର ଚୋରା ଚାଲାଣ କରୁଥିବା ବେଳେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କୁଜଙ୍ଗ ଥାନା ଅଞ୍ଚଳର ଅଶୋକ କୁମାର ତଡ଼ା ଓ ଜିତେନ୍ଦ୍ର ନାଥ ଦାସ। ଗୋଟିଏ ବାଇକ୍ (ନଂ. ଓଡି ୦୫ ଏଏଫ୍ ୩୯୯୮) ଜବତ ହୋଇଛି। ଏହା ଉପରେ ପାରାଦୀପ ଅବକାରୀ ଥାନା ପକ୍ଷରୁ ପିଆର୍ ନଂ. ୫୨/୨୦୨୨-୨୩ ମାମଲା ରୁଜୁ ହୋଇଛି।

### ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ଅଭିଯୋଗ

ରଘୁନାଥପୁର, ୨୯।୮(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ବିଦ୍ୟାଧରପୁରସ୍ଥିତ ଗୋରେଖନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରଙ୍କୁ ଶିକ୍ଷୟିତ୍ରୀ ସରୋଜିନୀ ମହାନ୍ତି ମାଡ଼ ମାରିଥିଲେ। ଏ ନେଇ ତିର୍ତ୍ତୋଲ ଥାନାରେ ଶନିବାର ଅଭିଯୋଗ ହୋଇଥିଲା। ସୋମବାର ପୋଲିସ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଥାନାକୁ ଡାକି ପଚରାଉଚରା କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଛାତ୍ରଙ୍କ ବାପା ଅଶୋକ ମଲ୍ଲିକଙ୍କ ଅଭିଯୋଗ ଅନୁଯାୟୀ, ଅଗଷ୍ଟ ୨୬ରେ ସ୍କୁଲରେ ମଧାହ୍ନ ଭୋଜନ ନ ଅଣ୍ଟିବାରୁ ତାଙ୍କ ପୁଅକୁ ୫ ଟଙ୍କିଆ ବିସ୍କୁଟ ଖାଇବାକୁ ଦିଆଯାଇଥିଲା। ଏ ସମ୍ପର୍କରେ ପୁଅ ପ୍ରକାଶ କହି ଦେବାରୁ ଶିକ୍ଷୟିତ୍ରୀ ମହାନ୍ତି ଛୁଟି ହେବାର କିଛି ସମୟ ପୂର୍ବରୁ ତାଙ୍କୁ ଅଫିସକୁ ଡାକି ମାଡ଼ ମାରିଥିଲେ। ଫଳରେ ଛାତ୍ର ଜଣକ ଚାଲି ପାରୁ ନ ଥିବା ଅଶୋକ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ମଧାହ୍ନ ଭୋଜନକୁ ନେଇ ଉଠିଥିବା ବିବାଦ ସମ୍ପୂର୍ଣ୍ଣ ମିଛ ବୋଲି ପ୍ରଧାନ ଶିକ୍ଷକ ହୃଷୀକେଶ ଯୋଗାଣିଆ କହିଛନ୍ତି। ଏ ନେଇ ଅଶୋକ ତାଙ୍କ ପାଖରେ ପ୍ରଥମେ ଅଭିଯୋଗ କରିବା ପରେ ସେ ସ୍କୁଲ ପରିଚାଳନା କମିଟି ସଭାପତିଙ୍କୁ ଅବଗତ କରାଇଥିଲେ। ୨ ସେପ୍ଟେମ୍ବରରେ ସମସ୍ତଙ୍କ ଉପସ୍ଥିତିରେ ଏ ପ୍ରସଙ୍ଗରେ ଆଲୋଚନା ହେବ ବୋଲି କମିଟିର ସଭାପତି ଜଗନାଥ ସେଠୀ ଅଶୋକଙ୍କୁ କହିଥିଲେ। ମାତ୍ର ଏହା ପୂର୍ବରୁ ଅଶୋକ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଶିକ୍ଷୟିତ୍ରୀ ମହାନ୍ତି କୁହନ୍ତି, ଛାତ୍ରଙ୍କୁ ଆକଟ କରିବାକୁ ଯାଇ ସେ ଅଳ୍ପ ମାଡ଼ ମାରିଥିଲେ। ମଧାହ୍ନ ଭୋଜନରେ ୪ ଜଣଙ୍କ ପେଟ ନ ପୂରିବାରୁ ସେ ନିଜେ ଶହେ ଟଙ୍କା ଦେଇ ଉକ୍ତ ଛାତ୍ରମାନଙ୍କୁ ଖାଇ ଆସିବା ପାଇଁ କହିଥିଲେ। ତେବେ ଛାତ୍ରମାନେ ସଙ୍କୋଚ ବୋଧ କରି ୫ ଟଙ୍କିଆ ବିସ୍କୁଟ ଖାଇ ବାକି ଟଙ୍କା ଫେରାଇ ଦେଇଥିଲେ। ଛାତ୍ରମାନେ ବହୁତ ଭଲ ବୋଲି ଶିକ୍ଷୟିତ୍ରୀ ମହାନ୍ତି ପ୍ରକାଶ କରିବା ସହ କୌଣସି ଏକ ସମସ୍ୟାରେ ପଡି ଅଶୋକଙ୍କ ପୁଅଙ୍କୁ ତାଗିଦ କରିଥିଲେ ବୋଲି କହିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁଙ୍କୁ ପଚାରିବାରେ ଅଭିଯୋଗ ବିଷୟରେ ଅବଗତ ଅଛି। ଏ ନେଇ ତଦନ୍ତ ପରେ ସତ୍ୟତା ଜଣାପଡିବ ବୋଲି ସେ କହିଛନ୍ତି।

# ପିଲାଙ୍କୁ କୋଚିଂ ସେଣ୍ଟରମୁହାଁ କରୁଛନ୍ତି ସରକାରୀ ଶିକ୍ଷକ

ଜଗତ୍‌ସିଂହପୁର ଅଫିସ୍, ୨୯।୮

- ବିଦ୍ୟାଳୟରେ ଶିକ୍ଷାଦାନକୁ ଗୌଣ କରାଯାଉଛି
- ସରକାରୀ କର୍ମଚାରୀ ଶୃଙ୍ଖଳା ନିୟମର ଖୋଲା ଉଲ୍ଲଂଘନ କରୁଛନ୍ତି
- ଅଭିଯୋଗ ପାଇଁ ଟୋଲ ଫ୍ରି ନମ୍ବର କାର୍ଯ୍ୟକାରୀ କରିବାକୁ ଦାବି

ବିଦ୍ୟାଳୟସ୍ତରରେ ସରକାରୀ ଶିକ୍ଷକ ବେସରକାରୀ ଭାବେ ଶିକ୍ଷାଦାନ କରି ପାରିବେ ନାହିଁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସରକାରୀ ଶିକ୍ଷକ ବେସରକାରୀ ଟ୍ୟୁସନ୍ କିମ୍ବା କୋଚିଂ ସେଣ୍ଟର ଆଦିରେ ଶିକ୍ଷାଦାନକୁ ବାରଣ କରାଯାଇଛି। କିନ୍ତୁ ଏଭଳି କଲେ ତାହା ସରକାରୀ କର୍ମଚାରୀ ଶୃଙ୍ଖଳା ନିୟମର ଖୋଲା ଉଲ୍ଲଂଘନ ହେବ। ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବାସ୍ତବରେ କିନ୍ତୁ ସରକାରଙ୍କ ଏହି ନିର୍ଦ୍ଦେଶନାମା ଜଗତ୍‌ସିଂହପୁର ଜିଲାରେ କାର୍ଯ୍ୟକାରୀ ହେଉନାହିଁ। ଯେଉଁଥିପାଇଁ ଜିଲା ମୁଖ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ଟ୍ୟୁସନ୍, ଶତାଧିକ କୋଚିଂ ସେଣ୍ଟର ଓ ଟ୍ୟୁଟୋରିଆଲ ଆଦି ଅବାଧରେ ଚାଲିଛି। ଏହାଦ୍ୱାରା ସରକାରୀ ଶିକ୍ଷାନୁଷ୍ଠାନଗୁଡିକରେ ଗୁଣାତ୍ମକ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଜଗତ୍‌ସିଂହପୁର ସହରରେ ୨୦ରୁ ଅଧିକ କୋଚିଂ ସେଣ୍ଟର, ଟ୍ୟୁଟୋରିଆ ଚାଲିଛି। ଏଗୁଡିକରେ ଶିକ୍ଷାଦାନ କରୁଥିବା ଅଧିକାଂଶ ହେଉଛନ୍ତି ସରକାରୀ ଶିକ୍ଷକ। ବଡ କଥା ହେଲା କେତୋଟିର ମାଲିକ ମଧ୍ୟ ନିଜେ ସରକାରୀ ଶିକ୍ଷକ। ବିଦ୍ୟାଳୟ ସମୟ ପୂର୍ବରୁ ଏବଂ ପରେ ଏହି ସରକାରୀ ଶିକ୍ଷକମାନେ କୋଚିଂ ସେଣ୍ଟର/ଟ୍ୟୁଟୋରିଆଲରେ ଶିକ୍ଷାଦାନ କରି ମୋଟା ଅଙ୍କର ଅର୍ଥ ରୋଜଗାର କରୁଛନ୍ତି। ଏଭଳି କେବଳ ଜଗତ୍‌ସିଂହପୁର ନୁହେଁ, ସାରା ଜିଲାରେ ଦେଖିବାକୁ ମିଳିଛି। ଏ ସମ୍ପର୍କରେ କେତେଜଣ ଅଭିଭାବକ ଅଭିଯୋଗରେ ଦର୍ଶାଇଛନ୍ତି, ସରକାରୀ ଶିକ୍ଷାନୁଷ୍ଠାନରେ ତାଲିମପ୍ରାପ୍ତ ଶିକ୍ଷକ ଅଛନ୍ତି। କିନ୍ତୁ ଶିକ୍ଷାଦାନ ପ୍ରତି ଆନ୍ତରିକତା ରହୁନି। ନୂଆ କୌଶଳରେ ଶିକ୍ଷାଦାନ ପାଇଁ ପ୍ରସ୍ତୁତ ହେବା ତ ଦୂରର କଥା ପିଲାମାନଙ୍କ ଭବିଷ୍ୟତ ପ୍ରତି ଚିନ୍ତିତ ରହୁନାହାନ୍ତି। ଯେଉଁ କାରଣରୁ ଅନେକ ଅଭିଭାବକ ସେମାନଙ୍କ ପିଲାଙ୍କୁ ବେସରକାରୀ ଶିକ୍ଷାନୁଷ୍ଠାନ ନେବାକୁ ବାଧ୍ୟ ହେଉଛନ୍ତି। ସରକାରୀ ଶିକ୍ଷାନୁଷ୍ଠାନରେ ମାଟ୍ରିକ ପାସ୍ କଲେ ଡାକ୍ତରୀ, ଇଞ୍ଜିନିୟରିଂ ଆଦିରେ ନାମ ଲେଖାଇବା ପାଇଁ ୧୫% ସଂରକ୍ଷଣ ରହିଛି। ତଥାପି ସରକାରୀ ଅପେକ୍ଷା ବେସରକାରୀ ଶିକ୍ଷାନୁଷ୍ଠାନଗୁଡିକ ପ୍ରତି ଚାହିଦା ବଢୁଛି। ଅପରପକ୍ଷେ ସରକାରୀ ଶିକ୍ଷକମାନେ ପିଲାମାନଙ୍କୁ ଟ୍ୟୁସନ୍/କୋଚିଂ ସେଣ୍ଟର/ଟ୍ୟୁଟୋରିଆଲ ମୁହାଁ ମୋଟା ଅଙ୍କର ଅର୍ଥ ଦାବି କରୁଛନ୍ତି। ଏପରି କି ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ଆଣିବାକୁ ହେଲେ ଏହାର ଆବଶ୍ୟକତା ରହିଛି ବୋଲି କହି ସେମାନେ ପିଲାମାନଙ୍କୁ ପ୍ରଭାବିତ କରୁଛନ୍ତି। ଏଭଳି ସରକାରୀ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଗତ୍‌ସିଂହପୁର ଜିଲା ଶିକ୍ଷା ଅଧିକାରୀଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା।

ପ୍ରୋହିବିସନ୍ ଅଫ ଡେପ୍ଲଏମେଣ୍ଟ ଅଫ ଟିଚର୍ସ ଫର ନନ୍ ଏଜୁକେଶନାଲ୍ ପର୍ପୋଜେସ୍ ଅନୁଯାୟୀ କୌଣସି ସରକାରୀ ଶିକ୍ଷକ ବେସରକାରୀ ଅନୁଷ୍ଠାନ ସହ ଜଡିତ ରହିପାରିବେ ନାହିଁ। କେବଳ ଜନ ଗଣନା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ ବଣ୍ଟନ, ସ୍ଥାନୀୟ ନିର୍ବାଚନ, ବିଧାନସଭା ଓ ଏମ୍‌ପି ନିର୍ବାଚନ ବେଳେ ନିଯୁକ୍ତ ପାଇ ପାରିବେ। ଏ ସମ୍ପର୍କିତ ଏକ ମାମଲାର ବିଚାର କରି ମାଡ୍ରାସ୍ ହାଇକୋର୍ଟ ବିଚାରପତି ଏସ୍. ଏମ୍. ସୁବ୍ରମଣ୍ୟମ୍ ଉଲ୍ଲେଖନୀୟ ରାୟ ଶୁଣାଇଥିଲେ। ଏଥିରେ ଉଲ୍ଲେଖ ଥିଲା ସରକାରୀ ଶିକ୍ଷକମାନେ ବିଦ୍ୟାଳୟ ସମୟ ବାଦ୍ ଏପରି କି ଛୁଟି ଦିନରେ ମଧ୍ୟ ଟ୍ୟୁସନ୍ କିମ୍ବା ଟ୍ୟୁଟୋରିଆଲ କ୍ଲାସ୍ କରିପାରିବେ ନାହିଁ। ବିଚାରପତି କହିଥିଲେ, ଶିକ୍ଷକମାନେ ସାଧୁତାର ସହ ସେମାନଙ୍କ କର୍ତ୍ତବ୍ୟ ପାଳନ କରିବା ଜରୁରୀ। ଏଥିସହ ସାରା ରାଜ୍ୟରେ ଥିବା ବିଦ୍ୟାଳୟରେ ଟୋଲ ଫ୍ରି ନମ୍ବର ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା କାର୍ଯ୍ୟକାରୀ ହେଲେ ବେସରକାରୀ ଟ୍ୟୁସନ୍ କିମ୍ବା ଟ୍ୟୁଟୋରିଆ ଶ୍ରେଣୀରେ ସରକାରୀ ଶିକ୍ଷକଙ୍କ ସମ୍ପୃକ୍ତି, ବିଶୃଙ୍ଖଳା, ବେଆଇନ କାର୍ଯ୍ୟ, ଅନିୟମିତତା ଏବଂ ଯୌନ ନିର୍ଯାତନା ଆଦି ସମ୍ପର୍କରେ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଅନ୍ୟମାନେ ଅଭିଯୋଗ କରିପାରିବେ। ବିଦ୍ୟାଳୟଗୁଡ଼ିକର ନୋଟିସ୍ ବୋର୍ଡରେ ଏହି ଟୋଲ ଫ୍ରି ନମ୍ବର ଭଲ ଭାବେ ପ୍ରଦର୍ଶିତ ହେବା ଉଚିତ ବୋଲି ବିଚାରପତି ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରଙ୍କୁ ପଚାରିବାରେ ସରକାରୀ ନିର୍ଦ୍ଦେଶନାମା ଅନୁସରଣ କରାଯାଇ ବେଆଇନ କୋଚିଂ ସେଣ୍ଟର ଆଦି ଉପରେ ନଜର ରଖାଯିବ। ଯେଉଁ ସରକାରୀ ଶିକ୍ଷକମାନେ ସେଥିରେ ସମ୍ପୃକ୍ତ ଥିବା ଜଣାପଡ଼ିବ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



କୁଜଙ୍ଗ ବ୍ଲକ ପଡ଼ିଆରେ ଆବର୍ଜନା ପଡିରହିଛି ।

## କୁଜଙ୍ଗ ବ୍ଲକ୍ ପଡ଼ିଆ ପାଲଟିଛି ଡଷ୍ଟବିନ୍

କୁଜଙ୍ଗ,୨୯।୮(ଡି.ଏନ.ଏ.):

କୁଜଙ୍ଗରେ ସର୍ବସାଧାରଣ ସଭା ସମିତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ଲକ ପଡିଆରେ ଅନୁଷ୍ଠିତ ହୁଏ। ଏହି ପଡିଆଟି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ରହିଥିବା ବେଳେ ଏହାର ଉନ୍ନତୀକରଣ ପାଇଁ ପ୍ରଶାସନ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛି। ନିକଟରେ ଏହି ପଡ଼ିଆରେ ସୌନ୍ଦର୍ଯ୍ୟକରଣ ପାଇଁ ଚତୁଃପାର୍ଶ୍ୱ କଂକ୍ରିଟ୍ କରାଯାଇ ଟାଇଲ୍ ବିଛାଯାଇଛି। ହେଲେ ପଡିଆରେ ଆଣ୍ଠୁଏ ଘାସ ହେବା ସାଙ୍ଗକୁ ବଜାରର ଆବର୍ଜନା ସେହିଠାରେ ଗଦା ହେଉଛି। ଫଳରେ ପଡିଆ ବ୍ୟବହାର ଅନୁପଯୋଗୀ ହୋଇପଡିଛି। ଏ ସମ୍ପର୍କରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରେ କମ୍ ଦିନ ହେଲା ବିଡିଓ ଭାବେ କାର୍ଯ୍ୟ କରୁଛି। ତାଙ୍କ ସମୟରେ କୌଣସି ବ୍ୟୟ ବରାଦ ହୋଇନାହିଁ। ଖୁବ୍‌ଶୀଘ୍ର ପଡିଆକୁ ସଫାସୁତରା ଓ ଉନ୍ନତିକରଣ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

## ଆଶାକର୍ମୀଙ୍କୁ ଗଣବଳାତ୍କାର ଘଟଣା: ୨ ଗିରଫ




ଉତ୍କଳ ମହିଳା ସମିତି ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା କରାଯାଉଛି ।

ପାରାଦୀପ,୨୯।୮(ସ୍ୱ.ପ୍ର.)

ପାରାଦୀପ ଅଞ୍ଚଳର ଆଶାକର୍ମୀଙ୍କୁ ଗଣବଳାତ୍କାର କରିବା ଘଟଣାରେ ସୋମବାର ପୋଲିସ ଦୁଇ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଯତୀନ କୁମାର ମଲ୍ଲିକ (୨୯)ଓ ତାଙ୍କ ସହଯୋଗୀ ବାଦଲ କୁମାର ମଲ୍ଲିକ(୨୭)। ଆଉ ୨ ଅଭିଯୁକ୍ତ କୀର୍ତ୍ତି ଓ ନିଲୁଆ ଏବେ ବି ଫେରାର ଅଛନ୍ତି। ଘଟଣାରେ ଜଡ଼ିତ ନାଲି ରଙ୍ଗର କାର୍‌କୁ ଜବତ କରାଯାଇଛି। ଏ ନେଇ ଥାନାରେ ମାମଲା (ନଂ.୨୭୫/୨୨) ରୁଜୁ ହୋଇଛି। ଏହି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସୋମବାର ଉତ୍କଳ ମହିଳା ସମିତି ପକ୍ଷରୁ ସହରରେ ଶୋଭାଯାତ୍ରା କରାଯାଇଛି। ଗତ ଶୁକ୍ରବାର ମଧାହ୍ନରେ ସମ୍ପୃକ୍ତା ଆଶାକର୍ମୀ ନୂଆବଜାରରୁ ଘରକୁ ସାଇକେଲରେ ଫେରୁଥିବା ବେଳେ ଯତୀନ ହୋଟେଲ ଛକରେ ଅଟକାଇ ବଳପୂର୍ବକ କାର୍‌ରେ ନେଇଯାଇଥିଲେ। ଏଥିରେ ତାଙ୍କୁ ବାଦଲ, କୀର୍ତ୍ତି ଓ ନିଲୁଆ ସହଯୋଗ କରିଥିଲେ। ନେହେରୁବଙ୍ଗଳା ପଥରବନ୍ଧ ନିକଟ ଏକ ନିକାଞ୍ଚନ ସ୍ଥାନରେ ସମ୍ପୃକ୍ତା ଆଶାକର୍ମୀଙ୍କୁ ସମସ୍ତ ଅଭିଯୁକ୍ତ ବଳାତ୍କାର କରି ପୁଣି ଆଣି ସେହି ହୋଟେଲ ଛକରେ ଛାଡି ପଳାଇଯାଇଥିଲେ। ଏନେଇ ଆଶାକର୍ମୀଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଏହି ପ୍ରସଙ୍ଗକୁ ନେଇ ରବିବାର ଆଶାକର୍ମୀ ସଂଘ ପକ୍ଷରୁ ପ୍ରତିବାଦ କରାଯାଇ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଥିଲା। ଏଥିସହ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଜାତୀୟ ମାନବା ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏଥିରେ ସମ୍ପୃକ୍ତ ଫେରାର ଦୁଇ ଅଭିଯୁକ୍ତ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ମୀ ବୋଲି ଜଣାପଡିଛି। ସେମାନଙ୍କୁ ସୁରକ୍ଷା ଦେବାପାଇଁ କେତେଜଣ ନେତା ପ୍ରୟାସ କରୁଥିବା ଚର୍ଚ୍ଚା ହେଉଛି।

### ଆଉ ୨ ଫେରାର, କାର୍ ଜବତ

## ରତାଦିଆଖଣ୍ଡସାହି ପଞ୍ଚାୟତରେ ୩୦୨ ଅଭିଯୋଗ

ଡେରାବିଶ, ୨୯।୮(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ରତାଦିଆଖଣ୍ଡସାହି ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ ଓ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଆରମ୍ଭ କରିଥିଲେ। ସରପଞ୍ଚ ଶିଶିର କୁମାର ସାମଲ ଓ ସମିତିସଭ୍ୟ ନିତ୍ୟାନନ୍ଦ ଭଦ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୩୦୨ଟି ଅଭିଯୋଗ ଆସିଥିଲା। ଶିବିରରେ ବିଡିଓ ନମିତା ବାରିକ ଉପସ୍ଥିତ ରହି ଅଭିଯୋଗଗୁଡିକ ଗ୍ରହଣ କରିବା ସହ ତ୍ୱରିତ ପଦକ୍ଷେପ ପାଇଁ ସମ୍ପୃକ୍ତ ବିଭାଗକୁ ପଠାଇଥିଲେ। ଏଥିସହ କେତେଗୋଟି ଅଭିଯୋଗର ଶୁଣାଣି କରି ସମାଧାନ କରିଥିଲେ। ଏଥିରେ ବାସଗୃହ ଯୋଜନା, ଭତ୍ତା, ଖାଉଟି ସାମଗ୍ରୀ ପାଇଁ ରାଶନ କାର୍ଡ଼ ପାଇ ନ ଥିବା ଯୋଗ୍ୟ ହିତାଧିକାରୀ, ଏମ୍‌ଜିଏନ୍‌ଆରଇଜିଏସ୍ ଉପରେ ଅଧିକ ଅଭିଯୋଗ ହିତାଧିକାରୀ କରିଥିଲେ। ଏଥିସହ ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି, ସମନ୍ୱିତ ମହିଳା ଶିଶୁ ବିଭାଗ, ମତ୍ସ୍ୟ, କୃଷି, ଉଦ୍ୟାନ କୃଷି ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଜ ନିଜ ବିଭାଗର ଅଭିଯୋଗମାନ ଗ୍ରହଣ କରିଥିଲେ। ଏବିଡିଓ ଭଞ୍ଜ କିଶୋର ନାୟକ, ସହକାରୀ ପ୍ରକଳ୍ପ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ସିଡିପିଓ ସ୍ନେହଲତା ସାହୁ, ଉଦ୍ୟାନ କୃଷି ବିଭାଗର ଅଧିକାରୀ କେଦାରନାଥ ବାରିକ, ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ବିଭୁଦତ୍ତ ଦାସ ଓ ଦେବାଶିଷ ଧଳ ଉପସ୍ଥିତ ଥିବା ବେଳେ, ଜୀବିକା ମିଶନର ବ୍ଲକ ପ୍ରକଳ୍ପ ସଂଯୋଜକ ହିମାଂଶୁ ଭଦ୍ର, ବ୍ଲକ ସଂଯୋଜକ ବିଣାପାଣୀ ସାମଲ ଶିବିରରେ ଉପସ୍ଥିତ ରହି ପଞ୍ଚାୟତ ଅଧୀନରେ ଥିବା ୧୦୦ ସ୍ୱୟଂ ସହାୟିକା ଗୋଷ୍ଠୀକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମକୁ ସମସ୍ତ ମହିଳାଙ୍କ ପାଖରେ ପହଞ୍ଚାଇବା ପାଇଁ ସଂଯୋଜକ ଉପସ୍ଥିତ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଏହାକୁ ପୂର୍ବତନ ସରପଞ୍ଚ ମଦନ ମୋହନ ସାହୁ, ରତାଦିଆ ସମବାୟ ସମିତିର ସଭାପତି ବିମଳକାନ୍ତ ତ୍ରିପାଠୀ ଓ ଲଲାଟେନ୍ଦୁ ଖଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ।



ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୫୦୬ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଏରସମା,୨୯।୮(ସ୍ୱ.ପ୍ର.)

ଏରସମା ବ୍ଲକ ପରିସରରେ ସୋମବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦୬ ଭିନ୍ନକ୍ଷମ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅସ୍ଥିଶଲ୍ୟ ୨୩୩, ମାନସିକ ୧୦୭, ଶ୍ରବଣ ବାଧିତ ୬୮, ଦୃଷ୍ଟିହୀନ ୭୦, ଭେଷଜ ୮, ଅନ୍ୟ ବିଭାଗରେ ୧୫ଜଣ ଭିନ୍ନକ୍ଷମ ଯୋଗ ଦେଇଥିଲା। ୬ଟି ବିଭାଗର ଡାକ୍ତର ଶିବିରରେ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହାକୁ ବ୍ଲକ ଅଧ୍ୟା ଲକ୍ଷ୍ମୀପ୍ରିୟା ମହାପାତ୍ର ଉଦ୍‌ଘାଟନ ପରେ ସ୍ୱାସ୍ଥ୍ୟ ପରୀକ୍ଷା ଆରମ୍ଭ ହୋଇଥିଲା। ଏଥିରେ କୈଳାସ ଚନ୍ଦ୍ର ବେହେରା, ଉପାଧ୍ୟକ୍ଷ ବିକାଶ ପରିଡା, ଅତିରିକ୍ତ ବିଡିଓ ଜ୍ଞାନେନ୍ଦ୍ର ଲେଙ୍କା, ନଳିନୀ ରଞ୍ଜନ ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ହୋଇ ପରିଚାଳନା କରିଥିଲେ।

## ଅଙ୍ଗନୱାଡି ଖାଦ୍ୟ ତଦାରଖ କଲେ ସରପଞ୍ଚ

ବିରିଡି, ୨୯।୮ (ଡି.ଏନ.ଏ)

ବିରିଡି ବ୍ଲକ ଅନ୍ତର୍ଗତ ବାସନ୍ଦରା ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀପ୍ରିୟା ଜେନା ସୋମବାର ବନ୍ଧିଲୋ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚି ପିଲାଙ୍କୁ ଦିଆଯାଉଥିବା ଖାଦ୍ୟରମାନ ପରଖି ଥିଲେ। ପିଲାମାନଙ୍କୁ ଭଲ ଖାଦ୍ୟ ଯୋଗାଇ ଦେବାକୁ ସେ ଅଗନୱାଡି ସହାୟିକା କବିତା ଭୋଇଙ୍କୁ କହିଥିଲେ।

## ଯୁଗ୍ମ ଜନଶୁଣାଣି ଶିବିରରେ ୨୧୬ ଅଭିଯୋଗ

ବାଲିକୁଦା,୨୯।୮(ସ୍ୱ.ପ୍ର.)

ବାଲିକୁଦା ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାରୁଲ ପଟ୍ଟୱାରୀଙ୍କ ସମେତ ପିଡି ରୁଦ୍ର ନାରାୟଣ ଦାସ, ରମେଶ ଚନ୍ଦ୍ର ସିଂ, ବିଡିଓ ଜିତେନ୍ଦ୍ର ନାୟକ, ତହସିଲଦାର ଅଂଶୁମାନ ଶତପଥୀ ଓ ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ ଉପସ୍ଥିତ ରହି ଲୋକମାନଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ ୨୧୬ ଅଭିଯୋଗ ହୋଇଥିଲା। ସେଥିରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ୮ଟି ଅଭିଯୋଗ ହୋଇଥିଲା। ଏହାକୁ ମିଶାଇ ମୋଟ ସାମୂହିକ ଅଭିଯୋଗ ସଂଖ୍ୟା ୧୫ ହୋଇଥିବା ବେଳେ ବ୍ୟକ୍ତିଗତ ଅଭିଯୋଗ ସଂଖ୍ୟା ୨୦୧ ଥିଲା। ସେଥିରୁ ୧୪୬ ଆବାସ ଯୋଜନା ସମ୍ପର୍କିତ, ଖାଉଟି ସାମଗ୍ରୀ ସଂକ୍ରାନ୍ତୀୟ ଅଭିଯୋଗ ୧୮, ଭତ୍ତା ସଂକ୍ରାନ୍ତୀୟ ଅଭିଯୋଗ ୧୨ ସମେତ ଅନ୍ୟାନ୍ୟ ଅଭିଯୋଗ ହୋଇଥିଲା। ଏସବୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଜନଶୁଣାଣିରେ ଡା. ସନ୍ତୋଷ ବେହେରା, ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ହିମାଂଶୁ ଶେଖର ସାହୁ, ବାଲିକୁଦା ଥାନା ଅତିରିକ୍ତ ଅଧିକାରୀ ସୁଶାନ୍ତ ସେଠୀ, ବ୍ଲକ କୃଷି ଅଧିକାରୀ ସ୍ମୃତିକାନ୍ତ ଜେନାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ସାମିଲ ହୋଇଥିଲେ। ଶିବିରରେ ଅଧିକ ସଂଖ୍ୟକ ମହିଳା ଯୋଗଦେଇଥିଲେ।



ଶିବିରରେ ଜିଲାପାଳ ପାରୁଲ ପଟ୍ଟୱାରି ଓ ଅନ୍ୟ ଅଧିକାରୀମାନେ।

# ସାଟେଲାଇଟ ମାପଚୁପ ଆରମ୍ଭ

ଯାଜପୁର ଅଫିସ,୨୯।୮

### କଳାପଥର ଲୁଟ୍ ମାମଲା

- ଡ୍ରୋନ୍ କ୍ୟାମେରାରେ ଉଠାଗଲା ଡଙ୍କାରୀ ୩ ଖାଦାନର ଫଟୋ
- ଜରିମାନା ହୋଇଥିବା ଲିଜ୍‌ଧାରୀଙ୍କ ଖାଦାନ ରଦ୍ଦ ହେଲାନି



ଅନୁମୋଦନଠାରୁ ବହୁ ଗୁଣ ମୂଲ୍ୟବାନ ଗ୍ରାନାଇଟ ପଥର ଉତ୍ତୋଳନ ଉପରେ ସାଟେଲାଇଟ୍ ମାପଚୁପ ପ୍ରକ୍ରିୟା ସୋମବାରଠାରୁ ଆରମ୍ଭ ହୋଇଛି। କଟକସ୍ଥିତ ମାଇ ୱାର୍ଲଡ୍ କନସଲଟାନ୍ସିକୁ ଏହି ଦାୟିତ୍ୱ ଦିଆଯାଇଛି। ଏହି ପ୍ରକ୍ରିୟା ଆରମ୍ଭରେ ଡଙ୍କାରୀ ପାହାଡ଼ର ୩ଟି ଖାଦାନର ମାପଚୁପ ସମ୍ପନ୍ନ ହୋଇଛି। ଏଥିରେ ଶ୍ରୀବାସ ଜେନାଙ୍କ ୨ଟି ଓ ଜୟନ୍ତୀ ଜେନାଙ୍କ ଗୋଟିଏ ଖାଦାନ ରହିଛି। ଏହି କାର୍ଯ୍ୟରେ ଡଙ୍କାରୀ ରାଜସ୍ୱ ନିରୀକ୍ଷକ ସାମିଲ ହୋଇଥିବାବେଳେ କନସଲଟାନ୍ସିର ୮ ଜଣ ରହିଛନ୍ତି। ମଙ୍ଗଳବାର ଡଙ୍କାରୀର ବାକି ଖାଦାନ ସମେତ ରାହାଡ଼ପୁର ଖାଦାନର ମାପଚୁପ ହେବ ବୋଲି ସୂଚନା ମିଳିଛି। ଏହାପରେ ଗ୍ରାନାଇଟ୍ ଓ ଅନ୍ୟ ଖଣିଜ ପଦାର୍ଥ ଲୁଟେରାଙ୍କ ମଧ୍ୟରେ ଛନକା ପଶିଛି। ସେମାନେ ପ୍ରଭାବଶାଳୀ ରାଜନେତାଙ୍କ ଦ୍ୱାରସ୍ଥ ହେବା ଏବଂ ଗୁପ୍ତ ମନ୍ତ୍ରଣା ବୈଠକ କରି ବିଫଳ ହୋଇଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। କିନ୍ତୁ ଜଣେ ରାଜନୈତିକ ପ୍ରଭାବଶାଳୀ ଲିଜ୍‌ଧାରୀ ଅନ୍ୟ କେତେଜଣ ଲିଜ୍‌ଧାରୀଙ୍କୁ ଧରି ସାଟେଲାଇଟ୍ ମାପଚୁପକୁ ବିରୋଧ କରିବା ପାଇଁ ଆନ୍ଦୋଳନ ଯୋଜନା କରୁଥିବା ଜଣାପଡ଼ିଛି। ଏଭଳିସ୍ଥଳେ ଚାପରେ ନ ପଡ଼ି ସ୍ୱଚ୍ଛତାର ସହ ମାପଚୁପ କରାଗଲେ ସରକାର ବିପୁଳ ପରିମାଣର ରାଜସ୍ୱ ପାଇ ପାରିବେ ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ପୂର୍ବରୁ ଜରିମାନା ଆଦାୟ ନିର୍ଦ୍ଦେଶ ହୋଇଥିବା ଲିଜଧାରୀଙ୍କ ଖାଦାନଗୁଡିକ କାହିଁକି ରଦ୍ଦ କରାଯାଉ ନାହିଁ ସେ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଏହାସହ ସାମାଜିକ କର୍ମୀ, ରାଜନେତା ପ୍ରମୁଖ ଏନେଇ ନୀରବ ରହିବା ନେଇ ନାନା ଆଲୋଚନା ହେଉଛି।

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ବିପୁଳ ପରିମାଣର ଗ୍ରାନାଇଟ ପଥର ଗଚ୍ଛିତ ରହିଛି। ରାଜ୍ୟ ସରକାର ଏଥିରୁ ନିର୍ଦ୍ଦିଷ୍ଟ ପରିମାଣର ଏରିଆ ଲିଜ୍ ଦେଇ ରାଜସ୍ୱ ଆଦାୟ କରିବାକୁ ଯୋଜନା କରିଛନ୍ତି। ଲଘୁ ଖଣିଜ ଦ୍ରବ୍ୟ ସଂଶୋଧନ ଆଇନ-୨୦୧୬ (ଓଏମ୍‌ଏମ୍‌ସିଆର୍) ଅନୁଯାୟୀ ୫୦ରୁ ଊର୍ଦ୍ଧ୍ୱ ଖାଦାନକୁ ୫ ବର୍ଷିଆ ଲିଜ ସୂତ୍ରରେ ଦିଆଯାଇଛି। ୨୦୧୭-୧୮ରୁ ଲିଜ୍ ପାଇଥିବା ଲିଜ୍‌ଧାରୀମାନେ ପାହାଡ଼ରେ ପୋଖରୀ ଆକାରରେ ଖୋଳି ଅତ୍ୟଧିକ କଳାପଥର ଲୁଟି ନେଇଛନ୍ତି। ନିକଟରେ ହୋଇଥିବା ମାପଚୁପରେ ପ୍ରମାଣିତ ହୋଇସାରିଛି। ଏହି ପ୍ରକ୍ରିୟାରେ ୪ ଜଣ ଲିଜ୍‌ଧାରୀଙ୍କଠାରୁ ୧୦୫ କୋଟି ୮୭ ଲକ୍ଷ ଟଙ୍କା ଜାରିମାନା ଆଦାୟ କରିବାକୁ ତହସିଲଦାର ଡିମାଣ୍ଡ ନୋଟିସ ଦେଇଛନ୍ତି। ଏଥିରେ ଲୁଣିବର ପଥର ଖାଦାନର ଲିଜଧାରୀ ସରୋଜ ରାଉତଙ୍କୁ ୬୩ କୋଟି ୩୭ ଲକ୍ଷ, ଚନ୍ଦ୍ରମଣି ପରିଡାଙ୍କୁ ୧ କୋଟି ୮୭ ଲକ୍ଷ ଓ ସାବିତ୍ରୀ ପରିଡ଼ାଙ୍କୁ ୧୬ କୋଟି ୫୭ ଲକ୍ଷ, ଡଙ୍କାରୀ ପଥର ଖାଦାନର ଲିଜଧାରୀ ରଞ୍ଜନ ଜେନାଙ୍କୁ ୨୩ କୋଟି ୩୨ ଲକ୍ଷ ଟଙ୍କା ରହିଛି। ତେବେ ଏହି ପ୍ରକ୍ରିୟାରେ ଅନ୍ୟ ଲିଜ୍‌ଧାରୀମାନଙ୍କୁ ସୁରକ୍ଷା ଦିଆଯାଉଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ତହସିଲ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ ପୁଣି ସାଟେଲାଇଟ୍ ମାପଚୁପ କରିବାକୁ ସ୍ୱତନ୍ତ୍ର ଭାବେ ଏକ ବେସରକାରୀ ସଂସ୍ଥାକୁ ନିୟୋଜନ କରାଯାଇଛି। ରାହାଡ଼ପୁର ଓ ବରଡ଼ା କଳାପଥର ଖାଦାନରୁ ଲିଜଧାରୀ ପ୍ରହ୍ଲାଦ ଲେଙ୍କା ଅନୁମତିଠାରୁ ବହୁ ଗୁଣ ଉତ୍ତୋଳନ କରିଥିବା ଅଭିଯୋଗ ହେବା ପରେ ଏହି ମାପଚୁପ ପ୍ରକ୍ରିୟାରେ ତାଙ୍କ ନାମ ଆଗରେ ରହିଥିବା ସୂଚନା ମିଳିଛି।

ଏହାବାଦ ବରଡ଼ା ପାହାଡ଼ର ଲିଜ୍‌ଧାରୀ ଅଜିତ ସାହୁ, ଲୁଣିବର ପାହାଡ଼ର ଲିଜ୍‌ଧାରୀ ଗଙ୍ଗାଧର ଓଝା, ଅଞ୍ଜିରା ପାହାଡ଼ରେ କୃଷ୍ଣଚନ୍ଦ୍ର ସାହୁ, ବାଜବାଟି ପାହାଡ଼ରେ ଶ୍ରୀନିବାସ ଜେନା, ସୁଧାଂଶୁ ଜେନା ଓ ବିଶ୍ୱରଞ୍ଜନ ପରିଡ଼ାଙ୍କ ଖାଦାନଗୁଡିକ ମାପଚୁପ ପ୍ରକ୍ରିୟାରେ ସାମିଲ କରାଯିବ ବୋଲି ଜଣାପଡିଛି। ଏହାବାଦ ୨୦୨୧ରେ ଚଞ୍ଚକତା କରି ଲିଜ୍ ପାଇଥିବା ଆରୁହା ପାହାଡର ୩ଟି ଖାଦାନରୁ ଏକାଧିକ ପୋକଲିନ ମେଶିନ ଓ ହାଇୱା ଲଗାଇ ଅନୁମୋଦିତ ପରିମାଣଠାରୁ ପ୍ରାୟ ୨୫ ଗୁଣ ଅଧିକ କଳାପଥର ଲୁଟ କରାଯାଇଥିବା ଅଭିଯୋଗ ହେଉଛି। ଏହିସବୁର ମାପଚୁପ ଡ୍ରୋନ କ୍ୟାମେରା ଜରିଆରେ ହେବ ବୋଲି ସୂଚନା ମିଳିଛି।

ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଚାରିବାରେ ସେ କହିଛନ୍ତି ନିକଟରେ ଶେଷ ହୋଇଥିବା ଲିଜ୍ ଏବଂ ବର୍ତ୍ତମାନ ଚାଲିଥିବା କଳାପଥର ଖାଦାନଗୁଡିକର ମାପଚୁପ ହେବ। ରିପୋର୍ଟ ମିଳିବା ପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଭାପୁର,୨୯।୮(ଡି.ଏନ.ଏ.): ନୟାଗଡ଼ ଜିଲା ଫତେଗଡ ଥାନା ଅନ୍ତର୍ଗତ ପଦ୍ମାବତୀ ପଞ୍ଚାୟତ ତଳମାରଡା ଗ୍ରାମର ଜଣେ ମହିଳାଙ୍କ ରଣା ସାପ କାମୁଡାରେ ମୃତ୍ୟୁ ଘଟିଛି । ମୃତକ ହେଲେ ତଳମାରଡା ଗ୍ରାମର ଚକ୍ରଧର ପରିଡାଙ୍କ ସ୍ତ୍ରୀ ପଞ୍ଚେଇ ପରିଡା (୫୮) । ରବିବାର ଖାଇପିଇ ସରିବା ପରେ ପରିବାର ଲୋକେ ଶୋଇଥିଲେ । ଏହି ସମୟରେ ଏକ ରଣା ସାପ ପଞ୍ଚେଇଙ୍କୁ କାମୁଡି ଦେଇଥିଲା । ତାଙ୍କୁ ତୁରନ୍ତ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଖୋର୍ଦ୍ଧା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରୁ ଭୁବନେଶ୍ୱର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା ।

### ରାହାସ ବିଦ୍ୟାପୀଠରେ ଜାତୀୟ କ୍ରୀଡ଼ା ଦିବସ

ଓଡ଼ଗାଁ,୨୯।୮(ସ୍ୱ.ପ୍ର.): ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ସାକେରୀ ପଞ୍ଚାୟତ ରାହାସ ବିଦ୍ୟାପୀଠରେ ସୋମବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ରଘୁନାଥ ପଣ୍ଡା କ୍ରୀଡା ପତାକା ଉତ୍ତୋଳନ କରିଥିଲେ । ହକି ଖେଳର ଯାଦୁଗର ଧ୍ୟାନଚାନ୍ଦଙ୍କ ଜନ୍ମଦିନ ଅଗଷ୍ଟ ୨୯କୁ ଜାତୀୟ କ୍ରୀଡାଦିବସ ରୂପେ ପାଳନ କରାଯାଉଛି । ସୁସ୍ଥଜୀବନ ପାଇଁ କ୍ରୀଡ଼ାର ଆବଶ୍ୟକତା ରହିଛି । ନିୟମିତ ଅଭ୍ୟାସରେ ଜଣେ ନିଜକୁ ସଫଳ କ୍ରୀଡାବିତ୍ ଭାବେ ନିଜକୁ ଗଢି ତୋଳିପାରିବ ବୋଲି ଛାତ୍ରୀଛାତ୍ରଙ୍କୁ ବରିଷ୍ଠ ଶିକ୍ଷକ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀ ପରାମର୍ଶ ଦେଇଥିଲେ । କ୍ରୀଡା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରଧାନଶିକ୍ଷକ ଆଲୋଚନା କରିଥିବାବେଳେ କ୍ରୀଡାଶିକ୍ଷକ ଲିଙ୍କୁ ଦଳେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶ୍ରେଷ୍ଠ ଖେଳାଳୀଙ୍କୁ ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ସହଯୋଗ କରିଥିଲେ ।

### ଯୁବ ବ୍ୟବସାୟୀଙ୍କ ପରଲୋକ



ଖଣ୍ଡପଡ଼ା,୨୯।୮(ସ୍ୱ.ପ୍ର.): ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଗ୍ରାମ ବଡସାହିର ଯୁବ ବ୍ୟବସାୟୀ ଟୁକୁନା କୁମାର ଜେନା(୪୦)ଙ୍କ ସୋମବାର ସକାଳେ ପରଲୋକ ହୋଇଯାଇଛି। ସେ ଯକୃତଜନିତ ରୋଗରେ ପୀଡ଼ିତ ଥିଲେ । ତାଙ୍କୁ ଆଶୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା । ସୋମବାର ସ୍ୱାସ୍ଥ୍ୟବସ୍ଥାରେ ଅବନତି ଦେଖାଦେବା ସହ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଥିଲା । ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

# ୱାଚରଙ୍କ ହତ୍ୟା ଅଭିଯୋଗକୁ ଚାପି ଦେବାକୁ ଉଦ୍ୟମ

## ଧରା ଦେଉ ନାହାନ୍ତି ୨ ଶ୍ରମିକ, ଟ୍ରାକ୍ଟର ଡ୍ରାଇଭର



ନୟାଗଡ଼ ଅଫିସ,୨୯।୮

ନୟାଗଡ଼ ବନଖଣ୍ଡ ନୟାଗଡ଼ ରେଞ୍ଜର ଖେଡପଡା ବିଟ୍ ୱାଚର ନବୀନ ନାୟକ(୪୫)ଙ୍କ ମୃତ୍ୟୁକୁ ୨୪ ଘଣ୍ଟା ପୂରିଛି। ଏହା ଏକ ହତ୍ୟାକାଣ୍ଡ ବୋଲି ତାଙ୍କ ପରିବାର ସଦସ୍ୟମାନେ ଅଭିଯୋଗ କରିଛନ୍ତି। ହେଲେ ନୟାଗଡ଼ ସଦର ଥାନା ପୋଲିସ ହତ୍ୟାର ଟେର ପାଇନି। ଏଥିରେ ସମ୍ପୃକ୍ତ ଥିବା ଟ୍ରାକ୍ଟର ମାଲିକ ତଥା ଡ୍ରାଇଭର ସମେତ ୨ ଶ୍ରମିକ ଫେରାର ଅଛନ୍ତିହେଲେ ସେମାନଙ୍କ ଅନୁଗତଙ୍କ ଦ୍ୱାରା ଉକ୍ତ ଘଟଣାକୁ ରଫାଦଫା କରିବାକୁ ୱାଚରଙ୍କ ପରିବାର ଉପରେ ଚାପ ପଡୁଥିବାରୁ ବିବାଦ ସୃଷ୍ଟି ହୋଇଛିସେପଟେ ମୃତ ୱାଚରଙ୍କ ସ୍ତ୍ରୀ ସବୁ ଚାପକୁ ଏଡ଼ାଇ ନ୍ୟାୟ ଓ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରି ଦଣ୍ଡ ଦେବାକୁ ଏସ୍‌ପି ଓ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

ୱାଚରଙ୍କୁ ଶ୍ରମିକ ଭଳି ବାଉଁଶ କାଟିବା ଓ ପରିବହନ କାର୍ଯ୍ୟରେ ନିୟୋଜିତ କରିବା ବେଆଇନ। ଅନୁମତି ନ ନେଇ କାମରେ ଲଗାଇଥିବାରୁ ରେଞ୍ଜରଙ୍କ ଅଡୁଆ ବଢ଼ିଛିଏନେଇ ଦଶପଲ୍ଲାର ଆଇନଜୀବୀ ଅର୍ଜୁନ ସାହୁ କୁହନ୍ତି, ବିଟ୍ ୱାଚରଙ୍କୁ ବେଆଇନ ଭାବେ ବାଉଁଶ କାଟିବା ଓ ପରିବହନ କାମରେ ନିୟୋଜିତ କରାଯାଇଥିଲା । କାରଣ ୱାଚରଙ୍କ ବ୍ୟତୀତ ଅନ୍ୟ କାହାକୁ କାମରେ ଲଗାଇଲେ ଡିଏଫ୍‌ଓଙ୍କ ଅନୁମତି ଦରକାର। ରେଞ୍ଜର ଓ ଡିଏଫ୍‌ଓଙ୍କ ଖାମଖିଆଲି ନୀତି ଯୋଗୁ ଜଣେ କର୍ମଚାରୀ ଜୀବନ ଗଲା। ଏଣୁ ମୁଁ ଏନେଇ କୋର୍ଟରେ ଆଶ୍ରୟ ନେଇ ନବୀନଙ୍କ ପରିବାରକୁ ନ୍ୟାୟ ଦେବାକୁ ଚେଷ୍ଟା କରିବି ବୋଲି ସେ କହିଛନ୍ତିଏଣେ ମୃତଦେହକୁ ଡିଏଫ୍‌ଓ ଅଫିସ ସମ୍ମୁଖରେ ରଖି ୱାଚରଙ୍କ ପରିବାରକୁ ନ୍ୟାୟ ଦେବାକୁ ପ୍ରୟାସ ଆରମ୍ଭ ହୋଇଥିଲା । ତେବେ ଧାରଣା ଆରମ୍ଭ ପୂର୍ବରୁ ବନବିଭାଗ ନବୀନଙ୍କ ସ୍ତ୍ରୀ ଓ ଝିଅଙ୍କୁ ଚାକିରି ଦେବାକୁ ରାଜି ହୋଇ ଯାଇଥିଲା । ଖେଡପଡା ବିଟ୍‌ରେ ୱାଚର ଭାବେ ନବୀନ ନାୟକ ୩ ବର୍ଷ ଧରି କାମ କରିଥିଲେ । ହେଲେ ପ୍ରୋଭିଡେଣ୍ଟ ଫଣ୍ଡ (ଭବିଷ୍ୟନିଧି ଯୋଜନା)ରେ ତାଙ୍କୁ ସାମିଲ କରାଯାଇ ନ ଥିଲା। ଭବିଷ୍ୟନିଧି ଯୋଜନାରେ ଇଡିଏଲଆଇ ଡିପୋଜିଟ ହୋଇଥିଲେ ବୀମାରାଶି ପାଇଥାନ୍ତେ । ତେବେ ୱାଚରଙ୍କୁ ଅଣଦେଖା ବନବିଭାଗ କରିଥିବାରୁ ସ୍ତ୍ରୀ ଓ ଝିଅଙ୍କୁ ଚାକିରୀ ଦେବାକୁ ପ୍ରତିଶ୍ରୁତି ଦେଇ ଘଟଣାକୁ ପୂର୍ଣ୍ଣଚ୍ଛେଦ ପକାଇବାକୁ ଉଦ୍ୟମ ହୋଇଛି। ଯେଉଁ ବିଭାଗ ନିଜ କର୍ମଚାରୀଙ୍କୁ ଅଣଦେଖା କରିଛି ସେହି ବିଭାଗ ତରଫରୁ ସ୍ତ୍ରୀ ଓ ଝିଅଙ୍କୁ ଚାକିରି ମିଳିବ କି ନାହିଁ ସନ୍ଦେହ ରହିଛି। ନବୀନଙ୍କ ସ୍ତ୍ରୀଙ୍କୁ ତୁରନ୍ତ ଚାକିରି ଦିଆଯିବା କୁହାଯାଇଛି। ଝିଅ ଓ ପୁଅ ଏବେ ଛୋଟ ଅଛନ୍ତି। ଝିଅ ଯୁକ୍ତ ୨ ଶେଷ ପରେ କମ୍ପ୍ୟୁଟର ତାଲିମ ସାର୍ଟିଫିକେଟ ହାସଲ କରିବାକୁ କୁହାଯାଇଛି।

ଏନେଇ ଆଇନଜୀବୀ ରଣଜିତ ଦାଶ କୁହନ୍ତି, ନୟାଗଡ଼ ରେଞ୍ଜରଙ୍କ ଯୋଗୁ ୱାଚରଙ୍କ ଜୀବନ ଗଲା। ରେଞ୍ଜରଙ୍କ ନାଁରେ ମାମଲା ରୁଜୁ ହେବା ଦରକାର। ପୁଣି ବେଆଇନ ଭାବେ ବାଉଁଶ କଟା ଓ ପରିବହନ, ଯେଉଁ ଟ୍ରାକ୍ଟରରେ ବାଉଁଶ ଆସୁଥିଲା ୫୬ ଧାରା ଲାଗୁ କରିବାରେ ରେଞ୍ଜରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର। ଅନ୍ୟପକ୍ଷେ ୱାଚର ପରିବାରକୁ ସହାୟତା ସହ ସେମାନଙ୍କ ପରିବାର ସଦସ୍ୟଙ୍କୁ ଚାକରି ଦେବା ନିହାତି ଦରକାର ବୋଲି ସେ କହିଛନ୍ତି। ଏନେଇ ନୟାଗଡ଼ ରେଞ୍ଜର ସୁଶାନ୍ତ ସ୍ୱାଇଁ କୁହନ୍ତି, ୱାଚର ନବୀନ ଜଣେ ଭଲ କର୍ମଚାରୀ ଥିଲେ। ସେ ଫରେଷ୍ଟ ଗାର୍ଡ ପରି କାମ କରୁଥିଲେ। ଖେଡପଡା ବିଟ୍ ପଥପାର୍ଶ୍ୱ ବନୀକରଣ କାମ ସେ କରୁଥିଲେ। ଏ କାର୍ଯ୍ୟ ପାଇଁ ବାଉଁଶ ଦରକାର ଥିଲା। ଏଣୁ ଜଙ୍ଗଲରେ ପଡିଥିବା ବାଉଁଶକୁ ଅଣାଯାଉଥିଲା। ଏଥିପାଇଁ ୨ ଶ୍ରମିକ ନିୟୋଜିତ ଥିଲେ। ୨ ୱାଚର ଏହାର ତଦାରଖ କରିଥିଲେ। ଅନ୍ୟପକ୍ଷେ ନବୀନଙ୍କ ନାମରେ ଭବିଷ୍ୟନିଧି ପାଣ୍ଠିରେ ଟଙ୍କା ଡିପୋଜିଟ୍ ହୋଇ ନାହିଁ। ତେବେ ତାଙ୍କ ସ୍ତ୍ରୀ ଓ ଝିଅକୁ ଚାକିରି ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି ବୋଲି ସେ କହିଛନ୍ତି।



ଆମ୍ବବଗିଚା,ବର୍ଷାଜଳ ଅମଳ ପ୍ରକଳ୍ପରେ ହୋଇଥିବା ଦୁର୍ନୀତିକୁ ନେଇ ଜିଲାପାଳଙ୍କୁ କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି ।

# ଆମ୍ବବଗିଚା, ବର୍ଷାଜଳ ଅମଳ ପ୍ରକଳ୍ପ ନାଁରେ ୩୦ଲକ୍ଷ ଟଙ୍କା ଆତ୍ମସାତ୍

- ଭିଜିଲାନ୍ସ ତଦନ୍ତ ଦାବି କଲା କଂଗ୍ରେସ
- ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଓଡ଼ଗାଁ, ୨୯।୮ (ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟର ଉତ୍ତର ପାର୍ଶ୍ୱ ରାଜ୍ୟ ରାଜପଥ କଡ଼ରେ ଜଙ୍ଗଲ ବିଭାଗର ବିନା ଅନୁମତିରେ ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କ ନାମରେ ଏକ ଆମ୍ବ ବଗିଚା ପ୍ରଶାସନ ତରଫରୁ କରାଯାଇଛି । ଏହି ଜମି ଉପରେ ବର୍ଷାଜଳ ଅମଳ ପ୍ରକଳ୍ପ ଯୋଜନା ନାମରେ ନିମ୍ନମାନର କାମ କରାଯାଇଛି। ସେହିପରି ଚାରାରୋପଣ ନାଁରେ ମିଥ୍ୟାବିଲ୍ କରାଯାଇ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି । ସୂଚନାଫଳକରେ ୪୮ଶହ ଚାରା ରୋପଣ କରାଯାଇଥିବା ଉଲ୍ଲେଖ ରହିଛି । ହେଲେ ଯଦି ଚାରା ଗଣାଯାଏ ୫ଶହ ହେବ ବୋଲି ଅନୁମାନ କରାଯାଉଛି । ତେବେ ଏଥିପାଇଁ କେତେ ଟଙ୍କା ବ୍ୟୟ ହୋଇଛି, ତାହା ସୂଚନା ଫଳକରେ ନାହିଁ ।

ଓଡ଼ଗାଁ ଏନ୍‌ଏସି ଦ୍ୱାରା ଚାଲିଥିବା ଏହି ପ୍ରକଳ୍ପ ନାଁରେ ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରାଯାଇଛି ବୋଲି ବ୍ଲକ୍ ଛାତ୍ର କଂଗ୍ରେସ ସଭାପତି ଦିଲ୍ଲୀପ କୁମାର ବିଶୋଇ ଅଭିଯୋଗ କରିବା ପରେ ବିବାଦ ଆରମ୍ଭ ହୋଇଛି। ଏହାର ଭିଜିଲାନ୍ସ ତଦନ୍ତ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ ସୋମବାର ଓଡ଼ଗାଁ ବ୍ଲକଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅବସରରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ତାଙ୍କ ସହ ବ୍ଲକ କଂଗ୍ରେସ ଉପସଭାପତି ଆଇନଜୀବି ବିଭୂତି ରାଉତ, ଛାତ୍ର କଂଗ୍ରେସ ବ୍ଲକ୍ ସଭାପତି ବିଶୋଇ, ଛାତ୍ର କଂଗ୍ରେସ ଜିଲା ସଭାପତି ଜ୍ୟୋତି ରଞ୍ଜନ ଦାଶ, ନିରଞ୍ଜନ ପାତ୍ର ପ୍ରମୁଖ କଂଗ୍ରେସ ନେତା ଉପସ୍ଥିତ ଥିଲେ ।

## ଇଟାମାଟିରେ ଚାରାରୋପଣ

ନୟାଗଡ଼ ଅଫିସ,୨୯।୮

ନୟାଗଡ଼ ବ୍ଲକ ଇଟାମାଟି ପଞ୍ଚାୟତର ଇଟାମାଟି ଗ୍ରାମରେ ଆଞ୍ଚଳିକ ମହିଳା ଉନ୍ନୟନ କମିଟି ତରଫରୁ ସଙ୍ଗଠିକା ଅମିତା ପ୍ରଧାନଙ୍କ ନେତୃତ୍ୱରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀଙ୍କ ଦ୍ୱାରା ସମାହିତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ପୌର ଅଧକ୍ଷା ନିରୂପମା ଖଟେଇ, ପରିବେଶବିତ୍ ପ୍ରଦୀପ୍ତ କୁମାର ପଟ୍ଟନାୟକ, ଇଟାମାଟି କଲେଜ ଅଧକ୍ଷ ଅଶୋକ ନାୟକ, ରାଜ୍ୟ କଂଗ୍ରେସ ସେବା ଦଳର ଷ୍ଟିୟରିଂ କମିଟି ସଦସ୍ୟ ମନୋଜ କୁମାର ସାହୁ, ଜିଲା ଆଇନ୍‌ସେବା ପ୍ରାଧିକରଣର ଆଇନ ସଚେତନତା କର୍ମୀ ପ୍ରଫୁଲ୍ଲ କୁମାର ବେହେରା, ନୟାଗଡ଼ ରେଞ୍ଜର ସୁଶାନ୍ତ କୁମାର ସ୍ୱାଇଁ, ଇଟାମାଟି ବରିଷ୍ଠ ନାଗରିକ ମଞ୍ଚର ରଙ୍ଗନାଥ ବେହେରା, ସରପଞ୍ଚ ସ୍ୱପ୍ନେଶ୍ୱରୀ ସେଠୀ, ସମିତି ସଭ୍ୟା ଗୋଲାପରାଣୀ ସେଠୀ, ପୂର୍ବତନ ସରପଞ୍ଚ ଶ୍ରବଣକୁମାର ରାମ, ସାମାଜିକ କର୍ମୀ ଭାଗିରଥି ବାଇ, ଅନୁଷ୍ଠାନର କର୍ମୀ ମାଟିଆଣି ସାହୁ, ପ୍ରତୀମା ବାଇ, ବିମଳା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନ ତରଫରୁ ବିଭିନ୍ନ କିସମର ଚାରା ରୋପଣ ହୋଇଛି ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଆସିକା,୨୯।୮(ଡି.ଏନ୍.ଏ.)

ଆସିକା ଥାନା ଅନ୍ତର୍ଗତ ବଡଖୋଲି ଗ୍ରାମରେ ସୋମବାର ସକାଳେ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଉକ୍ତ ଗ୍ରାମର ମାୟା ସେଠୀ (୭୫) । ମାୟା ଘରେ ଶୋଇଥିବା ବେଳେ ଭୋର ସମୟରେ ସାପ କାମୁଡିଥିଲା। ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଛି।

# ଆଶାକର୍ମୀ ଆସୋସିଏଶନର ଜିଲା ସମ୍ମିଳନୀ



ଆଶା କର୍ମୀଙ୍କ ସମ୍ମିଳନୀରେ ମଞ୍ଚାସୀନ ଅତିଥି ।

ନୟାଗଡ଼ ଅଫିସ,୨୯।୮

ନୟାଗଡ଼ର ଏକ ହୋଟେଲ ପରିସରରେ ସୋମବାର ସିଆଇଟିୟୁ ତରଫରୁ ଓଡିଶା ଆଶାକର୍ମୀ ଆସୋସିଏଶନର ୫ମ ନୟାଗଡ଼ ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ପୂର୍ବାହ୍ନ ୧୧ଟାରେ ସଙ୍ଗଠନର ଲାଲ ପତାକାକୁ ଜିଲା ସଭାପତି ସୁରେଶ ସ୍ୱାଇଁ ଉତ୍ତୋଳନ କରିବା ପରେ ଉପସ୍ଥିତ ଅତିଥି, ସଙ୍ଗଠନର ନେତା ଓ ଆଶାକର୍ମୀମାନେ ଶହୀଦ ବେଦିରେ ମାଲ୍ୟାର୍ପଣ କରିଥିଲେ। ପରେ ସୁରେଶ ସ୍ୱାଇଁ, ରୂପ ମଞ୍ଜରୀ ସାହୁ ଓ ସସ୍ମିତା ପଟ୍ଟନାୟକଙ୍କ ସଭାପତିମଣ୍ଡଳୀ ଏହି ସମ୍ମିଳନୀକୁ ପରିଚାଳନା କରିଥିଲେ । ରାଜ୍ୟ ସଭାପତି ଲୋଭାକାନ୍ତ ସ୍ୱାଇଁ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦିକା ନଳିନୀ ଦାସ ସାଙ୍ଗଠନିକ ଓ ରାଜନୈତିକ ରିପୋର୍ଟ ଉପସ୍ଥାପନ କରିଥିଲେ । ଆଶାକର୍ମୀଙ୍କୁ ନିୟମିତ କରିବା,ସର୍ବନିମ୍ନ ଦରମା ୨୬ ହଜାର ଟଙ୍କା, ମାସିକ ପେନସନ୧୦ହଜାର ଟଙ୍କା ଓ ସମସ୍ତଙ୍କୁ ସ୍ମାର୍ଟ ଫୋନ ସହିତ ମାସର ୧୦ତାରିଖ ମଧ୍ୟରେ ସବିଶେଷ ତଥ୍ୟ ଓ ମାସିକ ସହାୟତା ରାଶି ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥିସହିତ ସମସ୍ତ ବକେୟା ଅର୍ଥ ପ୍ରଦାନ ଦାବିରେ ଆସନ୍ତା ୧୦ ତାରିଖରେ ଆଶାକର୍ମୀଙ୍କ ଆନ୍ଦୋଳନକୁ ନୟାଗଡ଼ରେ ସଫଳ କରିବାକୁ ବକ୍ତାମାନେ ଆହ୍ୱାନ କରିଥିଲେ । ଏହି ସମ୍ମିଳନୀରେ ଏକ ୨୫ଜଣିଆ ଜିଲା କମିଟି ଗଠନ କରାଯାଇଥିଲା । ସଭାପତି ଭାବେ ଚାପଧାରୀ ରାଉତ,ସମ୍ପାଦିକା ନଳିନୀ ଦାସ ନିର୍ବାଚିତ ହୋଇଛନ୍ତି । ଏହି ସମ୍ମିଳନୀରେ ସିଆଇଟିୟୁର ନେତା ତଥା ଅଭ୍ୟର୍ଥନା ସମିତିର ଅଧକ୍ଷ ବିଶ୍ୱନାଥ ମହାପାତ୍ର, ଶରତ ବେହେରା,ଏସ୍.ଏ.କରିମ ,ସଂଯୁକ୍ତା ସେଠୀ, ପବିତ୍ର ଇନ୍ଦ୍ରଜିତ ଓ ଜ୍ୟୋତିପ୍ରଭା ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

# ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

ନୂଆଗାଁ,୨୯।୮(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ଥାନା ଭେଟପଲି ନିକଟରେ ସୋମବାର ବାଇକ୍ ଦୁର୍ଘଟଣାରେ ୨ ଯୁବକ ଗୁରୁତର ହୋଇଛନ୍ତି । ସେମାନଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତ ଯୁବକଦ୍ୱୟ ହେଲେ କୋରଡା ଗ୍ରାମର ପ୍ରସନ୍ନ ସ୍ୱାଇଁ ଓ ହାପି ଖଣ୍ଡୁଆଳ । ସୂଚନା ମୁତାବକ ପ୍ରସନ୍ନ ଓ ହାପି ଏକ ବାଇକ୍‌ରେ (ନଂ.ଓଡି ୨୫ ଏଲ୍ ୨୩୯୦) ନିଜ ଗ୍ରାମରୁ ବାହାରି ଦ୍ରୁତ ଗତିରେ ଖାଲମଡା ଅଭିମୁଖେ ଯାଉଥିଲେ। ବାଇକ୍‌ଟି ଭାରସାମ୍ୟ ହରାଇ ଭେଟପଲି ନିକଟ ବୁଲାଣିରେ ଥିବା ଏକ ଗଛରେ ପିଟି ହୋଇ ବିଲରେ ଛିଟିକି ପଡିଥିଲା। ଫଳରେ ଉଭୟ ଗୁରୁତର ହୋଇଥିଲେ । ଖବର ପାଇ ନୂଆଗାଁ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି । ନୂଆଗାଁ ଥାନା ପୋଲିସ ବାଇକ ଜବତ କରିଛି ।

# ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ଅଭିଯୋଗ

## କର୍ମଚାରୀଙ୍କ ବିରୋଧରେ ମାମଲା

ନୟାଗଡ଼ ଅଫିସ,୨୯।୮

ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ନୟାଗଡ଼ ରେଞ୍ଜର ଡାଟା ଏଣ୍ଟ୍ରି ଅପରେଟର ବ୍ରହ୍ମାନନ୍ଦ ପତିଙ୍କ ବିରୋଧରେ ନୟାଗଡ ଟାଉନ୍ ଥାନାରେ ମାମଲା ରୁଜୁ ହୋଇଛି । ପୋଲିସ ମାମଲା (ନଂ.୧୩୮/୨୨) ରୁଜୁ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ହୋଇଛି । ଡାଟା ଏଣ୍ଟ୍ରି ଅପରେଟର ପତି ରବିବାର ରାତି ପ୍ରାୟ ୧୦ଟାରେ ସମ୍ବାଦର ନୟାଗଡ଼ ଜିଲା ପ୍ରତିନିଧି ରିତେନ୍ଦ୍ର ଛାଟୋଇଙ୍କ ମୋବାଇଲକୁ କଲ୍ କରିଥିଲେ । ତାଙ୍କୁ ନାନା କଥା ପଚାରିବା ସହ ଯୁକ୍ତିତର୍କ କରିଥିଲେ । ପରେ ପତି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । କୌଣସି ପୂର୍ବ ପରିଚୟ ନ ଥାଇ ଡାଟା ଏଣ୍ଟ୍ରି ଅପରେଟରଙ୍କ ଏପରି ବ୍ୟବହାର ନେଇ ଛାଟୋଇ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ । କୌଣସି ଖବର ପ୍ରକାଶନକୁ ନେଇ ପତି ଏଭଳି କରିଥିବା ଅନୁମାନ କରାଯାଉଛି । ଏ ନେଇ ନୟାଗଡ଼ ଖବରଦାତାଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ପତିଙ୍କୁ ଗିରଫ କରିବା ପାଇଁ ସାମ୍ବାଦିକ ସଂଘ ପକ୍ଷରୁ ଦାବି କରାଯାଇଛି। ବ୍ରହ୍ମାନନ୍ଦଙ୍କୁ ଗିରଫ, କାର୍ଯ୍ୟରୁ ବିଦା କରିବା ପାଇଁ ସଂଘ କର୍ମକର୍ତ୍ତା ଶ୍ରୀକାନ୍ତ ଖଟେଇ, ବୈଦ୍ୟଭୂଷଣ ମହାପାତ୍ର, ପ୍ରଦୀପ୍ତ ରଥ ପ୍ରମୁଖ ଦାବି କରିଛନ୍ତି । ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ଆମେ ପୋଲିସକୁ କହିଥିବା ବନାଞ୍ଚଳ ଅଧିକାରୀ ସୁଶାନ୍ତ ସ୍ୱାଇଁ କହିଛନ୍ତି।

# ପ୍ରାଣୀ ଡାକ୍ତରଖାନା ଜମିରେ ମିଶନ ଶକ୍ତି ଗୃହ ନିର୍ମାଣ

ନୂଆଗାଁ,୨୯।୮(ଡି.ଏନ.ଏ.)



ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଛି ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପଶୁ ସମ୍ପଦ ବିଭାଗର ପଶୁ ଡାକ୍ତରଖାନା ଜମିରେ ମିଶନ ଶକ୍ତି ଗୃହ ନିର୍ମାଣ ହେବା ପାଇଁ ପ୍ରସ୍ତୁତି ଚାଲିଛି । ଏ କଥା ଜଣାପଡିବା ପରେ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ସାଧାରଣରେ ଅସନ୍ତୋଷ ପ୍ରକାଶ ଦେଇଛି।

ପଶୁପକ୍ଷୀଙ୍କ ଚିକିତ୍ସା ପାଇଁ ନୂଆଗାଁ ବ୍ଲକ ନିକଟରେ ଏକ ପଶୁ ଡାକ୍ତରଖାନା ପ୍ରତିଷ୍ଠା କରାଯାଇଛି । ପଶୁ ଡାକ୍ତରଖାନା ନିର୍ମାଣ ପାଇଁ ପଶୁ ସମ୍ପଦ ବିଭାଗ ସରକାରଙ୍କଠାରୁ କାଚପଲୀ ମୌଜାରେ ୧.୭୨ ଏକର ଜାଗା ନିଜ ନାମରେ କରିଛି । ବର୍ତ୍ତମାନ କେବଳ ସ୍ୱଳ୍ପ ଜାଗାରେ ଡାକ୍ତରଖାନାଟିଏ ନିର୍ମାଣ କରାଯାଇଥିଲେ ମଧ୍ୟ କୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କ ପାଇଁ କ୍ୱାଟର୍ସ ନାହିଁ । ପଶୁ ପାଳକମାନଙ୍କ ବ୍ଲକସ୍ତରୀୟ ତାଲିମ ପାଇଁ ଗୃହ ନାହିଁ । ପଶୁମାନଙ୍କ ଚିକିତ୍ସା ନିମନ୍ତେ ଅପରେଶନ ଥିଏଟର ନାହିଁ , ଶବ ବ୍ୟବଚ୍ଛେଦ ଗୃହ ନାହିଁ । ଆମ୍ବୁଲାନ୍ସ ରହିବା ପାଇଁ ସ୍ଥାନ ନାହିଁ । ଏସବୁର ଆବଶ୍ୟକତାକୁ ଭବିଷ୍ୟତରେ ପୂରଣ କରିବା ପାଇଁ ପଶୁ ସମ୍ପଦ ବିଭାଗ ନିଜ ନାମରେ ଜମି ରଖିଛି । କିନ୍ତୁ ଜମି ମାଲିକଙ୍କ ଅଜାଣତରେ ବ୍ଲକ ପ୍ରଶାସନ ସେହି ଜାଗାରେ ମିଶନ ଶକ୍ତି ଭବନ ନିର୍ମାଣ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି । ଏ ନେଇ ପୂର୍ବରୁ ଜାଗା ଚିହ୍ନଟ ପାଇଁ ନୂଆଗାଁ ଆର.ଆଇ , ବିଡିଓ , ତହସିଲଦାର ଓ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ନେଇ ଜଏଣ୍ଟ ସ୍ପଟ ଭିଜିଟ କମିଟି ଗଠନ କରାଯାଇଥିଲା । ସେଥିରେ ପଶୁ ସମ୍ପଦ ବିଭାଗର କୌଣସି ଅଧିକାରୀଙ୍କୁ ସାମିଲ କରାଯାଇନାହିଁ । ଯାହାକୁ ନେଇ ନୂଆଗାଁ ବ୍ଲକ ଭେଟନାରୀ ଅଫିସର ଶୁଭାଶିଷ ମହାପାତ୍ର କ୍ଷୋଭ ପ୍ରକାଶ କରିଛନ୍ତି । ସେହିପରି ନୂଆଗାଁ ତହସିଲ ଅଧୀନ ମୁଦୁରାଙ୍ଗ ମୌଜାରେ ପଶୁ ସମ୍ପଦ ବିଭାଗ ନାମରେ ୬୬ ଡିସିମିଲି ଜାଗା ଥିବା ବେଳେ କାହାରି ଅନୁମତି ନ ନେଇ ସେହି ସ୍ଥାନରେ ମଧ୍ୟ ବ୍ଲକ ପ୍ରଶାସନ ତରଫରୁ ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି । ପଶୁ ଡାକ୍ତରଖାନା ଜମିରେ ମିଶନ ଶକ୍ତି ଗୃହ ନିର୍ମାଣକୁ ନେଇ ଜିଲା ମୁଖ୍ୟ ପଶୁ ଚିକିତ୍ସାଧିକାରୀ ସତ୍ୟ ନାରାୟଣ ପଣ୍ଡା ଅସନ୍ତୋଷ ବ୍ୟକ୍ତ କରିବା ସହ ଆମ ବିନା ଅନୁମତିରେ କିଭଳି କାର୍ଯ୍ୟ କରାଯାଉଛି ବୋଲି କହିଛନ୍ତି । ଏ ସଂକ୍ରାନ୍ତରେ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରେ ରାଜସ୍ୱ ବିଭାଗ ଯେଉଁଠି ଜାଗା ଦେବେ ଆମେ ସେଠାରେ ଗୃହ ନିର୍ମାଣ କରିବୁ ବୋଲି କହିଛନ୍ତି ।

# କଣ୍ଟିଲୋ ଫାଣ୍ଡିକୁ ଥାନାର ମାନ୍ୟତା ମିଳିଲା ନାହିଁ

ଖଣ୍ଡପଡ଼ା,୨୯।୮(ସ୍ୱ.ପ୍ର.)

ନୟାଗଡ଼ ଜିଲାରେ ମାଓବାଦୀ ଆକ୍ରମଣ, ନୂଆଗାଁ ଓ ଦଶପଲ୍ଲା ଥାନା ଭଙ୍ଗାରୁଜାପରେ କେତେକ ଫାଣ୍ଡିକୁ ଥାନାର ମାନ୍ୟତା ପ୍ରଦାନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । କଣ୍ଟିଲୋ ଫାଣ୍ଡିକୁ ବି ଥାନାର ମାନ୍ୟତା ପ୍ରଦାନ ପାଇଁ ଦୀର୍ଘବର୍ଷରୁ ଦାବି ହୋଇଆସିଥିଲା । ଏଣେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ବିଭିନ୍ନ ଦର୍ଶନୀୟ ସ୍ଥାନ, ଗାଁ ଗହଳିରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଓ ମାଦକ ଦ୍ରବ୍ୟର ବହୁଳ ପ୍ରସାରକୁ ରୋକିବା ଲାଗି ଖଣ୍ଡପଡ଼ା ଓ ଫତେଗଡ ଥାନା ଉପରେ ଚାପ ବଢ଼ିଥିଲା । ବିଶେଷକରି ଇଟାମାଟି. ଦଶପଲ୍ଲା, ଫତେଗଡ ଓ ଗଣିଆ ଥାନା ସହିତ କଟକ ଜିଲା ଅଧୀନ ନରସିଂହପୁର ଥାନା ସୀମାନ୍ତରେ ରହିଥିବା ଗୁଣ୍ଠୁଣୀ, ଯୋଗୀଆପଲ୍ଲୀ, କୋଷକା, ଢୋଲମରା ଏବଂ ପର୍ଯ୍ୟଟନ ସ୍ଥଳୀ କଣ୍ଟିଲୋ ଓ ସିଧାମୂଳା ଅଞ୍ଚଳରେ ବିଭିନ୍ନ ଯାନିଯାତ୍ରାରେ ଅଘଟଣ ଘଟୁଛି । ଏଥିପାଇଁ ଖଣ୍ଡପଡ଼ା ଥାନା ପୋଲିସକୁଅଧିକ ପରିଶ୍ରମ କରିବାକୁ ପଡୁଛି। ସେଥିପାଇଁ କଣ୍ଟିଲୋ ଫାଣ୍ଡିକୁ ଥାନାରେ ମାନ୍ୟତା ଦେବାକୁ ଦାବି ବଢ଼ିଥିଲା । ହେଲେ ପ୍ରଶାସନିକ ଅବହେଳା କାରଣରୁ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏ ସମ୍ପର୍କରେ କଣ୍ଟିଲୋ ନାଗରିକ ମଞ୍ଚ ପକ୍ଷରୁ ବାରମ୍ବାର ଦାବି ଉପସ୍ଥାପିତ କରାଯାଇଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇ ଆସୁଛି ।

ଏହାଛଡା ସିଧାମୂଳା ସେତୁ ନିର୍ମାଣ ପରେ ସିଧାମୂଳା ଗୋକୁଳାନନ୍ଦ ପୀଠ ଓ କଣ୍ଟିଲୋ ନୀଳମାଧବ ଜୀଉ ପର୍ଯ୍ୟଟନ ପୀଠକୁ ପ୍ରତ୍ୟେହ ଶତାଧିକ ପର୍ଯ୍ୟଟକ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଛନ୍ତି। ପର୍ଯ୍ୟଟନ କ୍ଷେତ୍ରରେ ବିଭିନ୍ନ ସମସ୍ୟା ନେଇ ଅଧିକାଂଶ ସମୟରେ ଗଣ୍ଡଗୋଳ ଓ ଦୁର୍ଘଟଣା ଘଟୁଛି । ସେହିପରି ନୀଳମାଧବ ମନ୍ଦିର ସହ ଗୋକୁଳାନନ୍ଦ ଜୀଉଙ୍କ ମନ୍ଦିରର ସୁରକ୍ଷା, କଣ୍ଟିଲୋ ବଜାରର ନିତିଦିନିଆ ଭିଡ଼ ଓ ଦୁର୍ଘଟଣାକୁ ପ୍ରତିହତ କରିବା ପାଇଁ ପୋଲିସ ପାଟ୍ରୋଲିଂର ଆବଶ୍ୟକତା ରହିଛି। ଏହି ସବୁ ସମସ୍ୟାକୁ ଦୃଷ୍ଟିରେ ରଖି କଣ୍ଟିଲୋ ଫାଣ୍ଡିକୁ ଥାନାର ମାନ୍ୟତା ଦେବାକୁ ଦାବି ହେଉଛି । ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ସମୟରେ କଣ୍ଟିଲୋକୁ ଥାନାର ମାନ୍ୟତା ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା । ହେଲେ ରାଜ୍ୟରେ ଆବଶ୍ୟକ ଅନୁସାରେ ପୋଲିସ କର୍ମଚାରୀଙ୍କ ଅଭାବ ଥିବାରୁ ସେହି ନିଷ୍ପତ୍ତିରେ ବ୍ୟତିକ୍ରମ ଘଟିଛି ବୋଲି କହିଛନ୍ତି ।




କଣ୍ଟିଲୋ ଫାଣ୍ଡି ।

**ସେପ୍ଟେମ୍ବର ୧ରେ ବନ୍ଦ ରହିବ ବ୍ୟାଙ୍କ, ବିତ୍ତୀୟ ସଂସ୍ଥା**

**ଭୁବନେଶ୍ୱର:** ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ'କୁ ଆଖି ଆଗରେ ରଖି ରାଜ୍ୟ ସରକାର ଆସନ୍ତା ସେପ୍ଟେମ୍ବର ୧ ବା ନୂଆଁଖାଇ ପାଇଁ ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ବ୍ୟାଙ୍କଗୁଡ଼ିକ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ବ୍ୟାଙ୍କ ସହ ଜଡିତ ଅନ୍ୟ ସମସ୍ତ ବିତ୍ତୀୟ ସଂସ୍ଥାଗୁଡ଼ିକୁ ମଧ୍ୟ ନୂଆଁଖାଇ ଦିନ ବନ୍ଦ ରଖିବାକୁ ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି। ଏପରିକି ସୋମବାର ରାଜସ୍ୱ ବିଭାଗ ପକ୍ଷରୁ ଏ ନେଇ ଏକ ବିଜ୍ଞପ୍ତି ମଧ୍ୟ ପ୍ରକାଶ କରାଯାଇଛି। ବିଶେଷକରି ଗତ ୨ବର୍ଷ ହେବ କୋଭିଡ ମହାମାରୀ ଯୋଗୁ ମହାଆଡମ୍ବରରେ ପଶ୍ଚିମ ଓଡ଼ିଶାବାସୀ ସେମାନଙ୍କର ଗଣପର୍ବ ନୂଆଁଖାଇକୁ ପାଳନ କରିପାରି ନ ଥିଲେ।

# ଦୀପାବଳିରୁ ୫-ଜି ସେବାର ଶୁଭାରମ୍ଭ

ମୁମ୍ବାଇ,୨୯।୮




■ରିଲାଏନ୍ସର ୪୫ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)
■ପ୍ରଥମ ପର୍ଯ୍ୟାୟରେ ୪ ମେଟ୍ରୋ ସିଟି ସମେତ ଅନ୍ୟ ପ୍ରମୁଖ ସହର
■୨୦୨୩ ଶେଷ ସୁଦ୍ଧା ଦେଶର ପ୍ରତି ତହସିଲ ସ୍ତରରେ ମଧ୍ୟ ସେବା ଉପଲବ୍ଧ

ଚଳିତ ବର୍ଷ ଦୀପାବଳିରୁ ଦେଶର ପ୍ରମୁଖ ମେଟ୍ରୋସିଟି ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ଚେନ୍ନାଇ ସମେତ ଅନ୍ୟ ପ୍ରମୁଖ ସହରରେ ମଧ୍ୟ ଜିଓ ୫-ଜିର ସେବା ଆରମ୍ଭ ହେବ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍ଆଇଏଲ୍)ର ୪୫ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ)କୁ ସମ୍ବୋଧିତ କରି ଆରଆଇଏଲର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏଭଳି କହିଛନ୍ତି। ସେହିଭଳି ରିଲାଏନ୍ସ ଜିଓ ପକ୍ଷରୁ ୫-ଜି ନେଟ୍‌ୱର୍କରେ ୨ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ ବୋଲି ମଧ୍ୟ ସେ ଘୋଷଣା କରିଛନ୍ତି। କମ୍ପାନୀ ଚଳିତ ବର୍ଷ ଦୀପାବଳି ସୁଦ୍ଧା ଏହି ହାଇ-ସ୍ପିଡ୍ ସେବାକୁ ପ୍ରମୁଖ ସହରଗୁଡ଼ିକରେ ଆରମ୍ଭ କରିବା ସହ ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ଦେଶର ସମସ୍ତ ତହସିଲସ୍ତରରେ କମ୍ପାନୀର ୫-ଜି ସେବା ଉପଲବ୍ଧ କରାଇବ। ସେହିପରି ଏକ ସମ୍ପୂର୍ଣ୍ଣ ଭାରତୀୟ ୫ଜି ନେଟ୍‌ୱର୍କ ବିକଶିତ କରିବା ଲାଗି କମ୍ପାନୀ ମୋଟ ୨ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରିବାକୁ ପ୍ରତିବଦ୍ଧ ରହିଛି। ଭାରତ ଭଳି ଏକ ବିଶାଳ ଦେଶ ପାଇଁ ଜିଓ ପକ୍ଷରୁ ସର୍ବକାଳୀନ ଦ୍ରୁତ ଗତି ଓ ମହତ୍ତ୍ୱାକାଂକ୍ଷୀ ୫-ଜି ସେବା ଆରମ୍ଭ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଆସନ୍ତା ୨ମାସ ଅର୍ଥାତ ଦୀପାବଳି ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ କମ୍ପାନୀ ଦେଶର ୪ ପ୍ରମୁଖ ମେଟ୍ରୋ ସହର ସମେତ ଅନ୍ୟ ପ୍ରମୁଖ ସହରରେ ମଧ୍ୟ ଜିଓ ୫-ଜି ସେବା ଯୋଗାଇବ। ଏହା ପରେ ଦେଶର ପ୍ରତି ତହସିଲ ସ୍ତରରେ ଜିଓ ୫-ଜି ସେବା ପହଞ୍ଚାଇବା ଲାଗି କମ୍ପାନୀ ପ୍ରତି ମାସରେ ଏହାର ନେଟ୍‌ୱର୍କରେ ନୂଆ ନୂଆ ସହରକୁ ଯୋଡ଼ିବା କାର୍ଯ୍ୟ ମଧ୍ୟ ଜାରି ରଖିଛି। ଏପରିକି ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ସାରା ଦେଶରେ ଏହି ସେବା ଯୋଗାଇବା ପର୍ଯ୍ୟନ୍ତ ଆବଶ୍ୟକ ଜାରି ରଖିବ ବୋଲି ଅମ୍ବାନୀ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ନିକଟରେ ଶେଷ ହୋଇଥିବା ୫-ଜି ସ୍ପେକ୍ଟ୍ରମ ନିଲାମୀରେ କମ୍ପାନୀ ଅଂଶ ଗ୍ରହଣ କରି ୮୮,୦୭୮ କୋଟି ଟଙ୍କାର ୫-ଜି ସ୍ପେକ୍ଟ୍ରମ୍ କିଣିବା ପରେ ରିଲାଏନ୍ସ ଜିଓ ଉନ୍ନତ ୫-ଜି ନେଟ୍‌ୱର୍କର ଶୁଭାରମ୍ଭ କରିବା ଲାଗି ଚଳିତ ମାସରେ ପ୍ରସ୍ତୁତ ହୋଇଛି। ସର୍ବଭାରତୀୟ ସ୍ତରରେ ଫାଇବର୍ ଉପସ୍ଥିତି, ଅଲ୍-ଆଇପି ନେଟ୍‌ୱର୍କ ସହିତ ସହାୟକ ଭିତ୍ତିଭୂମି, ସ୍ୱଦେଶୀ ୫-ଜି ଷ୍ଟାକ୍ ଓ ପ୍ରଯୁକ୍ତି ପରିବ୍ୟବସ୍ଥାରେ ଦୃଢ଼ ବିଶ୍ୱସ୍ତରୀୟ ସହଯୋଗିତାକୁ ନେଇ କମ୍ପାନୀ ସବୁଠୁ କମ୍ ସମୟ ଭିତରେ ୫-ଜି ସେବା ଆରମ୍ଭ କରିବା ଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ୫-ଜି ସେବା ଆରମ୍ଭ ହେବା ପରେ ଜିଓ ପକ୍ଷରୁ କନେକ୍ଟେଡ୍ ଇଣ୍ଟେଲିଜେନ୍ସ ଥିବା କୋଟି କୋଟି ସ୍ମାର୍ଟ ସେନ୍ସର ଶୁଭାରମ୍ଭ କରାଯିବ ଯାହା ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ ଓ ଚତୁର୍ଥ ଶିଳ୍ପ ବିପ୍ଳବକୁ ଆଗକୁ ବଢ଼ାଇବ ବୋଲି ଅମ୍ବାନୀ କହିଛନ୍ତି, ଏହା ପ୍ରତ୍ୟକଙ୍କୁ, ପ୍ରତି ସ୍ଥାନ ଓ ସବୁକିଛିକୁ ଉଚ୍ଚମାନର ଓ ସବୁଠୁ ସୁଲଭ ଡାଟା ସହିତ ଯୋଡ଼ିବ। ଏପରିକି ୧୧ ଲକ୍ଷ ରୁଟ୍ କିଲୋମିଟରରୁ ଅଧିକ ସର୍ବଭାରତୀୟ ଫାଇବର ଅପ୍‌ଟିକ୍ ନେଟ୍‌ୱର୍କ ଯୋଗୁଁ କମ୍ପାନୀର ଫାଇବର୍ ଓ ଏଫ୍‌ଟିଟିଏଚ୍‌ରେ ଦୃଢ଼ ଉପସ୍ଥିତି ରହିଥିବା ମୁକେଶ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଆକାଶ ଅମ୍ବାନୀ ଜିଓର ଅଭିନବ ସମାଧାନ ଜିଓ ଏୟାର ଫାଇବର ହୋମ୍ ଗେଟ୍‌ୱେ ପ୍ରଦର୍ଶିତ କରିଥିଲେ, ଯେଉଁଥିରେ କୌଣସି କେବୁଲ ନଥାଇ ଫାଇବର ଭଳି ହାଇ ସ୍ପିଡ୍ ଡାଟା ମିଳିପାରିବ।

## ଏନ୍‌ପିସିଆଇ ସହ ଆଇସିଆଇସିଆଇ ବ୍ୟାଙ୍କର ସହଯୋଗିତା ସ୍ଥାପନ




ନୂଆଦିଲ୍ଲୀ,୨୯।୮

ସ୍ୱଦେଶୀ ପେମେଣ୍ଟ ନେଟ୍‌ୱର୍କ ରୂପେରେ କ୍ରେଡିଟ୍ କାର୍ଡର ଶୁଭାରମ୍ଭ କରିବା ଲାଗି ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ନ୍ୟାଶନାଲ୍ ପେମେଣ୍ଟ କର୍ପୋରେଶନ ଅଫ ଇଣ୍ଡିଆ (ଏନ୍‌ପିସିଆଇ) ସହ ସହଯୋଗିତା ସ୍ଥାପନ କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ବ୍ୟାଙ୍କର ଜେମ୍‌ଷ୍ଟୋନ୍ ସିରିଜ୍‌ରେ କୋରାଲ୍ ଭାରିଆଣ୍ଟରେ ଆଇସିଆଇସିଆଇ ବ୍ୟାଙ୍କ ରୂପେ କ୍ରେଡିଟ୍ କାର୍ଡ ଉପଲବ୍ଧ ହେବ ଏବଂ ତା'ପରେ ତାହା ରୁବିକ୍ସ ଓ ସାଫିରୋ ଭାରିଆଣ୍ଟରେ ଗ୍ରାହକଙ୍କୁ ମିଳିବ। ଏ ସମ୍ପର୍କରେ ଆଇସିଆଇସିଆଇ ବ୍ୟାଙ୍କର କ୍ରେଡିଟ୍ କାର୍ଡସ୍, ପେମେଣ୍ଟ ସଲ୍ୟୁସନ୍ସ ଓ ମର୍ଚାଣ୍ଟ ଇକୋସିଷ୍ଟମ୍ ମୁଖ୍ୟ ସୁଦୀପ୍ତ ରାୟ କହିଛନ୍ତି, ନିଜର ଗ୍ରାହକମାନଙ୍କୁ ଅଭିନବ, ଶକ୍ତିଶାଳୀ ଓ ନିର୍ଦ୍ଦିଷ୍ଟ ମୂଲ୍ୟ ଉପସ୍ଥାପନ କରିବାରେ ଆଇସିଆଇସିଆଇ ବ୍ୟାଙ୍କ ସର୍ବଦା ଆଗରେ ରହିଛି। ଷ୍ଟେଟ ଅଫ୍ ଆର୍ଟ ପ୍ରଯୁକ୍ତିରେ ପ୍ରସ୍ତୁତ ଭାରତୀୟ କାର୍ଡ ପେମେଣ୍ଟ ନେଟୱର୍କ ରୂପେ ନେଟ୍‌ୱର୍କରେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡର ଶୁଭାରମ୍ଭ ଲାଗି ଏନ୍‌ପିସିଆଇ ସହିତ ସହଯୋଗିତା ସ୍ଥାପନ କରିଥିବାରୁ ଆମେ ଅତ୍ୟନ୍ତ ଉଲ୍ଲସିତ।

## ୨.୭୫ ଲକ୍ଷ କୋଟି ନିବେଶ କରିବ ଆର୍‌ଆଇଏଲ୍

ମୁମ୍ବାଇ,୨୯।୮


ମୁକେଶ ଆମ୍ବାନୀ

ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍) ଆସନ୍ତା ବର୍ଷ ମଧ୍ୟରେ ତା'ର ବ୍ୟବସାୟିକ ସାମ୍ରାଜ୍ୟକୁ ସମ୍ପ୍ରସାରଣ କରିବା ଲାଗି ମୋଟ ୨.୭୫ ଲକ୍ଷ କୋଟି ଟଙ୍କା ନିବେଶ କରିବ। ସୋମବାର କମ୍ପାନୀର ୪୫ତମ ବାର୍ଷିକ ସାଧାରଣ ବୈଠକ(ଏଜିଏମ୍)କୁ ସମ୍ବୋଧିତ କରି ଆର୍‌ଆଇଏଲ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏହା କହିଛନ୍ତି। ଏପରିକି ଚଳିତ ବର୍ଷ ଅକ୍ଟୋବର (ଦୀପାବଳି)ରୁ ୫-ଜି ସେବା ଆରମ୍ଭ ସାଙ୍ଗକୁ କମ୍ପାନୀର ମୂଳତଃ ତୈଳ ଏବଂ ରାସାୟନିକ ବ୍ୟବସାୟର କ୍ଷମତା ବୃଦ୍ଧି ସାଙ୍ଗକୁ ଏଫ୍‌ଏମ୍‌ସିଜି କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ସେହିଭଳି ୫-ଜି ନେଟ୍‌ୱର୍କ ବିକଶିତ କରିବା ଲାଗି କମ୍ପାନୀ ମୋଟ ୨ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରିବାକୁ ପ୍ରତିବଦ୍ଧ ରହିଛି। ତା' ସାଙ୍ଗକୁ କମ୍ପାନୀର ମୂଳ ପେଟ୍ରୋକେମିକାଲ୍ ଏବଂ ତୈଳ ବ୍ୟବସାୟରେ ଦକ୍ଷତା ବୃଦ୍ଧି ପାଇଁ ରିଲାଏନ୍ସ ୭୫,୦୦୦ କୋଟି ଟଙ୍କା ବିନିଯୋଗ କରିବ ବୋଲି ଅମ୍ବାନୀ ମତବ୍ୟକ୍ତ କରିଛନ୍ତି।

## ହ୍ୱାଟ୍‌ସଆପ୍‌ରେ ଜିଓମାର୍ଟ ସେବାର ଶୁଭାରମ୍ଭ

ମୁମ୍ବାଇ,୨୯।୮




ବିଶ୍ୱର ପ୍ରମୁଖ ସୋସିଆଲ ମିଡିଆ ସଂସ୍ଥା ମେଟା ଏବଂ ଦେଶର ପ୍ରମୁଖ ବାଣିଜ୍ୟିକ ଅନୁଷ୍ଠାନ ରିଲାଏନ୍ସ ଇଣ୍ଡଷ୍ଟ୍ରିର ସହଯୋଗୀ ସଂସ୍ଥା ଜିଓ ପ୍ଲାଟଫର୍ମ ମଧ୍ୟରେ ଏକ ଅଭିନବ ସହଯୋଗିତା ସ୍ଥାପନ ହୋଇଛି। ଏପରିକି ମେଟା ଓ ଜିଓ ପ୍ଲାଟଫର୍ମସ ପକ୍ଷରୁ ହ୍ୱାଟ୍‌ସଆପ୍ ଜରିଆରେ ପ୍ରଥମ ଧରଣର ଏଣ୍ଡ୍-ଟୁ-ଏଣ୍ଡ୍ ସପିଙ୍ଗ୍ ଅନୁଭୂତିର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି, ଯେଉଁଥିରେ ଗ୍ରାହକମାନେ ସେମାନଙ୍କ ହ୍ୱାଟ୍‌ସଆପ୍ ଚାଟ୍‌ରେ ରହି ଜିଓମାର୍ଟରୁ ଆବଶ୍ୟକ ସପିଙ୍ଗ କରିପାରିବେ। ଅପରପକ୍ଷରେ ପ୍ରଥମ କରି ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟଫର୍ମ ହ୍ୱାଟ୍‌ସଆପ୍‌ରେ ଜିଓମାର୍ଟ ସେବା ଉପଲବ୍ଧ ହେବ। ଏହା ଜରିଆରେ ପୂର୍ବରୁ କେବେ ଅନଲାଇନ୍‌ରେ ସପିଙ୍ଗ୍ କରି ନ ଥିବା ଗ୍ରାହକଙ୍କ ସମେତ ସମସ୍ତ ଭାରତୀୟ ଜିଓମାର୍ଟର ସମଗ୍ର ଗ୍ରୋସରି କାଟ୍‌ଲଗ୍‌କୁ ବ୍ରାଉଜ୍ କରିପାରିବେ। ଉକ୍ତ ଚାର୍ଟରେ ସାମଗ୍ରୀ ମଧ୍ୟ ଯୋଡ଼ି ପାରିବେ ଏବଂ କିଣାକିଣି ପ୍ରକ୍ରିୟାକୁ ଶେଷ କରିବା ଲାଗି ପେମେଣ୍ଟ (ଦେୟ ପ୍ରଦାନ) ମଧ୍ୟ କରିପାରିବେ। ଏସବୁ କାମ ପାଇଁ ସେମାନଙ୍କୁ ହ୍ୱାଟ୍‌ସଆପ୍ ଚାଟ୍ ଛାଡ଼ିଯିବାକୁ ପଡ଼ିବନି ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ କହିଛନ୍ତି।

## ହିଣ୍ଡ୍‌ୱେର ପକ୍ଷରୁ ନୂତନ ଉତ୍ପାଦର ଶୁଭାରମ୍ଭ

ନୂଆଦିଲ୍ଲୀ,୨୯।୮

ହିଣ୍ଡ୍‌ୱେର ଲିମିଟେଡ୍‌ର ଲକ୍‌ଜୁରି ବାଥ୍‌ରୁମ୍ ବ୍ରାଣ୍ଡ୍ କ୍ୟୁଓ ପକ୍ଷରୁ ଲକ୍‌ଜୁରି ଫାଉସେଟ୍ ଓ ସାନିଟାରି ୱେର୍‌ର ଏକ ନୂତନ କଲେକ୍ସନର ଶୁଭାରମ୍ଭ କରାଯାଇଛି। ଏହି ନୂଆ ରେଞ୍ଜ୍‌ରେ 'ଫୋର୍‌ଜା' ନାମକ ପ୍ରିଷ୍ଟିନ୍ ଫାଉସେଟ୍‌ର ଏକ ସମ୍ପୂର୍ଣ୍ଣ ପୋର୍ଟଫୋଲିଓ ମଧ୍ୟ ସାମିଲ ରହିଛି। ସେହିପରି ଆକର୍ଷଣୀୟ ସାନିଟାରି ୱେର ପୋର୍ଟଫୋଲିଓରେ ଟ୍ୟାଙ୍କଲେସ୍ ଇଡବ୍ଲ୍ୟୁସି, ୱାନ୍-ପିସ ୱାଟର୍ କ୍ଲୋଜେଟ୍, ୱାଲ୍ ମାଉଣ୍ଟେଡ୍ ଇଡବ୍ଲ୍ୟୁସି ଓ ଓଭର୍ ଦ କାଉଣ୍ଟର୍ ବେସିନ୍ ପାଇଁ ଏକ ପ୍ରଡକ୍ଟ ସିରିଜ୍ ରେଞ୍ଜ୍ ଅନ୍ତର୍ଭୁକ୍ତ ରହିଛି। ସେହିଭଳି କମ୍ପାନୀର ଲକ୍‌ଜୁରି ବାଥ୍‌ୱେର ସେଗ୍‌ମେଣ୍ଟରେ ଏହାର ଉତ୍ପାଦଗୁଡ଼ିକୁ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି । ନୂଆ ବାଥ୍‌ରୁମ୍ ରେଞ୍ଜ୍ ୟୁରୋପିଆନ୍ ବାଥ୍ ଲାଉଞ୍ଜ୍‌ଗୁଡିକର ପ୍ରିମିୟମ ଓ ମିନିମାଲିଷ୍ଟିକ୍ ଉପସ୍ଥାପନା ସୃଷ୍ଟି କରୁଛି। ଏ ସମ୍ପର୍କରେ ହିଣ୍ଡ୍‌ୱେର ଲିମିଟେଡ୍‌ର ବାଥ୍ ଆଣ୍ଡ୍ ଟାଇଲ୍ସ ଡିଭିଜନର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ସୁଧାଂଶୁ ପୋଖ୍‌ରିଆଲ କହିଛନ୍ତି, ସାନିଟାରି ୱେର ଓ ଫାଉସେଟ୍ ସେଗ୍‌ମେଣ୍ଟରେ ଏକ ଅଗ୍ରଣୀ ପ୍ଲେୟର ଭାବେ ଆମେ ନୂଆ ଟ୍ରେଣ୍ଡ୍ ଓ ଅଭିଜ୍ଞତା ଧାର୍ଯ୍ୟ କରିବାରେ ସବୁବେଳେ ଆଗଧାଡିରେ ରହିଆସିଛୁ। ଏହି ସମାନ ବିଚାର ଆଜିର ଆମର ଲଞ୍ଚ ଉପରେ ମଧ୍ୟ ପ୍ରତିଫଳିତ ହୋଇଛି, ଉପଭୋକ୍ତାମାନେ ଏବେ ହିଣ୍ଡ୍‌ୱେର ଲିମିଟେଡ୍‌ର ପ୍ରିମିୟମ ବ୍ରାଣ୍ଡ୍ କ୍ୟୁଓ ସହ ନିଜ ଘରର ଆରାମରେ ୟୁରୋପିଆନ୍ ବାଥ ଲାଉଞ୍ଜ୍‌ର ଅନୁଭୂତି ପାଇପାରିବେ।

## ଗଛରେ ଶୁଖିଗଲାଣି ଫଳ



■ଚାଇନାରେ ୬୦ ବର୍ଷର ରେକର୍ଡ ଭାଙ୍ଗିଲା ଗ୍ରୀଷ୍ମ ପ୍ରବାହ
■ରାତିରେ ଚାଷ, ଦିନରେ ବିଶ୍ରାମ

**ବେଜିଂ:** ଚାଇନାରେ ଗ୍ରୀଷ୍ମ ପ୍ରବାହ ୬୦ ବର୍ଷର ରେକର୍ଡ ଭାଙ୍ଗିଛି। ତାପମାତ୍ରା ବୃଦ୍ଧି କାରଣରୁ ଦେଶରେ ମରୁଡ଼ି ସ୍ଥିତି ଦେଖିବାକୁ ମିଳିଛି। ଟାଙ୍ଗରା ଭୂଇଁ ଫାଟି ଆଁ କରିଥିବାବେଳେ ଗଛରେ ଫଳସବୁ ଶୁଖି ଝଡ଼ିବା ଆରମ୍ଭ କଲାଣି। ସମ୍ଭାବ୍ୟ ଜଳ ସଙ୍କଟ ଯୋଗୁ ବିଦ୍ୟୁତ୍ ସରବରାହ ପ୍ରଭାବିତ ମଧ୍ୟ ହୋଇଛି। ୫୦ ବର୍ଷରୁ ଅଧିକ ବର୍ଷ ଧରି ନିଜ ଜମିରେ ଡ୍ରାଗନ୍ ଫ୍ରୁଟ ଭଳି ଦାମୀ ଫଳ ଫସଲ କରିଆସୁଛନ୍ତି ୫୦ ବର୍ଷୀୟ କୁଇନ୍ ବିନ୍। ଚଳିତ ବର୍ଷର ଫସଲ ପାଇଁ କୁଇନ୍‌ଙ୍କ ମନରେ ଖୁସି ନାହିଁ। କାରଣ ରେକର୍ଡ ଭାଙ୍ଗିଥିବା ଏହି ଗ୍ରୀଷ୍ମ ପ୍ରବାହ ଖାଲି କୁଇନ୍ କାହିଁକି ଦେଶର ଅଧିକାଂଶ କୃଷକଙ୍କ ମୁହଁରୁ ହସ ଛଡ଼ାଇ ନେଇଛି। କାରଣ ତାପମାତ୍ରା ବୃଦ୍ଧି କାରଣରୁ ଦେଶରେ ଜଳର ଅଭାବ ଏବଂ ତା' ଦ୍ୱାରା ଫସଲ ପ୍ରଭାବିତ ହୋଇଛି। ଫସଲ ଅମଳ ସମୟରେ ମଳା ତଥା ଶୁଖିଲା ଫଳ ଚାଷୀଙ୍କ ମନୋବଳକୁ ଏକ ପ୍ରକାର ଭାଙ୍ଗି ନେଇଛି। ଦେଶରେ ବଢ଼ିଥିବା ବିଦ୍ୟୁତ୍ କାଟ୍ ମଧ୍ୟ ଚାଷୀକୁଳକୁ ଏକ ପ୍ରକାର ପ୍ରଭାବିତ କରିଛି। ଚାଷ କାର୍ଯ୍ୟ ପାଇଁ ଅଧିକାଂଶ ଚାଷୀ ବିଦ୍ୟୁତ୍ ଉପରେ ନିର୍ଭରଶୀଳ। ନିୟମିତ ବିଦ୍ୟୁତ୍ କାଟ୍ ଯୋଗୁ ଚାଷ କାମ ଅଟକି ରହିଛି। ଗ୍ରୀଷ୍ମ ପ୍ରବାହ ବୃଦ୍ଧି କାରଣରୁ ଫସଲ ସାଙ୍ଗକୁ ଗଛ ମଧ୍ୟ ମରିବାକୁ ବସିଲାଣି। ସରକାର ଏ ନେଇ ଯେଉଁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦ୍ୱାରା କେବଳ ଗଛ ବଞ୍ଚି ପାରିବ ଫସଲ ନୁହେଁ। ଏ ପ୍ରକାର ପ୍ରକୃତିକ ଦୁର୍ବିପାକ ଦ୍ୱାରା ହଜାର ଏକର ଜମିର ଫସଲ ନଷ୍ଟ ହେବାକୁ ବସିଲାଣି। ତାପମାତ୍ରା ବଢ଼ିବା କାରଣରୁ ଚାଷୀ ଏବେ ଦିନ ବଦଳରେ ରାତିରେ ଚାଷ କାମ କରିବା ଆରମ୍ଭ କଲେଣି। ସନ୍ଧ୍ୟାରେ ଜମିରୁ କାମ ସାରି ଫେରିବା ବଦଳରେ ସେମାନେ ଦିନରେ ବିଶ୍ରାମ ନେଇ ରାତିରେ ଜମିକୁ ହଳ ଧରି ବାହାରୁଥିବାର ଦେଖାଯାଉଛି। ଯଦି ଆସନ୍ତା ମାସ ୪ ତାରିଖ ପର୍ଯ୍ୟନ୍ତ ଦେଶରେ ଗ୍ରୀଷ୍ମର ପ୍ରବାହ ବଳବତ୍ତର ରୁହେ ତେବେ ସମ୍ପୂର୍ଣ୍ଣ ଚାରା ମରିଯିବ ବୋଲି କୃଷକ କହିଛନ୍ତି। ସୂଚନାଯୋଗ୍ୟ ଚାଇନାରେ ଜାରିରହିଥିବା ଗ୍ରୀଷ୍ମ ପ୍ରବାହ ଆସନ୍ତା ବର୍ଷ ପର୍ଯ୍ୟନ୍ତ ଲାଗି ରହିବ।

### ବନ୍ୟା ଆଶଙ୍କା

ଚାଇନାର ଦକ୍ଷିଣାଞ୍ଚଳରେ ମରୁଡ଼ି ସ୍ଥିତି ସାଙ୍ଗକୁ ବନ୍ୟା ସ୍ଥିତି ମଧ୍ୟ ଘନାଉଥିବା ଦେଖିବାକୁ ମିଳିଛି। ରବିବାରଠୁ କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇଥିବାବେଳେ ଏହା ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ଜାରି ରହିବ ବୋଲି ଚାଇନା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ତିନିଦିନର ଲଗାଣ ବର୍ଷା କାରଣରୁ ସ୍ଥାନୀୟ ଅଞ୍ଚଳରେ ବନ୍ୟା ପରିସ୍ଥିତି ଆଶଙ୍କା କରାଯାଉଛି। ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପାଖାପାଖି ୪୬ ହଜାର ଲୋକଙ୍କୁ ପ୍ରଶାସନ ପକ୍ଷରୁ ବିସ୍ଥାପିତ କରାଯାଇଛି।

**ଫୁର୍‌ସତ୍**

## ହଲ୍ ମାଲିକଙ୍କୁ ମୁଣ୍ଡିଆ ମାରିଲେ ବିଜୟ



**ମୁମ୍ବାଇ:** ମୁମ୍ବାଇ ସିନେମା ହଲ୍ ମାଲିକଙ୍କ ଗୋଡ଼ ଧରି ମୁଣ୍ଡିଆ ମାରିଲେ ସାଉଥ୍ ଫିଲ୍ମ ଅଭିନେତା ବିଜୟ ଦେବରକୋଣ୍ଡା। ଗତ ୨୫ରେ ରିଲିଜ୍ ହୋଇସାରିଥିବା 'ଲାଇଗର'ର ପ୍ରମୋଶନ୍‌ରେ ଏବେ ବିଜୟ ଖୁବ୍ ବ୍ୟସ୍ତ। ମୁମ୍ବାଇରେ ଲାଇଗରର ପ୍ରମୋଶନ୍ କରିବା ସମୟରେ ଖବରଦାତା ଟ୍ୱିଟରରେ ଟ୍ରେଣ୍ଡ ଚାଲିଥିବା ବୟକଟ ବଲିଉଡ୍ ବିଷୟରେ ବିଜୟଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ବିଜୟ କହିଥିଲେ, ନିଜର ପରିଶ୍ରମ ଉପରେ ବିଶ୍ୱାସ ରହିବା ଦରକାର। ଯଦି ତୁମେ ଉଚିତ୍ ପରିଶ୍ରମ କରିଥିବ ତେବେ ତା'ର ଫଳ ତୁମକୁ ନିହାତି ମିଳିବ। ଆମକୁ କିଏ ରୋକିବ ଦେଖିବା କହି ନିଜ ଉତ୍ତର ଶେଷ କରିଥିଲେ ବିଜୟ। ନାୟକଙ୍କ ଏ ପ୍ରକାର ଉତ୍ତର କେତେଜଣଙ୍କୁ ପସନ୍ଦ ଆସି ନ ଥିବାବେଳେ ମୁମ୍ବାଇ ସିନେମା ହଲ୍ ମାଲିକ ମନୋଜ ଦେଶାଇ ତାଙ୍କୁ ଗର୍ବୀ ବୋଲି କହିଥିଲେ। ସୋସିଆଲ ମିଡିଆରେ ଏ ନେଇ ଖବର ପ୍ରଘଟ ହେବା ପରେ ବିଜୟ ସୋମବାର ହଲ୍ ମାଲିକ ମନୋଜଙ୍କୁ ଭେଟି ତାଙ୍କୁ ମୁଣ୍ଡିଆ ମାରିଛନ୍ତି। ଖବରଦାତାଙ୍କ ପ୍ରଶ୍ନର ଉତ୍ତର ନେଇ ହୋଇଥିବା ଭୁଲ୍ ବୁଝାମଣା ସମ୍ପର୍କରେ ଦୁହେଁ ଆଲୋଚନା କରିଥିଲେ। ଲାଇଗରରେ ବିଜୟଙ୍କ ବିପକ୍ଷୟରେ ଅନନ୍ୟା ପାଣ୍ଡେ ଅଭିନୟ କରିଛନ୍ତି। ଏଥିସହ ରାମ୍ୟା କ୍ରିଷ୍ଣନ୍, ରୋନିତ ରାୟ, ମାଇକ୍ ଟାଇସନ୍ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମ ନିର୍ଦ୍ଦେଶକ ପୁରୀ ଜଗନ୍ନାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମଟି ହିନ୍ଦୀ ଓ ତେଲୁଗୁ ଭାଷାରେ ରିଲିଜ୍ ହୋଇଛି।

## ଆଇପିଏସ୍ ଦମ୍ପତିଙ୍କ ଝିଅ ହେଲେ ପୁଅ

**ନୂଆଦିଲ୍ଲୀ:** କାର୍ଯ୍ୟରତ ଆଇପିଏସ୍ ଦମ୍ପତିଙ୍କ ୨୨ ବର୍ଷୀୟା ଝିଅ ଲିଙ୍ଗ ପରିବର୍ତ୍ତନ କରି ଚର୍ଚ୍ଚାକୁ ଆସିଛନ୍ତି। ଲିଙ୍ଗ ପରିବର୍ତ୍ତନ ନେଇ କରାଯାଉଥିବା ସର୍ଜରି ବର୍ତ୍ତମାନ ସମୟରେ କୌଣସି ବିରଳ ଘଟଣା ନୁହେଁ। ଦେଶ ତଥା ଦେଶ ବାହାରେ ବହୁଳମାତ୍ରାରେ ଏହାର ବ୍ୟବହାର କରାଯାଉଥିବା ଏସ୍‌ସିବି ମେଡିକାଲ କଲେଜ ପ୍ଲାଷ୍ଟିକ୍ ସର୍ଜରି ବିଭାଗ ଡାକ୍ତର ଡା. ବିଭୂତି ନାୟକ କହିଛନ୍ତି। ସର୍ଜରି ଯେତେ କଠିନ ନୁହେଁ ତା'ଠାରୁ ଅଧିକ କଠିନ ଲିଙ୍ଗ ପରିବର୍ତ୍ତନ ପାଇଁ ନିଷ୍ପତ୍ତି ନେବା। ଏ ନେଇ ଆଇପିଏସ୍ ଦମ୍ପତି କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ଝିଅରୁ ପୁଅକୁ ପରିବର୍ତ୍ତନ ହେବା ଅସ୍ତ୍ରୋପଚାର ପ୍ରକ୍ରିୟାରେ ସବୁଠାରୁ ଜଟିଳ ପ୍ରକ୍ରିୟା ହେଉଛି ପୁରୁଷର ଲିଙ୍ଗ (ପେନିସ୍) ପ୍ରତିରୋପଣ କରିବା। ଜଣେ ଝିଅକୁ ସମ୍ପୂର୍ଣ୍ଣ ଭାବେ ପୁଅ ହେବା ପାଇଁ ୨ ବର୍ଷ ସମୟ ଲାଗିଥାଏ। ଶରୀରରେ ହର୍‌ମୋନାଲ ପରିବର୍ତ୍ତନ ହେବା ପାଇଁ ଅଧିକ ସମୟ ଲାଗିଥାଏ। ଓଡ଼ିଶାରେ ଝିଅରୁ ପୁଅ ହେବା ପାଇଁ କରାଯାଉଥିବା ଅସ୍ତ୍ରୋପଚାରରେ ୩.୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ପୁଅରୁ ଝିଅ ହେବା ଲାଗି ସାଢ଼େ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି।

## ବର୍ଷକ ପରେ ଖୋଲିଲା ସିନେମାଘର

କରାଚୀ

ନିକଟରେ ଆଫଗାନି ସ୍ଥାନରେ କଠୋରପନ୍ଥୀ ତାଲିବାନୀ ଶାସନକୁ ଏକ ବର୍ଷ ପୂରିଥିବାବେଳେ ପାଖାପାଖି ବର୍ଷକ ପରେ ଦେଶରେ ସିନେମା ଘର ଖୋଲିଛି। ଚଳଚ୍ଚିତ୍ରରେ ତାଲିବାନ ସରକାର ନୂଆ ନିୟମ ଲାଗୁ କରିଛନ୍ତି। ଫିଲ୍ମରେ ମହିଳାଙ୍କର ଅଧିକାଂଶ ସିନ୍ କାଟି ଦିଆଯାଇଥିବାବେଳେ ମହିଳାଙ୍କର କିଛି ଗୁରୁତ୍ୱପୂର୍ଣ୍ଣ ସିନ୍ ହିଁ ଫିଲ୍ମରେ ଦେଖାଯିବ। ସିନେମା ହଲ ଖୋଲିବା ନେଇ ସ୍ଥାନୀୟ ଲୋକଙ୍କଠାରେ ଉତ୍ସାହ ଦେଖିବାକୁ ମିଳିଛି। ପାଖାପାଖି ୩୭ଟି ଫିଲ୍ମ ଓ ଡକ୍ୟୁମେଣ୍ଟାରି ଏବେ ରିଲିଜ୍ ଅପେକ୍ଷାରେ ରହିଛି। ଫିଲ୍ମ ତିଆରି ପାଇଁ ଆଫଗାନ କଳାକାର ନିଜ ଅର୍ଥ ଲଗାଇଥିବା କୁହାଯାଉଛି।

## ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ



### ଜାତୀୟ କ୍ଷୁଦ୍ର ଶିଳ୍ପ ଦିବସ

**ଜା**ତୀୟ କ୍ଷୁଦ୍ର ଶିଳ୍ପ ଦିବସ ହେଉଛି ଏକ ବାର୍ଷିକ ଉତ୍ସବ, ଯାହା ଆମ ସମାଜରେ ଛୋଟ ବ୍ୟବସାୟର ମୂଲ୍ୟକୁ ସ୍ୱୀକୃତି ଦେଇଥାଏ। ପ୍ରତିବର୍ଷ ଅଗଷ୍ଟ ୩୦ରେ ଭାରତରେ ଜାତୀୟ କ୍ଷୁଦ୍ର ଶିଳ୍ପ ଦିବସ ପାଳନ କରାଯାଇଥାଏ। ଏହି ଦିନ ସାରା ଦେଶରେ ଛୋଟ ବ୍ୟବସାୟକୁ ଉତ୍ସାହିତ କରିବା ପାଇଁ ଉତ୍ସର୍ଗୀକୃତ। ଛୋଟ ବ୍ୟବସାୟକୁ ଉତ୍ସାହିତ କରିବା ଏବଂ ବେକାରମାନଙ୍କୁ ଚାକିରି ସୁଯୋଗ ପ୍ରଦାନ କରିବାର ଲକ୍ଷ୍ୟ ସହିତ ଏହି ଦିନ ପାଳନ କରାଯାଏ। ଭାରତ ପରି ବିକଶିତ ଦେଶରେ ଅର୍ଥନୈତିକ ଅଭିବୃଦ୍ଧିରେ କ୍ଷୁଦ୍ର ଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହିପରି କ୍ଷେତ୍ରଗୁଡ଼ିକର ରଣନୈତିକ ପ୍ରାସଙ୍ଗିକତାକୁ ଦୃଷ୍ଟିରେ ରଖି ଏହାର ବିକାଶ ପାଇଁ ତଥା ଏସବୁ ଶିଳ୍ପର ଆବଶ୍ୟକତା ଉପରେ ବିଶେଷ ଗୁରୁତ୍ୱ କରାଯାଉଛି। ଫଳସ୍ୱରୂପ, କ୍ଷୁଦ୍ର ଶିଳ୍ପ ପାଇଁ ସରକାରୀ ନୀତି ସହାୟତାର ଧାରା କ୍ଷୁଦ୍ର ଉଦ୍ୟୋଗଗୁଡ଼ିକର ଅଭିବୃଦ୍ଧି ପାଇଁ ଲାଭଦାୟକ ଏବଂ ଅନୁକୂଳ ହୋଇପାରିଛି। ୩୦ ଅଗଷ୍ଟ ୨୦୦୦ରେ କ୍ଷୁଦ୍ର ଶିଳ୍ପ କ୍ଷେତ୍ର ପାଇଁ ଏକ ବିସ୍ତୃତ ନୀତି ପ୍ୟାକେଜ୍ ଆରମ୍ଭ କରାଯାଇଥିଲା, ଯାହା ମାଧ୍ୟମରେ ଭାରତର ଛୋଟ ସଂସ୍ଥାଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରାଯାଇଥିଲା।

# ପାରୁଛ ଯଦି ମୋତେ ଗିରଫ କର: ମମତା

## କେନ୍ଦ୍ର କର୍ମଚାରୀଙ୍କ ବିରୋଧରେ ତଦନ୍ତ ଧମକ

କୋଲକାତା,୨୯।୮: ପଶ୍ଚିମବଙ୍ଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ାଉ ବଢୁଥିବାରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ପଶ୍ଚିମବଙ୍ଗରେ ଥିବା କେନ୍ଦ୍ରୀୟ ଅଧିକାରୀମାନଙ୍କ ବିରୋଧରେ ତଦନ୍ତ କରାଯିବ ବୋଲି ସେ ଧମକ ଦେଇଛନ୍ତି। ତୃଣମୂଳ କଂଗ୍ରେସ ଛାତ୍ର ସଂଗଠନର ଏକ ରାଲିକୁ ସମ୍ବୋଧନ କରି ମମତା କହିଥିଲେ, ସିବିଆଇ, ଇଡି ଅଫିସରଙ୍କ ସମେତ ପଶ୍ଚିମବଙ୍ଗରେ ଥିବା ଅନ୍ୟ କେନ୍ଦ୍ରୀୟ ଅଧିକାରୀଙ୍କ ବିରୋଧରେ ମାମଲା ରହିଛି। ତେଣୁ ଯେସାକୁ ତେସା ନୀତିରେ ଯଦି ଆମ ଅଫିସରଙ୍କୁ ଦିଲ୍ଲୀ ଡକାଯାଏ, ତେବେ ମୁଁ ମଧ୍ୟ କେନ୍ଦ୍ରର ଅଫିସରମାନଙ୍କୁ ତଦନ୍ତ ପାଇଁ ଡାକିବି ବୋଲି ଟିଏମ୍‌ସି ନେତ୍ରୀ କହିଛନ୍ତି। ସେମାନେ ସିବିଆଇ ଦ୍ୱାରା ଆମ ଲୋକଙ୍କୁ ଗିରଫ କରାଉଛନ୍ତି। ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ଦୁର୍ନୀତି ମାମଲା ବିଚାରାଧୀନ ରହିଥିବାବେଳେ ଏପର୍ଯ୍ୟନ୍ତ କୌଣସି ପ୍ରମାଣ ମିଳିନାହିଁ। ଭାଜପା ଗଣମାଧ୍ୟମ, ବିଚାର ବ୍ୟବସ୍ଥା ଓ ରାଜନୈତିକ ଦଳଗୁଡ଼ିକୁ ଭୟଭୀତ କରି ରଖିଛି। ପେଗାସସ୍ ବ୍ୟବହାର କରି ଲୋକଙ୍କ ସ୍ୱାଧୀନତା ଛଡ଼ାଇ ନିଆଯାଉଛି। ଲୋକଙ୍କ ଘରୁ ଟଙ୍କା ଲୁଟିବା ପାଇଁ ଇଡି ଏବଂ ସିବିଆଇକୁ ବ୍ୟବହାର କରାଯାଉଥିବା ମମତା କହିଛନ୍ତି। ତାଙ୍କ ସରକାର ବିରୋଧରେ ଦୁର୍ନୀତି ଅଭିଯୋଗ ଆଣୁଥିବା କେନ୍ଦ୍ର ସରକାର ପାରୁଛନ୍ତି ଯଦି ତାଙ୍କୁ ଗିରଫ କରି ଦେଖନ୍ତୁ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ବରିଷ୍ଠ ଟିଏମ୍‌ସି



ନେତା ପାର୍ଥ ଚାଟାର୍ଜୀ ଏବଂ ଗୋରୁ ଚୋରାଚାଲାଣ ମାମଲାରେ ଅନୁବ୍ରତ ମଣ୍ଡଳ ଗିରଫ ହେବା ପରେ ମମତା ଭାଜପାକୁ ଏଭଳି ଚ୍ୟାଲେଞ୍ଜ ଦେଇଛନ୍ତି।

# କଂଗ୍ରେସ ଛାଡ଼ିଲେ ଜମ୍ମୁକଶ୍ମୀରର ୩ ନେତା

ଶ୍ରୀନଗର,୨୯।୮

ଜମ୍ମୁକଶ୍ମୀର କଂଗ୍ରେସର ତିନିଜଣ ନେତା ଦଳ ଛାଡ଼ିଛନ୍ତି। ନିକଟରେ କଂଗ୍ରେସ ଛାଡ଼ିଥିବା ବରିଷ୍ଠ ନେତା ଗୁଲାମ ନବୀ ଆଜାଦଙ୍କ ସମର୍ଥନରେ ପୂର୍ବତନ ଉପବାଚସ୍ପତି ଗୁଲାମ ହାଇଦର ମଲିକ, କାଥୁଆରୁ ସୁବାସ ଗୁପ୍ତା ଏବଂ ଡୋଡାରୁ ଶ୍ୟାମ ଲାଲ ଭାଗବତ ପୃଥକ ଭାବରେ ସେମାନଙ୍କ ଇସ୍ତଫା ପତ୍ର ସୋମବାର ପାର୍ଟି ହାଇକମାଣ୍ଡକୁ ପଠାଇଛନ୍ତି। ଆଜାଦ ଗତ ଶୁକ୍ରବାର ଦଳର ସମସ୍ତ ପଦରୁ ଇସ୍ତଫା ଦେଇଥିଲେ। କଂଗ୍ରେସର ପତନ ପାଇଁ ସେ ରାହୁଲ ଗାନ୍ଧୀଙ୍କୁ ସମ୍ପୂର୍ଣ୍ଣ ଦାୟୀ କରିଥିଲେ। ସୋନିଆ ଗାନ୍ଧୀଙ୍କ ଅଧ୍ୟକ୍ଷତାରେ ଦଳ ଭଲ କାମ କରୁଥିଲା କିନ୍ତୁ ୨୦୧୩ରେ ରାହୁଲଙ୍କ ପ୍ରବେଶ ପରେ ହିଁ କଂଗ୍ରେସର ଆଜି ଏଭଳି ଅବସ୍ଥା ହୋଇଛି ବୋଲି ଆଜାଦ କହିଥିଲେ। ଉଲ୍ଲେଖନୀୟ କଥା ହେଉଛି, ବରିଷ୍ଠ ନେତା ଆଜାଦ କଂଗ୍ରେସରୁ ଇସ୍ତଫା ଦେବାର କିଛି ଘଣ୍ଟା ପରେ ୩ପୂର୍ବତନ ମନ୍ତ୍ରୀଙ୍କ ସମେତ ୮ ବରିଷ୍ଠ ନେତା ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ସେମାନେ ଶୀଘ୍ର ଏକ ନୂତନ ଦଳ ଗଠନ କରିପାରନ୍ତି। ନିଜେ ଦଳ ଗଢି ଜମ୍ମୁ-କଶ୍ମୀରର ନିର୍ବାଚନକୁ ଓହ୍ଲାଇବେ ବୋଲି ପୂର୍ବରୁ ଆଜାଦ ସ୍ପଷ୍ଟ କରିଛନ୍ତି।

# କଂଗ୍ରେସକୁ ଔଷଧ ଆବଶ୍ୟକ: ଆଜାଦ୍

ନୂଆଦିଲ୍ଲୀ,୨୯।୮(ପି.ଟି.): ତିନି ଦିନ ପୂର୍ବରୁ କଂଗ୍ରେସ ଛାଡ଼ିଥିବା ବରିଷ୍ଠ ନେତା ଗୁଲାମ ନବୀ ଆଜାଦ ସୋମବାର ପୁଣି ଥରେ ଦଳକୁ କଡ଼ା ସମାଲୋଚନା କରିଛନ୍ତି। ଏହି ଦଳକୁ କମ୍ପାଉଣ୍ଡରମାନେ ଔଷଧ ଯୋଗାଉଛନ୍ତି। ଉପଯୁକ୍ତ ଚିକିତ୍ସା ପାଇଁ ଡାକ୍ତରଙ୍କଠାରୁ ଔଷଧ ଆବଶ୍ୟକ। ଦଳରେ ସାଂଗଠନିକ ଅଧିକାରର ସମାଧାନ ପାଇଁ ନେତୃତ୍ୱ ନିକଟରେ ସମୟ ନ ଥିବା ସେ ଅଭିଯୋଗ କରିଛନ୍ତି।

କଂଗ୍ରେସ ଛାଡ଼ିଥିଲେ ମଧ୍ୟ ସେ ଭାଜପାରେ ଯୋଗଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। କାରଣ ଏହା ଜାମ୍ମୁ-କଶ୍ମୀରରେ ତାଙ୍କ ରାଜନୀତି ପାଇଁ ସହାୟକ ହେବ ନାହିଁ ବୋଲି ଆଜାଦ କହିଛନ୍ତି। ଆଗକୁ ବିଧାନସଭା ନିର୍ବାଚନ ଥିବାରୁ ଯେକୌଣସି ସମୟରେ ସେ ନୂଆ ଦଳ ଘୋଷଣା କରିବେ। ଆଜାଦ କଂଗ୍ରେସକୁ ତାଙ୍କର ଶୁଭେଚ୍ଛା ଜଣାଇଛନ୍ତି। ତେବେ ଶୁଭେଚ୍ଛା ଅପେକ୍ଷା ଦଳ ପାଇଁ ଔଷଧର ଅଧିକ ଆବଶ୍ୟକତା ଥିବା ସେ କହିଛନ୍ତି। କଂଗ୍ରେସର ମୂଳଦୁଆ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଲାଣି ଏବଂ ଯେକୌଣସି ସମୟରେ ସଂଗଠନ ଭୁଶୁଡ଼ି ପଡ଼ିବ। ସେଥିପାଇଁ ସେ ଓ ଅନ୍ୟ କେତେଜଣ ନେତା ଦଳ ଛାଡ଼ିବାକୁ ନିଷ୍ପତି ନେଲେ ବୋଲି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି। କଂଗ୍ରେସରେ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ଅଭିଯୋଗ ଆଣୁଥିବା ନେତାଙ୍କ ଡିଏନ୍‌ଏକୁ ନେଇ ସେ ପ୍ରଶ୍ନ କରିଛନ୍ତି। ୨୦୧୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ରାହୁଲ ଗାନ୍ଧୀ 'ଚୌକିଦାର ଚୋର୍ ହୈ' ପ୍ରଚାର ଅଭିଯାନ ଆରମ୍ଭ କରିଥିଲେ, ଯାହା



ଗୁଲାମ ନବୀ ଆଜାଦ

ସଫଳ ହୋଇ ନ ଥିଲା। ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ରାହୁଲ ଦଳ ଅଧ୍ୟକ୍ଷ ପଦ ଛାଡ଼ିଥିଲେ। ଏହି ସମୟରେ ସେ ଅଭିଯୋଗ କରିଥିଲେ ଚୌକିଦାର ଚୋର୍ ଅଭିଯାନରେ ତାଙ୍କୁ କେହି ସହଯୋଗ କଲେନି। କେତେଜଣ ଚୌକିଦାର ଚୋର ହୈ ସ୍ଲୋଗାନ ଦେଇଛ, ହାତ ଟେକ ବୋଲି ରାହୁଲ ବରିଷ୍ଠ ନେତାମାନଙ୍କ ବୈଠକରେ କହିଥିଲେ। ସେଠାରେ ମନମୋହନ ସିଂ, ଏ.କେ. ଆଣ୍ଟୋନି, ପି. ଚିଦାମ୍ବରମଙ୍କ ସମେତ ଆଜାଦ ଓ ଅନ୍ୟ ବରିଷ୍ଠ ନେତା ଉପସ୍ଥିତ ଥିଲେ। ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଥିବା ନେତାମାନଙ୍କଠାରୁ ରାହୁଲ କିପରି ଏପ୍ରକାର ଭାଷା ଆଶା କରୁଥିଲେ ବୋଲି ଆଜାଦ ପ୍ରଶ୍ନ କରିଛନ୍ତି।

# ଆସ୍ଥା ଭୋଟ ଲୋଡ଼ିଲେ କେଜ୍‌ରିୱାଲ

## ଏଏପି ଭାଙ୍ଗିବାକୁ ଅପରେଶନ ଲୋଟସ୍ ଚଳାଇଥିଲା ଭାଜପା

ନୂଆଦିଲ୍ଲୀ,୨୯।୮

ଭାଜପା ଏହାର 'ଅପରେଶନ ଲୋଟସ୍' ଜରିଆରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ରେ ବିଭାଜନ ସୃଷ୍ଟି ପାଇଁ କରିଥିବା ଉଦ୍ୟମରେ ବିଫଳ ହୋଇଛି। ସମସ୍ତ ଏଏପି ବିଧାୟକ ତାଙ୍କ ସହିତ ଅଛନ୍ତି, ଏହା ଦର୍ଶାଇବା ପାଇଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ମଙ୍ଗଳବାର ବିଧାନସଭାରେ ଆସ୍ଥା ଭୋଟ ଲୋଡ଼ିଛନ୍ତି। ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ଘୋଷଣା କରିଛନ୍ତି।

ସୋମବାର ବିଧାନସଭା ପ୍ରବଳ ହଟ୍ଟଗୋଳ ସହ ଆରମ୍ଭ ହୋଇଥିଲା। ଅବକାରୀ ନୀତି ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ଲାଗି ବିରୋଧୀ ଭାଜପା ବିଧାୟକମାନେ ଦାବି କରୁଥିବାବେଳେ ବିଶୃଙ୍ଖଳା ସୃଷ୍ଟି ଅଭିଯୋଗରେ ସେମାନଙ୍କୁ ଗୃହରୁ ବାହାର କରିଦିଆଯାଇଥିଲା। କେଜ୍‌ରିୱାଲ କହିଛନ୍ତି, ତାଙ୍କ ଦଳର ବିଧାୟକମାନେ ସଚ୍ଚୋଟ ଏବଂ ଦଳ ବିରୋଧରେ ଯାଉ ନାହାନ୍ତି, ଏହାର ପ୍ରମାଣ ଦେବା ଲାଗି ସେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ଯାଉଛନ୍ତି।



ଅରବିନ୍ଦ କେଜ୍‌ରିୱାଲ

କେତେଜଣ ଏଏପି ବିଧାୟକଙ୍କୁ ଦଳ ବଦଳ କରିବା ଲାଗି ଭାଜପା ୨୦ କୋଟି ଲେଖାଏ ଟଙ୍କା ଯାଚିଥିଲା ବୋଲି କେଜ୍‌ରିୱାଲ ପୁଣିଥରେ ଦୋହରାଇଛନ୍ତି। ଭାଜପା ବିଭିନ୍ନ ରାଜ୍ୟର ବିରୋଧୀ ଦଳ ସରକାରକୁ ଭାଙ୍ଗିଆସୁଛି। ମଧ୍ୟପ୍ରଦେଶ, ବିହାର, ଗୋଆ, ମହାରାଷ୍ଟ୍ର ଏବଂ ଆସାମରେ ସରକାର ଭାଙ୍ଗିବା ପାଇଁ ଏହି ଦଳ ୨୭୭ ବିଧାୟକଙ୍କୁ କିଣିଥିବା ବେଳେ ଏବେ ଝାଡ଼ଖଣ୍ଡ ସରକାର ଭାଙ୍ଗିବା ଲାଗି ଉଦ୍ୟମ ଚଳାଇଛି ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ କହିଛନ୍ତି।

କେଜ୍‌ରିୱାଲଙ୍କ ଉଦ୍‌ବୋଧନ ପରେ ଏଏପି ବିଧାୟକମାନେ ଗୃହର ମଧ୍ୟଭାଗକୁ ଚାଲିଆସି ଉପରାଜ୍ୟପାଳ ବିନୟ କୁମାର ସାକ୍‌ସେନାଙ୍କ ବିରୋଧରେ ୧,୪୦୦ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ଆଣିଥିଲେ। ସାକ୍‌ସେନା ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି) ଅଧ୍ୟକ୍ଷ ଥିବାବେଳେ ଏହି ଦୁର୍ନୀତି ହୋଇଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଥିଲେ। ଏହା ବ୍ୟତୀତ ୨୦୧୬ ବିମୁଦ୍ରୀକରଣ ବେଳେ ସାକ୍‌ସେନା ତାଙ୍କ କର୍ମଚାରୀମାନଙ୍କୁ ପୁରୁଣା ନୋଟ ବଦଳ କରିବା ଲାଗି ବାଧ୍ୟ କରିଥିଲେ ବୋଲି ଏଏପି ବିଧାୟକମାନେ ଅଭିଯୋଗ ଆଣିଥିଲେ। ସେମାନେ ବିଧାନସଭାରେ ସାରା ରାତି ବିକ୍ଷୋଭ କରିବେ ବୋଲି ଘୋଷଣା କରିଥିଲେ। ହଟ୍ଟଗୋଳ ଲାଗି ରହିବାରୁ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।

# କ୍ୟାମ୍ପସ୍ କମିଟି ଗଠନ କରିବ ଛାତ୍ର କଂଗ୍ରେସ

## ୩ ମାସ ଭିତରେ 'ଛାତ୍ର ଯୋଡ଼, ଭାରତ ଯୋଡ଼' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୯।୮(ବ୍ୟୁରୋ): ପ୍ରଦେଶ ଛାତ୍ର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ସଭାପତି ୟାସିର ନୱାଜଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଜେଡି ସରକାର କଲେଜ ଓ ୟୁନିଭର୍ସିଟିଗୁଡ଼ିକରେ ୪ ବର୍ଷ ଧରି ନିର୍ବାଚନ କରୁ ନ ଥିବା ପ୍ରସଙ୍ଗରେ ନିନ୍ଦା ପ୍ରସ୍ତାବ ଅଣାଯାଇଛି। ଏହି ଅବସରରେ ନୱାଜ କହିଛନ୍ତି, ୪ ବର୍ଷ ଧରି ନିର୍ବାଚନ ବନ୍ଦ କରି ବିଜେଡି ରାଜ୍ୟର ମହାବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଯେଉଁ କ୍ୟାମ୍ପସ କମିଟି ଗଠନ କରିବାକୁ ଯାଉଛନ୍ତି ଏହା ଛାତ୍ରଙ୍କ ସ୍ୱାର୍ଥ ବିରେଧୀ। ଆଉ ବିରୋଧୀ ଦଳରେ ଛାତ୍ର ନେତା ସୃଷ୍ଟି କରାଇ ନ ଦେବା ପାଇଁ ଏହା ଏକ ଷଡ଼ଯନ୍ତ୍ର। ବିଜୁ ଛାତ୍ର ଜନତା ଦଳର ଏହି ଗଣତନ୍ତ୍ର ବିରୋଧୀ କାର୍ଯ୍ୟ ସମ୍ପର୍କରେ ସମସ୍ତ ଶିକ୍ଷାନୁଷ୍ଠାନରେ ସଚେତନତା ସୃଷ୍ଟି କରିବା ଆମ ପ୍ରଥମ ଦାୟିତ୍ୱ। ଏହି କାର୍ଯ୍ୟକାରିଣୀରେ ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ସମ୍ପାଦିକା ତଥା ଓଡ଼ିଶା ପ୍ରଭାରୀ ସୁଶ୍ରୀ ଅନୁଲେଖା ବୋଷା ଯୋଗଦେଇ କହିଛନ୍ତି, ପ୍ରଦେଶ ଛାତ୍ର କଂଗ୍ରେସ ମଧ୍ୟ ଓଡ଼ିଶାର ସମସ୍ତ ମହାବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ କ୍ୟାମ୍ପସ କମିଟି ଗଠନ କରିବ। ଏହି କାର୍ଯ୍ୟ ଏବେଠାରୁ ୨୦ ଦିନ ଭିତରେ ସମ୍ପୂର୍ଣ୍ଣ ପାଇଁ ନିଷ୍ପତ୍ତି ହୋଇଛି। ଏଥିସହିତ ୩ ମାସ ଭିତରେ 'ଛାତ୍ର ଯୋଡ଼, ଭାରତ ଯୋଡ଼' କାର୍ଯ୍ୟକ୍ରମ ଓଡ଼ିଶାର ସମସ୍ତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବ ବୋଲି ସେ କହିଛନ୍ତି। ନୱାଜ କହିଛନ୍ତି, କ୍ୟାମ୍ପସ କମିଟି ନିଜ ନିଜର ଶିକ୍ଷାନୁଷ୍ଠାନ ସାମ୍ନାରେ ଛାତ୍ର ସଂସଦର ନିର୍ବାଚନ ଦାବି କରିବ।

# ଦରଦାମ୍ ବୃଦ୍ଧି ନେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଲେ ଡାଙ୍ଗି

ଭୁବନେଶ୍ୱର, ୨୯।୮(ବ୍ୟୁରୋ): ମୋଦି ସରକାରଙ୍କ ଭୁଲ୍ ଅର୍ଥନୀତି ଯୋଗୁ ଭାରତରେ ଆକାଶଛୁଆଁ ଦରଦାମ୍ ବୃଦ୍ଧି ଏବଂ ବେକାରି ଉତ୍କଟ ରୂପ ଧାରଣ କଲାଣି। ମହଙ୍ଗା ଏବଂ ବେକାରମୁକ୍ତ ଭାରତ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ସ୍ୱପ୍ନ ଦେଖାଇଥିଲେ ଆଜି ତାହା ପ୍ରତାରଣାରେ ପରିଣତ ହୋଇଛି। କେନ୍ଦ୍ର ସରକାରଙ୍କ ଏହି ଜନବିରୋଧୀ କାର୍ଯ୍ୟ ବିରୋଧରେ କଂଗ୍ରେସ ଲଗାତର ସଂଗ୍ରାମ ଜାରି ରଖିଥିବା ବେଳେ ଆଗାମୀ ଦିନରେ ଏହାକୁ ତୀବ୍ରତର କରାଯିବ ବୋଲି କଂଗ୍ରେସ ରାଜ୍ୟ ସଭା ଏମ୍‌ପି ନିରୋଜ ଡାଙ୍ଗି କହିଛନ୍ତି। କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନିରୋଜ କହିଛନ୍ତି, ବର୍ତ୍ତମାନ ଦେଶରେ ରନ୍ଧନ ଗ୍ୟାସ, ପେଟ୍ରୋଲ,ଡିଜେଲ,ଖାଇବା ତେଲ ଅହେତୁକ ଭାବେ ବୃଦ୍ଧି ପାଇ ଲୋକଙ୍କ ଆର୍ଥିକ ଅବସ୍ଥାକୁ ଦୋହଲାଇ ଦେଇଛି। ପ୍ରଧାନମନ୍ତ୍ରୀ ୨୦୧୯ରେ ଦାମ୍ଭିକତାର ସହ ଘୋଷଣା କରିଥିଲେ ଯେ ଖାଦ୍ୟଶସ୍ୟ, ଦହି, ଲସି, ଲହୁଣି ଇତ୍ୟାଦି ଅତ୍ୟାବଶ୍ୟକ ବସ୍ତୁ ଜିଏସ୍‌ଟି ପରିସର ବାହାରେ ରହିବ ,ହେଲେ ମାତ୍ର ୩ ବର୍ଷ ପରେ ୨୦୨୨ରେ ତାଙ୍କର ସମସ୍ତ ପ୍ରତିଶ୍ରୁତି ପ୍ରତାରଣା ପାଲଟିଲା। ମୋଦି ସରକାରଙ୍କ ଯୁବ ବିରୋଧୀ ଆଭିମୁଖ୍ୟ ଯୋଗୁ କେନ୍ଦ୍ର ସରକାରଙ୍କ ଅଧୀନରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ପଦବୀ ଖାଲି ପଡ଼ିଛି । ଦେଶର ଯୁବ ସମାଜକୁ ଭୁଆଁ ବୁଲାଇବା ପାଇଁ ଅଗ୍ନିପଥ ଯୋଜନା ପ୍ରଣୟନ କରି ଯୁବକମାନଙ୍କର ରୋଜଗାର ସମ୍ଭାବନାକୁ ସଙ୍କଟକୁ ଠେଲି ଦେଇଥିବା ବେଳେ ଦେଶର ସୁରକ୍ଷା ପ୍ରତି ନୂଆ ବିପଦକୁ ଡାକି ଆଣିଛନ୍ତି ବୋଲି ଡାଙ୍ଗି କହିଛନ୍ତି।


## ନିର୍ବାଚନ ଅଧିକାରୀ, ବଲାଙ୍ଗିର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ,ବଲାଙ୍ଗିର

### ନିର୍ବାଚନ ବିଜ୍ଞାପନ

ନିର୍ବାଚନ ନୋଟିସ ସଂଖ୍ୟା ୧/ତା.୨୯.୦୮.୨୦୨୨

ଓଡ଼ିଶା ସମବାୟ ସମିତି ସମୂହ ଆଇନ ୧୯୬୨ର ଧାରା ୨୮ (କ) ଓଡ଼ିଶା ସମବାୟ ସମିତି ସମୂହ (ପରିଚାଳନା ପରିଷଦ ନିର୍ବାଚନ) ନିୟମାବଳୀ ୧୯୯୨ ନିୟମ ୪(କ) ଓ ଓଡ଼ିଶା ସମବାୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ୨୫୭୩ , ତା୧୨.୦୮.୨୦୨୨ ରିଖ କ୍ରମେ ଆମେ ଶ୍ରୀ ଲମ୍ବୋଧର ଧରୁଆ (ଓ.ଏ.ଏସ.-I) ଅତିରିକ୍ତ ଜିଲ୍ଲାପାଳ, ବଲାଙ୍ଗିର ତଥା ନିର୍ବାଚନ ଅଧିକାରୀ, ବଲାଙ୍ଗିର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ବଲାଙ୍ଗିର, ଏତଦ୍ୱାରା ବଲାଙ୍ଗିର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ସମସ୍ତ ଅଧିକୃତ ଭୋଟଦାତାଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛୁ ଯେ, ଉକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କର ନୂତନ ପରିଚାଳନା ପରିଷଦ ଗଠନ ନିମନ୍ତେ ମୋଟ ୧୫ (ପନ୍ଦର) ଜଣ ପରିଚାଳନା ପରିଷଦ ସଭ୍ୟ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରୁ ଜଣେ ଲେଖାଏଁ ନିର୍ବାଚନ ଆସନ୍ତା ତା.୩୦.୧୦.୨୦୨୨ ରିଖ (ରବିବାର) ଦିନ ଅନୁଷ୍ଠିତ ହେବ । ନିର୍ବାଚନ ସମ୍ବନ୍ଧୀୟ ସବିଶେଷ ବିବରଣୀ ଯଥା ସମୟରେ ଘୋଷଣା କରାଯିବ ।

ସ୍ୱା./- ନିର୍ବାଚନ ଅଧିକାରୀ
ବଲାଙ୍ଗିର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ବଲାଙ୍ଗିର

## ZILLA SWASTHYA SAMITI, KORAPUT
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER (DPMU), NATIONAL HEALTH MISSION
E-mail: nhmkpt@gmail.com Phone: 06852-250242

No.: 2781/DPMU/NHM/22 Date:- 26/08/2022

### CORRIGENDUM

**No. E-426:-** As per advertisement published on 26.08.2022 regarding Notice for different posts under NHM, Koraput in the Odia Daily Newspaper "The Dharitri" and "The Sambad", the Advertisement No. and Date may be read as Adv. No. **2756** dtd.**24.08.2022** and rest remain unchanged.

Sd./- CDMO-cum-District Mission Director, Koraput
OIPR-10077/11/0012/2223

## Government of Odisha
Home (SGH) Bhubaneswar

### TENDER CALL NOTICE

No.________/ HOME-SGH-MISC-0032-2020 Dt.

**No.D-151:**Sealed bids are invited from highly reputed and capable Taxi Operator Agencies/Firms having minimum 05 years of experience for supply of light weight vehicles for use of State Guests in State Guest House, Bhubaneswar as and when required.

The interested firms/agencies shall furnish their bids in original **on or before 16th September 2022 by 01.00 PM** with all credentials/documents as per the terms and conditions of the tender document. The tender documents can only be obtained from the Reception Counter, State Guest House on payment of **Rs.1,000/- (Rupees One Thousand)** only by cash till **05.00 PM of 15th September. 2022.**

The terms and conditions of the tender document can also be accessed from our website **www.homeodisha.gov.in.**

Sd./-Manager,SGH-cum-Joint Secretary to Govt.
OIPR-12063/11/0005/2223 Dated 26.08.22

## GOVERNMENT OF ODISHA
### "e" PROCUREMENT NOTICE
**Bid Identification No. 16 of 2022-23**

No. O-896: The Superintending Engineer, RWS&S Division, Balangir on behalf of Governor of Odisha invites percentage bid through e-procurement in double cover system according to norm of e-procurement system in online mode for the different work in different blocks under Balangir District.

1. Nature of Work : Construction of ESR, UGR, pump house with laying of rising main and distribution in different villages of Balangir district.
2. Total No. of Work : 16 Nos.
3. Estmated Cost : Rs.310.76 to 495.71 lakh
4. Eligible Class of Contractor : "A & Special" Contractor
5. Period of Completion : Eighteen Months
6. Other Details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, RWSS Division, Balangir | 16 of 2022 - 23 | Dt.08.09.2022 at 11.00 hrs. | Dt.27.09.2022 upto 17.00 hrs. |

Further details can be had in the DTCN available in the website **www.tendersodisha.gov.in**.

Superintending Engineer
RWS&S Division, Balangir
OIPR-25033/11/0016/2223

## Tender Call Notice
### OFFICE OF THE ADDITIONAL DISTRICT URBAN PUBLIC HEALTH OFFICER, NUHM, ROURKELA
### Tender/QUOTATION CALL NOTICE

**Letter No.: 3965** **Date: 26.08.2022**

No.E-423:- Sealed Quotations are invited from interested reputed Travel Agencies/Tour Operators or private individuals for providing vehicle which shall confirm to the terms and conditions (Annexure-1) for official use of City Programme Management Unit, NUHM, Rourkela on monthly basis and daily call basis. The application form of tender containing General Bid Information and Terms & Conditions for hiring of vehicles etc. will be available with website www.sundergarh.nic.in. The tenders completed in all respect should reach to the undersigned on or before **Dt.12.09.2022** at 5 PM through registered/speed post/courier service only and shall be opened on **Dt.13.09.2022** at 11.30 AM in presence of the bidders or their authorized representatives. The authority reserves the right to reject any or all tenders without assigning any reasons whatsoever.

**Sd./- Additional District Urban Public Health Officer, Rourkela**
OIPR-10144/11/0003/2223

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
### OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR
At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)

**NATIONAL COMPETITIVE BIDDING THROUGH e-Procurement**

**No. O-907** **Bid Identification No. Online Tender / 37-2022-23/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 37-2022-23/ BPR | Road Works (SCA) | 01 No. | Rs.236.38 lakhs | "B" Class & "A" Class as applicable | 09 (Nine) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 37-2022-23/BPR | 05.09.2022 at 10.00 A.M. | 19.09.2022 upto 3.00 P.M. |

(i) No EMD is required as per O.M. No. 8484 Dt.05.04.2022 of Finance Department, Govt. of Odisha. But Bid Security declaration should be furnished by the bidders as mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: **www.tendersodisha.gov.in.**

OIPR-25071/11/0064/2223 **Sd./- Chief Construction Engineer, R.W. Circle, Berhampur**

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
### OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR
At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)

**NATIONAL COMPETITIVE BIDDING THROUGH e-Procurement**

**No. O-903** **Bid Identification No. Online Tender / 36-2022-23/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 36-2022-23/ BPR | Building Works under Newly Created R.I. Office-cum-Residence for the year 2022-23 | 01 No. | Rs.153.37 lakhs | "B" Class & "A" Class as applicable | 11 (Eleven) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 36-2022-23/BPR | 30.08.2022 at 10.00 A.M. | 13.09.2022 upto 3.00 P.M. |

(i) No EMD is required as per O.M. No. 8484 Dt.05.04.2022 of Finance Department, Govt. of Odisha. But Bid Security declaration should be furnished by the bidders as mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: **www.tendersodisha.gov.in.**

OIPR-25071/11/0062/2223 **Sd./- Chief Construction Engineer, R.W. Circle, Berhampur**

## GOVERNMENT OF ODISHA
### OFFICE OF THE DIVISIONAL FOREST OFFICER
### BAMRA WILDLIFE DIVISION, BAMRA, SAMBALPUR
At/P.O.: Bamra, Dist.: Sambalpur, E-mail: dfobmbwl004@gmail.com

**BID IDENTIFICATION No. 1F-BMB/01 (Online)/2022-23**

### E-Procurement Notice

**No. 193** **Dated: 26.08.2022**

No. MM-136: The Divisonal Forest Officer, Bamra Wildlife Division, Bamra, Sambalpur on behalf of Governor of Odisha, invites percentage rate bids in Single Cover System in ONLINE Mode.

1. No. of work : 10 (Ten) Nos. Building work (Composite)
2. Tender Cost : Rs.6,000/- (each)
3. Class of Contractor : "D" & "C" Class Contractors
4. Availability of Bid document in the webiste : 18.00 hours of 31.08.2022 to 17.00 hours of 12.09.2022
5. Date of Opening of Tenders : 11.30 hours on Dt.14.09.2022
6. The bidders have to participate in ONLINE bidding only. Further details can be seen from the website **www.tendersodisha.gov.in** only. Any Corrigendum/Addendum/Cancellation of tender will be displayed in the website said only.

**Sd./- Divisional Forest Officer**
**Bamra Wildlife Division**
OIPR-08144/11/0002/2223

## OFFICE OF THE DISTRICT PROJECT COORDINATOR
### SAMAGRA SIKSHYA, SUBARNAPUR
ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ

E-mail: dpcsonepurssa.opepa@nic.in, Ph.:06654-220551/06654-220514 (Fax)

**No.1691** **Date:26.08.2022**

### OFFICE ORDER

This is for information of all concerned that, the Final Merit List and Waiting list for engagement of Part Time Instrcutors (Physical and Art Education) vide advertisement no. 2731, dtd.29.12.2018 has been published in the OSEPA website (www.osepa.odisha.gov.in) and Subarnapur District Website (www.subarnapur.nic.in). Verification of original Mark-sheet and Certificates and Counselling for placement in different Schools shall be conducted in the following scheduled. The candidates of final merit list are hereby informed to attend the consellilng and certificate verification programme as per schedule date & venue mentioned below-

| | Date & Time | Venue |
|---|---|---|
| Certificate Verification of Part Time Instructor (Physical Education) | Dt.07.09.2022 10.00 AM to 1.30 PM | MR High School Sonepur |
| Counselling of Different Schools for Part Time Instructor (Physical Education) | Dt.07.09.2022 2.30 PM to 5.30 PM | |
| Certificate Verification of Part Time Instructor (Art Education) Performing Art | Dt.08.09.2022 10.00 AM to 12.15 PM | |
| Counselling of Different Schools for Part Time Instructor (Art Education) Performing Art | Dt.08.09.2022 12.30 PM to 1.30 PM | |
| Certificate Verification of Part Time Instructor (Art Education) Visual Art | Dt.08.09.2022 2.30 PM to 4.00 PM | |
| Counselling of Different Schools for Part Time Instructor (Art Education) Visual Art | Dt.08.09.2022 4.15 PM to 5.30 PM | |

**Sd./- DEO-cum-District Project Coordinator**
**SS, Subarnapur**

# ହକି ଖେଳ ପ୍ରତି ଆଗ୍ରହ ବଢ଼ାଅ

ବାଲିକୁଦା,୨୯।୮(ସ୍ୱ.ପ୍ର.)

ବାଲିକୁଦାସ୍ଥିତ ବୋରିକିନା ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଜିଲାସ୍ତରୀଜାତୀୟ କ୍ରୀଡ଼ାଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ପାରୁଲ ପଟ୍ଟୱାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ହାଇସ୍କୁଲ ପରିସରରେ ନିର୍ମିତ ମୋ ସ୍କୁଲ ହକି କ୍ଲବର ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ । ହକି କିମ୍ବଦନ୍ତୀ ସ୍ୱର୍ଗତ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପିଲାମାନଙ୍କୁ ହକି ସରଞ୍ଜାମ ବଣ୍ଟନ କରାଯାଇଥିଲା। ହକି ଖେଳ ପ୍ରତି ଆଗ୍ରହ ସୃଷ୍ଟି କରିବା ସକାଶେ ସବୁ ପ୍ରକାର ତାଲିମ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଜିଲା କ୍ରୀଡ଼ା ଅଧିକାରିଣୀ ବିଶ୍ୱବିଜୟିନୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଅଂଶୁମାନ ଶତପଥୀ, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ଜିଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ, ବୋରିକିନା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କୁସୁମାଞ୍ଜଳି ଦାସ, ଆଇନଜୀବୀ ବୀରନାରାୟଣ ପାତ୍ର, ନେହେରୁ ଯୁବ କେନ୍ଦ୍ର ଜିଲା ସଂଯୋଜକ ନିଖିଲ କୋକୁଲ,



ଜିଲାସ୍ତରୀୟ ଜାତୀୟ କ୍ରୀଡା ଦିବସରେ ଜିଲାପାଳ ପାରୁଲ ପଟୱାରୀ ଓ ଅନ୍ୟମାନେ ।

## ଜିଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ

ପବିତ୍ର ମୋହନ ସୁବୁଦ୍ଧି, ହକି ସଙ୍ଗଠନ ସଦସ୍ୟା ସୁଷମା ପ୍ରଧାନ, ଖେଳ ଶିକ୍ଷକ ଅନ୍ନଦା ପ୍ରସାଦ ରାଉତ ପ୍ରମୁଖ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲାପାଳ ପଟ୍ଟୱାରୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବୋରିକିନା ସମିତିସଭ୍ୟ ସମରେନ୍ ରାୟ, ଯୁବ ସଙ୍ଗଠକ ସମୀର ପରିଡ଼ା, ସୁଶାନ୍ତନାୟକ, ବିଇଓ ବାଇଧର ତ୍ରିପାଠୀ, ଏବିଇଓ ଶରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଜୀବନଜୀବିକା, ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ

କେନ୍ଦ୍ରାପଡ଼ା ଅଫିସ, ୨୯।୮

ପ୍ରସ୍ତାବିତ ପେଟ୍ରୋ କେମିକାଲସ୍ ପ୍ଲାଣ୍ଟ ସ୍ଥାପନରେ ପରିବେଶ ପ୍ରଭାବ ସମ୍ପର୍କରେ ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବାୟାବାବା କଲେଜରେ ଜନଶୁଣାଣି ହେବ। ଜଗତ୍‌ସିଂହପୁର ଜିଲାର କେତେକ ଅଞ୍ଚଳ ସହ ମହାକାଳପଡ଼ାର ୫୨ ଗ୍ରାମ ଓ ମାର୍ଶାଘାଇର ୧୨ ଗ୍ରାମ ଏଥିପାଇଁ ଚିହ୍ନଟ ହୋଇଛି। ଶିଳ୍ପ ଓ ଘରୋଇ ନିର୍ଗତ ବ୍ୟର୍ଜବସ୍ତୁ, ଜଳ, ବାୟୁ ପ୍ରଦୂଷଣ ଆଦିର ପ୍ରଭାବ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଜୀବନଜୀବିକା ଓ ପରିବେଶ ସୁରକ୍ଷାକୁ ସୁନିଶ୍ଚିତ କରାଯାଉ ବୋଲି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନମୋହନ ଜେନା ସୋମବାର ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତ, କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପ ସ୍ୱପ୍ନକୁ ଚରିତାର୍ଥ ପାଇଁ ବହୁବାର ପ୍ରତିଶ୍ରୁତି ମିଳିଥିଲେ ମଧ ଗୋଟିଏ ହେଲେ କାର୍ଯ୍ୟକାରୀ ହୋଇନାହିଁ। ପ୍ରସ୍ତାବିତ ପ୍ଲାଣ୍ଟ ପଡ଼ୋଶୀ ଜଗତ୍‌ସିଂହପୁରରେ ସ୍ଥାପନ କରାଯାଇ ଏହି ଜିଲାରେ ଶିଳ୍ପାଞ୍ଚଳ ଘୋଷଣା କରିବା ଦ୍ୱାରା ଆମ ଶିଳ୍ପ ସ୍ୱପ୍ନ ଅଧୁରା ରହିବ। ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରସ୍ତୁତ ପରିବେଶ ପ୍ରଭାବ ସମ୍ପର୍କରେ ତଥ୍ୟ ସହ ପ୍ରତିଷ୍ଠିତ ଆଇଆଇଟି ଅନୁଷ୍ଠାନ ଦ୍ୱାରା ପୁନର୍ବାର ତନଖି କରାଯାଉ। ଏହି ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ୬୪ ଗ୍ରାମବାସୀଙ୍କ ଜୀବନ ଜୀବିକା ଉପରେ ପ୍ରତ୍ୟକ୍ଷ ଭାବେ ପ୍ରଭାବ ପଡ଼ିବ। ଜମି ଓ ଜୀବିକା ହରାଉଥିବା ଲୋକଙ୍କୁ ପ୍ରଥମ ଭାଗୀଦାର ଭାବେ ଡିପିଆର୍‌ରେ ସ୍ଥାନିତ କରାଯିବା ଦରକାର। ସେମାନଙ୍କ ଦକ୍ଷତା ଅନୁଯାୟୀ କର୍ମ ନିଯୁକ୍ତିକୁ ସୁନିଶ୍ଚିତ କରାଯିବା ସହ ଜିଲାରେ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ ପ୍ଲାଣ୍ଟ କର୍ତ୍ତୃପକ୍ଷ ଗୁରୁତ୍ୱ ଦିଅନ୍ତୁ। ଅନ୍ୟୂନ ୨୦୦ କୋଟି ଟଙ୍କା ସିଏସ୍‌ଆର ପାଣ୍ଠିରୁ ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ଓ କୃଷି କ୍ଷେତ୍ରରେ ବିନିଯୋଗ ହେଲେ ଅଞ୍ଚଳବାସୀ ଉପକୃତ ହେବେ। ଏସବୁ ପାଇଁ ପ୍ରତ୍ୟେକ ଗ୍ରାମରେ ଜନସଭା କରି ଆବଶ୍ୟକତା ଅନୁଯାୟୀ ଉନ୍ନୟନ ପ୍ରକଳ୍ପକୁ ପବ୍ଲିକ ଡୋମେନରେ ଛଡ଼ାଯାଉ। କ୍ଷତିଗ୍ରସ୍ତ ଚାଷୀ, ମତ୍ସ୍ୟଜୀବୀ ଓ ଗ୍ରାମ୍ୟ କାରିଗରଙ୍କୁ ଜୀବିକା ଭତ୍ତା, ସ୍ୱାସ୍ଥ୍ୟସେବା ପାଇଁ ସୁପର ସ୍ପେଶାଲିଟି ହସ୍ପିଟାଲ ଆଦିକୁ ସୁନିଶ୍ଚିତ କରାଯିବାକୁ ପ୍ରେସ୍ ରିଲିଜରେ ଦାବି କରାଯାଇଛି। ଏହାସହ ପ୍ଲାଣ୍ଟରୁ ପ୍ରତିଦିନ ୧୫୦୦ ଟନ ଶିଳ୍ପ ବର୍ଜ୍ୟବସ୍ତୁ ବାହାରିବ। ଏହାର ପ୍ରଭାବ ସହ ମଧୁରଜଳ ଦୈନିକ ୬୨୦ ମିଲିୟନ ଲିଟର ବ୍ୟବହାର ହେଉଥିବାରୁ ପରିବେଶ ପ୍ରଦୂଷିତ ହେବା ଆଶଙ୍କା ଦୃଢ଼ ହେଉଛି। ଜଳ ଓ ବାୟୁ ପ୍ରଦୂଷଣ ସମ୍ପର୍କରେ ବିସ୍ତୃତ ତଥ୍ୟ ତନଖି କରାଯାଉ ବୋଲି ଭାଜପା ନେତା ଜେନା ଏଥିରେ ଉଲ୍ଲେଖ କରିଛନ୍ତି।



ବାରୁଣା ଗାଁର ଗୋଲେଖ ପ୍ରଧାନ ଭାଙ୍ଗିଯାଇଥିବା ଘରକୁ ପଲିଥିନ ପକାଇ ରଖିଛନ୍ତି।

# ଭଙ୍ଗାଘରେ ବିତୁଛି ଜୀବନ, ବର୍ଷେ ହେଲା ମିଳୁନି ରାଶନ

ରାଜନଗର,୨୯।୮(ଡି.ଏନ.ଏ.)

କେହି ଯେପରି ଉପାସରେ ନ ରହିବେ ସେଥିପାଇଁ ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ସରକାର ଗରିବ ଲୋକମାନଙ୍କୁ ପ୍ରତିମାସରେ ଚାଉଳ, ଗହମ ଯୋଗାଇ ଦେଉଛନ୍ତି। କିନ୍ତୁ ଭଙ୍ଗା ଚାଳଘର ଉପରେ ପାଲ ଟାଣି ରହୁଥିବା ଗରିବ ପରିବାର ବର୍ଷେ ହେଲା ରାଶନ ସାମଗ୍ରୀରୁ ବଞ୍ଚିତ ହୋଇଛନ୍ତି। ସେ ହେଲେ ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ ବାରୁଣା ଗାଁର ଗୋଲେଖ ପ୍ରଧାନ। ଗୋଲେଖଙ୍କର ଜମିବାଡ଼ି ନ ଥିବାବେଳେ ଭାଗଚାଷ କରି ଓ ମୂଲମଜୁରି ଲାଗି ପରିବାର ଚଳାନ୍ତି। ତାଙ୍କର ରହିବାକୁ ଘରଟିଏ ନାହିଁ। ତାଙ୍କ ଚାଳ ଛପର ଘର ଦୀର୍ଘ ୨ ବର୍ଷ ହେଲା ଭାଙ୍ଗିଗଲାଣି। ଘର କାନ୍ଥରୁ ମାଟି ଖସି ପଡ଼ିଥିବା ବେଳେ ଉପରେ ପାଲଟାଣି ରହୁଛନ୍ତି। ଗୋଲେଖଙ୍କ ସ୍ତ୍ରୀ ଜୟନ୍ତୀଙ୍କ ନାଁରେ ରାଶନ କାର୍ଡ ନଂ. ୧୭୦୯୦୯୧୨୭୦୪ରେ ଥିଲା। ଏଥିରେ ସ୍ୱାମୀସ୍ତ୍ରୀ, ୨ ଝିଅ ଓ ପୁଅବୋହୂଙ୍କ ନାଁ ଥିଲା। ତାଙ୍କ ଅଭିଯୋଗ ମୁତାବକ, ସେ ୨୦୨୧ ଅଗଷ୍ଟଠାରୁ କୌଣସି ରାଶନ ସାମଗ୍ରୀ ପାଉନାହାନ୍ତି। ସେ ଗରିବ ଲୋକ ହୋଇଥିବାରୁ ଯେଉଁଦିନ ଖଟୁଛନ୍ତି ଘରେ ଚୁଲି ଜଳୁଛି ନ ହେଲେ ପରିବାର ଉପବାସରେ ଦିନ କାଟୁଛନ୍ତି। ତାଙ୍କ ପୁଅ, ବୋହୂ ଭିନ୍ନେ ହୋଇଯାଇ ଅଲଗା ରାଶନ କାର୍ଡ କରି ନେଇଛନ୍ତି। ପୁଅବୋହୂ ଅଲଗା କାର୍ଡ କରିଥିବାରୁ ତାଙ୍କୁ ଡିଲେରର କୌଣସି ସାମଗ୍ରୀ ଦେଉନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ସ୍ୱାମୀ ସ୍ତ୍ରୀ ରାଶନ ସାମଗ୍ରୀ ପାଇଁ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ କେହି ଦୁଃଖ ବୁଝୁ ନ ଥିବା ଗୋଲେଖ ଅଭିଯୋଗ କରିଛନ୍ତି।

CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

Best Nutraceuticals And Ayurvedic Product Company In India Atulya Medilink Pvt. Ltd. Invites You For

PCD, Franchisee And Third-party manufacturing Business Opportunity Monopoly Based Right best Quality Production Time Delivery All Over India

Call us: +919211724091 (Domestic), +91885180014 (For Export Enquiry)
Corporate Address: 604, 6th Floor Ring Road Mall, Rohini Sector-3, Delhi-110085
Email: info.atulyamedilink@gmail.com
Website: www.atulyamedilinkpvtltd.com

ଟିସିଏଫ୍ ଭାରତର ଏକ ମାତ୍ର ପଞ୍ଜୀକୃତ କମ୍ପାନୀ ଦ୍ୱାରା ଋଣ
2% ସୁଧ
45% ଛାଡ଼
ମାର୍କଶିଟ୍, ପ୍ରପର୍ଟି, ବି.ପି.ଏଲ୍. ଓ ସମସ୍ତ ଋଣ 5 ଘଣ୍ଟାରେ ଘରେ ବସି ପାଆନ୍ତୁ
08779988242

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଥାନା ସମ୍ମୁଖରେ ଧାରଣା

ରଘୁନାଥପୁର, ୨୯।୮(ଡି.ଏନ୍.ଏ.)

- ପ୍ରେମରେ ଫସାଇ ବଳାତ୍କାର କରିଥିଲେ
- ପରେ ଔଷଧ ଦେଇ ଗର୍ଭ ନଷ୍ଟ କରିଥିଲେ

ରଘୁନାଥପୁର ଥାନା ଅଞ୍ଚଳର ବଳାତ୍କାରର ଶିକାର ହୋଇଥିବା ଯୁବତୀଙ୍କୁ ନ୍ୟାୟ ଦେବାକୁ ଦାବି କରି ସୋମବାର ଓଡ଼ିଶା ମହିଳା ମହମଞ୍ଚ ପକ୍ଷରୁ ଧାରଣା ଦିଆଯାଇଥିଲା। ଥାନା ସମ୍ମୁଖରେ ଧାରଣା ଦେବାର ଦୁଇ ଘଣ୍ଟା ପରେ ଆଇଆଇସି ରାଜକିଶୋର ବେହେରା ସେଠାରେ ପହଞ୍ଚି ଅଭିଯୋଗ ଶୁଣିଥିଲେ। ସେ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବାରୁ କିଛିଦିନ ସମୟ ଦେଲେ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ଜଗନ୍ନାଥପୁର(ଖରୀପଡିଆ)ଗ୍ରାମର ପ୍ରଭାସ ଚନ୍ଦ୍ର ସ୍ୱାଇଁ ସମ୍ପୃକ୍ତା ଯୁବତୀଙ୍କୁ ଭଲପାଉଥିଲେ। ଥରେ ଏକୁଟିଆର ସୁଯୋଗ ନେଇ ପ୍ରଭାସ ତାଙ୍କୁ ବଳାତ୍କାର କରିବା ସହ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ବାରମ୍ବାର ଶାରୀରିକ ସମ୍ପର୍କ ରଖିବାରୁ ପୀଡ଼ିତା ଗର୍ଭବତୀ ହୋଇଥିଲେ। ଏହାପରେ ପ୍ରଭାସ ଜଣେ ମହିଳାଙ୍କ ସହଯୋଗରେ ପୀଡ଼ିତାଙ୍କୁ ଔଷଧ ଦେଇ ତାଙ୍କ ଗର୍ଭ ନଷ୍ଟ କରି ଦେଇଥିଲେ। ଏଥିସହ ବିବାହ କରିବାକୁ ମନା କରି ଆଉ ଧରାଛୁଆଁ ଦେଉ ନ ଥିଲେ। ବାଧ ହୋଇ ପୀଡ଼ିତା ଥାନାର ଦ୍ୱାରସ୍ଥ ହୋଇ ଦୁଇଥର ଫେରିବା ପରେ ତୃତୀୟ ଥର ପୋଲିସ ଅଭିଯୋଗ ରଖିଥିଲା। ମାତ୍ର ଗ୍ରାମରେ ଘଟଣାର ଆପୋସ ସମାଧାନ କରିବାକୁ ପୋଲିସ ତାଙ୍କୁ ବାଧ କରିଥିଲା। ଗତ ଜୁଲାଇ ୧୦ରେ ପଞ୍ଚାୟତରେ ସରପଞ୍ଚଙ୍କ ଉପସ୍ଥିତିରେ ପ୍ରଭାସ ଓ ପୀଡ଼ିତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ମାତ୍ର ଏହାର କୌଣସି ସମାଧାନ ନ ହେବାରୁ ଦିନକ ପରେ ପୁନର୍ବାର ପୀଡ଼ିତା ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ମାମଲା (ନଂ. ୧୨୩/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଥାନାକୁ ଡାକି ଛାଡ଼ିଦେଇଥିଲା। ଫଳରେ ପୀଡ଼ିତା ନ୍ୟାୟ ପାଇଁ ଥାନା ସମ୍ମୁଖରେ ଧାରଣା ଦେବାକୁ ଜିଲା ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଥିଲେ।




ରଘୁନାଥପୁର ଥାନା ସମ୍ମୁଖରେ ପୀଡିତାଙ୍କୁ ନ୍ୟାୟ ଦାବିରେ ଓଡ଼ିଶା ମହିଳା ସୁରକ୍ଷା ମହାମଞ୍ଚ ସମର୍ଥନରେ ଧାରଣା ଦିଆଯାଇଛି।

# ଜଳିଗଲା ବିସ୍କୁଟ୍ ବୋଝେଇ ଟ୍ରକ୍

ବାହାନଗା,୨୯।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା-ଗୋପାଳପୁର ମୁଖ୍ୟ ରାସ୍ତାର ଷଠୀଠାରେ ରବିବାର ବିଳମ୍ବିତ ରାତିରେ ଏକ ବିସ୍କୁଟ ବୋଝେଇ ଟ୍ରକ୍ ନିଆଁ ଲାଗି ଜଳିଯାଇଛି। କୋଲକାତାରୁ ବିସ୍କୁଟ୍ ନେଇ କନ୍ଧମାଳ ଜିଲା ଟିକାବାଲି ଅଞ୍ଚଳକୁ ଟ୍ରକ୍‌ଟି ଯିବାର ଥିଲା। ରାତି ୧ଟାରେ ଟ୍ରକ୍ ନେଇ ଚାଳକ ଟିକାବାଲି ଯାଉଥିବା ବେଳେ ରାସ୍ତାରେ ଇଞ୍ଜିନ୍‌ରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା।

# ୧୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ ୪ ଅଭିଯୁକ୍ତ ଗିରଫ



ରୂପ୍‌ସା/ବସ୍ତା/ ଜଳେଶ୍ୱର,୨୯।୮(ଡି.ଏନ.ଏ.)

ଅବକାରୀ ଗୁଇନ୍ଦା ବିଭାଗ ପୋଲିସକୁ ମିଳିଛି ବଡ଼ ସଫଳତା। ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ବସ୍ତା ବାଇପାସ୍ ଓ ରାଜଘାଟ ନିକଟରେ ସୋମବାର କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ଜଳେଶ୍ୱର ଓ ବସ୍ତା ଅବକାରୀ ଥାନା ପୋଲିସଙ୍କ ସହାୟତାରେ ମିଳିତ ଭାବେ ଚଢ଼ାଉ କରି ଦୁଇଟି କାର ସହିତ ୨ କୁଇଣ୍ଟାଲ୍ ଗଞ୍ଜେଇ ଜବତ କରିଛନ୍ତି। ଏଥି ସହ ୪ ଅଭିଯୁକ୍ତଙ୍କୁ ବିଭାଗ ତରଫରୁ ଗିରଫ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଗିରଫ ଅଭିଯୁକ୍ତ ହେଲେ ଡ୍ରାଇଭର ଜଳେଶ୍ୱର ଥାନା ସୁଗୋ ଅଞ୍ଚଳର ସଞ୍ଜୀବ କୁମାର ପାତ୍ର, ବୁଦ୍ଧେଶ୍ୱର ଜେନା, ଡ୍ରାଇଭର ସୋର ଥାନା ଅଞ୍ଚଳର ଉତ୍ତମ ମଲ୍ଲିକ ଓ କେନ୍ଦୁଝର ଆନନ୍ଦପୁର ଅଞ୍ଚଳର ଧନୁ ପ୍ରଧାନ। ଜବତ ଗଞ୍ଜେଇର ପରିମାଣ ଦୁଇ କୁଇଣ୍ଟାଲରୁ ଅଧିକ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ୨ଟି କାର୍ ଯୋଗେ ଉକ୍ତ ଗଞ୍ଜେଇ ଗଜପତିରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିବା ବେଳେ ଗୁଇନ୍ଦା ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ୱଭୁବନା ନନ୍ଦ ମହାନ୍ତି
କୁଣିକୋଣା, ନିମାପଡ଼ା
ଆବିର୍ଭାବ: ୨୫।୦୧।୧୯୨୩
ତିରୋଧାନ: ୨୦।୦୮।୨୦୨୨
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପରୋପକାରିତା, ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ଚିରସ୍ମରଣୀୟ। ଆପଣଙ୍କର ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସର୍ବଦା ରହିଥାଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ରମେଶ, ଉମେଶ, ସୁରେଶ, ଦେବେଶ୍, କ୍ଷିତୀଶ୍, ଜିତିଶ୍, ସ୍ନେହଲତା, ବନ୍ଧୁ ଓ ପରିବାରବର୍ଗ
ଧ-୧୩୭୪

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ୱଅଭିରାମ ମହାରଣା (ଅଭ)
କଟକ ସଦର, ଗୋପାଳପୁର, ବାଲିକୁଦା
ଆବିର୍ଭାବ-୧୨।୦୪।୧୯୬୨
ତିରୋଧାନ- ୨୦।୦୮।୨୦୨୨
ଆମ୍ଭେ ଭାବି ନଥିଲୁ ଯେ ତୁମେ ହଠାତ୍ ଏପରି ଆମକୁ ଶୋକ ସାଗରରେ ଭସାଇ ଦେଇ ଏକା କରି ଛାଡ଼ି ଚାଲିଯିବ । ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଅଭୁଲା ସ୍ମୃତି ହୋଇ ରହିବ । ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଅମର ଆତ୍ମାର ସଦ୍‌ଗତି କରନ୍ତୁ।
-ଶୋକସନ୍ତପ୍ତ-
ପ୍ରେମଲତା, ପାର୍ଥସାରଥି, ଚିକି, ଅଜିତ୍, ସନାତନ, ଝିଲି, ମିକି, ଲାଡୁ, ଆରତୀ, ମିନି, ଅନୁ, ବନି, ନକୁଳ, ବବୁଲି, ଅମୁଲି, ପ୍ରଶାନ୍ତ, ପୂର୍ଣ୍ଣଚନ୍ଦ୍ର ।
ଧ-୧୩୮୨

ଶ୍ରଦ୍ଧାଞ୍ଜଳି



ୱ ଦୁର୍ଗା ପ୍ରସାଦ ବହିଦାର୍
(ଅବସରପ୍ରାପ୍ତ ପୋଲିସ୍ ଅଫିସର୍)
ଝାଡୁଆପଡ଼ା, ସମ୍ବଲପୁର
୧୯୧୦ - ୧୯୯୭
ବାଲିତୃତୀୟା
ଆଜି, ପଞ୍ଚବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୭୩୮୬୬

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ଦେବସ୍ମିତା କର
ସଦାଶିବପୁର, କୁଞ୍ଜକାନ୍ତ, ଢେଙ୍କାନାଳ
ଆବିର୍ଭାବ: ୦୮।୦୫।୧୯୯୨
ତିରୋଧାନ: ୨୦।୦୮।୨୦୨୨
ଅସମୟରେ ଚାଲିଯିବା ଆମ ସମସ୍ତଙ୍କୁ କଷ୍ଟ ଦେଇଛି। ତୁମର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ବାପା: ଦେବୀ ପ୍ରସାଦ କର, ମା: ବିଷ୍ଣୁପ୍ରିୟା କର, ଜେଜେବାପା: ସ୍ୱର୍ଗତ ବିଦ୍ୟାଧର କର, ଜେଜେମା: ସ୍ୱର୍ଗତା କୌଶଲ୍ୟା ଦେବୀ, ଅଜା, ମାମୁ, ମାଇଁ, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୭୪୦୦୯

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ୱସନ୍ଦିପ ମହାନ୍ତି (ଟୁନଟୁନ)
(ଭୁବନେଶ୍ୱର)
ଆବିର୍ଭାବ : ୨୭/୧୧/୧୯୮୫ | ତିରୋଧାନ : ୩୦/୦୮/୨୦୦୭
ଚାହୁଁ ଚାହୁଁ ୧୫ବର୍ଷ ବିତିଗଲା । ଏବେବି ବିଶ୍ୱାସ ହେଉନାହିଁ ଯେ ତୁ କଲେଜ ଯାଇ ଆଉ ଘରକୁ ଫେରିଲୁ ନାହିଁ। ଆମ ସମସ୍ତଙ୍କୁ ଛାଡି ସବୁଦିନ ପାଇଁ ଚାଲିଗଲୁ। ପ୍ରତି ମୁହୂର୍ତ୍ତରେ ତୋର ଅନୁପସ୍ଥିତ ଅନୁଭବ କରୁଛୁ। ତୋର ଶୂନ୍ୟସ୍ଥାନକେବେ ମଧ ପୂରଣ ହେବନାହିଁ। ଆମ ସମସ୍ତଙ୍କ ପାଇଁ ଅଭୁଲା ସ୍ମୃତି ହୋଇରହିବୁ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ :- ବାବା, ମା, ବଡ଼ବାପା, ବଡ଼ବୋଉ, ଦାଦୁଲ, ଖୁଡି, ଦେଇ, ଭାଇ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୩୮୬୭

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ୱଡଃ ନିରୂପମା ପଟ୍ଟନାୟକ
ସ୍ୱାମୀ: ୱଲକ୍ଷ୍ମୀନାରାୟଣ ପଟ୍ଟନାୟକ
ପୂର୍ବତନ ରାଜ୍ୟ ସୂଚନା କମିଶନର
ପୋଖରୀପୁଟ, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ: ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ ।
ଧ-୭୩୭୧୭

# ଚଢ଼ା ଦରରେ ସାର ବିକ୍ରି: ଚିନ୍ତାରେ ଚାଷୀ

ମହାକାଳପଡ଼ା, ୨୯।୮(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକରେ ମୋଟ ଚାଷ ଜମି ୨୮,୫୦୦ ହେକ୍ଟରରୁ ଅଧିକ। ସେଥିମଧ୍ୟରୁ ୨୪ ହଜାର ହେକ୍ଟରରୁ ଅଧିକ ଜମିରେ ଖରିଫ ଧାନ ଫସଲ ହେଉଛି। ଏହି ଅଞ୍ଚଳରେ ୭ ହଜାରରୁ ଅଧିକ ଜଳସେଚନ ଜମି ରହିଛି। ଭାଦ୍ରବ ମାସ ଅଧା ହେଲାଣି ଚାଷ ଜମିରେ ଅଧିକାଂଶ ସ୍ଥାନରେ ବନ୍ୟାଜଳ ପ୍ରବେଶ ଯୋଗୁ ଖରିଫ୍ ଫସଲ ଉତ୍ପାଦନ ହ୍ରାସ ପାଇବା ଆଶଙ୍କା ଦେଖାଦେଇଛି। ଜମିରେ ଭଲ ଅମଳ ପାଇଁ ସାର ଦରକାର ପଡୁଛି। କିନ୍ତୁ ଆବଶ୍ୟକ ପରିମାଣରେ ସାର ମିଳୁ ନ ଥିବାରୁ ଚାଷୀମାନେ ଚଢ଼ା ଦରର ଖୁଚୁରା ବ୍ୟବସାୟୀଙ୍କଠାରୁ କିଣିବାକୁ ବାଧ ହେଉଛନ୍ତି। ବ୍ଲକରେ ସରକାରୀ ଭାବେ ୨୪ଟି ସମବାୟ ସମିତିରୁ କେତେକ ସମିତି ପକ୍ଷରୁ କୃଷକମାନଙ୍କୁ ରିହାତି ଦରରେ ସାର ବିକ୍ରି କରାଯାଉଛି। ଶତାଧିକ ଚାଷୀ ସରକାରୀ ଦରରେ ସାର କିଣିବାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷରେ ବ୍ଲକରେ ୩୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କୁ ସରକାରୀ ଭାବେ ଲାଇସେନ୍ସ ପାଇ ସାର ବିକ୍ରି କରିବାକୁ ଅନୁମତି ମିଳିଛି। କିନ୍ତୁ ସାର ଯୋଗାଣରେ ବ୍ୟାଘାତ ସୃଷ୍ଟି ହେଉଛି। ଚାଷୀଙ୍କ ଆବଶ୍ୟକ ଅନୁସାରେ ସାର ମିଳୁନାହିଁ ବୋଲି ଅଭିଯୋଗ ହେଉଛି।

ମହାକାଳପଡ଼ା ବ୍ଲକ ଚାଷୀଙ୍କୁ ସାର ମିଳୁନାହିଁ।

## ମହାକାଳପଡ଼ା ବ୍ଲକରେ ଖୁଚୁରା ବ୍ୟବସାୟୀ ଲାଭବାନ

ଫଳରେ ଅଞ୍ଚଳର ଚାଷୀମାନେ ବାଧ ହୋଇ ଚଢ଼ା ଦରରେ ସାର କମ୍ପାନୀ ସର୍ବାଧିକ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦରରେ କିଣୁଛନ୍ତି। ୟୁରିଆ, ଗ୍ରୋମୋର, ଡିଏପି ଓ ଅନ୍ୟ ସାର ବସ୍ତା ପ୍ରତି ୨ରୁ ୩ ଶହ ଟଙ୍କା ଅଧିକରେ ବିକ୍ରି ହେଉଥିବା ସ୍ଥାନୀୟ ଅଞ୍ଚଳର ଚାଷୀ ବାବାଜୀ ବେହେରା, ସଦାଶିବ ରାଉତ, ହରି ଗୋଛାୟତ, କୈଳାସ ରାଉତ, ବାବାଜୀ ଜେନା, ଅଭୟ ନାୟକଙ୍କ ସମେତ ପ୍ରାକ୍ତନ ସରପଞ୍ଚ ନାଥ କୁମାର ଭୋଳ ଅଭିଯୋଗ କରିଛନ୍ତି। ବ୍ଲକ ବିଭିନ୍ନ ସ୍ଥାନର ଖୁଚୁରା ବ୍ୟବସାୟୀମାନେ ଚଢ଼ା ଦରରେ ଚାଷୀମାନଙ୍କୁ ସାର ବିକ୍ରି କରୁଛନ୍ତି। ସେମାନଙ୍କୁ ପଚାରିଲେ ଉପରୁ ସାରା ଯୋଗାଣ କମ୍ ଆସୁଛି। ଆମେ ବାଧହୋଇ ଚଢ଼ା ଦରରେ ସାର ବିକ୍ରି କରିବାକୁ ପଡୁଛି ବୋଲି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଏ ସମ୍ପର୍କରେ ମାର୍ଶାଘାଇସ୍ଥିତ ଜିଲା କୃଷି ଅଧିକାରୀ ସଞ୍ଜୀବ କୁମାର ମୁଦୁଲିଙ୍କୁ ପଚାରିବାରେ କଳାବଜାରକାରୀ ସାର ବ୍ୟବସାୟୀଙ୍କ ଉପରେ ବିଭାଗ ସତର୍କ ଦୃଷ୍ଟି ରଖିଛି। ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଚଢାଉ କରାଯିବ। ଖୁବ୍‌ଶୀଘ୍ର ଚାଷୀଙ୍କ ସମସ୍ୟା ଦୂର ହେବ ବୋଲି ସେ କହିଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩୦ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ଏନ୍‌ସିସି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ବ୍ରହ୍ମପୁର ଅଫିସ,୨୯।୮-ପ୍ରଥମ ଓଡିଶା କମ୍ପୋଜିଟ ଟେକନିକାଲ କମ୍ପାନୀ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ୟୁନିଟ ପକ୍ଷରୁ ଆଙ୍କୁଶପୁର ସ୍ଥିତ ଏସ୍‌ଏମ୍‌ଆଇଟିଠାରେ ଅନୁଷ୍ଠିତ ବାର୍ଷିକ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୨୩ ବିଦ୍ୟାଳୟ ଓ ମହାବିଦ୍ୟାଳୟର ୪୧୮ ଏନ୍‌ସିସି କ୍ୟାଡେଟ ଅଂଶଗ୍ରହଣ କରିଥିଲେ। ଶିବିରରେ ନେତୃତ୍ୱ ନେବାର ଦକ୍ଷତା, ମିଲିଟାରୀ ଟ୍ରେନିଂ, ବନ୍ଧୁକ ଚାଳନା, ସାମାଜିକ ସେବା, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ସମ୍ପର୍କରେ ତାଲିମ ଦିଆଯାଇଥିଲା। ବ୍ରହ୍ମପୁର ଅଗ୍ନିଶମ ବିଭାଗ ପକ୍ଷରୁ ଫାୟାର ଫାଇଟିଂର କୌଶଳ ପ୍ରଦର୍ଶନ କରିବା ସହ ବିଷମ ପରିସ୍ଥିତିରେ ନିଜକୁ ଓ ଅନ୍ୟମାନଙ୍କୁ ସାହାଯ୍ୟ କରିବା କୌଶଳ ଶିକ୍ଷା ଦିଆଯାଇଥିଲା। ଏଥିସହ ଶିବିରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ଓଡିଶା ଏନ୍‌ସିସି ୟୁନିଟ କମାଣ୍ଡିଂ ଅଧିକାରୀ ଲ୍ୟୁଟେନାଣ୍ଟ୍ କର୍ଣ୍ଣଲ ଏ.ପାଣ୍ଡେଙ୍କର ଅଧ୍ୟକ୍ଷତାରେ ଶିବିର ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ୟୁସିପି ଇଞ୍ଜିନିୟରିଂ ସ୍କୁଲର ଲ୍ୟୁଟେନାଣ୍ଟ୍ ଯଯାତି କେଶରୀ ମହାନ୍ତି, ସିଟି ହାଇସ୍କୁଲ ଏନ୍‌ସିସି ମୁଖ୍ୟ ଅଧିକାରୀ ଗୋପାଳ କୃଷ୍ଣ ମିଶ୍ର, ଚିଫ ଅଫିସର କୈଳାସ ସାହୁ, ସେକେଣ୍ଡ ଅଫିସର ଏମ୍.ଗୌରାଙ୍ଗ, ଜଗନ୍ନାଥ ପ୍ରସାଦ ଓ ଭାରତ ବିଶୋୟୀ ପ୍ରମୁଖ ଶିବିରରେ ତାଲିମ ପ୍ରଦାନ କରିଥିଲେ।

### ଶର୍ଟ ସର୍କିଟରୁ ଜଳିଗଲା ଦୋକାନ, ଦମ୍ପତି ଗୁରୁତର

ଖଲ୍ଲିକୋଟ,୨୯।୮(ଡି.ଏନ୍.ଏ.): ଖଲ୍ଲିକୋଟ ଏନ୍‌ଏସି ଅନ୍ତର୍ଗତ ତୋଟାଗାଁରେ ଶର୍ଟ ସର୍କିଟରୁ ନିଆଁ ଲାଗି ଦୋକାନ ସହ ତିନି ବଖରା ଘର ଜଳିଯାଇଛି। ତୋଟାଗାଁର ସଞ୍ଜୟ ବାରିକ ନିଜ ଘରେ ବିସ୍କୁଟ, ମିକ୍ସଚର, ଥଣ୍ଡା ପାନୀୟ ସହ ପେଟ୍ରୋଲ ବିକ୍ରି କରୁଥିଲେ। ଦୋକାନରେ ଶର୍ଟ ସର୍କିଟ ହୋଇ ନିଆଁ ଲାଗି ସଙ୍ଗେ ସଙ୍ଗେ ଚାରିଆଡେ ବ୍ୟାପି ଯାଇଥିଲା। ଖଲ୍ଲିକୋଟ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁରେ ପୋଡି ହୋଇ ସ୍ୱାମୀ, ସ୍ତ୍ରୀ ଦୁହେଁ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ବ୍ରହ୍ମପୁର ଏମକେସିଜିକୁ ସ୍ଥାନାନ୍ତର କରାଯାଇଛି। ଖଲ୍ଲିକୋଟ ଏନଏସି ଅଧକ୍ଷ ନିରଞ୍ଜନ ବେହେରା ପହଞ୍ଚି ଅଗ୍ନିବିପନ୍ନଙ୍କୁ ଏନଏସି ତରଫରୁ ଯଥା ସମ୍ଭବ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅଗ୍ନିକାଣ୍ଡରେ ସଞ୍ଜୟଙ୍କ ଦୋକାନ ଓ ଘର ସହ ପାଖରେ ଥିବା ଅନ୍ୟ ୪ଟି ଦୋକାନ କ୍ଷତିଗ୍ରସ୍ତ ହୋଇଛି।

### ଘୁମୁସର ଲେଖିକା ସଂସଦର କବିତା ଆସର



ଭଞ୍ଜନଗର,୨୯।୮(ଡି.ଏନ.ଏ)-ଭଞ୍ଜନଗର ନିକଟସ୍ଥ କୁଲାଡ଼ରେ ଘୁମୁସର ଲେଖିକା ସଂସଦର ବର୍ଷା କବିତା ଆସର ସହ ଚାରାରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ରୀତାରାଣୀ ମହାପାତ୍ର ଅଧକ୍ଷତା କରିଥିଲେ। ସମ୍ପାଦିକା ଡ.ନଳିନୀ ପ୍ରଭା ଦାସ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସହ ସମ୍ପାଦିକା ପ୍ରଭାତି ମଞ୍ଜରୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଂସ୍କୃତିକ ସମ୍ପାଦିକା ସୁଜାତା ସିଙ୍ଗ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। କୁଲାଡ଼ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଉତ୍ତମ କୁମାର ମହାରଣା, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ମୋନାଲିସା ମିଶ୍ର, ଝୁନୁଲତା ସ୍ୱାଇଁ, ରୁନୁବାଳା ଦାଶ, ଗୋଲାପ ମଲିକ, ଶୁଭସ୍ମିତା ଦାଶ, ଉଷ୍ମିତା ମଞ୍ଜରୀ ମିଶ୍ର, ଗୀତାଶ୍ରୀ ସାମନ୍ତ, ନମିତା ସିଂ ପାତ୍ର, ମନୁଜା ରାଣୀ ଦାସ, ଗିରିଜା ନନ୍ଦିନୀ ଦାସ, ଦୀପ୍ତାଂଶୁ ପ୍ରଭା ଦେବୀ,ଏ.ବିଷ୍ଣୁ ପ୍ରିୟା ସେନାପତି, ଭି.ମଞ୍ଜୁଳା ପାତ୍ର, ସଙ୍ଗୀତା ପଣ୍ଡା, ଡଃ ଗାୟତ୍ରୀ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ମୋନାଲିସା ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ତଦନ୍ତ ରିପୋର୍ଟ ଦେବାକୁ ଏସ୍‌ପିଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୨୯।୮

### ଶିଶୁ ପୁତ୍ରକୁ ନ୍ୟାୟ ଦାବିରେ ମହିଳାଙ୍କ ଧାରଣା

ଶିଶୁପୁତ୍ରକୁ ନ୍ୟାୟ ଦାବିରେ ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଦେଶୀବେହେରା ସାହି ସ୍ଥିତ ପ୍ରେମିକ କେ.ଦିନେଶଙ୍କ ଘର ସମ୍ମୁଖରେ ଜଣେ ମହିଳା ଧାରଣା ଜାରି ରଖିଛନ୍ତି। ଏହାକୁ ନେଇ ଜଗତସିଂହପୁର ଜିଲା ଭାରତୀୟ ବିକାଶ ପରିଷଦ ସଭାପତି ସୁବ୍ରତ କୁମାର ଦାଶ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ଗତ ୯ ତାରିଖରେ ଏକ ପିଟିଶନ ଦାଖଲ କରିଥିଲେ। ଏହାର ଶୁଣାଣି କରି ଏନ୍‌ଏଚ୍‌ଆରସି ୮ ସପ୍ତାହ ମଧ୍ୟରେ ଘଟଣାର ତଦନ୍ତ ରିପୋର୍ଟ ଦାଖଲ କରିବାକୁ ବ୍ରହ୍ମପୁର ଏସ୍‌ପିଙ୍କୁ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ପ୍ରାୟ ୨ ବର୍ଷ ତଳେ କେ.ଦିନେଶଙ୍କ ସହ ଉକ୍ତ ମହିଳାର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କିନ୍ତୁ ବିବାହ ପ୍ରଲୋଭନ ଦେଖାଇ ଦିନେଶ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ସେ ଗର୍ଭବତୀ ହେବା ଜାଣିବା ପରେ ବିବାହ କରିବାକୁ ଦିନେଶ ରାଜି ହୋଇନଥିଲେ। ଏନେଇ ସେ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ତାଙ୍କୁ ଟାଉନ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲା କୋର୍ଟରେ ବିଚାରାଧୀନ ଥିବା ବେଳେ ଦିନେଶ ସର୍ତ୍ତମୂଳକ ଜାମିନରେ ମୁକୁଳିଛନ୍ତି। ଏହାମଧ୍ୟରେ ଉକ୍ତ ମହିଳାଙ୍କର ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ତା'ର ଡିଏନ୍‌ଏ ପରୀକ୍ଷା ମଧ୍ୟ କରାଯାଇଥିବା ସୂଚନା ମିଳିଛି। ତେବେ ଦିନେଶ ଅନ୍ୟ ଜଣଙ୍କୁ ବିବାହ କରିବାକୁ ଯାଉଥିବା ଖବର ପାଇ ମହିଳା ଗତ ୨ ତାରିଖରେ ଦିନେଶଙ୍କ ଘରେ ପହଞ୍ଚି ଥିଲେ। ନିଜର ଶିଶୁପୁତ୍ରକୁ ନ୍ୟାୟ ପାଇଁ ସେ ଦାବି କରିଥିଲେ। କିନ୍ତୁ ଦିନେଶଙ୍କ ପରିବାର ଲୋକେ ତାଙ୍କୁ ଘରୁ ବାହାର କରି ଦେଇଥିଲେ। ତେଣୁ ସେ ନ୍ୟାୟ ଦାବିରେ ତାଙ୍କ ଘର ସମ୍ମୁଖରେ ସେବେଠାରୁ ଧାରଣାରେ ବସିଛନ୍ତି।

# କୁକୁଡ଼ାଖଣ୍ଡି ବିଡିଓଙ୍କୁ ଦାବିପତ୍ର




ବ୍ରଜନଗର ଉନ୍ନୟନ ପରିଷଦ ପକ୍ଷରୁ ବିଡିଓଙ୍କୁ ଦାବି ପତ୍ର।

ବ୍ରହ୍ମପୁର ଅଫିସ,୨୯।୮

ବ୍ରଜନଗରରେ ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ସୋମବାର ବ୍ରଜନଗର ଉନ୍ନୟନ ପରିଷଦର ଏକ ପ୍ରତିନିଧି ମଣ୍ଡଳୀ କୁକୁଡାଖଣ୍ଡି ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ରଜନଗରରେ ଦୀର୍ଘଦିନ ଧରି ରାସ୍ତା ସମସ୍ୟା ସାଙ୍ଗକୁ ପରିମଳ, ଡ୍ରେନେଜ, ଷ୍ଟ୍ରିଟ୍ ଲାଇଟ, କଲ୍ୟାଣ ମଣ୍ଡପ ନିମନ୍ତେ ଉଦ୍ଦିଷ୍ଟ ଅର୍ଥ ବ୍ୟବହାର ନିମନ୍ତେ ବିଡିଓଙ୍କ ସହ ଆଲୋଚନା କରିଥିଲେ। ବ୍ରଜନଗର ସମସ୍ତ ସାହିରେ ରାସ୍ତାର ପୁନଃ ନିର୍ମାଣ, ଷ୍ଟ୍ରିଟ୍ ଲାଇଟ, ବ୍ରଜନଗର ସମ୍ପ୍ରସାରିତ ୨ୟ ଗଳିରେ ନିର୍ମାଣାଧୀନ ଅସଂପୂର୍ଣ୍ଣ ଡ୍ରେନ କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ ଦାବି ହୋଇଥିଲା। ଦାବିପତ୍ର ପ୍ରଦାନ ସମୟରେ ସହରତଳି ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ସମେତ ସାଂଗଠନିକ ସମ୍ପାଦକ ଶ୍ରୀକାନ୍ତ ପଢିହାରୀ, ଯୁଗ୍ମ ସମ୍ପାଦକ ଟି.ସୁଦେଶ କୁମାର ପାତ୍ର, ସହ ସମ୍ପାଦକ ବି.ଭି.ସାଗର, ସଂଯୋଜକ ସି.ଏଚ୍.ରାମକୃଷ୍ଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇନସେବା ପ୍ରାଧିକରଣର ଜିଲାସ୍ତରୀୟ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର ।

ବ୍ରହ୍ମପୁର ଅଫିସ,୨୯।୮

ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲାସ୍ତରୀୟ ବ୍ୟଙ୍ଗ ନାଟକ, ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତା ଜିଲା ଜଜ୍ କୋର୍ଟ ପରିସରରେ ରବିବାର ଅନୁଷ୍ଠିତ ହୋଇଥିଲା।

ଜିଲର ଦୌରା ଜଜ୍ ତଥା ପ୍ରାଧିକରଣ ଅଧକ୍ଷ ଆନନ୍ଦ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲାର ୨୧ ସ୍କୁଲର ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ବ୍ୟଙ୍ଗ ନାଟକରେ ଆଦର୍ଶ ବିଦ୍ୟାଳୟ କୁସୁମୀ, କୁକୁଡ଼ାଖଣ୍ଡୀ, ଭି.ଭି. ଗିରି ହାଇସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ଗୋପାଳପୁର ପ୍ରତିଯୋଗୀମାନେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ଚିତ୍ରାଙ୍କନରେ ସାନଖେମୁଣ୍ଡି, ସୋରଡ଼ା ଏବଂ ରଙ୍ଗେଇଲୁଣ୍ଡା ଆଦର୍ଶ ବିଦ୍ୟାଳୟର ପ୍ରତିଯୋଗୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିଭଳି ପ୍ରବନ୍ଧ ପ୍ରତିଯୋଗିତାରେ ଚିକିଟି, ସୋରଡ଼ା ଓ ପୋଲସରା ଆଦର୍ଶ ବିଦ୍ୟାଳୟର ପ୍ରତିଯୋଗୀମାନେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ।

ଆଇନସେବା ପ୍ରାଧିକରଣ ସଚିବ କୈଳାସ ସାହୁ, ସୁଶାନ୍ତ କୁମାର ମିଶ୍ର, ରେଜିଷ୍ଟ୍ରାର ସିଭିଲ କୋର୍ଟ ଉଜ୍ଜ୍ୱଳ କୁମାର ସାହୁ, ଡ. ମୀନାକ୍ଷୀ ଦେବୀ, ଡ. ନାରାୟଣ ଚରଣ ପଟ୍ଟନାୟକ ଅଧକ୍ଷ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ, ଥିଏଟର ଡାଇରେକ୍ଟର ସୁବୋଧ କୁମାର ପଟ୍ଟନାୟକ ପ୍ରମୁଖ ବିଚାରକ ଭାବେ ରହିଥିଲେ।

### ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୯।୮

ବ୍ଲାକ୍ ସ୍ପଟ୍ ଭାବେ ଚିହ୍ନଟ ହୋଇଥିବା ଜାତୀୟ ରାଜପଥ ଖଜୁରିଆ ବାଇପାସ୍‌ରେ ସୋମବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଗୋପାଳପୁର ଥାନା ଅନ୍ତର୍ଗତ ବାହାଦୁରପେଟା ନିକଟସ୍ଥ ଭକ୍ତ ସାଲବେଗନଗରରେ ରହୁଥିବା ସନ୍ତୋଷ କୁମାର ଆଚାର୍ଯ୍ୟ (୪୦) ବୋଲି ଜଣାପଡ଼ିଛି। ଅଜଣା ଗାଡ଼ି ଧକ୍କାରେ ବାଇକ୍ ଚାଳକ ସନ୍ତୋଷଙ୍କ ମୃତ୍ୟୁ ଘଟିଥିବା ଟ୍ରାଫିକ ପୋଲିସ ସନ୍ଦେହ କରୁଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ ସହ ଜାତୀୟ ରାଜପଥରେ ଖଞ୍ଜାଯାଇଥିବା ସିସିଟିଭି ଫୁଟେଜ ସଂଗ୍ରହକରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ସନ୍ତୋଷ କୌଣସି କାମରେ ସୋମବାର ହଳଦିଆପଦର ଯାଇଥିଲେ। ସେଠାରୁ ସେ କାମସାରି ବାଇକ୍ (ଓଡ଼ି ୦୭ ଏଏ – ୩୨୦୦)ରେ ଘରକୁ ଫେରୁଥିଲେ। ତାଙ୍କ ବାଇକ୍‌କୁ ପଛପଟୁ ଏକ ଗାଡ଼ି ଧକ୍କା ଦେଇଥିଲା। ଫଳରେ ସେ ବାଇକ୍‌ରୁ ଛିଟିକି ରାସ୍ତାକଡ଼ରେ ଥିବା ଏକ ନାଳରେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପୋଲିସ ସନ୍ଦେହ କରୁଛି।


## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Best Nutraceuticals And Ayurvedic Product Company In India Atulya Medilink Pvt. Ltd. Invites You For
PCD, Franchisee And Third-party manufacturing Business Opportunity Monopoly Based Right best Quality Production Time Delivery All Over India
Call us: +919211724091 (Domestic), +91885180014 (For Export Enquiry)
Corporate Address: 604, 6th Floor Ring Road Mall, Rohini Sector-3, Delhi-110085
Email: info.atulyamedilink@gmail.com
Website: www.atulyamedilinkpvtltd.com

ଟିସିଏଫ୍ ଭାରତର ଏକ ମାତ୍ର ପଞ୍ଜୀକୃତ କମ୍ପାନୀ ଦ୍ୱାରା ଋଣ
2% ସୁଧ
45% ଛାଡ଼
ମାର୍କଶିଟ୍, ପ୍ରପର୍ଟି, ବି.ପି.ଏଲ୍. ଓ ସମସ୍ତ ଋଣ 5 ଘଣ୍ଟାରେ ଘରେ ବସି ପାଆନ୍ତୁ
08779988242

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଜିଲା ହ୍ୟାଣ୍ଡବଲ୍ ସଂଘର ଜାତୀୟ କ୍ରୀଡ଼ା ଦିବସ



ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ପୂର୍ବରୁ ଉପସ୍ଥିତ ଅତିଥି ଓ ଖେଳାଳି ।

ବ୍ରହ୍ମପୁର ଅଫିସ,୨୯।୮

ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ସୋମବାର ଜିଲା ହ୍ୟାଣ୍ଡବଲ ସଂଘ ପକ୍ଷରୁ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ସଂଘ ସମ୍ପାଦକ ସୁରେଶ କୁମାର ପାଢ଼ୀ ଅଧକ୍ଷତା କରିଥିଲେ। ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଉପଦେଷ୍ଟା ତଥା ୨୯ ୱାର୍ଡ କର୍ପୋରେଟର ସଞ୍ଜିତ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ ହ୍ୟାଣ୍ଡବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ଓ ଗଞ୍ଜାମ ଟିମ୍ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ବ୍ରହ୍ମପୁର ଟିମ୍ ୧୭–୧୨ ପଏଣ୍ଟରେ ଗଞ୍ଜାମ ଟିମ୍‌କୁ ପରାସ୍ତ କରି ବିଜୟୀ ହୋଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଟାଉନ୍ ବିଜେଡି ଉପସଭାପତି ବନମାଳୀ ସେଠୀ, ଗିରିଜା ଶଙ୍କର ତ୍ରିପାଠୀ, ଏନ୍‌ଆଇଏସ୍ କୋଚ୍ ତଥା ଅନ୍ତର୍ଜାତୀୟ ରେଫରି ପ୍ରଶାନ୍ତ କୁମାର ରଥ, ଉପସଭାପତି ଡ.ସରୋଜ କୁମାର ସାମନ୍ତ, କୋଷାଧକ୍ଷ ଡ଼.ମନୋଜ କୁମାର ପାତ୍ର, ପୂର୍ବତନ ସେନାଧକ୍ଷ ଅଜିତ କୁମାର, କ୍ରୀଡା ଶିକ୍ଷକ ତଥା ଜାତୀୟ ରେଫେରୀ ଏ ତେଜସ୍ୱି, ପିଣ୍ଟୁ ବେହେରା ଓ ଚକାଡୋଲା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠିତ ଏହି କ୍ରୀଡା ଦିବସ ଅବସରରେ ୮୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାପ୍ରେମୀ ଉପସ୍ଥିତ ରହି ମୁଖ୍ୟ ଅତିଥି ପଣ୍ଡାଙ୍କୁ ସ୍ୱାଗତ ଜଣାଇଥିଲେ।

# ସନ୍ଦେହ ଘେରରେ ମହିଳାଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୯।୮

### ଏସ୍‌ଡିପିଓ, ସାଇଣ୍ଟିଫିକ ଟିମ୍‌ର ତଦନ୍ତ

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ନିଗମନଗର ୫ମ ଲାଇନର ଏକ ଘରୁ ରବିବାର ସନ୍ଧ୍ୟାରେ ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଥିଲା। ମୃତ ମହିଳା ହେଲେ ସାଗରିକା ଗୌଡ଼(୨୧)। ସୋମବାର ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପ୍ରାଥମିକ ତଦନ୍ତରୁ ମହିଳାଙ୍କ ଆତ୍ମହତ୍ୟାର କୌଣସି କାରଣ ଜଣାପଡୁ ନ ଥିବା ବେଳେ ଟିମ୍ ଅଫ୍ ଡାକ୍ତର ଏହାର ବ୍ୟବଚ୍ଛେଦ କରିବେ ବୋଲି ପୋଲିସ କହିଛି। ରବିବାର ସାଗରିକା ରଶି ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ସ୍ୱାମୀ କହୁଥିବା ବେଳେ ସୋମବାର ପୋଲିସ ମୃତଦେହ ପଞ୍ଚନାମା କରିବା ବେଳେ ମୃତକଙ୍କ ବେକରେ କୌଣସି ଚିହ୍ନ ନ ଥିବା ଜଣାପଡ଼ିଛି। ଅନ୍ୟପଟେ ଏହା ଏକ ସ୍ୱର୍ଶକାତର ଘଟଣା ହୋଇଥିବା ଜଣାପଡ଼ିବା ପରେ ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସାଗରିକାଙ୍କ ମୃତ୍ୟୁ ଏବେ ସନ୍ଦେହ ଘେରରେ ରହିଛି। ଏନେଇ ନଂ.୪୬୭/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ ମହିଳାଙ୍କ ସ୍ୱାମୀ ଜିତୁଙ୍କୁ ଥାନାରେ ଅଟକ ରଖି ଘଟଣା ସମ୍ପର୍କରେ ପଚରାଉଚରା କରୁଛି। ଅନ୍ୟପଟେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସାଗରିକାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ୨୦୨୧ରେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଦ୍ୱାରଗାଁର ବୃନ୍ଦାବନ ଗୌଡ଼ଙ୍କ ପୁଅ ଜିତୁ ଜରଡ଼ା ଥାନା ଅନ୍ତର୍ଗତ ଗୁରୁବୁଡି ଗ୍ରାମର ସାଗରିକା ଗୌଡ଼ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ପରେ ଉଭୟ ସ୍ୱାମୀ–ସ୍ତ୍ରୀ ବ୍ରହ୍ମପୁର ଆସି ଆଙ୍କୁଲି ନିଗମ ନଗରରେ ଏକ ଘର ଭଡ଼ା ନେଇ ରହୁଥିଲେ। ରବିବାର ଜିତୁ ଘରକୁ ଆସି ଦେଖିବା ବେଳେ ତାଙ୍କ ସ୍ତ୍ରୀ ଆତ୍ମହତ୍ୟା କରିଥିବା ଜାଣିବାକୁ ପାଇଥିଲେ ବୋଲି ସେ ପୋଲିସକୁ ଘଟଣାର ତଦନ୍ତ ବେଳେ କହିଥିଲେ।



ଏସ୍‌ଡିପିଓ ଓ ସାଇଣ୍ଟିଫିକ ଟିମ୍ ତଦନ୍ତ କରୁଛନ୍ତି।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



ଏଭୂବନା ନନ୍ଦ ମହାନ୍ତି
କୃଷ୍ଣିକୋଣା, ନିମାପଡ଼ା
ଆବିର୍ଭାବ: ୨୫।୦୧।୧୯୨୩
ତିରୋଧାନ: ୨୦।୦୮।୨୦୨୨
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପରୋପକାରିତା, ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ଚିରସ୍ମରଣୀୟ। ଆପଣଙ୍କର ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସର୍ବଦା ରହିଥାଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ରମେଶ, ଉମେଶ, ସୁରେଶ, ଦେବେଶ୍, କ୍ଷିତୀଶ୍, ଜିତିଶ୍, ସ୍ନେହଲତା, ବନ୍ଧୁ ଓ ପରିବାରବର୍ଗ
ଧ-୧୩୭୪

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ଏଅଭିରାମ ମହାରଣା (ଅଭ)
କଟକ ସଦର, ଗୋପାଳପୁର, ବାଲିକୁଦା
ଆବିର୍ଭାବ-୧୨।୦୪।୧୯୬୨
ତିରୋଧାନ- ୨୦।୦୮।୨୦୨୨
ଆମ୍ଭେ ଭାବି ନଥିଲୁ ଯେ ତୁମେ ହଠାତ୍ ଏପରି ଆମକୁ ଶୋକ ସାଗରରେ ଭସାଇ ଦେଇ ଏକା କରି ଛାଡ଼ି ଚାଲିଯିବ । ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଅଭୁଲା ସ୍ମୃତି ହୋଇ ରହିବ । ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଅମର ଆତ୍ମାର ସଦ୍‌ଗତି କରନ୍ତୁ।
-ଶୋକସନ୍ତପ୍ତ-
ପ୍ରେମଲତା, ପାର୍ଥସାରଥି, ଚିକି, ଅଜିତ୍, ସନାତନ, ଝିଲି, ମିକି, ଲାଡ୍ଡୁ, ଆରତୀ, ମିନି, ଅନୁ, ବନି, ନକୁଳ, ବବୁଲି, ଅମୁଲି, ପ୍ରଶାନ୍ତ, ପୂର୍ଣ୍ଣଚନ୍ଦ୍ର ।
ଧ-୧୩୮୨

**ଶ୍ରଦ୍ଧାଞ୍ଜଳି**



ଏ ଦୁର୍ଗା ପ୍ରସାଦ ବହିଦାର
(ଅବସରପ୍ରାପ୍ତ ପୋଲିସ ଅଫିସର)
ଝାଡ଼ୁଆପଡ଼ା, ସମ୍ବଲପୁର
୧୯୧୦ - ୧୯୯୭
ବାଲିତୃତୀୟା
ଆଜି, ପଞ୍ଚବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୭୩୮୬୬

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ଦେବସ୍ମିତା କର
ସଦାଶିବପୁର, କୁଞ୍ଜକାନ୍ତ, ଢେଙ୍କାନାଳ
ଆବିର୍ଭାବ: ୦୮।୦୫।୧୯୯୨
ତିରୋଧାନ: ୨୦।୦୮।୨୦୨୨
ଅସମୟରେ ଚାଲିଯିବା ଆମ ସମସ୍ତଙ୍କୁ କଷ୍ଟ ଦେଇଛି। ତୁମର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ବାପା: ଦେବୀ ପ୍ରସାଦ କର, ମା: ବିଷ୍ଣୁପ୍ରିୟା କର, ଜେଜେବାପା: ସ୍ୱର୍ଗତ ବିଦ୍ୟାଧର କର, ଜେଜେମା: ସ୍ୱର୍ଗତା କୌଶଲ୍ୟା ଦେବୀ, ଅଜା, ମାମୁ, ମାଈଁ, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୭୪୦୦୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଏସନ୍ଦିପ ମହାନ୍ତି (ଟୁନଟୁନ)
(ଭୁବନେଶ୍ୱର)
ଆବିର୍ଭାବ : ୨୭/୧୧/୧୯୮୪ | ତିରୋଧାନ : ୩୦/୦୮/୨୦୦୭
ଚାହୁଁ ଚାହୁଁ ୧୫ବର୍ଷ ବିତିଗଲା । ଏବେବି ବିଶ୍ୱାସ ହେଉନାହିଁ ଯେ ତୁ କଲେଜ ଯାଇ ଆଉ ଘରକୁ ଫେରିଲୁ ନାହିଁ। ଆମ ସମସ୍ତଙ୍କୁ ଛାଡି ସବୁଦିନ ପାଇଁ ଚାଲିଗଲୁ। ପ୍ରତି ମୁହୂର୍ତ୍ତରେ ତୋର ଅନୁପସ୍ଥିତ ଅନୁଭବ କରୁଛୁ। ତୋର ଶୂନ୍ୟସ୍ଥାନକେବେ ମଧ ପୂରଣ ହେବନାହିଁ। ଆମ ସମସ୍ତଙ୍କ ପାଇଁ ଅଭୁଲା ସ୍ମୃତି ହୋଇରହିବୁ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ :- ବାବା, ମା, ବଡ଼ବାପା, ବଡ଼ବୋଉ, ଦାଦୁଲ, ଖୁଡି, ଦେଈ, ଭାଇ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୩୮୬୭

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ଏଡଃ ନିରୂପମା ପଟ୍ଟନାୟକ
ସ୍ୱାମୀ: ଏଲକ୍ଷ୍ମୀନାରାୟଣ ପଟ୍ଟନାୟକ
ପୂର୍ବତନ ରାଜ୍ୟ ସୂଚନା କମିଶନର
ପୋଖରୀପୁଟ, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ: ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ ।
ଧ-୭୩୭୧୭

# ଫଙ୍ଗାଲ୍ ଇନ୍‌ଫେକ୍ସନ୍‌ର ଘରୋଇ ଉପଚାର...

**ବର୍ଷାଦିନେ ଅନେକଙ୍କଠାରେ ଫଙ୍ଗାଲ ଇନ୍‌ଫେକ୍ସନ ସମସ୍ୟା ଦେଖାଦିଏ। ଏଥିପାଇଁ ଶରୀରର ବିଭିନ୍ନ ସ୍ଥାନରେ ବିଶେଷ କରି ଜଙ୍ଘ କଡ଼ରେ ଫଳିଯାଇ କୁଣ୍ଡେଇ ହୋଇଥାଏ। କେତେକ ଘରୋଇ ଉପଚାର ଦ୍ୱାରା ଏଭଳି ସମସ୍ୟା ଦୂର କରାଯାଇପାରିବ...**



ଜଙ୍ଘ କଡ଼ରେ କୁଣ୍ଡାଇ ହେବା ମୁଖ୍ୟତଃ ଫଙ୍ଗାଲ ଇନ୍‌ଫେକ୍ସନ ଯୋଗୁ ହୋଇଥାଏ। ଯେଉଁଥିପାଇଁ ଅଧିକ ଟାଇଟ୍ ପ୍ୟାଣ୍ଟ ପିନ୍ଧିବା, ଝାଳ ଲାଗି ଅଧିକ ସମୟ ରହିବା, ଗାଧୋଇବା ପରେ ଭଲ ଭାବେ ପାଣି ପୋଛି ନ ହୋଇ ପୋଷାକ ପିନ୍ଧିବା ଯୋଗୁ ଓଦା ରହିବା, ମେଦବହୁଳତା ଥିଲେ ବାରମ୍ବାର ଜଙ୍ଘ ଘଷିହେବା ଆଦି ବିଭିନ୍ନ କାରଣ ଦାୟୀ। ତେଣୁ ଏସବୁଠାରୁ ଦୂରେଇ ରହିବା ଲାଗି ଚେଷ୍ଟା କରିବା ସହ ଇନ୍‌ଫେକ୍ସନ୍ ଦୂର କରିବା ଲାଗି ଡାକ୍ତରଙ୍କ ପରାମର୍ଶ ନେଇ ଆବଶ୍ୟକସ୍ଥଳେ ଔଷଧ ଏବଂ ଅଏଣ୍ଟମେଣ୍ଟ ବ୍ୟବହାର କରିବା ଆବଶ୍ୟକ। ଏହା ବ୍ୟତୀତ ଆପଣ ଚାହିଁଲେ କେତୋଟି ଘରୋଇ ଉପଚାର ମଧ୍ୟ କରିପାରିବେ। ଜାଣିରଖନ୍ତୁ ସେ ସମ୍ପର୍କରେ...

- ଏପରି ସମସ୍ୟା ଥିଲେ ଅନେକେ ପାଉଡର ପକାଇ ଥାଆନ୍ତି କିମ୍ବା ମନଇଚ୍ଛା କୌଣସି କ୍ରିମ୍ ଲଗାଇ ଦିଅନ୍ତି। ହେଲେ ଏପରି କରିବା ଦ୍ୱାରା ସମସ୍ୟା କମିବା ବଦଳରେ ବଢ଼ିବା ଆଶଙ୍କା ରହିଛି। ତେଣୁ ଏପରି ନ କରି ଆପଣ ଚାହିଁଲେ ତୁରନ୍ତ ଆରାମ ପାଇବା ଲାଗି ନଡ଼ିଆ ତେଲ କିମ୍ବା ଅଲିଭ୍ ତେଲ ଲଗାଇ ପାରିବେ।
- ଏକ ସଫା କପଡ଼ାରେ ବରଫ ଖଣ୍ଡ ନେଇ ଜଙ୍ଘରେ କୁଣ୍ଡାଇ ହେଉଥିବା ଭାଗରେ ଧୀରେ ଧୀରେ ଘଷିବା ଦ୍ୱାରା କୁଣ୍ଡାଇହେବା ଏବଂ ପୋଡ଼ିବା କମିଥାଏ।
- ପାଣିରେ ଅଳ୍ପ ଖାଇବା ସୋଡ଼ା ମିଶାଇ କୁଣ୍ଡାଇ ହେଉଥିବା ସ୍ଥାନକୁ ଧୋଇଦେଲେ ମଧ୍ୟ ଆରାମ ମିଳିଥାଏ।
- ଘିକୁଆଁରୀକୁ ୧୫ମିନିଟ୍ ପର୍ଯ୍ୟନ୍ତ ଘଷିବା ପରେ ପାଣିରେ ଧୋଇଦିଅନ୍ତୁ, କୁଣ୍ଡାଇ ହେବା କମିଯିବ।
- ପାଣିରେ ନିମ୍ବପତ୍ର ପକାଇ ଫୁଟାଇ ଦିଅନ୍ତୁ। ଏହି ପାଣିରେ ଗାଧୋଇବା ଦ୍ୱାରା ଫଙ୍ଗାଲ୍ ଇନ୍‌ଫେକ୍ସନ ଦୂରହେବା ସହ କୁଣ୍ଡେଇହେବା ସମସ୍ୟାରୁ ମୁକ୍ତି ମିଳିଥାଏ।
- ହଳଦୀପାଣିରେ ଗାଧୋଇବା କିମ୍ବା ଉକ୍ତ ସ୍ଥାନରେ ଅଳ୍ପ ବଟା ହଳଦୀ ଲଗାଇବା ଦ୍ୱାରା ଉପଶମ ମିଳିଥାଏ।

## ପ୍ରସବ ପରେ...



**ପ୍ରସବ ପରେ ସାଧାରଣତଃ ମହିଳାଙ୍କର ଓଜନ ବଢ଼ିଯାଇଥାଏ। ତେଣୁ କିପରି ଓଜନ କମ୍ କରିବେ ସେନେଇ ସଚେତନ ରୁହନ୍ତୁ।**

ମାଆ ହେବା ପରେ ଶରୀରକୁ ଅଧିକ ଖାଦ୍ୟ ଆବଶ୍ୟକ ହୋଇଥାଏ। ଖାଦ୍ୟରେ ଉପଯୁକ୍ତ ମାତ୍ରାରେ ପ୍ରୋଟିନ୍, କ୍ୟାଲୋରି, ଭିଟାମିନ୍ ଏବଂ ମିନେରାଲ ରହିଥିବା ଖାଦ୍ୟ ଖାଆନ୍ତୁ। ତେଣୁ ଭାତ, ଡାଲି, ଫଳ, ଘିଅ, ସୋରିଷ ତେଲ, ମେଥି ଓ ଜିରା ଆଦି ଖାଆନ୍ତୁ। ନିଜ ପାଇଁ ଉପଯୁକ୍ତ ସୁଷମ ଖାଦ୍ୟ ସମ୍ପର୍କରେ ଡାଏଟିସିଆନଙ୍କ ସହ ପରାମର୍ଶ କରନ୍ତୁ।

- ପ୍ରସବ ପରେ ଶରୀର ଯଦି ସୁସ୍ଥ ରହିଥାଏ ତେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଯୋଗ ଓ ବ୍ୟାୟାମ କରନ୍ତୁ।
- ଓଜନ କମ୍ କରିବା ପାଇଁ ପ୍ରଚୁର ମାତ୍ରାରେ ପାଣି ପିଅନ୍ତୁ। ଫଳରେ ଶରୀର ହାଇଡ୍ରେଟ୍ ରହିବା ସହିତ କାର୍ଯ୍ୟକ୍ଷମତା ମଧ୍ୟ ବଢ଼ିଥାଏ।
- ପ୍ରସବ ପରେ ଉପଯୁକ୍ତ ମାତ୍ରାରେ ଶୋଇବା ମଧ୍ୟ ଜରୁରୀ। ନିଦ କମ୍ ହେବା ଫଳରେ ଶରୀରରେ ଏକ ପ୍ରକାର ହର୍ମୋନ ଅଧିକ ହୋଇ ଓଜନ ବୃଦ୍ଧି ହୋଇଥାଏ।
- ପ୍ରସବ ପରେ ଶିଶୁକୁ ସ୍ତନପାନ କରାଇବା ଫଳରେ ପ୍ରାକୃତିକ ଉପାୟରେ ଓଜନ କମ୍ ହୋଇଥାଏ।
- ପ୍ରସବ ପରେ ଡାଏଟିଂ ଆଦୌ କରନ୍ତୁ ନାହିଁ, ବରଂ ସୁଷମ ଖାଦ୍ୟ ଖାଆନ୍ତୁ।

ଖାଦ୍ୟରୁଚି

## ସେଓ ଖିରି



**ଆବଶ୍ୟକ ସାମଗ୍ରୀ:** ମଧ୍ୟମ ଆକାରର ଅଧା କିଲୋଗ୍ରାମ ସେଓ, କ୍ଷୀର ୧ ଲିଟର, ଚିନି ୧୦୦ ଗ୍ରାମ୍, ଛୋଟ ଛୋଟ କଟାହୋଇଥିବା କାଜୁ ୨ ବଡ଼ ଚାମଚ, ୨ ଚାମଚ କିସ୍‌ମିସ୍, ପେସ୍ତା ଅଧା ଚାମଚ, ୪ଟି ଗୁଜୁରାତି ଗୁଣ୍ଡ, ବେକିଂ ସୋଡ଼ା ୧/୪ ଛୋଟ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସେଓରୁ ଚୋପା ଛଡ଼ାଇ ମଞ୍ଜି ବାହାର କରିଦିଅନ୍ତୁ। ଏହାକୁ ଭଲ ଭାବେ କୋରି ଦିଅନ୍ତୁ। ଏକ ପାତ୍ରରେ ଚୁଲିରେ କ୍ଷୀର ଗରମ କରନ୍ତୁ। ଏହାକୁ ଭଲ ଭାବେ ଫୁଟି ଅଧା ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ଏହା ପରେ ବେକିଂ ସୋଡ଼ା ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। କୋରାଯାଇଥିବା ସେଓକୁ ସେଥିରେ ପକାଇ ଗୋଳାନ୍ତୁ। ଏହା ଗାଢ଼ ହୋଇଗଲେ ସେଥିରେ ଚିନି ଏବଂ କାଜୁ, କିସ୍‌ମିସ୍, ପେସ୍ତା ଆଦି ପକାଇ ଗୋଳାଇ ଦିଅନ୍ତୁ। ଶେଷରେ ଗୁଜୁରାତି ଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଚୁଲି ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସେଓ ଖିରି। ଏହାକୁ ଖାଇବାର ମଜା ନିଅନ୍ତୁ।

ସୌନ୍ଦର୍ଯ୍ୟ

# ରେନିଡେ ମେକ୍‌ଅପ୍

**ଯୁବତୀ ହୁଅନ୍ତୁ ଅବା ମହିଳା, କାହାକୁ ବିନା ମେକ୍‌ଅପ୍‌ରେ ଦେଖିବା ମୁସ୍କିଲ୍। ମେକ୍‌ଅପ୍ ବିନା ଯେମିତି ସେମାନଙ୍କ ପର୍ସନାଲିଟିରେ ଆଞ୍ଚ ଆସିଥାଏ। ତେବେ ବର୍ଷାଦିନେ ପାଣି ସଂସ୍ପର୍ଶରେ ଆସି ମେକ୍‌ଅପ୍ ଧୋଇଯାଉଥିବାରୁ ଅନେକଙ୍କର ଚିନ୍ତା ବଢ଼ିଯାଇଥାଏ। ଏମିତିରେ କେଉଁଭଳି ମେକ୍‌ଅପ୍ ନେଲେ ବର୍ଷାଦିନେ ତାହା ଶୀଘ୍ର ଖରାପ ହେବ ନାହିଁ ଜାଣିରଖନ୍ତୁ...**



- ୱାଟରପ୍ରୁଫ୍ ଫାଉଣ୍ଡେଶନ ଏଦିନ ପାଇଁ ସବୁଠୁ ଭଲ ଅପ୍ସନ। କ୍ରିମ୍ ଫାଉଣ୍ଡେଶନ୍ ନ ଲଗାଇ ଜେଲ୍ ବେସ୍ ଫାଉଣ୍ଡେଶନ ଲଗାନ୍ତୁ। ମନେରଖନ୍ତୁ ଏଦିନେ ଫାଉଣ୍ଡେଶନ୍ ମୋଟା ଲେୟାରରେ ଆଦୌ ନ ଲଗାଇ ପତଳା କରି ଲଗାନ୍ତୁ ଏବଂ ୩ ମିନିଟ୍ ଶୁଖିବାକୁ ଛାଡ଼ି ଦିଅନ୍ତୁ।
- ବର୍ଷାଦିନେ ନିଜ ଆଇ ମେକ୍‌ଅପ୍‌କୁ ଲାଇଟ୍ ଏବଂ ବୋଲ୍ଡ ରଖିବାକୁ ଚେଷ୍ଟା କରନ୍ତୁ। ଲାଭେଣ୍ଡର, କୋରାଲ ପିଙ୍କ୍ ଭଳି ଆଇସ୍ୟାଡୋ ବ୍ୟବହାର କରନ୍ତୁ। ଏହା ଝାଳ ଲାଗି ବୋଳି ହେଲେ ବି ମେକ୍‌ଅପ୍ ଖରାପ ଲାଗି ନ ଥାଏ। ୱାଟରପ୍ରୁଫ୍ କାଜଲ୍, ଲାଇନର୍ ଏବଂ ମସ୍କରା ବ୍ୟବହାର କରନ୍ତୁ। ଆଖିର ମେକ୍‌ଅପ୍ ଠିକ୍ ରହିଲେ ମଧ୍ୟ ମୁହଁ ଆକର୍ଷଣୀୟ ଲାଗିଥାଏ।
- ସେହିପରି ଲଙ୍ଗ୍ ଲାଷ୍ଟିଙ୍ଗ୍ ମେଲ୍ଟ ପ୍ରୁଫ୍ ଲିପ୍‌ଷ୍ଟିକ୍ ଲଗାନ୍ତୁ। ଲିପ୍ ଗ୍ଲସ୍ ଆଦୌ ଲଗାନ୍ତୁ ନାହିଁ। ଟିଣ୍ଟେଡ୍ ଲିପ୍ ବାମ୍, ମ୍ୟାଟ୍ କିମ୍ବା ଲିକ୍ୱିଡ୍ ଲିପ୍‌ଷ୍ଟିକ୍ ବ୍ୟବହାର କଲେ ତାହା ବର୍ଷାପାଣି ସଂସ୍ପର୍ଶରେ ଆସିଲେ ମଧ୍ୟ ଶୀଘ୍ର ଧୋଇ ନ ଥାଏ।
- ଯଦି ହଠାତ୍ ବର୍ଷା ପାଣିରେ ଭିଜି ମେକ୍‌ଅପ୍ ଅଧା ଅଧା ଛାଡ଼ି ପ୍ୟାଚେସ୍ ଭଳି ଲାଗୁଥାଏ, ତେବେ ୱେଟ୍ ୱାଇପ୍‌ରେ ପୋଛି ବିବି କ୍ରିମ୍ ଲଗାଇ ପାରିବେ।
- ସିମ୍ପଲ୍ ହେୟାର ଷ୍ଟାଇଲ୍ କରନ୍ତୁ। ନଚେତ୍ କମ୍ପ୍ଲିକେଟେଡ୍ ହେୟାର ଷ୍ଟାଇଲ୍‌ରେ ବର୍ଷା ପାଣି ପଡ଼ିଲେ ଦୀର୍ଘ ସମୟ ନ ଶୁଖି କେଶ ଖରାପ ହେବା ଆଶଙ୍କା ରହିଛି।



**ବର୍ଷାଦିନେ ପାଣି ଏବଂ ଥଣ୍ଡା ପାଗ ସଭିଙ୍କ ପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ହେଲେ ଏଥିରେ ସବୁଠୁ ଅଧିକ ପ୍ରଭାବିତ ହୋଇଥାନ୍ତି ଶିଶୁମାନେ। ତେଣୁ ଏହିଦିନେ ଶିଶୁଙ୍କ ସ୍ୱାସ୍ଥ୍ୟର ଯତ୍ନ କିପରି ନେବେ ସେ ସମ୍ପର୍କରେ ଜାଣିରଖନ୍ତୁ...**





# ବର୍ଷାଦିନେ ଶିଶୁର ଯତ୍ନ

**ପରିଚ୍ଛନ୍ନତା ଉପରେ ଦିଅନ୍ତୁ ଗୁରୁତ୍ୱ:** ବର୍ଷାଦିନେ ସାଧାରଣତଃ ଚାରିଆଡ଼େ ପାଣି ଅପରିଷ୍କାର ଥାଏ, ଯାହା ସଂସ୍ପର୍ଶରେ ଆସିଲେ ପିଲାଙ୍କ ଦେହରେ ଫଙ୍ଗାଲ୍ ଓ ରିଙ୍ଗୱର୍ମ ଇନ୍‌ଫେକ୍ସନର ଆଶଙ୍କା ଅଧିକ। ଏହା ମଧ୍ୟ ପୋଷା ଜୀବଜନ୍ତୁଙ୍କ ଯୋଗୁ ହୋଇପାରେ। ତେଣୁ ପିଲାଙ୍କୁ ଜୀବଜନ୍ତୁଙ୍କଠାରୁ ଦୂରେଇ ରଖନ୍ତୁ। ସେମାନଙ୍କ ପୋଷାକ ଆଣ୍ଟିସେପ୍ଟିକ୍ କିମ୍ବା ମେଡିକେଟେଡ୍ ସଲ୍ୟୁଶନ୍‌ରେ ସଫା କରନ୍ତୁ। ସେମାନଙ୍କ ଶରୀରକୁ ଓଦା ହେବାକୁ ଦିଅନ୍ତୁ ନାହିଁ। ସର୍ବଦା ସଫା ଏବଂ ଶୁଖିଲା ରଖନ୍ତୁ। ପିଲାଙ୍କ ପୋଷାକକୁ ପ୍ରତିଦିନ କିଛି ସମୟ ଖରା ଦେବାକୁ ଭୁଲନ୍ତୁ ନାହିଁ। ନରମ ଏବଂ ଆରାମଦାୟକ ପୋଷାକ ପିନ୍ଧାନ୍ତୁ।

– ଯଦି ଶରୀରରେ କୌଣସି ସ୍ଥାନରେ କୁଣ୍ଡାଇ ହେବା କିମ୍ବା ଲାଲ୍ ଦାଗ ଦେଖାଦିଏ ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

**ନଖ ଏବଂ କେଶ କାଟନ୍ତୁ:** ପିଲାଙ୍କ ନଖ ବଡ଼ ହେବା ମାତ୍ରେ କାଟିଦିଅନ୍ତୁ। ସେମାନଙ୍କ ହାତ ବାରମ୍ବାର ଓଦା ହେବାକୁ ଦିଅନ୍ତୁ ନାହିଁ। ନଚେତ୍ ଏହାଦ୍ୱାରା ମଧ୍ୟ ଇନ୍‌ଫେକ୍ସନ୍‌ର ଆଶଙ୍କା ରହିଛି।

– ଯଦି କିଛି ତ୍ୱଚା ସମ୍ବନ୍ଧିତ ଅସୁବିଧା ଯଥା କୁଣ୍ଡେଇ ହେବା, ଫଳିଯିବା, ଲାଲ୍ ପଡ଼ିବା ଆଦି ଦେଖନ୍ତି ତେବେ କିଛି ନିମ୍ବପତ୍ରକୁ ବାଟି ଉକ୍ତ ସ୍ଥାନରେ ଲଗାନ୍ତୁ। ଏହି ପ୍ରାକୃତିକ ଉପାୟ ପିଲାଙ୍କ ତ୍ୱଚା ସମସ୍ୟା ସହଜରେ ଦୂର କରିଥାଏ।

– ଏହିଦିନେ କେତେକ ପିଲାଙ୍କର ଘିମିରି ସମସ୍ୟା ବି ଦେଖାଦେଇଥାଏ। ଯଦି ଆପଣଙ୍କ ପିଲା ଦେହରେ ଘିମିରି ହୋଇଛି ତେବେ ଗୋଲାପ ଜଳରେ ଅଳ୍ପ ଚନ୍ଦନ ଘୋରି ଲଗାନ୍ତୁ। ୧୫–୨୦ମିନିଟ୍ ରଖିବା ପରେ ପାଣିରେ ଭଲ ଭାବେ ଧୋଇ ପିଲାକୁ ପୋଛି ଦିଅନ୍ତୁ।

– ପିଲାଙ୍କ ଦେହରେ ଅଧିକ ଝାଳ ହେଉଥିଲେ ଭଲ ଭାବେ ପୋଛି ଦିଅନ୍ତୁ।

**ନିୟମିତ ଗାଧେଇ ଦିଅନ୍ତୁ:** ଥଣ୍ଡା ଧରିବା ଡରରେ ଅନେକେ ଏହିଦିନେ ପିଲାଙ୍କୁ ଆଦୌ ଗାଧୋଇ ଦିଅନ୍ତି ନାହିଁ। ହେଲେ ଏପରି କରିବା ଠିକ୍ ନୁହେଁ। ବରଂ ପିଲାଙ୍କୁ ସଫା, ଜୀବାଣୁମୁକ୍ତ, ନୀରୋଗ ରଖିବା ଲାଗି ଆବଶ୍ୟକ ମାତ୍ରାରେ ଥଣ୍ଡା ପରିବର୍ତ୍ତେ ନଖଉଷୁମ ପାଣିରେ ଗାଧୋଇ ଦିଅନ୍ତୁ।

**ପ୍ରାକୃତିକ ଉପାୟରେ ବଢ଼ାନ୍ତୁ ରୋଗ ପ୍ରତିରୋଧକ ଶକ୍ତି:** ପିଲାମାନଙ୍କୁ ପ୍ରତିଦିନ କିଛି ଯୋଗ ଓ ବ୍ୟାୟାମ କରିବାକୁ କୁହନ୍ତୁ। ଏହାଦ୍ୱାରା ପିଲାଙ୍କର ପ୍ରାକୃତିକ ଉପାୟରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହା ବ୍ୟତୀତ ପିଲାଙ୍କୁ ଘରେ ପ୍ରସ୍ତୁତ ଖାଦ୍ୟ ଦିଅନ୍ତୁ। କାଢ଼ା କିମ୍ବା ଉଷୁମ କ୍ଷୀରରେ ହଳଦୀ ମିଶାଇ ପିଇବାକୁ ଦିଅନ୍ତୁ। ଏଭଳି ବିଭିନ୍ନ ଅଭ୍ୟାସ ପିଲାମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।



### କ'ଣ କରନ୍ତି ଏମାନେ

**ହଳଦୀ ମିଶା କ୍ଷୀର ପିଇବାକୁ ଦିଏ**



ଏବେ ପାଗ ପରିବର୍ତ୍ତନ ଯୋଗୁ ପିଲାଙ୍କର ଜ୍ୱର, ଥଣ୍ଡା ଲାଗି ରହୁଛି। ତେଣୁ ମୁଁ ଝିଅକୁ ଥଣ୍ଡା ନ ହେବା ପାଇଁ ହଳଦୀ ମିଶା କ୍ଷୀର ପିଇବାକୁ ଦେଉଛି। ବର୍ଷାରେ ସ୍କୁଲରୁ ସେ ଫେରିବା ପରେ ତାକୁ ଭଲ ଭାବରେ ପୋଛିପାଛି ତୁଳସୀପତ୍ର ଖାଇବାକୁ ଦିଏ। ସ୍କୁଲକୁ ଯିବାବେଳେ ସାନିଟାଇଜର ଓ ମାସ୍କ ବ୍ୟବହାର କରିବାକୁ ବୁଝାଇଥାଏ।

*–ହରପ୍ରିୟା ପାତ୍ର, ଗୃହିଣୀ, ପୁରୀ*

**ପିଲାଙ୍କ ଯତ୍ନ ନିଏ**



ଅଦିନିଆ ବର୍ଷା ଯୋଗୁ ଜ୍ୱର, ଥଣ୍ଡା ବ୍ୟତୀତ ପିଲାଙ୍କୁ ଚର୍ମରୋଗ ବି ହେଉଛି। ତେଣୁ ସେମାନଙ୍କୁ ଡେଟଲରେ ଗାଧୋଇଦେବା ସହ ସେମାନଙ୍କ ଡ୍ରେସ୍ ମଧ୍ୟ ସଫା କରିବା ପରେ ଡେଟଲରେ ଧୋଉଛି। ମାର୍କେଟ କିମ୍ବା କୌଣସି ଗହଳି ସ୍ଥାନକୁ ନେବାବେଳେ ସେମାନଙ୍କୁ ମାସ୍କ ପିନ୍ଧାଇ ଛାଡିଥାଏ।

*–ତାପସୀ ଜେନା, ଗୃହିଣୀ, ବାଲେଶ୍ୱର*



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୩୦/୨୦୨୨ Bhubaneswar, Tuesday, August 30/ 2022

# ‘ଯୁବବର୍ଗ ଓ ସମାଜର ପ୍ରଗତିରେ କ୍ରୀଡ଼ା ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ’



ପୁରସ୍କୃତ କ୍ରୀଡ଼ାବିତ୍‌ଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥି।

**ଭୁବନେଶ୍ୱର, ୨୯।୮ (କ୍ରୀଡ଼ା ପ୍ରତିନିଧି)**

ଜାତୀୟ କ୍ରୀଡ଼ା ଦିବସ ଅବସରରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସର୍ବୋଚ୍ଚ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଛନ୍ତି। ଲୋକସେବା ଭବନର କନ୍‌ଭେନ୍‌ଶନ ହଲ୍‌ରେ ଆୟୋଜିତ ଉତ୍ସବରେ ସମସ୍ତ ପୁରସ୍କାର ବିଜେତାଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇବା ସହ ସମ୍ମାନିତ ହୋଇଥିବା କ୍ରୀଡ଼ାବିତ୍‌ଙ୍କ ସଫଳତା ଯୁବବର୍ଗଙ୍କୁ କ୍ରୀଡ଼ାକୁ କ୍ୟାରିୟର କରିବାକୁ ପ୍ରେରଣା ଯୋଗାଇବ ବୋଲି ଆଶା ପ୍ରକାଶ କରିଛନ୍ତି। ‘‘ଯୁବବର୍ଗ ଓ ସମାଜର ପ୍ରଗତିରେ କ୍ରୀଡ଼ା ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ଆମେ ରାଜ୍ୟବ୍ୟାପୀ କ୍ରୀଡ଼ା କ୍ଷେତ୍ରରେ ବିନିଯୋଗ କରୁଛୁ ଏବଂ କ୍ରୀଡ଼ାବିତ୍‌ଙ୍କୁ ସେମାନଙ୍କ ସଫଳତା ହାସଲ ପାଇଁ ସମର୍ଥନ କରିଆସୁଛୁ। ଓଡ଼ିଶା ଦେଶରେ ଏକ ଉଦୀୟମାନ ସ୍ପୋର୍ଟ୍ସ ଡେଷ୍ଟିନେଶନ ଭାବେ ସ୍ୱୀକୃତି ପାଇଛି। ସରକାର କ୍ରମାଗତ କ୍ରୀଡ଼ା କାର୍ଯ୍ୟକଳାପଗୁଡ଼ିକୁ ସମର୍ଥନ କରି ଆଗାମୀ ଦିନରେ ଓଡ଼ିଶାକୁ ଏକ କ୍ରୀଡ଼ାଶକ୍ତିରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି’’ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ଉତ୍ସବରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ପି.କେ. ଜେନା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, କ୍ରୀଡ଼ା ବିଭାଗ ସଚିବ ତଥା କମିଶନର ଆର୍. ଭିନିଲ କ୍ରିଷ୍ଣା, କ୍ରୀଡ଼ା ଓ ଯୁବସେବା ବିଭାଗର ଅନ୍ୟ ଅଧିକାରୀ ଏବଂ କ୍ରୀଡ଼ାବିତ୍‌ମାନେ ଉପସ୍ଥିତ ଥିଲେ।

ଭାରୋତ୍ତୋଳିକା ଝିଲ୍ଲୀ ଦଳବେହେରା ଓ ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପାଇଛନ୍ତି। ଝିଲ୍ଲୀ ସମ୍ପ୍ରତି ଆମେରିକାରେ ଟ୍ରେନିଂ ନେଉଥିବାରୁ ତାଙ୍କ ପରିବାରବର୍ଗ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ଦେବାଶିଷ ମହାନ୍ତିଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଛି। ପାରା ଆଥଲେଟ୍ ଜୟନ୍ତି ବେହେରାଙ୍କ ପ୍ରଶିକ୍ଷକ ବିଷ୍ଣୁଚରଣ ମିଶ୍ରଙ୍କୁ ଶ୍ରେଷ୍ଠ କୋଚ୍ ଏବଂ ବେଣୁଧର ଦାସଙ୍କୁ ଶ୍ରେଷ୍ଠ କ୍ରୀଡ଼ା ଖବରଦାତା ପୁରସ୍କାର ପ୍ରଦାନ କରାଯାଇଛି। ସମସ୍ତଙ୍କୁ ଟ୍ରଫି ସହ ମାନପତ୍ର ଏବଂ ଆର୍ଥିକ ପୁରସ୍କାର ଦିଆଯାଇଛି। ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପାଇଁ ୩ ଲକ୍ଷ, ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ୨ ଲକ୍ଷ, ଶ୍ରେଷ୍ଠ କୋଚ୍‌ଙ୍କୁ ୧ ଲକ୍ଷ, ଶ୍ରେଷ୍ଠ କ୍ରୀଡ଼ା ଖବରଦାତାଙ୍କୁ ୫୦,୦୦୦ ଟଙ୍କା ପ୍ରଦାନ କରାଯାଇଛି। ସ୍ପୋର୍ଟ୍ସ ପ୍ରମୋଶନ ପାଇଁ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସ୍‌ପି)କୁ ପୁରସ୍କୃତ କରାଯାଇଛି। ଆରଏସ୍‌ପି ନିର୍ଦ୍ଦେଶକ ଅତନୁ ଭୌମିକ ଟ୍ରଫି ସହ ୧ ଲକ୍ଷ ଟଙ୍କାର ଚେକ୍ ଗ୍ରହଣ କରିଥିଲେ।

ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ବ୍ୟତୀତ ବିଭିନ୍ନ କ୍ରୀଡ଼ାରେ ସଫଳତା ହାସଲ କରିଥିବା କ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯାଇଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ହକି ଦଳର ସଦସ୍ୟ ଅମିତ ରୋହିଦାସଙ୍କୁ ୭୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସେହିପରି ବ୍ରୋଞ୍ଜ ପଦକ ବିଜୟୀ ମହିଳା ହକି ଦଳର ସଦସ୍ୟା ଦୀପ୍ ଗ୍ରେସ୍ ଏକ୍କାଙ୍କୁ ୫୦ ଲକ୍ଷ ଟଙ୍କାର ଚେକ୍ ଦିଆଯାଇଛି। ମୋଟ ୨,୧୨ ୮୨ ୫୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ମାଉଣ୍ଟ ଏଭରେଷ୍ଟ ଆରୋହଣ କରିଥିବା ସିଦ୍ଧାର୍ଥ ରାଉତରାୟଙ୍କୁ ୩ ଲକ୍ଷ ଟଙ୍କାର ଚେକ୍ ଦିଆଯାଇଛି। ସେ ଅନୁପସ୍ଥିତ ଥିବାରୁ ତାଙ୍କ ବାପା ତଥା ବିଧାୟକ ସୁରେଶ ରାଉତରାୟ ମୁଖ୍ୟମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ରାଶି ଗ୍ରହଣ କରିଥିଲେ। ସାହସିକତା ଲାଗି ୧୪ ବର୍ଷୀୟ ପ୍ରତାପ ତରେଇ ଓ ୧୦ ବର୍ଷୀୟା ଶୁଭଶ୍ରୀ ରାଉତଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରାଯାଇଛି। ଉଭୟଙ୍କୁ ମୁଖ୍ୟମନ୍ତ୍ରୀ ରୌପ୍ୟ ପଦକ, ଏକ ଫଳକ ଓ ୧ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି।

ଜାତୀୟ କ୍ରୀଡ଼ା ଦିବସରେ ପୁରସ୍କାର ପ୍ରଦାନ ବ୍ୟତୀତ ୫୩ ଜଣ କୃତୀ କ୍ରୀଡ଼ାବିତ୍ ଓ ପାରା ସ୍ପୋର୍ଟ୍ସ ଖେଳାଳିଙ୍କୁ ବିଭିନ୍ନ ବିଭାଗରେ ଚାକିରି ଦିଆଯାଇଛି। ବଡି ବିଲ୍ଡର ଚନ୍ଦନ କୁମାର ସାହୁ, ପାରା ଆଥଲେଟ୍ ଜୟନ୍ତି ବେହେରା, ବ୍ୟାଡ୍‌ମିଣ୍ଟନ ଖେଳାଳି ରତ୍ନପର୍ଣ୍ଣା ପଣ୍ଡା, ପାରା ବ୍ୟାଡ୍‌ମିଣ୍ଟନ ଆଥଲେଟ୍ ସୁନୀଲ ପ୍ରଧାନ, ରଗ୍‌ବୀ ଖେଳାଳି ମୁନା ମୁର୍ମୁ, ହକି ଖେଳାଳି ଜିଓ୍ୱନ କିଶୋରୀ ଟପ୍ପୋ ଓ ଜାହ୍ନବୀ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କଠାରୁ ନିଯୁକ୍ତିପତ୍ର ଗ୍ରହଣ କରିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆକର୍ଷଣୀୟ ପ୍ରଦର୍ଶନ କରିଥିବା ୨୯୧ କ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଅମିତ୍ ଓ ଦୀପ୍‌ଗ୍ରେସ୍‌ଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ, ଦୀନେଶ କୁମାର, ଫିଡେ ଚେସ୍ ଅଲିମ୍ପିଆଡ୍‌ରେ ଭାଗ ନେଇଥିବା ପଦ୍ମିନୀ ରାଉତଙ୍କୁ କ୍ରୀଡ଼ା ମନ୍ତ୍ରୀ ୭.୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ସେହିପରି ଚେସ୍ ଖେଳାଳି ସାଇନା ସାଲୋନିକା ୧.୫ ଲକ୍ଷ, ଫୁଟ୍‌ବଲ ଖେଳାଳି ଟଙ୍କଧର ବାଗ୍ ୨ ଲକ୍ଷ, ଦୃଷ୍ଟିହୀନ ଚେସ୍ ତାରକା ସୌନ୍ଦର୍ଯ୍ୟ ପ୍ରଧାନ ୨ ଲକ୍ଷ, ହୁଇଲ ଚେୟାର ଫେନ୍‌ସର ଭି. ରମେଶ ରାଓ, ରାଖାଲ ସେଠୀ ୨ ଲକ୍ଷ ଲେଖାଏ ଓ ମାଳତି ପାନୁରେ ୩ ଲକ୍ଷ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ପାଇଥିଲେ।

## ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ

- ଝିଲ୍ଲୀ ଦଳବେହେରା ଓ ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ ଶ୍ରେଷ୍ଠ କ୍ରୀଡ଼ାବିତ୍
- ଦେବାଶିଷ ମହାନ୍ତିଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ
- ବିଷ୍ଣୁ ଚରଣ ମିଶ୍ରଙ୍କୁ ଶ୍ରେଷ୍ଠ କୋଚ୍
- ବେଣୁଧର ଦାସ ଶ୍ରେଷ୍ଠ କ୍ରୀଡ଼ା ଖବରଦାତା
- ସ୍ପୋର୍ଟ୍ସ ପ୍ରମୋଶନ ପାଇଁ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ପୁରସ୍କୃତ
- ପ୍ରତାପ ତରେଇ ଓ ଶୁଭଶ୍ରୀ ରାଉତଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର

## ଏଆଇଏଫ୍ଏଫ୍ କାର୍ଯ୍ୟକାରୀ କମିଟିରେ ଅଭିଜିତ୍ ପଲ୍



**ଭୁବନେଶ୍ୱର, ୨୯।୮ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ (ଓଏଏ)ର ସାଧାରଣ ସମ୍ପାଦକ ଅଭିଜିତ୍ ପଲ୍ ଭାରତୀୟ ଫୁଟବଲ ମହାସଂଘ (ଏଆଇଏଫଏଫ୍)ର କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଛନ୍ତି। ଓଏଏ ବ୍ୟତିତ ସେ ଓଡ଼ିଶା ଫୁଟବଲ ସଂଘର ସଦସ୍ୟ ତଥା ଯୁଗ୍ମ ସମ୍ପାଦକ ମଧ୍ୟ ରହିଛନ୍ତି। ରାଜ୍ୟରେ ଫୁଟବଲର ପ୍ରଚାର ପ୍ରସାର ଓ ଉନ୍ନତି ପାଇଁ ସେ ନିୟମିତ ପ୍ରୟାସ କରି ଆସିଛନ୍ତି। ପଲଙ୍କ ଏହି ସଫଳତା ପାଇଁ ରାଜ୍ୟ ଫୁଟବଲ ଆସୋସିଏସନର ସମସ୍ତ କର୍ମୀ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ସହିତ ତାଙ୍କ ନେତୃତ୍ୱରେ ଭାରତୀୟ ଫୁଟବଲ ଏକ ନୂତନ ଶିଖର ଛୁଇଁବ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଫଫା ବାସନ୍ଦାଦେଶ ହଟିବା ପରେ ଆସନ୍ତା ସେପ୍ଟେମ୍ବର ୨ ତାରିଖରେ ଫିଫାର ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି।













ବର୍ମିଂହାମରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ହକିରେ ରୌପ୍ୟ ପଦକ ବିଜେତା ଭାରତୀୟ ପୁରୁଷ ଓ ବ୍ରୋଞ୍ଜ ବିଜୟୀ ମହିଳା ହକି ଦଳର ସଦସ୍ୟ ଅମିତ ରୋହିଦାସ ଓ ଦୀପ୍‌ଗ୍ରେସ୍ ଏକ୍କା ଆର୍ଥିକ ପୁରସ୍କାର ଗ୍ରହଣ ଅବସରରେ।

## ଶୁଭେଚ୍ଛା ଜଣାଇଲେ ମୋଦି, ତେନ୍ଦୁଲକର

**ନୂଆଦିଲ୍ଲୀ, ୨୯।୮ (ପି.ଟି.):** ସୋମବାର ଜାତୀୟ କ୍ରୀଡ଼ା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କ୍ରିକେଟ୍ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଥିବା ବେଳେ ମୋଦିଙ୍କ ସମେତ ଏକାଧିକ ମନ୍ତ୍ରୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିବସରେ ସମସ୍ତଙ୍କୁ ଜାତୀୟ କ୍ରୀଡ଼ା ଦିବସର ଶୁଭେଚ୍ଛା। ବିଗତ କିଛିବର୍ଷ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପାଇଁ ବେଶ୍ ଉଲ୍ଲେଖନୀୟ ରହିଛି। ଆଗାମୀ ଦିନରେ ଏହି ଧାରା ଜାରି ରହିବା ସହିତ କ୍ରୀଡ଼ା ଦେଶରେ ଆହୁରି ଲୋକପ୍ରିୟତା ହାସଲ କରୁ ବୋଲି ମୋଦି ଟୁଇଟ୍ କରିଛନ୍ତି। ସେହିପରି କେନ୍ଦ୍ର କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ନିଶିଥ୍ ପରମାଣିକ ମଧ୍ୟ ଜାତୀୟ କ୍ରୀଡ଼ା ଦିବସରେ ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ କିରେନ୍ ରିଜିଜୁ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ଦେଶରେ କ୍ରୀଡ଼ା ତଥା ହକିର ବିକାଶରେ ଧ୍ୟାନଚାନ୍ଦଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଦେଶକୁ ଗର୍ବିତ କରୁଥିବା କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଏକ ଉନ୍ନତ ଭବିଷ୍ୟତ କାମନା କରୁଛି ବୋଲି ଟୁଇଟ୍ କରିଥିଲେ ରାଜନାଥ। ଜାତୀୟ କ୍ରୀଡ଼ା ଦିବସ ଅବସରରେ ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କୁ ମୋର ଶ୍ରଦ୍ଧାଞ୍ଜଳି। ଏହାସହିତ ଦେଶକୁ ଗର୍ବିତ କରିଥିବା ଆଥ୍‌ଲେଟ ମାନଙ୍କୁ ମୋ ତରଫରୁ ଢେର୍ ସାରା ଶୁଭେଚ୍ଛା ବୋଲି ରିଜିଜୁ ଟୁଇଟ୍ କରିଛନ୍ତି।

କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର ଓ ଅଲିମ୍ପିକ ଚାମ୍ପିୟନ ଜାଭେଲିନ୍ ଥ୍ରୋୟର୍ ନୀରଜ ଚୋପ୍ରା ପ୍ରମୁଖ ଜାତୀୟ କ୍ରୀଡ଼ା ଦିବସର ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତିଥିବା ମହିଳା ଲନ୍ ବୋଲ୍ ଟିମ୍‌ର ଉଦାହରଣ ଦେଇଥିଲେ ତେନ୍ଦୁଲକର। ରୂପାରାଣୀ ତିର୍କୀ, ପିଙ୍କି, ନୟନମୋନି ସାଇକିଆ ଓ ଲଭ୍‌ଲି ଚୌବେଙ୍କ ଦଳ ଐତିହାସିକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ରୂପାରାଣୀ ଜଣେ କବାଡ଼ି ଖେଳାଳି ହୋଇଥିବା ବେଳେ ନୟନମୋନି ଜଣେ ଭାରୋତ୍ତୋଳିକା। ପିଙ୍କି ସିଂ କ୍ରିକେଟର ଓ ଲଭ୍‌ଲି ଚୌବେ ଜଣେ ଧାବିକା। ଏମାନେ ସମସ୍ତେ ଭିନ୍ନ ଭିନ୍ନ ବ୍ୟାକ୍‌ଗ୍ରାଉଣ୍ଡରୁ ଆସିଥିଲେ ହେଁ ସମଗ୍ର ଦେଶରେ ଏକ ଅନାମଧେୟ କ୍ରୀଡ଼ାକୁ ପାଥେୟ କରି ଇତିହାସ ରଚିବାରେ ସଫଳ ହୋଇଛନ୍ତି। ୧୩୦ କୋଟି ଜନତାଙ୍କ ଆମ ଦେଶ କ୍ରୀଡ଼ାରେ ବିଭିନ୍ନ ରେକର୍ଡ ଭାଙ୍ଗିବା ସହିତ ଆଗକୁ ବଢୁ ବୋଲି ସେ ଟୁଇଟ୍ କରିଛନ୍ତି। ଏହି ଜାତୀୟ କ୍ରୀଡ଼ା ଦିବସରେ କ୍ରୀଡ଼ାକୁ ଭଲ ପାଉଥିବା ଦେଶ ଭାବେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ସମସ୍ତେ ଶପଥ ନେବା ଉଚିତ ବୋଲି ସେ ଲେଖିଛନ୍ତି। ଦେଶବାସୀ କେବଳ ଏହି ଗୋଟିଏ ଦିନ ନୁହେଁ, ସବୁଦିନ କ୍ରୀଡ଼ାର ସମର୍ଥନରେ ଆଗକୁ ଆସନ୍ତୁ ଆଉ ଖେଳନ୍ତୁ ବୋଲି ନୀରଜ ଚୋପ୍ରା ଟୁଇଟ୍ କରିଛନ୍ତି। ଏହା ବ୍ୟତୀତ କ୍ରିକେଟର ଯୁବରାଜ ସିଂ, ଦୀନେଶ କାର୍ତ୍ତିକ, ଭାରତୀୟ ମହିଳା ଦଳର ପୂର୍ବତନ ଅଧିନାୟିକା ମିଥାଲି ରାଜ୍ ଏବଂ ଅଲିମ୍ପିକ୍ସ ପଦକ ବିଜୟିନୀ ସାକ୍ଷୀ ମଲ୍ଲିକ ମଧ୍ୟ ଜାତୀୟ କ୍ରୀଡ଼ା ଦିବସର ଶୁଭେଚ୍ଛା ଜଣାଇଛନ୍ତି।

## ରୋଲ୍ ବଲ୍ ଲିଗ୍: ଅନୁଗୋଳ ଆଭେଞ୍ଜର ଚାମ୍ପିୟନ

**ଭୁବନେଶ୍ୱର, ୨୯।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ସେଞ୍ଚୁରିଆନ୍ ୟୁନିଭର୍ସିଟି ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଖେଳାଯାଇଥିବା ପ୍ରଥମ ସଂସ୍କରଣର ରୋଲ୍ ବଲ୍ ଲିଗ୍‌ରେ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଛି ଅନୁଗୋଳ ଆଭେଞ୍ଜର। ପୁରୀ ପେସର୍ସକୁ ୧୧-୭ ଗୋଲରେ ପରାସ୍ତ କରିବା ସହିତ ଦଳ ଟୁର୍ନାମେଣ୍ଟ ବିଜୟୀ ହୋଇଛି। ଆଇକନ୍ ପ୍ଲେୟର ପ୍ରୀତିଶ ଆଚାର୍ଯ୍ୟ ଜେନା ଫାଇନାଲରେ ଏକାକୀ ୧୧ଟି ଗୋଲ ସ୍କୋର କରିଥିଲେ। ଏହାସହିତ ୪୫ ଗୋଲ ସହ ଟୁର୍ନାମେଣ୍ଟର ସର୍ବାଧିକ ଗୋଲ ସ୍କୋରର ମାନ୍ୟତା ହାସଲ କରିଥିଲେ। ପୁରୀ ପେସର୍ସ ରନର୍ସଅପ୍ ହୋଇଥିବା ବେଳେ ବ୍ରହ୍ମପୁର ବ୍ଲେଜର୍ସ ତୃତୀୟ ସ୍ଥାନ ଅଧିକାର କରିଥିଲା। କଟକ ସେଲ୍‌ଟିକ୍ସକୁ ୬-୨ରେ ପରାସ୍ତ କରି ଦଳ ଏହି ସଫଳତା ହାସଲ କରିଥିଲା। ପ୍ରଥମ ସଂସ୍କରଣର ରୋଲ ବଲ୍ ଲିଗ୍‌କୁ ଓଡ଼ିଶା କ୍ରୀଡା ଓ ଯୁବବ୍ୟାପାର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର, ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ରବି ନାରାୟଣ ରାଉତରାୟ ଉଦ୍‌ଘାଟନ କରିଥିଲେ।


ଚାମ୍ପିୟନ ଅନୁଗୋଳ ଆଭେଞ୍ଜର ଦଳର ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

ସେହିପରି ବ୍ରହ୍ମପୁର ବ୍ଲେଜର୍ସ ମାଲିକ ଲୋକେଶ, ଭୁବନେଶ୍ୱର ବୁଲ୍ସ ମାଲିକ ପ୍ରତିଚି ରଶ୍ମି ରାଉତରାୟ, ପୁରୀ ପେସର୍ସର ଦିଲୀପ ନାୟକ, କଟକ ସେଲ୍‌ଟିକ୍ସର ମାଲିକ ସୌଦାମିନୀ ପାତ୍ର ଏବଂ ସମ୍ବଲପୁର ସିମର୍ସ ମୁଖ୍ୟ ସୌମିତିଞ୍ଜୟ ମହାକୁଡ଼ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ରୋଲ୍ ବଲ୍ ଏକ ସ୍ୱଦେଶୀ କ୍ରୀଡ଼ା ହୋଇଥିବା ବେଳେ ଓଡ଼ିଶାରେ ଏହାର ପ୍ରଚାର ପ୍ରସାର ଲାଗି ଏହି ଲିଗ୍ ଆୟୋଜନ କରାଯାଇଥିବା କହିଛନ୍ତି ଓଡ଼ିଶା ରୋଲ୍ ବଲ୍ ସଂଘ ସାଧାରଣ ସମ୍ପାଦକ ପାର୍ଥସାରଥି ଜେନା।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ